



▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-166 ◆FRIDAY ◆12 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୬ ◆ଶୁକ୍ରବାର ◆୧୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ୩ ଡିଗ୍ରୀକୁ ଖସିଲା ପାରଦ

# ସଞ୍ଜ ନଇଁଲେ ଶୀତ ରାଜୁତି

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୬ ସହରର ତାପମାତ୍ରା

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଘ ମାସ ନୁହେଁ, ଏଥର ଶେଷ ମାର୍ଗଶିରରେ ଶୀତ ଆସିଛି ବାଘ ପରି। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଖସିଛି ପାରଦ। ସାରା ରାଜ୍ୟକୁ କଲବଲ କରୁଛି ଅସହ୍ୟ ଥଣ୍ଡା। ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ଶୀତ ଜାରି ରହିବାର ସମ୍ଭାବନା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୩.୫ ଡିଗ୍ରୀକୁ ଖସିଛି। ସେହିପରି ଜି. ଉଦୟଗିରିର ତାପମାତ୍ରା ୪ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୫.୨ ଡିଗ୍ରୀ, ରାଉରକେଲାରେ ୬.୬ ଡିଗ୍ରୀ, ଝାରସୁଗୁଡାରେ ୬.୮ ଡିଗ୍ରୀ, ଦାରିଙ୍ଗବାଡିରେ ୭ ଡିଗ୍ରୀ,

▶▶ ଆହୁରି ପନ୍ଦର ଦିନ ପର୍ଯ୍ୟନ୍ତ ଜାରି ରହିବ ସମାନ ସ୍ଥିତି

▶▶ ଏବେ ସୁଦ୍ଧା ୯ ଦିନରେ ପହଞ୍ଚିଲାଣି ଶୀତ ଲହରୀ

▶▶ ୧୧ରେ ପହଞ୍ଚିଲା ଦ୍ୱୈତନଗରୀର ସର୍ବନିମ୍ନ ତାପମାତ୍ରା

ଭବାନୀପାଟଣାରେ ୮ ଡିଗ୍ରୀ, ଅନୁଗୁଳରେ ୮ ଡିଗ୍ରୀ, ନବରଙ୍ଗପୁରରେ ୮.୬ ଡିଗ୍ରୀ, ବଲାଙ୍ଗିରରେ ତାପମାତ୍ରା ୯.୩ ଡିଗ୍ରୀ, ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାରଦ ୩ ଡିଗ୍ରୀକୁ ଖସିବା ସହ ଆଜି ମୋଟ୍ ୧୬ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ଏହାଠାରୁ ତଳେ ରହିଛି। ଟ୍ୱିନ ସିଟିରେ ମଧ୍ୟ ତାପମାତ୍ରା ୧୧ ଡିଗ୍ରୀକୁ ଖସିଛି। କଟକରେ ତାପମାତ୍ରା ୧୧.୬ ଡିଗ୍ରୀ ଓ ଭୁବନେଶ୍ୱରରେ ୧୧.୮ ଡିଗ୍ରୀରେ ପହଞ୍ଚିଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଦିନରେ ତାପମାତ୍ରା ସ୍ୱାଭାବିକ ରହୁଥିବା ବେଳେ ସଞ୍ଜ ନଇଁଲେ ▶ପୃଷ୍ଠା-୭

## ଦାରିଙ୍ଗବାଡ଼ିରେ ତୁଷାରପାତ



### ଜାଡ଼ରେ ଥରୁଛି କନ୍ଧମାଳ

### ଶିମିଳିପାଳରେ ପୁଣି ୩ ଡିଗ୍ରୀ

■ ଦାରିଙ୍ଗବାଡ଼ି/ଜି.ଉଦୟଗିରି/ବାରିପଦା/ରାଇରଙ୍ଗପୁର, ୧୧।୧୨ (ସମିସ): ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଥିବା ବେଳେ ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଗୁରୁବାର ଚଳିତ ବର୍ଷର ପ୍ରଥମ ତୁଷାରପାତ ଦେଖିବାକୁ ମିଳିଛି। ଗୁରୁବାର ସକାଳୁ ଦାରିଙ୍ଗବାଡିସ୍ଥିତ ଡ. ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖ ପାଣିଟାଙ୍କି ନିକଟ ଏବଂ ଆଭ୍ୟନ୍ତରୀଣ ଇଲାକାରେ ତୁଷାରପାତ ହୋଇଥିବା ଦେଖାଯାଇଛି। ଚଳିତବର୍ଷର ପ୍ରଥମ ତୁଷାରପାତକୁ ଦେଖି ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଗୁରୁବାର ▶ପୃଷ୍ଠା-୭

## ୫ ରାଜ୍ୟରେ ଏସ୍‌ଆଇଆର ଅବଧି ବୃଦ୍ଧି

■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଛି। କେରଳକୁ ବାଦ୍ ଦେଲେ ବାକି ୧୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍‌ଆଇଆର୍‌ର ଫର୍ମ ଜମା କରିବାର ଶେଷ ତାରିଖ ଆଜି ଅର୍ଥାତ ଗୁରୁବାର ରହିଥିଲା। ତେବେ ନିର୍ବାଚନ କମିସନ ଆଜି ଫର୍ମ ଡିଜିଟାଇଜେସନ ଓ ଜମା କରିବାର ପ୍ରକ୍ରିୟା ନେଇ ସମୀକ୍ଷା କରିବା ସହିତ ୫ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍‌ର ସମୟସୀମା ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଆଣ୍ଡାମାନ- ନିକୋବରରେ ଡିସେମ୍ବର ୧୮ ପର୍ଯ୍ୟନ୍ତ ଏସ୍‌ଆଇଆର ଫର୍ମ ପୂରଣ କରାଯାଇପାରିବ। ସେହିପରି ଉତ୍ତରପ୍ରଦେଶରେ ଡିସେମ୍ବର ୨୬, ଗୁଜରାଟ ଓ ତାମିଲନାଡୁରେ ଡିସେମ୍ବର ୧୪ ପର୍ଯ୍ୟନ୍ତ ଫର୍ମ ପୂରଣ କରାଯାଇପାରିବ। ନିର୍ବାଚନ କମିସନ ସୂଚନା ଦେଇଛନ୍ତି ଯେ ଗୋଆ, ପୁଡୁଚେରୀ, ଲକ୍ଷଦ୍ୱୀପ, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ସମୟସୀମା ଗୁରୁବାର ହିଁ ଶେଷ ହୋଇଛି ଓ ଏହାର ଚୂଡାନ୍ତ ଭୋଟର ତାଲିକା ଡିସେମ୍ବର ୧୬ରେ ପ୍ରକାଶ କରାଯିବ। ଏହିସବୁ ରାଜ୍ୟରେ ସମୟସୀମାରେ ବୃଦ୍ଧି କରାଯାଇନାହିଁ।

### ପଶ୍ଚିମ ବଙ୍ଗ ଅବଧିରେ ପରିବର୍ତ୍ତନ ନାହିଁ

ଏହା ପୂର୍ବରୁ କମିସନ କେରଳରେ ଶେଷ ତାରିଖକୁ ୧୧ରୁ ଡିସେମ୍ବର ୧୮ ତାରିଖକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ନଭେମ୍ବର ୩୦ରେ ଏସ୍‌ଆଇଆର୍‌ର ସମୟସୀମାକୁ ▶ପୃଷ୍ଠା-୭

## ହଜାର ଫୁଟ୍ ଖାଇକୁ ଖସିଲା ଟ୍ରକ୍, ୨୨ ମୃତ



■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଅରୁଣାଚଳ ପ୍ରଦେଶର ଅଞ୍ଜା ଜିଲ୍ଲାର ହାୟୁଲିଆଙ୍ଗ ଅଞ୍ଚଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ନିର୍ମାଣ କାମ ପାଇଁ ଶ୍ରମିକମାନଙ୍କୁ ନେଇ ଯାଉଥିବା ଗୋଟିଏ ଟ୍ରକ୍ ୧୦୦୦ ଫୁଟ ଗଭୀର ଖାଇକୁ ଖସିଯିବାରୁ ୨୨ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୮ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଜଣେ ବ୍ୟକ୍ତି ଦୁଇଦିନ ପରେ ସେନା ଶିବିରରେ ପହଞ୍ଚି ଖବର ଦେବାପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି।

ଆସାମରୁ ଶ୍ରମିକମାନଙ୍କୁ ନେଇ ଏହି ଟ୍ରକ ଗତ ୭ ତାରିଖରେ ଅରୁଣାଚଳ ପ୍ରଦେଶ ଯାଉଥିଲା। ଟ୍ରକ୍ ସେଠାରେ ୮ ତାରିଖରେ ପହଞ୍ଚିବାର ଥିଲା। କିନ୍ତୁ ନ ପହଞ୍ଚିବାରୁ ୧୦ ତାରିଖରେ ଠିକାଦାର ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଛାନଭିନ୍ କରୁଥିବା ବେଳେ ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତି ସିଆରପିଏଫ୍ କ୍ୟାମ୍ପରେ ପହଞ୍ଚି ସବୁକଥା ଜଣାଇଥିଲେ। ଆହତ ଶ୍ରମିକ ଜଣକ କୌଣସି ପ୍ରକାର ଚାଲିଚାଲି ଆସି ୧୦ ତାରିଖ ରାତିରେ ଚିପରା ସିଆରପିଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ଖବର ପାଇ ସେନାର ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳକୁ ଯାଇ ବର୍ତ୍ତମାନ ସୁଦ୍ଧା ୧୮ ଜଣଙ୍କର ମୃତଦେହ ଉଦ୍ଧାର କରିଛି।

## ନାଗରିକତା ସଂଶୋଧନ

# ଓଡ଼ିଶାର ୩୫ ଜଣଙ୍କୁ ମିଳିଲା ନାଗରିକତ୍ୱ

■ ଭୁବନେଶ୍ୱର, ୧୧।୧୨ (ସମିସ): ନାଗରିକତା (ସଂଶୋଧନ) ଆଇନ ୨୦୧୯ ଅନୁଯାୟୀ ଓଡ଼ିଶାରେ ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ଧାର୍ମିକ ନିର୍ଯାତନାର ଶିକାର ହେଉଥିବା ସଂଖ୍ୟାଲଘୁ ମାନଙ୍କ ପାଇଁ ନାଗରିକତା (ସଂଶୋଧନ) ଆଇନ ୨୦୧୯ ହେଉଛି ପାପନାଶିନୀ ଓ ଦୁଃଖନାଶିନୀ ପବିତ୍ର ଗଙ୍ଗା ପରି। ଏହି ପବିତ୍ର ଆଇନ ବର୍ଷ ବର୍ଷ ଧରି ନିର୍ଯାତିତ ସଂଖ୍ୟାଲଘୁମାନଙ୍କ ପାଇଁ ଆଶା ଓ ଆଶ୍ୱାସନାର ମାର୍ଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟମାଧ୍ୟମରେ ନାଗରିକତା ସଂଶୋଧନ ଆଇନ ୨୦୧୯ ଅଧୀନରେ ଯୋଗ୍ୟ ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ୧୧ ରେ ବିଜ୍ଞାପିତ ହୋଇଥିବା ନିୟମାବଳୀ ଅନୁଯାୟୀ ବାଙ୍ଗଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଭାରତୀୟ ନାଗରିକତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

### ଶାନ୍ତ ପଡ଼ିନି ମାଲକାନଗିରି; ମାଲ୍ୟବନ୍ତ ମହୋତ୍ସବ ସ୍ଥଗିତ

## ଇଣ୍ଟରନେଟ୍ କଟକଣା ଆଉ ୨୪ଘଣ୍ଟା

■ ମାଲକାନଗିରି, ୧୧।୧୨(ସମିସ): ମାଲକାନଗିରି ଜିଲ୍ଲା ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷକୁ ନେଇ ପ୍ରଶାସନ ପକ୍ଷରୁ ଇଣ୍ଟରନେଟ୍ ସେବା କଟକଣାକୁ ଆହୁରି ୨୪ ଘଣ୍ଟା ବଢ଼ାଇ ଦିଆଯାଇଛି। ଏହାସହ ଚଳିତ ମାସରେ ହେବାକୁ ଥିବା ମାଲ୍ୟବନ୍ତ ମହୋତ୍ସବକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଆସନ୍ତା ଜାନୁଆରୀରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବାର ସମ୍ଭାବନା ରହିଥିବା କୁହାଯାଉଛି। ସେହିପରି, ରାଜ୍ୟ ସରକାରଙ୍କ ଦୁଇ ମନ୍ତ୍ରୀ ଆଜି ମାଲକାନଗିରିରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ

### ସ୍ଥିତି ସମୀକ୍ଷା କଲେ କନକ ବର୍ଦ୍ଧନ, ଗୋକୁଳାନନ୍ଦ

ମଲ୍ଲିକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଶାନ୍ତି ବଜାୟ ରଖିବାକୁ ଲୋକଙ୍କୁ ଆହ୍ୱାନ ▶ପୃଷ୍ଠା-୭

## ତଥ୍ୟ ଅନୁଧ୍ୟାନ କରିବ ବିଜେଡିର ୭ଜଣିଆ କମିଟି

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଲକାନଗିରି ହିଂସାକାଣ୍ଡ ଓ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ବିଜେଡି ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠନ କରାଯାଇଥିବା ଏହି ତଥ୍ୟ ଅନୁସନ୍ଧାନ କମିଟି ମାଲକାନଗିରି ଯାଇ ସେଠାରେ ତଥ୍ୟ ଅନୁଧ୍ୟାନ କରିବେ। ସେଠାରେ ଘଟିଥିବା ହିଂସାକାଣ୍ଡ ଏବଂ ମୁଣ୍ଡ ବିହୀନ ଶବ ବାବଦରେ ବିଶଦ୍ ଭାବେ ତଥ୍ୟ ସଂଗ୍ରହ କରିବେ।

ଏହି ଟିମରେ ବିଧାୟକ ମାନସ ମାଡକାମୀ ଓ ମନୋହର ରାନ୍ଧାରୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଦଳର ବରିଷ୍ଠ ନେତା ଇଶ୍ୱର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ଟିମ ପ୍ରଭାବିତ ▶ପୃଷ୍ଠା-୭

## ରାଜଧାନୀରେ ବେଧଡ଼କ ବନ୍ଧୁକ କାରବାର

### ୬ ବନ୍ଧୁକ, ୭ ଗୁଳି ଜବତ

■ ଭୁବନେଶ୍ୱର, ୧୧।୧୨ (ସମିସ): ଯାହା କଲେ ବି ରାଜଧାନୀରେ ଥମୁନି ବନ୍ଧୁକ କାରବାର। ସେହି ବିହାରର ମୁଙ୍ଗେରରୁ ଆସି ଏଠାରେ କାରବାର ଚଳାଇଛନ୍ତି। ପୁଲିସ ଆଜି ଏଭଳି ଦୁଇ ଜଣ ବେପାରୀଙ୍କୁ ଧରିଛି ଏବଂ ସେମାନଙ୍କ ଠାରୁ ୬ଟି ଚୋରା ବନ୍ଧୁକ ଓ ଗୁଳି ଜବତ କରିଛି। ତେବେ ସବୁଠାରୁ ଉଦବେଗଜନକ କଥା ହେଲା ଯେ ଏହି କାରବାରରେ ଏବେ ନାବାଳକଙ୍କୁ ବି ସାମିଲ କରାଗଲାଣି। ଆଜି ଯେଉଁ ଦୁଇ ଜଣ ଧରାପଡ଼ିଛନ୍ତି, ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ବେଆଇନ୍ ବନ୍ଧୁକ କାରବାର ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଦ୍ୱାରା ଦୁଇ ବିହାରୀ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମୁଙ୍ଗେର ଜିଲ୍ଲା ଜମାଲପୁର ଥାନା ଅଞ୍ଚଳର ପିଣ୍ଟୁ କୁମାର ଏବଂ ତାର ଜଣେ ସହଯୋଗୀ। ପିଣ୍ଟୁର ସହଯୋଗୀ ଜଣେ ନାବାଳକ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଏମାନଙ୍କ ଠାରୁ ଗୋଟିଏ ମାଗାଜିନ୍ ଏବଂ ୫ ସିଙ୍ଗିଲ ସଟ୍ ଦେଶୀ ବନ୍ଧୁକ ଜବତ ହୋଇଛି।

### ବିହାରୀ ନାବାଳକ ଅଟକ

ଏସ୍‌ଟିଏଫ୍ ସୂଚନା ମୁତାବକ ବଡ଼ଗଡ ଥାନା ଅନ୍ତର୍ଗତ ବାଙ୍କୁଆଳ ସ୍ଥିତ ବାଲିଯାତ୍ରା ପଡ଼ିଆରେ ଏମାନେ ବନ୍ଧୁକ ବିକ୍ରି ପାଇଁ ଅପେକ୍ଷା କରୁଥିବା ସୂଚନା ମିଳିଥିଲା। ଗୁଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ବନ୍ଧୁକ ବ୍ୟବସାୟୀ ଗ୍ରାହକ ଅପେକ୍ଷାରେ ଥିଲା ବେଳେ ଏସ୍‌ଟିଏଫ୍ ସେମାନଙ୍କୁ ମାଡି ବସିଥିଲା। ଉଭୟଙ୍କୁ ତଲାସି ବେଳେ ଗୋଟିଏ ମାଗାଜିନ୍ ପିସ୍ତଲ, ୫ଦେଶୀ ▶ପୃଷ୍ଠା-୭

# ମୋକିମ୍ ଝଡ଼: କଂଗ୍ରେସ ଅଣନିଃଶ୍ୱାସୀ

## ଏକାଠି ହେଉଛନ୍ତି ବିଦ୍ରୋହୀ, ଦିଲ୍ଲୀ ଗଲେ ଭକ୍ତ

■ ଭୁବନେଶ୍ୱର, ୧୧।୧୨ (ସମିସ): ମୋକିମ୍‌ଙ୍କ ଚିଠି ଝଡ଼ରେ ଅଣନିଶ୍ୱାସୀ କଂଗ୍ରେସ। ଦଳର ଘର କଳି ତୀବ୍ର ହୋଇଥିବା ବେଳେ କିଏ କେଉଁ ପଟରେ ରହିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ମୋକିମ୍‌ଙ୍କ ଚିଠି ଦଳରେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ବଳ ଦେଇଛି। ଭକ୍ତଙ୍କ ବିରୋଧୀ ଏକାଠି ହୋଇଥିବାବେଳେ ଏହି ସୁଯୋଗରେ ଅସନ୍ତୁଷ୍ଟଙ୍କୁ ଦମନ କରିବାକୁ ପିସିସି ସଭାପତି ଭକ୍ତଚରଣ ଦିଲ୍ଲୀ ଗସ୍ତ କରିଛନ୍ତି। ମୋକିମ ତାଙ୍କ ଚିଠିରେ ଦଳର ଶୀର୍ଷ ନେତୃତ୍ୱ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ୍ ଖଡ଼୍‌ଗେଙ୍କୁ ନିଶାଣ କରିଥିବାରୁ ରାଜ୍ୟ କଂଗ୍ରେସର ଅଧିକାଂଶ ନେତା ମୋକିମଙ୍କୁ ଖୋଲାଖୋଲି ସମର୍ଥନ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଏପରିକି ଦଳର ବହୁ ବରିଷ୍ଠ ନେତା ରାହୁଲ ଓ ଖଡ଼ଗେଙ୍କୁ ନିଶାଣକୁ ନାପସନ୍ଦ ମଧ୍ୟ କରିଛନ୍ତି।

କଂଗ୍ରେସ କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଯୋଗୁଁ ଦଳର ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କଂଗ୍ରେସର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ ଏହି ଗଣ୍ଡଗୋଳ ଯୋଗୁଁ

### କେନ୍ଦ୍ରୀୟ ନେତାଙ୍କୁ ନିଶାଣକୁ ବରିଷ୍ଠଙ୍କ ନାପସନ୍ଦ

### ବିବାଦ ବଢ଼ାଇଲା ବିଧାୟକଙ୍କ ବିରୋଧରେ ଏତଲା

ଦଳର କ୍ଷତି ହେଉଛି। ପିସିସି ସଭାପତି ତୁରନ୍ତ ପିଏସି ଓ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ଦରକାର। ଘରର କଳି ଘର ଭିତରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ ମଧ୍ୟ ଏହି ବିବାଦକୁ ନେଇ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ମୋକିମ୍ ତାଙ୍କ ସମସ୍ୟା ହାଇକମାଣ୍ଡଙ୍କୁ ଜଣାଇବା ଠିକ୍, ମାତ୍ର ମିଡ଼ିଆକୁ ଜଣାଇବା ଠିକ୍ ନୁହେଁ। ଏଥିପାଇଁ ମୁଁ ମୋକିମ୍‌ଙ୍କ କାର୍ଯ୍ୟକୁ ନାପସନ୍ଦ କରୁଛି।

ସେପଟେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଭକ୍ତଚରଣ ଦାସ ଓ ମୋକିମଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ଘର ଭିତରେ ସମାଧାନ କରିବା ଆବଶ୍ୟକ। ମୋକିମ ସିଧାସଳଖ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ଓ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ଠିକ୍ ହୋଇ ନାହିଁ। ମୋକିମ ଅସନ୍ତୋଷ ପ୍ରକାଶ କରିବାର ଢ଼ାଞ୍ଚା ଭୁଲ ଓ ଏହା ସହିତ ସେ ଏକମତ ନୁହନ୍ତି ବୋଲି ଜୟଦେବ କହିଛନ୍ତି। ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ





ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

ଅନାବାଦୀ ପୋଖରୀରୁ ମାଛ ଧରିବାରୁ ପାଇପ୍ ଫାଟିଛି

# ଭୂତମୁଣ୍ଡାଇ ଓ ଜଗତି ଗାଁକୁ ପାଣିଯୋଗାଣ ବନ୍ଦ

**ପାରାଦୀପ, ୧୧।୧୨(ସମିସ):** ବାରମ୍ବାର ପିଇବା ପାଣି ନ ଆସିବା ଓ ବେଆଇନ ଭାବେ ଅନାବାଦୀ ଗଣ୍ଡ ପଞ୍ଚାୟତ ପୋଖରୀରୁ ମାଛ ଧରିବା ନେଇ ଭୂତମୁଣ୍ଡାଇ ଓ ଜଗତି ଗ୍ରାମର ଗ୍ରାମବାସୀ କୁଜଙ୍ଗ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତିନିବର୍ଷରୁ ଅଧିକ ହେବ ଭୂତମୁଣ୍ଡାଇ ଓ ଜଗତି ଗ୍ରାମର ପାଣି ଯୋଗାଣ ବାରମ୍ବାର ବନ୍ଦ ହେଉଛି। ଦୁଇ ଦିନ ହେବ କେନାଲରେ ପାଣି ଆସିବା ସତ୍ତ୍ୱେ ପାଣି ସପ୍ଲାଇ ହେଉନାହିଁ। ଗାଁ ଲୋକେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଉତ୍ତର ମିଳୁଛି, ଅନାବାଦୀ ଗଣ୍ଡରୁ ମାଛ ଧରି ପାଣି ପାଇପ ଫଟାଇ ଦେଇଛନ୍ତି। ଅନାବାଦୀ ଗଣ୍ଡ ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ନିଲାମ ହୋଇ ନାହିଁ। କିନ୍ତୁ ବିନା ରସିଦରେ ଏଠାରୁ କିଭଳି କାହା କଥାରେ ଗତ ୫ ଦିନ ତଳେ କ୍ୱିଣ୍ଟାଲ କ୍ୱିଣ୍ଟାଲ ମାଛ ଧରାଯାଇ ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇଛି। ତେବେ ପଞ୍ଚାୟତ ସମ୍ପତ୍ତି ଅର୍ଥକୁ ବେଆଇନ ଭାବେ ହଡପ କରାଯାଇ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ପାଖକୁ ଲାଗି ସପ୍ଲାଇ ରିଜର୍ଭର ପୋଖରୀ ସଫା ନ ହୋଇ ଆବର୍ଜନା ଓ ଅପରିଷ୍କାର ହୋଇ ପଡ଼ିରହିଛି। କିନ୍ତୁ ଅନାବାଦୀ ଗଣ୍ଡକୁ ବିନା ନିଲାମରେ ବେଆଇନ ଭାବେ ମାଛଚାଷ କରାଯାଇ ବିନା ରସିଦରେ କିଭଳି ବିକ୍ରି ହେଇଛି ବୋଲି ପ୍ରଶ୍ନ କରିଛନ୍ତି ଦୁଇ ଗ୍ରାମବାସୀ। ସପ୍ଲାଇ ପାଣି କେନାଲ ରାସ୍ତା ପାର୍ଶ୍ୱ ପମ୍ପ ହାଉସରୁ ରିଜର୍ଭର ପୋଖରୀକୁ ପାଣି ଆସି ମୁଖ୍ୟ ପମ୍ପ ହାଉସ ସଲଗ୍ନ ପୋଖରୀରେ ସଞ୍ଚିତ ରୁହେ। ଏହି ପାଣି ଭୂତମୁଣ୍ଡାଇ ଓ ଜଗତି ଗ୍ରାମକୁ ସପ୍ଲାଇ କରାଯା। କିନ୍ତୁ ୧୦ ଦିନରୁ ଅଧିକ ଦିନ ହେବ ଏଠାରୁ ପାଣି ଯୋଗାଣ ବନ୍ଦ ରହିଛି। ପାଖାପାଖି ୧୦ ଦିନ ହେବ ଖରାପ ହୋଇଥିବା କେନାଲ ପାର୍ଶ୍ୱ ପମ୍ପ ହାଉସର ପ୍ୟାନେଲ ବୋର୍ଡ କାମ ଗତକାଲି ହେଲାପରେ ମଧ୍ୟ ସପ୍ଲାଇ ପାଣି ଦୁଇ ଗ୍ରାମକୁ ଆସି ପାରୁନାହିଁ କାହିଁକି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ମାଛ ଧରି ପାଇପ ଫଟାଇ ଦେବା ଯୋଗୁଁ ବାରମ୍ବାର ସପ୍ଲାଇ ପାଣି ବନ୍ଦ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାର ଉଚିତ ତଦନ୍ତ କରି ସପ୍ଲାଇ ପାଣି ପାଇଁ ଚାହିଁ ବସିଥିବା ଦୁଇ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦେବାକୁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

ବିଡିଓଙ୍କ ନିକଟରେ ଅଭିଯୋଗ କଲେ ଦୁଇ ଗ୍ରାମବାସୀ

# କବିତା ସଙ୍କଳନ 'ଆରମ୍ଭ' ଉନ୍ମୋଚିତ



**ତିର୍ତ୍ତୋଲ, ୧୧।୧୨(ସମିସ):** ତିର୍ତ୍ତୋଲ ନେହେରୁ କଲୋନୀ ପ୍ରାଣକୃଷ୍ଣ ନିବାସ ପରିସରରେ ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସଙ୍କ କବିତା ସଙ୍କଳନ 'ଆରମ୍ଭ' ଉନ୍ମୋଚିତ ହୋଇଛି। ଝଙ୍କଡ଼ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ସଭାପତି ମହେନ୍ଦ୍ର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟକ ବୈଷ୍ଣବ ଚରଣ ସାମଲ ଯୋଗଦେଇ ଯାହା ଆମ ସହିତ ଅଛି ତାହା ହିଁ ସାହିତ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଲେଖିକା ପ୍ରତିଭା ମହାରଥୀ ଆରମ୍ଭ କବିତା ସଙ୍କଳନରେ ଡ. ଦାସ ମଣିଷ ଜୀବନରେ ଘଟୁଥିବା ସମସ୍ତ ବିଷୟକୁ ନିଖୁଣ ଭାବେ ସ୍ଥାନିତ କରିଥିବାରୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ସଂସଦର ସମ୍ପାଦକ ଗୋଲକ ପଲାଇ, ପ୍ରାଧ୍ୟାପକ ନାରାୟଣ ଦାଶ, ଅଧ୍ୟାପକ ଉମାକାନ୍ତ ନାୟକ, ପାଲା ଗାୟକ ରଜନୀକାନ୍ତ ପୃଷ୍ଟି, ସାହିତ୍ୟିକ ସୁରେନ୍ଦ୍ର ତ୍ରିପାଠୀ, ପଣ୍ଡିତ ନାଗୁ ଚରଣ ଦେବତା, କୈଳାସ ପ୍ରଧାନ, ବାଲିଘର ସମ୍ପାଦକ କୈଳାସ ସ୍ୱାଇଁ, ହେମନ୍ତ ନାୟକ ଯୋଗ ଦେଇଥିଲେ। ଲେଖିକା ଡ. ଦାସ କବିତା ସଙ୍କଳନ ସମ୍ପର୍କରେ ସୂଚନା ଦେଇଥିଲେ। ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବୟିତ୍ରୀ ସବିତା ନାୟକ, ପ୍ରତିଭା ମିଶ୍ର ଓ ଦିଗମ୍ବର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଅଶୋକ ଲେଙ୍କା, ଶିକ୍ଷାବିତ୍ ଅକ୍ଷୟ ଦାସ, ଝୁଲରାମ ଦାସ, ପରମାନନ୍ଦ ମିଶ୍ର, ଅଧ୍ୟାପକ ଅଶୋକ ସ୍ୱାଇଁ, ଆଇନଜୀବୀ ପ୍ରଶାନ୍ତ ଦାସ, ଆଶିଷ ପରିଜା, ପାୟଲ ମଣ୍ଡଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାର ନୂତନ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ଜଗତସିଂହପୁର, ୧୧।୧୨(ସମିସ):** ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଓଡ଼ିଶା ପ୍ରଶାସନିକ ସେବା-୨୦୨୩ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲାରୁ ଉତ୍ତୀର୍ଣ୍ଣ ନୂତନ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ନୂତନ



ଅଧିକାରୀଙ୍କ ସହ ପରିଚିତ ହେବା ପରେ ତାଙ୍କ ପ୍ରଶାସନିକ କର୍ମକ୍ଷେତ୍ରରେ ସମ୍ମୁଖୀନ ହୋଇଥିବା କିଛି ସମସ୍ୟା ବିଷୟରେ ସୂଚନା ଦେଇଥିଲେ। ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ନୂତନ ଅଧିକାରୀଙ୍କୁ ସଚ୍ଚୋଟତାର ସହ ଲୋକଙ୍କ ସେବା କରିବା ପାଇଁ ଉପଦେଶ ଦେବା ସହ ସେମାନଙ୍କୁ ସେମାନଙ୍କ କର୍ମକ୍ଷେତ୍ରରେ ଉନ୍ନତି କରିବା ଦିଗରେ ପ୍ରୋତ୍ସାହନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ କହିଥିଲେ, ଶିକ୍ଷା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଓ ଆମେ ପ୍ରତ୍ୟେକ ଦିନ ପ୍ରତ୍ୟେକ କ୍ଷେତ୍ରରେ ଶିଖିବା ଓ ତାକୁ କାର୍ଯ୍ୟକାରୀ କରିବା। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ନିଜ ପ୍ରଶାସନିକ ସେବାର ଯାତ୍ରା ଓ କିଛି ଅଭିଜ୍ଞତା ବିଷୟରେ କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସଭା ପରିଚାଳନା କରିଥିଲେ। ଜିଲ୍ଲାପାଳ ଓ ଉଚ୍ଚ ପଦାଧିକାରୀ ନୂତନ ପ୍ରଶାସନିକ ଅଧିକାରୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡେପୁଟି କଲେକ୍ଟର ଭରତ ପରିଡ଼ା, ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଇଫ୍‌କୋ ୟୁନିଟ୍‌କୁ ଶ୍ରେଷ୍ଠ ଉତ୍ପାଦନକାରୀ ପୁରସ୍କାର

**ପାରାଦୀପ, ୧୧।୧୨(ସମିସ):** ପାରାଦୀପ ୟୁନିଟ୍‌କୁ ସର୍ବଶ୍ରେଷ୍ଠ ଉତ୍ପାଦନକାରୀ ସଂସ୍ଥା ଭାବେ ପୁରସ୍କୃତ କରାଯାଇଛି। ଫର୍ଟିଲାଇଜର ବିଭାଗ ସଚିବ ରଜତ କୁମାର ମିଶ୍ରଙ୍କଠାରୁ ଇଫକୋର ୟୁନିଟ୍ ହେଡ୍ ପି.କେ. ମହାପାତ୍ର ଏହି ମର୍ଯ୍ୟାଦାଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଫର୍ଟିଲାଇଜର ଆସୋସିଏସନ୍ ଅଫ ଇଣ୍ଡିଆ (ଏଫଏଆଇ) ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ଏଫଏଆଇର



ମହାନିର୍ଦ୍ଦେଶକ ଡ. ସୁରେଶ ଚୌଧୁରୀ, ଅଧ୍ୟକ୍ଷ ଏସ. ଶଙ୍କର ସୁବ୍ରମନିଆନ୍, ଯୁଗ୍ମ ଅଧ୍ୟକ୍ଷ ଶିବପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଇଫକୋ ଭାରତୀୟ ସାର ଉତ୍ପାଦନ କ୍ଷେତ୍ରରେ ଏହାର ଶ୍ରେଷ୍ଠତା ପ୍ରମାଣିତ କରିସାରିଛି। ଦେଶର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଇଫକୋ କର୍ତ୍ତୃପକ୍ଷ ସଦା ତତ୍ପର। ଇଫକୋର ସାର ଉତ୍ପାଦନ ସହିତ ଇଫକୋ ନାନୋ ଫର୍ଟିଲାଇଜର ଉତ୍ପାଦନ କରି କୃଷକଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିଛି। ଏହାଦ୍ୱାରା କୃଷକମାନେ ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିପାରୁଛନ୍ତି। ମାଟି ଓ ପରିବେଶରେ ପ୍ରଦୂଷଣର ମାତ୍ରା କମିବା ସହିତ ଇଫକୋ ଏକ ମାଇଲଖୁଣ୍ଟ ହୋଇପାରିଛି।

ଶୀତଳଭଣ୍ଡାରରେ କର୍ମଚାରୀ ବଦଳି ତାଲିକା

# ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମାନୁନି ଜିଲ୍ଲା ପ୍ରଶାସନ

**ଜଗତସିଂହପୁର, ୧୧।୧୨(ସମିସ)**

ପ୍ରଶାସନିକ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ବଦଳି ନୀତି ପ୍ରଚଳନ କରାଯାଇଛି। ବିଶେଷକରି ଜିଲ୍ଲାପାଳ କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିବା ସେକ୍ସନ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପର୍ଯ୍ୟବେକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ କ୍ଷେତ୍ରରେ ଏହି ବଦଳି ନିୟମ କାର୍ଯ୍ୟକାରୀ ହେବା କଥା। ଏସବୁ ସରକାରୀ ଦପ୍ତରରେ ଯେଉଁ କର୍ମଚାରୀ ଗୋଟିଏ ସିଟ୍‌ରେ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ନିୟମ କରାଯାଇଛି। ତେବେ ଜିଲ୍ଲା ସ୍ତରରେ ଏହି ନିୟମକୁ ଫୁ କରି ମନମୁଖୀ ଭାବେ କାର୍ଯ୍ୟ ଚାଲିଥିବା ରାଜ୍ୟ ସରକାରଙ୍କ ନଜରକୁ ଆସିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ସେପ୍ଟେମ୍ବର ୧୮ ତାରିଖ ଚିଠି ସଂଖ୍ୟା ୩୫୩୮୪ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଉପରୋକ୍ତ ବଦଳି ନିୟମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଠି ମିଳିବାର ୧୫ ଦିନ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ, ସମ୍ପୃକ୍ତ ବିଭାଗକୁ ଅବଗତ କରିବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଥିଲା। ଅର୍ଥାତ୍ ଅକ୍ଟୋବର ୩ ତାରିଖ ସୁଦ୍ଧା ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବା କଥା। ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଉତ୍ତର ନ ପହଞ୍ଚିବାରୁ ପୁନର୍ବାର ଗତ ନଭେମ୍ବର ୧ ତାରିଖ ଚିଠି ସଂଖ୍ୟା ୪୧୨୦୩ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନଭେମ୍ବର ୭ ତାରିଖ ମଧ୍ୟରେ ବଦଳି ନୀତି କାର୍ଯ୍ୟକାରୀ କରି ବିଭାଗକୁ ଜଣାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଯେଉଁ କର୍ମଚାରୀ ନିର୍ବାଚନ ସଂକ୍ରାନ୍ତୀୟ କାମ ତଥା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଅଛନ୍ତି ସେମାନଙ୍କୁ ବଦଳି ପ୍ରକ୍ରିୟାରୁ ବାଦ ଦିଆଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଇତିମଧ୍ୟରେ ଏକ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଦଳି ତାଲିକା କାହିଁକି ପ୍ରକାଶ କରାଯାଉନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲ୍ଲାର କେତେକ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ଆସୁଥିବାବେଳେ ଅନ୍ୟ କିଛି କର୍ମଚାରୀ ୧୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି। କାହିଁକି ସେମାନଙ୍କୁ ବଦଳି କରାଯାଉନାହିଁ ତାହା ଜିଲ୍ଲା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମଧ୍ୟ ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ସମ୍ପର୍କିତ ଜଗତସିଂହପୁର ବିଧାୟକଙ୍କ ଚିଠିକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିଥିବା ନଜିର ରହିଛି। ଅନେକ ସମୟରେ ନିର୍ବାଚିତ ଜନପ୍ରତିନିଧିଙ୍କ ନିର୍ଦ୍ଦେଶ ବା ପରାମର୍ଶକୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ବେଖାତିର କରୁଥିବାରୁ ଜିଲ୍ଲାରେ ବାବୁରାଜ ଚାଲିଛି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କିଛିଦିନ ପୂର୍ବେ ପ୍ରଶାସନିକ ସ୍ତରରେ ବଦଳି ତାଲିକା ପ୍ରସ୍ତୁତ ହୋଇଥିଲେ ମଧ୍ୟ କେଉଁ ଅଦୃଶ୍ୟ କାରଣରୁ ତାହା କାର୍ଯ୍ୟକାରୀ କରାଗଲା ନାହିଁ, ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଏ ସମ୍ପର୍କରେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରିନଥିଲେ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିବା ସମ୍ଭବ ହୋଇନାହିଁ। ପୂର୍ବ ସରକାର ସମୟରେ ବାବୁରାଜ ଚାଲିଛି ବୋଲି ବାରମ୍ବାର ଅଭିଯୋଗ ଉଠାଇ ଆସିଥିବା ବିରୋଧୀ ଦଳ ନେତାମାନେ ଏବେ ସରକାରରେ ଥିଲେ ମଧ୍ୟ ଏହି ପ୍ରସଙ୍ଗରେ ଚୁପ୍ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜଗତସିଂହପୁରରେ ଚାଲିଛି କି ବାବୁରାଜ

# ପୁସ୍ତକ ମେଳା ପାଇଁ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ବୈଠକ

ଜଗସିଂହପୁର, ୧୧।୧୨(ସମିସ): ଆସନ୍ତା ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୭ତମ ଜଗତସିଂହପୁର ପୁସ୍ତକ ମେଳା ପାଇଁ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଜିଲ୍ଲାର ବିଭିନ୍ନ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଜ୍ୟୋତିଶଙ୍କର ରାୟ ଯୋଗଦେଇ ପୁସ୍ତକମେଳାରୁ ଅଧିକରୁ ଅଧିକ ପୁସ୍ତକ କ୍ରୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଛାତ୍ରଛାତ୍ରୀଙ୍କୁ ପୁସ୍ତକ ମେଳାରେ ସାମିଲ କରି ପୁସ୍ତକ ମେଳାକୁ ସଫଳ କରିବାକୁ ସମସ୍ତ କଲେଜ ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଜଗତସିଂହପୁର ସାଂସ୍କୃତିକ ପରିଷଦର ଉପଦେଷ୍ଟା ପ୍ରଦୀପ ଶତପଥୀ ଯୋଗଦେଇ ସମସ୍ତ ଅଧ୍ୟକ୍ଷଙ୍କୁ ପ୍ରଥମେ ପୁସ୍ତକମେଳାର ସଦସ୍ୟ ହେବା ସହ ଏହି ପୁସ୍ତକ ଆନ୍ଦୋଳନରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷ ବିଜୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକ ପରିଚାଳନା ସହଯୋଗ କରିଥିଲେ ପରିଷଦର ସମ୍ପାଦକ ସାରଦା ଦାସ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ।

ବାରତିରାକୁ ରାଜସ୍ୱ ଗ୍ରାମ ଦାବି

# ସୀମାକୁ ନେଇ ବାରତିରା ଓ ମଜୁରାଇ ମଧ୍ୟରେ ବିବାଦ



**ରଘୁନାଥପୁର, ୧୧।୧୨(ସମିସ):** ରଘୁନାଥପୁର ତହସିଲ ଅନ୍ତର୍ଗତ ରେଢୁଆ ପଞ୍ଚାୟତର ବାରତିରା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଦାବି ଘଟଣାରେ ସୀମାକୁ ନେଇ ନିକଟସ୍ଥ ମଜୁରାଇ ପଡ଼ା ଗ୍ରାମବାସୀଙ୍କ ସହ ବିବାଦ ସୃଷ୍ଟି ହୋଇଛି। ବାରତିରାକୁ ରାଜସ୍ୱ ଗ୍ରାମ କରିବାକୁ ୨୦୨୨ରେ ଗ୍ରାମବାସୀ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ ସମ୍ପୃକ୍ତ ଗ୍ରାମକୁ ଯାଇ ସରଜମିନ ତଦାରଖ କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଅସ୍ଥାୟୀ ଭାବେ ଏକ ନକ୍ସା ପ୍ରସ୍ତୁତ କରିଥିଲେ। ଏହାକୁ ମଜୁରାଇ ଗ୍ରାମବାସୀ ବିରୋଧ କରିବା ସହ ଏହାକୁ ପରିବର୍ତ୍ତନ କରିବା ପାଇଁ ଦାବି କରି ଲିଖିତ ଭାବେ ଜଣାଇଥିଲେ। ଗୁରୁବାର ତହସିଲଦାର ଉଭୟ ଗ୍ରାମର କିଛି ଲୋକଙ୍କୁ ଡାକି ସେମାନଙ୍କୁ ପକ୍ଷ ରଖିବା ପାଇଁ କହିଥିଲେ। ରେଢୁଆ ସରପଞ୍ଚ କିଶୋର ବେହେରାଙ୍କ ଉପସ୍ଥିତିରେ ରବୀନ୍ଦ୍ର ବେହେରା, ଅଲେଖ ବାରିକ, ସରୋଜ ନାୟକ, ବଳରାମ ନାୟକ, କୃତ୍ତିବାସ ସ୍ୱାଇଁ ଓ ମହିଳାଙ୍କ ପକ୍ଷରୁ ପ୍ରଭାବତୀ ସ୍ୱାଇଁ ମତ ରଖିଥିଲେ। ସୀମା ଚିହ୍ନଟକୁ ନେଇ ପରସ୍ପର ମଧ୍ୟରେ ମତାନ୍ତର ସୃଷ୍ଟି ହୋଇ ବଚସା ଯାଏଁ କଥା ଯାଇଥିଲା। ଫଳରେ କୌଣସି ନିର୍ଯାସ ବାହାରି ପାରି ନ ଥିଲା। ମଜୁରାଇ ଗ୍ରାମର ସତ୍ୟଭାମା ମହାନ୍ତି, ସାବିତ୍ରୀ ସ୍ୱାଇଁ, ସରୋଜିନୀ ଲେଙ୍କା, ସନ୍ତୋଷ ପ୍ରଧାନ, ଦୀପ୍ତିରଞ୍ଜନ ଦାସ, କୃତ୍ତିବାସ ଜେନାଙ୍କ ସହ ଅନ୍ୟମାନେ ତହସିଲ ସମ୍ମୁଖରେ ବସି ରହି ପ୍ରତିବାଦ କରିଥିଲେ। ଶେଷରେ ତହସିଲଦାର ଉଭୟଙ୍କୁ ବୁଝାସୁଝା କରି ସେଠାରୁ ବିଦା କରିଥିଲେ। ତେବେ ଉଭୟ ଗ୍ରାମର ମୁରବୀ ସେମାନଙ୍କ ପକ୍ଷ ରଖିଥିବା ଓ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ୪୨ତମ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



**କୁଜଙ୍ଗ, ୧୧।୧୦(ସମିସ):** ୪୨ତମ ଓଷ୍ଟା ଶିଶୁ-ଉତ୍ସବ କୁଜଙ୍ଗ ବ୍ଲକ ଓଷ୍ଟା ପକ୍ଷରୁ ତାଳପଡ଼ା ପଞ୍ଚାୟତ ଖୁଣ୍ଟିଳସ୍ଥ ଆଖଣ୍ଡଳମଣି ବିଦ୍ୟାପୀଠରେ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ଉତ୍ସବରେ ରାଜ୍ୟ ସରକାରଙ୍କ ପରିଚାଳିତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ଓଡ଼ିଆ ମାଧ୍ୟମ ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, ଏକକ ନୃତ୍ୟ, କବିତା, ଗଳ୍ପ ଲିଖନ, ପ୍ରବନ୍ଧ ଆଦି ବିଭାଗରେ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗର ୨ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇ ପୁରସ୍କୃତ ହୋଇଛନ୍ତି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁରେଶ ଦଳାଇଙ୍କ ଅଧ୍ୟକ୍ଷତା ଓ ଓଷ୍ଟାର ବ୍ଲକ ସମ୍ପାଦକ ବିନୋଦ ମୁଦୁଲିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କୁଜଙ୍ଗ ଜୋନ-୨ର ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ ଯୋଗ ଦେଇ ପିଲାମାନେ ଆଜିକାଲି ପାଠ ଓ କ୍ୟାରିୟର ଚାପରେ ରହି ନିଜ ସୃଜନଶୀଳତା ହରାଉଥିବାବେଳେ ଓଷ୍ଟା ପକ୍ଷରୁ ଆୟୋଜିତ ଏହି ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ ଅତୀବ ପ୍ରଶଂସନୀୟ। ଏ ଅବସରରେ ବିଦ୍ୟାଳୟର ଉନ୍ନତୀ ସହ ଏକ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ରାଜ୍ୟ ସମ୍ପାଦକ ବସନ୍ତ ଦାସ, ସମ୍ମାନିତ ଅତିଥି ଜିଲ୍ଲା ସମ୍ପାଦକ ନାରାୟଣ ବାରିକ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଅନୀଲ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁବାସ ଦାସ, ସିଆରସିସି ଗୋବିନ୍ଦ ମିଶ୍ର, ଶିକ୍ଷକ ନେତା ଅନାଦି ଖଟୁଆ, ହିନ୍ଦୀ ଶିକ୍ଷକ ସଂଘ ନେତା ପ୍ରଦୀପ ସ୍ୱାଇଁ, ତୁଷାର ଲେଙ୍କା, ରାଜେନ୍ଦ୍ର ବାରିକ, ସଞ୍ଜୟ ମହାପାତ୍ର, ସରୋଜିନୀ କୁଆଁର, ଦୀପକ ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ପିଲାଙ୍କୁ କଳା ସଂସ୍କୃତି ଓ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ସହ ଜୀବନରେ ଶାନ୍ତ ହୋଇ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁରରୁ ଅପହୃତା ନାବାଳିକା ମୁର୍ସିଦାବାଦରୁ ଉଦ୍ଧାର

**ଜଗତସିଂହପୁର, ୧୧।୧୨(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଏକ ମହିଳା କଲେଜରେ +୨ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀକୁ ଅପହରଣ କରାଯାଇଥିବା ନେଇ ଗତ ୨ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ସଦର ଥାନା ପୁଲିସ ଉକ୍ତ ନାବାଳିକାଙ୍କୁ ପଶ୍ଚିମବଙ୍ଗର ମୁର୍ସିଦାବାଦର ସୋହେଲ ଶେଖ୍ ନାମକ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କ ଘରୁ ଉଦ୍ଧାର କରିଛି। ତେବେ ପ୍ରେମ ଜାଲରେ ଫସାଇ ଉକ୍ତ ନାବାଳିକାଙ୍କୁ ବିବାହ ପାଇଁ ଯୋଜନା କରିଥିବା ସୋହେଲ ଫେରାର ହୋଇଯାଇଥିବାବେଳେ ତାଙ୍କ ପିତା ଓକିଲ ସେଖ୍‌କୁ ପୁଲିସ ଗିରଫ କରିଛି।

ସୂଚନା ମୁତାବକ, ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିବାବେଳେ ଅଭିଯୁକ୍ତ ସୋହେଲ ତାଙ୍କ ଗ୍ରାମରେ ପାଇପଲାଇନ ଶ୍ରମିକ ଭାବେ କାମ କରୁଥିଲା। ନାବାଳିକାକୁ ପ୍ରେମ ଜାଲରେ ଫସାଇ ଥିଲା ସୋହେଲ। ପରେ ମୁର୍ସିଦାବାଦ ପଳାଇଥିଲା ସୋହେଲ ଓ ସେଠାରେ ରହି ନାବାଳିକାକୁ ନେବାକୁ ଯୋଜନା କରିଥିଲା। ଉଭୟ ସୋହେଲ ଓ ତାଙ୍କ ପିତାଙ୍କ ଯୋଜନା ଅନୁସାରେ ଗତ ୨ ତାରିଖରେ ନାବାଳିକା ଜଣକ ଟ୍ରେନ୍ ଯୋଗେ ହାୱଡା ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ସୋହେଲ ଓ ତାଙ୍କ ପିତା ନାବାଳିକାଙ୍କୁ ତାଙ୍କ ଘରକୁ ନେଇଯାଇଥିଲେ। ନାବାଳିକା ତାଙ୍କ ପୁଅକୁ ବିବାହ କରିବ ବୋଲି ରାଜି ଥିବା କହି ସମସ୍ତ କାଗଜପତ୍ର ପଠାଇବାକୁ ନାବାଳିକାଙ୍କ ପିତାଙ୍କୁ ଫୋନ ଯୋଗେ ଜଣାଇଥିଲେ। ନାବାଳିକା ବିବାହ ବେଆଇନ ବୋଲି କହିବାରୁ ତାଙ୍କୁ ହତ୍ୟା ଧମକ ଦେଇଥିଲେ ଓକିଲ ସେଖ୍। ମାମଲାକୁ ଗୁରୁତର ସହିତ ନେଇ ପୁଲିସର ଏକ ଟିମ୍ ମୁର୍ସିଦାବାଦରେ ପହଞ୍ଚିଥିଲା। ପୁଲିସକୁ ଦେଖି ସୋହେଲ କୌଶଳକ୍ରମେ ଫେରାର ହୋଇଯାଇଥିବାବେଳେ ତା'ର ପିତା ଓକିଲ ସେଖ୍‌କୁ ପୁଲିସ ଗିରଫ କରିବାକୁ ସଫଳ ହୋଇଥିଲା। ଯଥାଶୀଘ୍ର ମୁଖ୍ୟ ଅଭିଯୁକ୍ତ ସୋହେଲକୁ ଗିରଫ କରାଯିବ ବୋଲି ଏସପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି।

# ପ୍ରାଧ୍ୟାପକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର




**କୁଜଙ୍ଗ, ୧୧।୧୨(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ କୁଜଙ୍ଗ ସମଗୋଳସ୍ଥ ବିଜୟ ଚାନ୍ଦ ସଂସ୍କୃତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ହେମନ୍ତ ମୁଦୁଲିଙ୍କୁ ରାଜ୍ୟ ଜଙ୍ଗଲ, ପରିବେଶ, ଜଳବାୟୁ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଜିଲ୍ଲାପାଳ ଜେ. ସୋନାଲ, ପ୍ରଭାତ ଦାସ, ଅତିରିକ୍ତ ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ କୁଜଙ୍ଗ ବିଇଓଙ୍କ ଉପସ୍ଥିତି ଶ୍ରୀ ମୁଦୁଲି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଅଧ୍ୟାପନା ତାଙ୍କର ବୃତ୍ତି ହୋଇଥିଲେ ବି ପ୍ରକୃତିର ସୁରକ୍ଷା ସହିତ ବୃକ୍ଷରୋପଣ, ରକ୍ତଦାନ ଶିବିର, ବିଭିନ୍ନ ସଚେତନ ବାର୍ତ୍ତା ରଖିବା ତାଙ୍କର ପ୍ରବୃତ୍ତି। ସେ ବିଭିନ୍ନ ଗଠନମୂଳକ କାର୍ଯ୍ୟ କରି ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛନ୍ତି।

୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବାଳକ ବିଭାଗରେ ଗଜପତି ଓ ବାଳିକାରେ ଭୁବନେଶ୍ୱର ଚାମ୍ପିଅନ୍




**ଜଗତସିଂହପୁର, ୧୧।୧୨(ସମିସ):** ଜଗତସିଂହପୁର ସହରର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଆଜି ବାଳକ ବିଭାଗ ଫାଇନାଲ୍ ମ୍ୟାଚ୍‌ରେ ଗଜପତି ଜିଲ୍ଲା ଯାଜପୁରକୁ ହରାଇ ଚାମ୍ପିଅନ ହୋଇଥିବାବେଳେ ବାଳିକା ବିଭାଗରେ କଟକକୁ ହରାଇ ଭୁବନେଶ୍ୱର ଚାମ୍ପିଅନ ହୋଇଛି। ବାଳକ ବିଭାଗରେ ଦୁଇଟି ସେମିଫାଇନାଲରେ ମାଲକାନଗିରିକୁ ହରାଇ ଯାଜପୁର ଓ ନବରଙ୍ଗପୁରକୁ ହରାଇ ଗଜପତି ଫାଇନାଲକୁ ଉନ୍ନୀତ ହୋଇଥିଲେ।

ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ ସୁଶାନ୍ତ ମହାନ୍ତି, ମାଧ୍ୟମିକ ଶିକ୍ଷା, ଭୁବନେଶ୍ୱରର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ ଜେନା, ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ ରାୟ, ଜିଲ୍ଲା କ୍ରିକେଟ ସଂଗଠନ ସମ୍ପାଦକ ଅନୀଲ ବିଶ୍ୱାଳ, ବିଜ୍ଞାନ ପରିଦର୍ଶକ ଜୀବନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ମଣ୍ଡଳ ଶିକ୍ଷାଧିକାରୀ ମିହିର ପାଲ, ମଧୁସ୍ମିତା ପତି, ମନୋଜ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନସଅପ ଦଳ କ୍ରୀଡ଼ାବିତଙ୍କ ସୁଦୀର୍ଘ ଭବିଷ୍ୟତ କାମନା କରିଥିଲେ। ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଅନୁଷ୍ଠିତ ପ୍ରତିଯୋଗିତାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଅମୂଲ୍ୟ ମିଶ୍ର ଓ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲାବେଳେ ଉପସ୍ଥିତ ଥିବା ଜିଲ୍ଲାର କ୍ରୀଡ଼ାବିତମାନେ ସୁନ୍ଦର ଢଙ୍ଗରେ ଜମ୍ବଲ ମାର୍ଚ୍ଚପାଷ୍ଟରେ ପ୍ରତିନିଧିତ୍ୱ କରିଥିଲେ। ବାଳକ ବିଭାଗରେ ଗଜପତି ଜିଲ୍ଲାକୁ ଚାମ୍ପିଅନ କପ, ଯାଜପୁର ଜିଲ୍ଲାକୁ ରନର୍ସ କପ, ବାଳିକା ବିଭାଗରେ ଭୁବନେଶ୍ୱରକୁ ଚାମ୍ପିଅନ କପ ଓ କଟକ ଜିଲ୍ଲାକୁ ରନର୍ସ କପ ପ୍ରଦାନ କରାଯାଇଥିଲା। ଅଭୟ ମହାନ୍ତି, , ଧର୍ମେନ୍ଦ୍ର ଦାସ, ଅଜୟ ଭୋଇ, ବିନୀତ ଖୁଣ୍ଟିଆ, ରଞ୍ଜନ ମିଶ୍ର, ରଶ୍ମୀକାନ୍ତ ଦାସ, ସୁଚୀସ୍ମିତା ସ୍ୱାଇଁ, ତ୍ରିଲୋଚନ ସାହୁ, ଚନ୍ଦନ ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ବିକ୍ରମ ମହାପାତ୍ର. ଅବଦୁଲ ହମିଦ, ମିଳନ ଓଝା, ଭୁବନାନନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଜୟପୁର ବାଲିଘାଟରେ ପ୍ରଶାସନର ଚଢ଼ାଉ

# ୨୨ ହାଇୱା ସହ ୨ଟି ମେସିନ ଜବତ

**ଜଗତସିଂହପୁର, ୧୧।୧୨(ସମିସ):** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ତହସିଲ ଅନ୍ତର୍ଗତ ଜୟପୁର ବାଲିଘାଟ ଉପରେ ଆଜି ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ଉପସ୍ଥିତିରେ ପୁଲିସ ଟିମ ଚଢ଼ଉ କରି ୨୨ଟି ହାଇୱା ଓ ୨ଟି ବାଲିଉଠା ମେସିନ ଜବତ କରିଥିବାବେଳେ ୩ ଜଣ ଡ୍ରାଇଭରଙ୍କୁ ଅଟକ ରଖିଛନ୍ତି। ଅନ୍ୟ ୧୯ ଜଣ ଡ୍ରାଇଭର ଖସି ପଳାଇବାରେ ସଫଳ ହୋଇଛନ୍ତି। ଘାଟରୁ ବାଲି ଚୋରାଚାଲାଣ ହେଉଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ମିଳିଥିଲା। ଉକ୍ତ ବାଲିଘାଟରେ ପୁଲିସ ମୁତୟନ କରାଯାଇଛି।

# ଦୁର୍ଘଟଣାରେ ୩ ଆହତ

**କୁଜଙ୍ଗ, ୧୧।୧୨(ସମିସ):** ଆଜି ଏକ ଦୁର୍ଘଟଣାରେ କୁଜଙ୍ଗ ଅଞ୍ଚଳର ୩ ଜଣ ଆହତ ହୋଇଥିବାବେଳେ ୨ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। କୁଜଙ୍ଗ-ତ୍ରିଲୋଚନପୁର ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ବିପରୀତ ଦିଗରୁ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଜଳଧରପୁରରର ଅମର ମହାପାତ୍ରଙ୍କ ଗୋଡ ଭାଙ୍ଗିଯାଇଥିବାବେଳେ ଗୋପିଆକୁଦର ଆଦିତ୍ୟ ସାମଲ ଓ ତାଙ୍କ ସହ ଥିବା ଅନ୍ୟଜଣେ ଆହତ ହୋଇଥିଲେ। ୩ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

କାମାକ୍ଷାନଗର, ୧୧।୧୨(ସମିସ): କାମାକ୍ଷାନଗର ଥାନା କଳ୍ପନା କ୍ଲବଠାରୁ ଜନ୍ତାରିବୋଲ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜନ୍ତାରିବୋଲର ରୋହିତ ପ୍ରଧାନ। ବୁଧବାର ରାତିରେ ରୋହିତ କାମାକ୍ଷାନଗରରୁ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ଶ୍ମଶାନ ନିକଟରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ରୋହିତଙ୍କ ବାପା ଓ ମା'ଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ପରିବାରରେ ତାଙ୍କ ପତ୍ନୀ ଓ ଦେଢ଼ବର୍ଷର ଝିଅ ଅଛନ୍ତି। ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଜଙ୍ଗଲ ଜମିରୁ ମାଟି, ମୋରମ ଚୋରାଚାଲାଣ

କଙ୍କଡ଼ାହାଡ଼, ୧୧।୧୨(ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ତହସିଲ ଅଞ୍ଚଳରୁ ବିଭିନ୍ନ ସମୟରେ ଦିନ ଦୁଇପ୍ରହରରେ ବେଧଡ଼କ ଭାବେ ମାଟି, ମୋରମ ଏବଂ ବାଲି ଚୋରାଚାଲାଣ ହେଉଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଗ୍ରାମ୍ୟ ଉନ୍ନୟନ ବିଭାଗ



ପକ୍ଷରୁ ହେଉଥିବା କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ଠାରୁ ଗୁଡ଼ିସାହି ଦେଇ କରଡ଼ାଖମଣ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟରେ ଏହି ବାଲି ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଯେଉଁ ଜାଗାରୁ ମାଟି, ମୋରମ ଉଠାଯାଇ ରାସ୍ତାରେ ପକାଯାଉଛି ତାହା ଜଙ୍ଗଲ ଦୁଇ କିସମର। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ମାଫିଆମାନେ ବେଧଡ଼କ ଭାବେ ମାଟି, ମୋରମ ଉଠାଇ ନେଉଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଦୁଇଦିନିଆ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ



ଢେଙ୍କାନାଳ, ୧୧।୧୨(ସମିସ): ସଦର ବ୍ଲକ ବାରଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦୁଇଦିନିଆ ବିଜ୍ଞାନ ପ୍ରଦର୍ଶନୀ ଉଦଘାଟିତ ହୋଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ବିକାଶର ମୂଳମନ୍ତ୍ର ବୋଲି କହିଥିଲେ। ଢେଙ୍କାନାଳରେ ଏକ ପ୍ଲାନେଟାରିୟମ ଓ ଭୁବନେଶ୍ୱରରେ ସାଇନ୍ସ ସିଟି ପ୍ରତିଷ୍ଠା କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାମାକ୍ଷାନଗର ବିଧାୟକ ଶତୃଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ବିଜ୍ଞାନର ବିକାଶ ଫଳରେ ପୃଥିବୀରେ କିଭଳି ପରିବର୍ତ୍ତନ ଘଟୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଏବଂ ସୌମ୍ୟଶ୍ରୀ ପଣ୍ଡାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ୧୬୦ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି।

# ବିଶିଷ୍ଟ ସାହିତ୍ୟିକାଙ୍କ ପରଲୋକ



ଢେଙ୍କାନାଳ/କାମାକ୍ଷାନଗର, ୧୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅନନ୍ତପୁରର ବିଶିଷ୍ଟ ସାହିତ୍ୟିକା ଅନସୂୟା ନନ୍ଦ (୮୪)ଙ୍କର ଗୁରୁବାର ସକାଳ ସାଢ଼େ ୬ଟାରେ ପରଲୋକ ହୋଇଛି। ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ମହାପାତ୍ରଙ୍କ ଝିଆରୀ, କାବ୍ୟତୀର୍ଥ ମୁରଲୀଧର ମହାପାତ୍ରଙ୍କ ଝିଅ, ବରିଷ୍ଠ ଶିକ୍ଷାବିତ ସ୍ୱର୍ଗତ ବିଦ୍ୟାଧର ନନ୍ଦଙ୍କ ପତ୍ନୀ ତଥା କାମାକ୍ଷାନଗରର ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ନନ୍ଦଙ୍କ ମାଆ ଅଟନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, କଳ୍ପନା କ୍ଲବ ଉପସଭାପତି ଅଯୋଧ୍ୟା ଶତପଥୀ, ସମ୍ପାଦକ ଶ୍ରୁତିପଦ ନନ୍ଦ, ସାମ୍ବାଦିକ ସଙ୍ଘ ସଭାପତି ହିମାଂଶୁ ଶେଖର ମହାପାତ୍ର, ସମ୍ପାଦକ ହୃଦୟ ବଲ୍ଲଭ ମିଶ୍ର, ଦଧିବାମନଜୀଉ ମନ୍ଦିର ପରିଚାଳନା କମିଟି ସଭାପତି ଦୁଷ୍ମନ୍ତ କୁମାର ନନ୍ଦ, ଇଂ ହିମାଦ୍ରୀ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପୁଅ ଅଶୋକ କୁମାର ନନ୍ଦ, ଅରୁଣ କୁମାର ନନ୍ଦ ଓ ଅକ୍ଷୟ କୁମାର ନନ୍ଦ, ଝିଅ ପୁଷ୍ପାଞ୍ଜଳି ନନ୍ଦ, ଗୀତାଞ୍ଜଳି ନନ୍ଦ ଓ ଜ୍ୱାଇଁ ମେଜର ପ୍ରଭାତ କୁମାର ଦାଶଙ୍କ ସହ ପୁତ୍ରବଧୂମାନେ ଉପସ୍ଥିତ ଥିଲେ। ଅନନ୍ତପୁରସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ୨୪ ଘଣ୍ଟା ବିତିଲା; ଜିଦ୍‌ରେ ଅଟଳ ରିଲାଏନ୍ସ କର୍ତ୍ତୃପକ୍ଷ

# ଶୀତକାକରରେ ପ୍ରଜାସଙ୍ଘର ଆମରଣ ଅନଶନ ଜାରି

ଢେଙ୍କାନାଳ, ୧୧।୧୨(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଝାରଗାଡ଼ିଆ ଗ୍ରାମସ୍ଥିତ ରିଲାଏନ୍ସ ବାଇଓ ଏନର୍ଜି ତଥା ପୂର୍ବର ପଲିଷ୍ଟର କାରଖାନା କର୍ତ୍ତୃପକ୍ଷଙ୍କ ଜିଦଖୋର ମନୋଭାବ ଯୋଗୁଁ କାରଖାନାକୁ ଜମିଦେଇ ନ୍ୟାୟ ପାଇଁ ଦୀର୍ଘ ୪୦ବର୍ଷ ଧରି ଆନ୍ଦୋଳନ ଚଳାଇଛନ୍ତି ଅଞ୍ଚଳବାସୀ। ହକ ପାଇଁ ପ୍ରଜାସଙ୍ଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ହେଲା ଶୀତକାକରରେ ଧାରଣାରେ ବସିଥିବା ବେଳେ ପ୍ରଶାସନ ନିଦାବିଷ୍ଟ ସାଜିଛି।

କାରଖାନାକୁ ଜମି ଦେଇ କ୍ଷତିପୂରଣ ଏବଂ ଚାକିରି ଖଣ୍ଡେ ପାଇଁ ୪୦ବର୍ଷ ସଂଗ୍ରାମ କରିବା ପରେ ମଧ୍ୟ ନ୍ୟାୟ ମିଳିଲା ନାହିଁ। ବାରମ୍ବାର ଆନ୍ଦୋଳନ ପରେ ବିଫଳ ହୋଇ ଗତକାଲିଠାରୁ ପ୍ରଜାସଙ୍ଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୀତକାକରରେ ପଡ଼ିରହିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଜିଦ ଯୋଗୁଁ ଜମି ଦେଇ ପ୍ରଜାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତରଫରୁ ସଦର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି।

୧୯୮୪ ମସିହାରେ ଓଡ଼ାପଡ଼ା ବ୍ଲକ ବଉଳପୁର ଝାରଗାଡ଼ିଆଠାରେ ଓଡ଼ିଶା ସିନ୍ଥେଟିକ୍ସ ନାମରେ ଏକ ପଲିଫାଇବର କାରଖାନା ଗଢ଼ିଉଠିଥିଲା। ପ୍ରାୟ ୩ଶହ ଏକର ଜମିରେ ଏହି କାରଖାନା କାର୍ଯ୍ୟକରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଜମି ନେଇ କାରଖାନା ନିର୍ମାଣ ହୋଇଥିଲା। ସେ ସମୟରେ ଡିସିମିଲକୁ ମାତ୍ର ୪୦ ଟଙ୍କାରେ ଲୋକେ ଜମି ଦେଇଥିଲେ। ଏହା ପ୍ରତିବଦଳରେ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦେବାକୁ କାରଖାନା କର୍ତ୍ତୃପକ୍ଷ କହିଥିଲେ ମଧ୍ୟ ଦେଇ ନ ଥିଲେ। ପଲିଷ୍ଟର କାରଖାନା ଜମିହରା ପ୍ରଜାସଙ୍ଘ ପ୍ରଶାସନକୁ ନ୍ୟାୟ ପାଇଁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ସମାଧାନ ହୋଇପାରିନାହିଁ। ଫଳରେ ଜାନୁଆରୀରେ

**ପ୍ରଶାସନ ନିରବଦ୍ରଷ୍ଟା**

ପ୍ରଜାସଙ୍ଘ ଆମରଣ ଅନଶନ କରିଥିଲେ। ପୁଲିସ-ପ୍ରଶାସନ-କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ପ୍ରଜାସଂଘର ୪ଦଫା ଦାବି ପୂରଣ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସୁଫଳ ନ ମିଳିବାରୁ ପୁଣି ଫେବୃଆରୀ ୨୮ରେ ଅଭିଯୋଗ କରାଯିବା ସହିତ ମେ ୨୩ରେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଏହାର ସମାଧାନ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୁନ ୩ରେ ବୈଠକ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ତାହା ସ୍ଥଗିତ ରହିବା ସହ ପୁନଶ୍ଚ ଉପଜିଲ୍ଲାପାଳଙ୍କ ପତ୍ର ଅନୁସାରେ ଜୁଲାଇ ୨ରେ ବୈଠକ ନିଷ୍ପତ୍ତି ହୋଇଥିଲା। ତେବେ ତାହା ମଧ୍ୟ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରହିଥିଲା। ଫଳରେ ପ୍ରଜାସଙ୍ଘ ଜୁଲାଇ ୧୧ରେ ଧାରଣା ଦେଇଥିଲା। ପରେ ୧୫ ତାରିଖରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୈଠକରେ କମ୍ପାନୀ ନିଯୁକ୍ତି ଦେବାକୁ ରାଜି ହୋଇଥିଲା। କିନ୍ତୁ ତାହା ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ ସେପ୍ଟେମ୍ବର ୪ରେ ପ୍ରଜାସଙ୍ଘ କାରଖାନା ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଅବୈଧ କହି ନିଯୁକ୍ତି ଦେବାକୁ ମନା କରିଦେଇଥିଲେ। ଧାରଣାସ୍ଥଳରେ ବିଏନଏସର ଧାରା ୧୬୩ ଲଗାଇ ଧାରଣା ପାଇଁ ଅନୁମତି ଦେଇ ନ ଥିଲେ। ପ୍ରଜାସଙ୍ଘର କୌଣସି ଦାବି ନ ଶୁଣିବାରୁ ଉଦ୍ଦେଶ୍ୟମୂଳକ ଭାବରେ ନିରାଶ ଏବଂ ନିର୍ଯାତିତ କରାଯାଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ନଭେମ୍ବର ୧୦ରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୧୦ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ବୁଧବାରଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି। ପ୍ରଜାସଙ୍ଘ ସଭାପତି ଅରୁଣ କୁମାର ସାହୁଙ୍କ ସହ ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ, ସମ୍ପାଦକ ଆଶୁତୋଷ ରାଉତ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି।

# ପେଟ୍ରୋଲ ପମ୍ପ ପାଇଁ ମାଟି ଚୋରି — ତଦନ୍ତ ନିର୍ଦ୍ଦେଶ ଦେଲେ ଉପଜିଲ୍ଲାପାଳ

ପରଜଙ୍ଗ, ୧୧।୧୨(ସମିସ): ପରଜଙ୍ଗ ଦେଇ ଯାଇଥିବା ରେଙ୍ଗାଳି ବାମ ପାର୍ଶ୍ୱ କେନାଲର ବଡ଼ଝରା ଗାଁ ନିକଟରୁ ଶହ ଶହ ଟ୍ରିପ ମାଟି ଚୋରି ହୋଇଥିବା ଦେଖିବାକୁ ମିଳିଛି। ୫୩ ନଂ ଜାତୀୟ ରାଜପଥ



ର ବଡଝରା ଗାଁ ନିକଟରେ ଏକ ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ମାଟି ଚାଲାଣ ହୋଇଥିବା ଜଣାପଡ଼ିଛି। ରେଙ୍ଗାଳି ବାମ ପାର୍ଶ୍ୱ କେନାଲରୁ ବେଆଇନ ଭାବେ ହାଇୱା ଗାଡ଼ି ରେ ଶହ ଶହ ଟ୍ରିପ ମାଟିକୁ ଦିବାଲୋକରେ ଚୋରି କରି ନେଇଛନ୍ତି ସମ୍ପୃକ୍ତ ବ୍ୟକ୍ତି। ଢେଙ୍କାନାଳ ମାଇନିଙ୍ଗ ଅଫିସ ଚିଠି ସଂଖ୍ୟା -୨୫୩୩ ଅନୁଯାୟୀ ବଡଝରା ଗାଁର ଜନୈକ ବ୍ୟକ୍ତିଙ୍କ ଖାତା ନଂ -୨୭୯ ଅନୁଯାୟୀ ଦୁଇଟି ପ୍ଲଟ ଯଥାକ୍ରମେ ୫୬୯୧ ଏବଂ ୫୬୯୨ ରୁ ୩ଶହ କ୍ୟୁବିକ୍ ମିଟର ମାଟି ଉଠେଇବାର ଏକ ଅନୁମତି ପତ୍ର ରହିଛି। ଯେଉଁ ଚିଠିକୁ ଧରି ସମ୍ପୃକ୍ତ ବ୍ୟକ୍ତି ରେଙ୍ଗାଳି ବାମ ପାର୍ଶ୍ୱ କେନାଲ ହୁଡ଼ାରୁ ଶହ ଶହ ଟ୍ରିପ ମାଟି ନିର୍ଦ୍ୱନ୍ଦ୍ୱରେ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଏପରିକି ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ନିୟୋଜିତ ଠିକାସଂସ୍ଥାର ମ୍ୟାନେଜର ଆମ କ୍ୟାମେରାକୁ ଦେଖି ମେସିନ ଏବଂ ହାଇୱା ଟ୍ରକ ଗୁଡିକୁ ନେଇ ଫେରାର ମାରିଥିଲେ। ଏବଂ ପୁନଶ୍ଚ ରାତିରେ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ତୁରନ୍ତ ଏହାର ଏକ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି।

# ରାସ୍ତାରେ ଓଲଟିଲା ଲୁହାପଥର ବୋଝେଇ ଟ୍ରକ



ପରଜଙ୍ଗ, ୧୧।୧୨(ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି କୁଲେଇ ଗ୍ରାମ ବଆଁରପାଳ ଛକ ନିକଟରେ ଗୁରୁବାର ଭାରସାମ୍ୟ ହରାଇ ଏକ ଲୁହାପଥର ବୋଝେଇ ଟ୍ରକ ରାସ୍ତାରେ ଓଲଟି ପଡ଼ିଥିଲା। କେନ୍ଦୁଝର ଅଞ୍ଚଳରୁ ଲୁହାପଥର ବୋଝେଇ କରି ଅନୁଗୋଳ ଅଭିମୁଖେ ଯାଉଥିବା ଏହି ଟ୍ରକ ଓଲଟି ପଡ଼ିବାରୁ ଗାଡ଼ି ଭିତରେ ଚାଳକ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି।

# ଜଳାଶୟକୁ ପୋତି ବିକ୍ରି ଯୋଜନା

ହିନ୍ଦୋଳ, ୧୧।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ରସୋଳ ଗ୍ରାମର ଏକ ଜଳାଶୟ କୁ କିଛି କୁଚକ୍ରୀ ବ୍ୟକ୍ତି ବିକ୍ରି କରିବାପାଇଁ ମସୁଧା ଚଳେଇ ଥିବା ବେଳେ ଏ ନେଇ ଅଞ୍ଚଳ ବାସୀଙ୍କ ଦ୍ୱାରା ଦୃଢ଼ ବିରୋଧ ହୋଇଥିବା ଦେଖିବାକୁ ମିଳିଛି। ରାସୋଳ ଗ୍ରାମର ରାଜବାଟୀ ଜାଗାରେ ପ୍ଲଟ ନଂ ୩୭୨୯ ଜାଗାଟି ଜଳାଶୟ ରହିଥିବା ବେଳେ ଏହି ଜଳାଶୟ ଟି ଗ୍ରାମର ଜନସାଧାରଣ ନିତ୍ୟ

**ଗ୍ରାମବାସୀଙ୍କ ବିରୋଧ**

ବ୍ୟବହାର କାର୍ଯ୍ୟରେ ଲାଗୁଛି। ଦୈନିକ ଗ୍ରାମର ଶହ ଶହ ଲୋକ ସେହି ଜଳାଶୟ ଉପରେ ନିର୍ଭର କରୁଥିବା ବେଳେ କିପରି ହିନ୍ଦୋଳ ତହସିଲ ପକ୍ଷରୁ ଏହାକୁ କିସମ ପରିବର୍ତ୍ତନ କରାଯାଇ ଜଳାଶୟ କୁ ବିକ୍ରି କରିବାପାଇଁ ଅନୁମତି ଦିଆଯାଉଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଗ୍ରାମ ବାସୀ ଅଡ଼ି ବସିଛନ୍ତି। ଜଳାଶୟ ଟିକୁ କିସମ ପରିବର୍ତ୍ତନ କରି ଏବେ ବିକ୍ରି କରିଦେବାକୁ ଜନୈକ ବ୍ୟକ୍ତି ଯୋଜନା ଚଳାଇ ଥିବା ବେଳେ ଜଳାଶୟ ନିକଟରେ ୨ ଟି କୂଅକୁ ପୋତା ସରିଲାଣି ଏବେ ପୋଖରୀ ପୋତି ବା ପାଇଁ ମେସିନ ଆସିଥିବା ବେଳେ ଏହାକୁ ଗ୍ରାମବାସୀମାନେ ଦୃଢ଼ ବିରୋଧ କରିବା ସହିତ ଏ ସମ୍ପର୍କ ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ରାଜସ୍ୱ କମିଶନର ଭୁବନେଶ୍ୱର, ଉତ୍ତରାଞ୍ଚଳ ଆରଡିସି ଓ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କେଉଁ ତହସିଲ ଅଧିକାରୀ ଏହି ଜଳାଶୟକୁ କିସମ ପରିବର୍ତ୍ତନ କଲେ



ଓ କିପରି ଏବେ ଏହି ଜଳାଶୟକୁ ପୋତିବାକୁ କିଏ ଅନୁମତି ଦେଇଛି ତାହାର ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ଏହାର ସମାଧାନ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି।

# ଆନ୍ତର୍ଜାତିକ ପର୍ବତ ଦିବସ ପାଳିତ



ଢେଙ୍କାନାଳ, ୧୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଆନ୍ତର୍ଜାତିକ ପର୍ବତ ଦିବସ ସ୍ଥାନୀୟ ବୋରାପଦା ନିକଟ ପର୍ବତ ପାଦଦେଶରେ ପାଳିତ ହୋଇଛି। ସଂଗଠନର ସଦସ୍ୟମାନେ ପର୍ବତକୁ ଧୂପ, ଦୀପ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ପର୍ବତଗୁଡ଼ିକର ସୁରକ୍ଷା ନିମନ୍ତେ କାମନା କରିଥିଲେ। ୨୦୦୩ରୁ ଏହି ଦିବସ ପାଳନ ହୋଇଆସୁଛି। ପର୍ବତ ସମୂହ ପ୍ରକୃତିର ଅନବଦ୍ୟ ସୃଷ୍ଟି ଯାହାର ଉପସ୍ଥିତି ପୃଥିବୀ ପୃଷ୍ଠରେ ବାସ କରୁଥିବା ଜୀବଜଗତର ତିଷ୍ଠି ରହିବା ନିମନ୍ତେ ଅନେକ ଆବଶ୍ୟକତା ପୂରଣ କରୁଛି। ପର୍ବତ ଯୋଗୁଁ ମେଘମାଳାରୁ ବର୍ଷା ହେବା ସମ୍ଭବ ହୋଇପାରୁଛି ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ବନ ବିଭାଗ ପର୍ବତଗୁଡ଼ିକର ମ୍ୟାପିଂ କରି ଯେପରି ତାହାର ପାଦଦେଶକୁ କାଟି ବାସଗୃହ ନିର୍ମାଣ କରା ନ ଯିବ ସେଥିପାଇଁ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଉପସଭାପତି ରୁଦ୍ରପ୍ରକାଶ ଶରଣ, ଇଂ ସରୋଜ ସତପଥୀ, ସଭ୍ୟ ଗୀତା ସାମଲ, ଅଜେନ୍ଦ୍ର ସାମଲ, ଉଫୁନାର ରାଷ୍ଟ୍ରୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ, ରାଜ୍ୟ ଉପସଭାପତି କବି ବାହାଦୁର ପାଟ୍ଟଶାଣୀ, ଆଇନଜୀବୀ ଦ୍ୱିତୀକୃଷ୍ଣ ବରାଳ, ସାଇ ମନ୍ଦିରର ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରମରେ ବନ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି।

# ଗ୍ରାମବାସୀଙ୍କ ହଟ୍ଟଗୋଳରେ ଜମି ସୀମା ନିର୍ଦ୍ଧାରଣ

କଙ୍କଡ଼ାହାଡ଼, ୧୧।୧୨(ସମିସ)



କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ବିରିବୋଲେଇ ଗ୍ରାମର ଏକ ବିବାଦୀୟ ଜମିର ସୀମା ନିର୍ଦ୍ଧାରଣକୁ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ହଟ୍ଟଗୋଳ ହୋହାଲ୍ଲାରେ ପ୍ରଶାସନ ଉପସ୍ଥିତରେ ଜମି ସୀମା ନିର୍ଦ୍ଧାରଣ ହୋଇଛି। ସୂଚନା ଅନୁଯାୟୀ ବିରିବୋଲେଇ ଗ୍ରାମର ପ୍ଲଟ ନମ୍ବର-୨୩୧/୩୦୪୧, ଖାତା ନଂ୨୪୭/୧୨୮ ର ୩ ଏକର ୮୫ ଡିସିମିଲ ଜମିକୁ ନେଇ ବିବାଦ ଦେଖାଦେଇଛି। ଗତରେଇ ଗ୍ରାମର ଅକ୍ଷୟ କୁମାର ସିଂହ ଏହି ଜମିକୁ ଉକ୍ତ ଗ୍ରାମର ଟଙ୍କଧର ଲେଙ୍କାଙ୍କଠାରୁ କ୍ରୟ କରି ୨୦୨୨-୨୩ରେ ରେକର୍ଡ ପାଇଥିଲେ। ଗ୍ରାମବାସୀଙ୍କ ବିରୋଧ କାରଣରୁ ଏହି ଜମି ଦଖଲକୁ ନେଇ ନ ପାରି ସିଂହ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କଙ୍କଡ଼ାହାଡ଼ ତହସିଲ ପକ୍ଷରୁ ଗୁରୁବାର ଜମି ସୀମା ନିର୍ଦ୍ଧାରଣ ନିମନ୍ତେ ପ୍ରକ୍ରିୟା ହୋଇଥିଲା। ତହସିଲଦାର ସୌଦାମିନୀ ନାୟକ, ବିଡିଓ ଯଶୋବନ୍ତ ଦେହୁରୀ, ଅତିରିକ୍ତ ତହସିଲଦାର ସୁଜିତ କୁମାର ଭୋଇ, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ମହାବିରୋଡ ଥାନା ଅଧିକାରୀ କାଶୀନାଥ ହାଁସଦା, କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା, ପରଜଙ୍ଗ ଥାନା ଅଧିକାରୀ ଧୀରେନ ବେହେରା ପ୍ରମୁଖ ପୁଲିସ ଫୋର୍ସ ସହ ପହଞ୍ଚି ଜମି ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ଗ୍ରାମର ଶହ ଶହ ପୁରୁଷ ଓ ମହିଳା ଆସି ଏହାକୁ ଜୋରଦାର ବିରୋଧ କରିଥିଲେ। ବିରିବୋଲେଇ ସରପଞ୍ଚ ସୁମିତ୍ରା ପ୍ରଧାନ, ସମିତି ସଭ୍ୟା ପିଙ୍କି ପ୍ରଧାନ, ଗ୍ରାମ ସମ୍ପାଦକ ଉଦୟନାଥ ସାହୁଙ୍କ ସମେତ ଗ୍ରାମବାସୀ ହୋହାଲ୍ଲା କରିବା ସହ ଜମି ମପେଇ ଦେବୁ ନାହିଁ ବୋଲି ଜିଦରେ ଅଟଳ ରହିଥିଲେ। ତେବେ ପ୍ରଶାସନ ଓ ପୁଲିସ ବୁଝାସୁଝା କରିବା ପରେ ଗ୍ରାମବାସୀଙ୍କ ଉପସ୍ଥିତରେ ଜମି ସୀମା ନିର୍ଦ୍ଧାରଣ ହୋଇଥିଲା।

ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ୩ ଦଫା ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗ୍ରାମବାସୀଙ୍କ ପକ୍ଷରୁ ଉକ୍ତ ଜମି ପାଇଥିବା ବ୍ୟକ୍ତିଙ୍କ ବିରୋଧରେ ଅଦାଲତରେ ମାମଲା ରୁଜୁ ହୋଇଛି। ଏହି ମାମଲାର ନ ହେବା ପର୍ଯ୍ୟନ୍ତ ଉକ୍ତ ଜମିରେ ଉଭୟ ବାଦୀ ଓ ପ୍ରତିବାଦୀ କୌଣସି ଦଖଲ କିମ୍ବା ନିର୍ମାଣ କରିପାରିବେ ନାହିଁ। କୋର୍ଟଙ୍କ ରାୟ ଆସିଲା ପରେ ଆଇନ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିରିବିଲେଇ ଗ୍ରାମ ସମ୍ପାଦକ ଉଦୟନାଥ ସାହୁ କହିଛନ୍ତି ୧୯୯୧ରୁ ଏଠାରେ ଶନିବାର ସାପ୍ତାହିକ ହାଟ ବସି ଆସୁଛି। ଗ୍ରାମ ଦଖଲରେ ରହିଥିବା ଏହି ଜମିକୁ ତଞ୍ଚକତା କରି ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କ ନାମରେ ପଟ୍ଟା କରି ବିକ୍ରି କରିଛନ୍ତି। ଏ ନେଇ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିଥିବା ସେ କହିଛନ୍ତି। ବିରିବୋଲେଇ ସରପଞ୍ଚ ସୁମିତା ପ୍ରଧାନ କହିଛନ୍ତି, ଆଜକୁ ଦୀର୍ଘ ୩୪ ବର୍ଷ ହେଲା ଏଠି ହାଟ

**ତହସିଲଦାରଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ**

ବସୁଛି। ପ୍ରତି ବର୍ଷ ହାଟ ନିଲାମ ଦିଆଯାଉଛି। ଚଳିତ ବର୍ଷ ୮ ହଜାର ଟଙ୍କାରେ ନିଲାମ ଦିଆଯାଇଛି। ପ୍ରାୟ ୨୦ ଲକ୍ଷ ଟଙ୍କା ସରକାରୀ ଅନୁଦାନରେ ଏଠାରେ ପିଣ୍ଡି, ବୋରୱେଲ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ହୋଇଛି। ଏହି ଜମି କ୍ରୟ କରିଥିବା ସିଂହ କହିଛନ୍ତି, ଜିମି କିଣିବାର ଦୀର୍ଘ ବର୍ଷ ପରେ ସୀମା ନିର୍ଦ୍ଧାରଣ ହେଉ ନ ଥିବାରୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲି। ତହସିଲଦାର ସୌଦାମିନୀ ନାୟକ କହିଛନ୍ତି, ଗ୍ରାମବାସୀଙ୍କୁ ବୁଝାସୁଝା ପରେ ଜମିର ସୀମା ନିର୍ଦ୍ଧାରଣ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୩ ଦଫା ଦାବିପତ୍ର ଦିଆଯାଇଥିବା ନାୟକ କହିଛନ୍ତି।

# ଆଇଆଇଏମସି ଛାତ୍ରଛାତ୍ରୀଙ୍କ ଆଇପିଏଲ କାରଖାନା ପରିଦର୍ଶନ



ଢେଙ୍କାନାଳ, ୧୧।୧୨(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)ର ସାମ୍ବାଦିକତା ଓ କର୍ପୋରେଟ କମ୍ୟୁନିକେସନ ଆଣ୍ଡ ବ୍ରାଣ୍ଡ ମ୍ୟାନେଜମେଣ୍ଟର ୨୮ ଛାତ୍ରଛାତ୍ରୀ ଆସିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠଙ୍କ ନେତୃତ୍ୱରେ ଇଣ୍ଡିଆନ ପଟାସ ଲିମିଟେଡ (ଆଇପିଏଲ) କାରଖାନା ପରିଦର୍ଶନ କରିଛନ୍ତି। ଆଖୁଚାଷ, ଚିନି କାରଖାନା, କୃଷକଙ୍କ ପ୍ରତିଦାନ ସମ୍ପର୍କରେ ସରକାରୀ ନିୟମ ଓ ଆଇପିଏଲ କମ୍ପାନୀ ସମ୍ପର୍କରେ କାରଖାନାର ମୁଖ୍ୟ ତଥା ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ, ବରିଷ୍ଠ ଅଧିକାରୀ ରାଜେନ୍ଦ୍ର ନାରାୟଣ ପଣ୍ଡା ଓ ଭବାନୀ ରଥଙ୍କଠାରୁ ବୁଝିଥିଲେ। ସୋୟା ଗୋଲଡ ଉତ୍ପାଦନ ବିଷୟରେ ମଧ୍ୟ ପିଲାମାନଙ୍କୁ ଅବଗତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଚିନି କାରଖାନା, ଆଖୁରସ ଓ ଆଖୁପେଡ଼ା ଦେଖିବା ସହ ଅଧିକାରୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ।

### ରାସ୍ତାକଡ଼ରେ ଅବଧିଯୁକ୍ତ ସରକାରୀ ଔଷଧ ଫୋପାଡ଼ିବା ଘଟଣା

# ସ୍ୱାସ୍ଥ୍ୟ ବିଭାଗର ତତ୍ପରତା; ତଦନ୍ତ କଲା ୩ ଜଣିଆ ଟିମ୍





ବାହାନଗା, ୧୧।୧୨ (ରୁଚିକ ରଞ୍ଜନ ମହାପାତ୍ର)

ବାଲେଶ୍ୱର ଜିଲ୍ଲା ଶ୍ରୀଜଙ୍ଗ-ରସାଳପୁର ରାସ୍ତାର କଣ୍ଟିଆଚିରା ନାଳ ତୁଣ୍ଡରା ନିକଟରେ ଏକ୍ସପାଏରି ହୋଇ ନ ଥିବା ସରକାରୀ ଔଷଧ ରାସ୍ତାକଡ଼ ଅଳିଆ ଗଦାରେ ଫିଙ୍ଗା ଯିବା ନେଇ 'ସକାଳ'ରେ ଅନୁସନ୍ଧାନମୂଳକ ଖବର ପ୍ରକାଶ ପାଇବା ପରେ ଆକ୍ସନ ମୋଡ଼କୁ ଆସିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ୩ ଜଣିଆ ଟିମ୍ ଘଟଣା ସ୍ଥଳକୁ ଯାଇ ଫିଙ୍ଗା ଯାଇଥିବା ସରକାରୀ ଔଷଧକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ରେମୁଣା ବ୍ଲକ ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କିଛି କିମି ଦୂର ଶ୍ରୀଜଙ୍ଗ-ରସାଳପୁର ରାସ୍ତାର କଣ୍ଟିଆଚିରା ନାଳ ତୁଣ୍ଡରାଠାରେ ରାସ୍ତାକଡ଼ ଅଳିଆ ଗଦାରେ ସରକାରଙ୍କ ନିରାମୟ ଯୋଜନାରେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ତଥା ଏକ୍ସପାଏରୀ ହୋଇନଥିବା ଆଇରନ ଓ ଫଲିକ ଏସିଡ ସିରପ ଶହଶହ ପ୍ୟାକେଟ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଯେଉଁ ଔଷଧର ବ୍ୟାଚ ନମ୍ବର ସିଏଚଏସ-୫୦୦୬୫, ଔଷଧର ପ୍ରସ୍ତୁତି ତାରିଖ ଏପ୍ରିଲ ୨୦୨୫ ଲେଖାଥିବା ବେଳେ ଏକ୍ସପାଏରୀ ତାରିଖ ସେପ୍ଟେମ୍ବର ୨୦୨୬ ଲେଖା ଯାଇଥିଲା। ରୋଗୀ ମେଡିକାଲରେ ମାଗଣା ଔଷଧ ପାଇଁ ଘଣ୍ଟାଘଣ୍ଟା ଧାଡିରେ ଛିଡା ହେବା ସତ୍ତ୍ୱେ ଔଷଧ ଉପଲବ୍ଧ ନାହିଁ କହି ଫେରାଇ ଦିଆଯାଉଥିବା ବେଳେ ରୋଗୀ ଔଷଧ ଦୋକାନରୁ ହଜାର ହଜାର ଟଙ୍କାର ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ସେପଟେ ଶିଶୁ ଏବଂ ଗର୍ଭବତୀ ପ୍ରସୂତୀ ମା'ଙ୍କ ପାଇଁ ରକ୍ତହୀନତା, ଭିଟାମିନ ଅଭାବ ଜନିତ ରୋଗ ପାଇଁ ବରଦାନ ସାଜୁଥିବା ଆଇରନ ଓ ଫଲିକ ଏସିଡ ଔଷଧ ରାସ୍ତା କଡ଼ ଅଳିଆ ଗଦାରେ ସରକାରୀ ଔଷଧ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏ ନେଇ ଗୁରୁବାର 'ସକାଳ'ରେ 'ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର, ରୋଗୀଙ୍କୁ ନ ଦେଇ ରାସ୍ତାକଡ଼ରେ ଫିଙ୍ଗିଦେଲେ ସରକାରୀ ଔଷଧ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଅବିଳମ୍ବେ ଆକ୍ସନ ମୋଡ଼କୁ ଆସିଥିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସହ ବାଲେଶ୍ୱର ଜିଲ୍ଲା ପ୍ରଶାସନ।

**'ସକାଳ' ପ୍ରଭାବ**

ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଘଟଣାକୁ ଗୁରୁତ୍ୱର ଭାବେ ନେଇ ତୁରନ୍ତ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ ବେହେରା ତତ୍ପର ହେବା ସହ ରେମୁଣା ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**୩୨୪ ବୋତଲ ଔଷଧ ଜବତ**

ସିଡିଏମଓ ଡା. ବେହେରାଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁଙ୍କ ନେତୃତ୍ୱରେ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୟ ପାତ୍ର, ସୁପରଭାଇଜର ରମେଶ ଚନ୍ଦ୍ର ଦାସଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘଟଣାର ତନାଘନା କରିବା ସହ ରାସ୍ତା ପାର୍ଶ୍ୱ ଅଳିଆଗଦାରେ ପଡ଼ିଥିବା ଏକ୍ସପାଏରୀ ହୋଇ ନ ଥିବା ଔଷଧ ଜବତ କରିଥିଲେ। ପରେ ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ତଦନ୍ତ କରିଥିଲେ।

ଏ ନେଇ ତଦନ୍ତକାରୀ ଅଧିକାରୀ ଡା. ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ସେ କୁହନ୍ତି ଏହି ବ୍ୟାଚ ନମ୍ବରର ଔଷଧ କେବେ କାହାକୁ ଦିଆ ଯାଇଥିଲା, ସେ ଦିଗରେ ତଦନ୍ତ ଚାଲିଛି। ତଦନ୍ତ ପରେ ସିଡିଏମଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ। ସେହିପରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ ବେହେରା କୁହନ୍ତି ପ୍ରାଥମିକ ପର୍ଯ୍ୟାୟରେ ସେଠାରେ ତଦନ୍ତରେ ସରକାରୀ ଔଷଧ ସହ ଅନ୍ୟ ବ୍ୟବହୃତ ବେସରକାରୀ ଔଷଧ ସହ ଅନ୍ୟାନ୍ୟ ଜିନିଷ ପଡ଼ିଥିବାର ଦେଖିବାକୁ ମିଳିଥିଲା। ସେଠାରୁ ସରକାରୀ ଔଷଧ ଭାବେ ୩୨୪ ବୋତଲ ଆଇରନ ଏବଂ ଫଲିକ ଏସିଡ ଔଷଧ ଥିଲା ଏବଂ ତାହାକୁ ଜବତ କରି ଅଣାଯାଇଥିବାର ତଦନ୍ତକାରୀ ଅଧିକାରୀଙ୍କ ନିକଟରୁ ଜାଣିବାକୁ ମିଳିଛି। ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ପକ୍ଷରୁ ମୋତେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଆସିଛି, ଆଜି ତଦନ୍ତକରି ଅଧିକାରୀ ମୋତେ ରିପୋର୍ଟ ପ୍ରଦାନ କରିବା ପରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବୁ। ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବା ସହ ଯିଏ ଏହି ଘଟଣାରେ ସମ୍ପୃକ୍ତ ଥିବାର ପ୍ରମାଣ ମିଳିବ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଅବକାରୀ ଚଢ଼ଉ, ୩ ଗିରଫ



ସୋର, ୧୧।୧୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ସୁଜନପୁର ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଏବଂ ବିୟର ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ ସହ ସୁଜନପୁର ଗ୍ରାମରେ ଚଢ଼ଉ କରି ପାଣ୍ଡବ ଜେନା ନିକଟରୁ ୩୦ ଲିଟର ଦେଶୀମଦ, ହାଜିପୁର ଗ୍ରାମର ସୁରେଶ ନାୟକ ନିକଟରୁ ୧୬. ୨୫୦ଲିଟର ବିୟର ଏବଂ ଉଛବପୁର ଗ୍ରାମର ହରିଶଚନ୍ଦ୍ର ନାୟକ ନିକଟରୁ ୨୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ସନ୍ଧ୍ୟାରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଲ ଶଶୀକାନ୍ତ ସାହୁ, ମିନତୀ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ମାଛ ଚାଷ ରୋଗ ନିୟନ୍ତ୍ରଣ ସଚେତନତା ଶିବିର




ସୋର, ୧୧।୧୨ (ସମିସ): ସୋର ବ୍ଲକ ତଳନଗର ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ସହଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧିନ ରେ ମାଛଚାଷର ରୋଗ ଓ ଏହାର ନିରାକରଣ ସମ୍ବନ୍ଧରେ ଏକ ସଚେତନତା ଶିବିର କୃଷି ବିଜ୍ଞାନ କେନ୍ଦ୍ର ବାଲେଶ୍ୱର ଦ୍ୱାରା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସୋର ବ୍ଲକ ର ୧୨ ଟି ପଞ୍ଚାୟତ ରୁ ୪୦ ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ଭାଇ ଭଉଣୀ ମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବୈଜ୍ଞାନିକ ଡକ୍ଟର ସ୍ୱାଗତୀକା ସାହୁ ପୌରୋହିତ୍ୟ କରିବା ସହିତ ଭଦ୍ରକ କୃଷି ବିଜ୍ଞାନ କେନ୍ଦ୍ର ମତ୍ସ୍ୟ ବୈଜ୍ଞାନିକ ଡକ୍ଟର ବିଶ୍ୱରଞ୍ଜନ ସାମନ୍ତରାୟ ମତ୍ସ୍ୟ ରୋଗର ପ୍ରତିକାର ଉପରେ ଆଲୋଚନା କରିଥିଲେ। ଏହା ସହିତ ସୋର ବ୍ଲକର ସହାୟକ ମତ୍ସ୍ୟ ଅଧିକାରୀ ସୁବ୍ରତ ଦାସ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏଫଆଇଏସି ଚେୟାରମ୍ୟାନ ଗିରିଧାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡ. କମଳାକାନ୍ତ ବେହେରା ଓ ଡ. ଲକ୍ଷ୍ମୀକାନ୍ତ ମୁର୍ମୁ ଉପସ୍ଥିତ ଥିଲେ।

## ଶେରଗଡ଼ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର, ୧୧।୧୨(ସମିସ): ହିନ୍ଦୁସ୍ଥାନ୍ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ ଭୁବନେଶ୍ୱରର ଚିଫ୍ ରିଜିଓନାଲ ମ୍ୟାନେଜର୍ ଆଶିଷ ପାଣ୍ଡେ ଏବଂ ବାଲେଶ୍ୱର ଏରିଆ ସେଲ୍ସ୍ ଅଫିସର୍ ଗିରି ଆଦିତ୍ୟ ତରୁଣ ଗୁରୁବାର ଦିନ ବାଲେଶ୍ୱର ଗସ୍ତରେ ଆସିଥିଲେ। ବାଲେଶ୍ୱରରେ ପହଞ୍ଚିବା ପରେ ସେମାନେ ଶେରଗଡ଼ସ୍ଥିତ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ପରିଦର୍ଶନ ପାଇଁ ଯାଇଥିଲେ। ସର୍ଭିସ୍ ଷ୍ଟେସନ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି, ନିଦ୍ଦେର୍ଶକ ଦିବ୍ୟଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତି ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସହ ଗରିବ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଏଚପିସିଏଲ୍‌ର ସିଆରଏମ୍ ଶ୍ରୀ ପାଣ୍ଡେ, ବାଲେଶ୍ୱର ଏରିଆ ସେଲ୍ସ୍ ଅଫିସର ତରୁଣ, ଜଗନ୍ନାଥ ସର୍ଭିସ୍ ଷ୍ଟେସନର ପରିଚାଳନା ନିର୍ଦ୍ଦେଶକ ଡ.ମହାନ୍ତି, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ନିଦ୍ଦେର୍ଶକ ଜ୍ୟୋତିରାଦିତ୍ୟ ମହାନ୍ତି ମିଳିତ ଭାବେ ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଡ.ମହାନ୍ତି, ଶ୍ରୀ ପାଣ୍ଡେ ଓ ଶ୍ରୀ ଗିରି ମଧ୍ୟ ଏହି ଶିବିରରେ ରକ୍ତଦାନ କରିଥିଲେ। ପରେ ୫୦ରୁ ଅଧିକ ଗରିବ ଲୋକଙ୍କୁ ସିଆରଏମ୍ କମ୍ବଳ ବଣ୍ଟନ କରିଥିଲେ। ଏହି ଅବସରରେ ଏଚପିସିଏଲ୍ ସିଆରଏମ୍ ଆଶିଷ ପାଣ୍ଡେ ଏବଂ ବାଲେଶ୍ୱର ଏରିଆ ସେଲ୍ସ୍ ଅଫିସର ଗିରି, ଆଦିତ୍ୟ ତରୁଣ ଓ ଡ. ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସମେତ ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

### • ଅଷ୍ଟମ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ

## ସେମିଫାଇନାଲରେ ୟୁନିକ୍ ଭଦ୍ରକ

ସୋର, ୧୧।୧୨ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡ଼ିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧାକୁ ହରାଇ ୟୁନିକ, ଭଦ୍ରକ ପ୍ରଥମ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ୟୁନିକ ଭଦ୍ରକ ସହିତ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଖୋର୍ଦ୍ଧା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରେ ୮ ୱିକେଟ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟର ଓଁକାର ଥୋରାଇ ୪୯ଟି ବଲ ଖେଳି ୬୨ ରନ ସଂଗ୍ରହ କରିଥିଲେ। ଜବାବରେ ଭଦ୍ରକ ୨୦. ୨ ଓଭରରେ ୫ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟର ତାପସ ରାଉତ ୪୪ ବଲ ଖେଳି ୬୩ ରନ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମଙ୍ଗଳପୁର ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ମୃତ୍ୟୁଞ୍ଜୟ ମହାନ୍ତି ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥଲେ। ଏହି ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ଦୁର୍ଗାପ୍ରସାଦ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି କାର୍ଯ୍ୟ ତୁଲାଇ ଥିଲେ। ଭାଷ୍ୟକର ଭାବେ ଯଦୁନାଥ ନାୟକ ଏବଂ ରସିଦ ଖାନ କାର୍ଯ୍ୟ ତୁଲାଇ ଥିଲେ। ଏହି ମ୍ୟାଚକୁ ମୁକ୍ତେଶ୍ୱର କ୍ଲବର ସଦସ୍ୟ ଯଦୁନାଥ ନାୟକ, ବିଶ୍ୱରଞ୍ଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ଡମ୍ବରୁଧର କର, ହରିଶ୍ଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାଶ ପ୍ରଧାନ, ଶ୍ରୀକାନ୍ତ ସାହୁ, ନିର୍ମଳ ବେହେରା, ଗଜେନ୍ଦ୍ର ମହାନ୍ତି, ମାଧବ ନାୟକ ଏବଂ ଗଦାଧର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲିର ପ୍ରଥମ ସେମିଫାଇନାଲ ମ୍ୟାଚ ତମାଣ୍ଡୋ କ୍ରିକେଟ କ୍ଲବ ଭୁବନେଶ୍ୱର ଏବଂ ୟୁନିକ, ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ।



## ଲଙ୍ଗଳେଶ୍ୱରରେ ସାଂସଦ ଖେଳ ମହୋତ୍ସବ



ଲଙ୍ଗଳେଶ୍ୱର, ୧୧।୧୨ (ସମିସ) : ଲଙ୍ଗଳେଶ୍ୱର ଶଚିନ୍ଦ୍ର କୁମାର ଓ ଯଶୋଦା ମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୱେଷ୍ଟ ଜୁନ ଅଧିନରେ ଥିବା ୧୫ଟି ବିଦ୍ୟାଳୟର ୨ ଶହ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କବାଡି, ଖୋଖୋ, ଫୁଟବଲ, ଭଲିବଲ, ମ୍ୟୁଜିକ୍ ଚେୟାର, ଆଥ୍ଲେଟିକ ଭଳି ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ହାଇସ୍କୁଲର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଶୋକ ଦାସ, ପ୍ରଦୀପ ଦତ୍ତ, ଖେଳ ଶିକ୍ଷୟିତ୍ରୀ କବିତା ରାଣୀ ଦେ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ସମୂହ ବିଦ୍ୟାଳୟର ଖେଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ଖେଳ ପରିଚାଳନା କରିଥିଲେ। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କମିଟି ର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଭୋଗରାଇ, ୧୧।୧୨ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ନିମାତପୁର ପଞ୍ଚାୟତ ତରାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସେନା ଅଧିକାରୀ ଶତିଶ ଚନ୍ଦ୍ର ପରିଡ଼ା, ମୁଖ୍ୟବକ୍ତା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନୁପମ ସାହୁ ଯୋଗଦେଇ କ୍ରୀଡ଼ା ଛାତ୍ର ଜୀବନକୁ ଶୃଙ୍ଖଳିତ କରିବା ସହିତ ପାଠ ମନୋଯୋଗ କରାଏ ବୋଲି ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥି ଭାବେ ରବୀନ୍ଦ୍ର କୁମାର ରଣା, ରମେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସହପାଠ୍ୟ କାର୍ଯ୍ୟକ୍ରମରେ ଅଧିକ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରାଣକୃଷ୍ଣ ଦେ ଓ ଶୁଭ୍ରକାନ୍ତ ଜେନା ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପର୍ଶୁରାମ ଦାସ ସଭା ସଂଯୋଜନା କରିଥିବାବେଳେ ତପନ ଉପାଧ୍ୟାୟ ବେଦପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଶିକ୍ଷକ ଶକ୍ତିଧର ସାହୁ, ଧନଞ୍ଜୟ ପରିଡ଼ା, ସଞ୍ଜୟ ନନ୍ଦୀ, ଶିକ୍ଷୟିତ୍ରୀ ମାମି ସାହୁ, ଜ୍ୟୋର୍ତିମୟୀ ନାୟକ, ଗୀତାରାଣୀ ଦାସ, ସ୍ୱର୍ଣ୍ଣମୟୀ ରଣା, ସୁଶାନ୍ତି ସେଠୀ, ଇତିଶ୍ରୀ ସାହୁ, ବାସନ୍ତୀ ଦଳାଇ, ମନ୍ଦାକିନୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୭ ଦିନରେ ବେଆଇନ ଅବରୋଧ ନ ହଟିଲେ ଆନ୍ଦୋଳନ

ଚନ୍ଦନେଶ୍ୱର, ୧୧।୧୨ (ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଥଭଉଁରୀ ଗ୍ରାମପଞ୍ଚାୟତର ସରକାରୀ ଜାଗାରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସରକାରୀ ଜାଗାକୁ ଅବରୋଧ କରି ଏକ ବେଆଇନ ଗୃହ ନିର୍ମାଣ କରାଯାଇଥିବାରୁ ଏହାର ପ୍ରତିବାଦରେ ଆଜି ଅପରାହ୍ନରେ କାନ୍ଥଭଉଁରୀ ଗ୍ରାମପଞ୍ଚାୟତର ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଶ୍ରୀହରି ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ କାନ୍ଠଥଭଉଁରୀ ଗ୍ରାମପଞ୍ଚାୟତର ସମିତିସଭ୍ୟ ପ୍ରଦୀପ ଦାସ, ପୂର୍ବତନ ସରପଞ୍ଚ ମମତା ଭୋଳ, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ସମାଜସେବୀ ବଳରାମ ପାତ୍ର, ବନମାଳୀ ବେହେରା, ରାମଚନ୍ଦ୍ର ପାତ୍ର, ଗ୍ରାମର ମୁଖ୍ୟ କାର୍ତ୍ତିକ ଚନ୍ଦ୍ର ପାତ୍ର, ଆଲୋକ ରଞ୍ଜନ ଦେ, କଳ୍ପନା ଭୂୟାଁ ପ୍ରମୁଖ ଯୋଗ ଦେଇ ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଙ୍ଘ ନାମକ ସଙ୍ଗଠନ ସରକାରୀ ଜାଗାରେ ନିର୍ମାଣ ହୋଇଥିବା ବେଆଇନ ଗୃହକୁ ବିରୋଧ କରିଥିଲେ। ସେମାନେ ପ୍ରକାଶ କରିଥିଲେ ୨୦୨୨ -୨୩ ଆର୍ଥିକ ବର୍ଷରେ ଉକ୍ତ ସ୍ଥାନରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଲେ ଗ୍ରାମପଞ୍ଚାୟତର ବହୁ ବେକାର ଯୁବକ, ଯୁବତୀ ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇ ପାରିବେ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ସେହି ଜାଗାକୁ ଆସି ତଦନ୍ତ କରି ଫେରିଯାଇଛନ୍ତି। ମାତ୍ର ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଘ ସେହି ଜାଗାରେ ବେଆଇନ ଗୃହ ନିର୍ମାଣ କରିଛନ୍ତି। ଉକ୍ତ ବେଆଇନ ଗୃହ ନିର୍ମାଣ ବିଷୟରେ ଭୋଗରାଇ ତହସିଲଦାର, ବିଚିତ୍ରପୁର ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଛି ବୋଲି ସେମାନେ ପ୍ରକାଶ କରିଥିଲେ। ୭ ଦିନ ମଧ୍ୟରେ ସ୍ୱେଚ୍ଛାସେବୀ ସଙ୍ଘର ବେଆଇନ ଗୃହ ନିର୍ମାଣ ଉଚ୍ଛେଦ ନ ହେଲେ ଭୋଗରାଇ ତହସିଲ ଅଫିସ ଓ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଏଥିରେ ପ୍ରିୟଙ୍କା ଭୂୟାଁ, ରଶ୍ମିତା ଭୂୟାଁ, ତୁଳସୀ ଦାସ, ରାଧିକା ଦାସ, ଶୁକ ଭୂୟାଁ, ରୀନା ଭୂୟାଁ, ସରସ୍ୱତୀ ଭୂୟାଁ, ଗୀତା ଦାସ, ଅମିତା ଦାସ, ରଶ୍ମିତା ଭୂୟାଁ ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଇମାମୀ ପେପର ମିଲରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ



ବାଲେଶ୍ୱର, ୧୧।୧୨(ସମିସ): ବାଲଗୋପାଲପୁର ଇମାମୀ ପେପର ମିଲ ଆନୁକୂଲ୍ୟରେ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଇମାମୀ ପେପର ମିଲ ସନ୍ନିକଟ ବିଭିନ୍ନ ପ୍ରାଥମିକ ତଥା ହାଇସ୍କୁଲ ସ୍ତରରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରେମୁଣା ବ୍ଲକ ଶିକ୍ଷା ବିଭାଗ କର୍ମକର୍ତ୍ତାଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇ ପ୍ରତ୍ୟେକ ସ୍ତରରୁ ୩ ଜଣ କରି ମୋଟ ୯ ଜଣ ଏବଂ ଠିକ୍ ସେହିଭଳି ମୂଲ୍ୟାୟନ ଦ୍ୱାରା ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ୯ଟି ବିଦ୍ୟାଳୟକୁ ସମ୍ବର୍ଦ୍ଧନା କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଉପଜିଲ୍ଲାପାଳ ଆଇଏଏସ୍ ଦୀପକ ମାଲବ୍ୟା, ମୁଖ୍ୟଅତିଥି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଇମାମୀ ପେପର ମିଲର ବରିଷ୍ଠ କର୍ମକର୍ତ୍ତା ଆଶିଷ ଗୁପ୍ତା ସମ୍ବର୍ଦ୍ଧନା ଉତ୍ସବ ସଭାରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଶିକ୍ଷାବିତ୍ ଭରତ ଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ନାଥ ବାରିକ, ନାଟ୍ୟକାର ପ୍ରଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେମୁଣା ଫିଡର ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ, ନଛିପୁର ୟୁଜିୟୁପି ଛାତ୍ରୀମାନେ ଓଡ଼ିଶାର ଲୋକକଳା ଉପରେ ଆଧାରିତ ଏକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷା ବିଭାଗ ତରଫରୁ ବିଇଓ କାଳନ୍ଦି ସୋରେନ ଏବଂ ତାଙ୍କ ସହକାରୀ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇମାମୀ ପେପର ମିଲ ବିଭିନ୍ନ ବିଭାଗର ବରିଷ୍ଠ କର୍ମକର୍ତ୍ତା, ମହିଳା ସଂଗଠନର କର୍ମକର୍ତ୍ତା ତଥା ଅନେକ କର୍ମଚାରୀ ସହଯୋଗ କରିଥିଲେ। ଇମାମୀ ପେପର ମିଲର ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ମା' ଲକ୍ଷ୍ମୀଙ୍କ ମାଣବସା ଶେଷ ଗୁରୁବାର ପୂଜାର୍ଚ୍ଚନା

## କାଳିକିଙ୍କରଙ୍କୁ ସମ୍ବର୍ଦ୍ଧିତ କରିବ ବାଣୀପୀଠ

ବାଲେଶ୍ୱର, ୧୧।୧୨(ସମିସ): ବିଶିଷ୍ଟ ଲେଖକ ଓ କବି ଡ. କାଳିକିଙ୍କରଙ୍କୁ ୪୬ତମ ବାଣୀପୀଠ ମହୋତ୍ସବରେ ତାଙ୍କର ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ମୟୂରଭଞ୍ଜ ଜିଲ୍ଲାର ବଡ଼ସାହିସ୍ଥିତ ଓଡ଼ିଶାର ଏହି ସାରସ୍ୱତ ଅନୁଷ୍ଠାନର ୪୬ତମ ବାର୍ଷିକ ସମାରୋହର ତୃତୀୟ ଦିବସରେ ଡ. କାଳିକିଙ୍କରଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବାଣୀପୀଠର ଅଧ୍ୟକ୍ଷ ଡ. କୁମାର ବାବୁଲି ଏକ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଡ. କାଳିକିଙ୍କରଙ୍କର ଏଯାବତ ପ୍ରାୟ ୩୦ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ସେଥିମଧ୍ୟରୁ ତାଙ୍କର ତିନୋଟି ଉପନ୍ୟାସ, ଦୁଇଟି ପ୍ରବନ୍ଧ, ଦଶଖଣ୍ଡ ଗଳ୍ପ ଓ ପ୍ରାୟ ପନ୍ଦର ଖଣ୍ଡ କବିତା ସଙ୍କଳନ ପ୍ରକାଶ ପାଇଛି। ଶିଶୁ ସାହିତ୍ୟ ଜଗତରେ ଡ. କାଳିକିଙ୍କରଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ତାଙ୍କର ଅନେକ ସୃଷ୍ଟି ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ପତ୍ରପତ୍ରିକା ଓ ଖବରକାଗଜରେ ପ୍ରକାଶ ପାଇଛି।

## ଚାଷଜମିରୁ ଜଳ ନିଷ୍କାସନ ଦାବି



ବାଲେଶ୍ୱର, ୧୧।୧୨(ସମିସ): ଚାଷ ଜମିରୁ ବର୍ଷା ଓ ବନ୍ୟା ଜଳ ନିଷ୍କାସନ ପାଇଁ ସରକାରୀ ନକ୍ସାରେ ରହିଛି ଏକ ନାଳ ଯାହାକୁ ଚିହ୍ନଟ ମଧ୍ୟ କରାଯାଇଛି। ହେଲେ ଏହି ନାଳ ଏବେ ଅବରୋଧ ହୋଇଥିବା କାରଣରୁ ଜଳ ନିଷ୍କାସନ ହୋଇପାରୁନଥିବାରୁ ଚାଷୀମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ନେଇ ଆଜି ଗ୍ରାମବାସୀ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଦର ବ୍ଲକ ଅର୍ନ୍ତଗତ ବାହାବଳପୁର, ଦୁବଲାଗଡ଼ି ଓ ବଗଦା ଗ୍ରାମର ଚାଷୀ ଖରିଫ ଧାନ ଫସଲ ଚାଷ ଉପରେ ନିର୍ଭରଶୀଳ। ଏଠାରେ ପ୍ରତିବର୍ଷ ଅଧିକ ବର୍ଷା ଓ ବନ୍ୟା ପାଣି ଜମି ରହିବା ଫଳରେ ଖରିଫ ଧାନ ଫସଲ ନଷ୍ଟ ହେବା ଦ୍ୱାରା ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଯାଉଛି। ଏପରିକି ସରକାରୀ ନକ୍ସାରେ ପାଣି ନିଷ୍କାସନ ପାଇଁ ଏକ ନାଳ ଯାହାକୁ କି ଚିହ୍ନଟ ମଧ୍ୟ କରାଯାଇଛି। ହେଲେ ଏବେ ଏହି ନାଳ ଅବରୋଧ ହୋଇଯାଇଥିବା ଫଳରେ ପାଣି ପାସ କରିପାରୁ ନାହିଁ। ଫଳରେ ଧାନ ଫସଲ ସବୁ ନଷ୍ଟ ହୋଇଯାଉଛି। ଏଣୁ ଏହି ଦୁଇଟି ପଞ୍ଚାୟତର ପାଣି ନିଷ୍କାସନ ପାଇଁ ନାଳ ଗୁଡିକର ତୁରନ୍ତ ଚିହ୍ନଟ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ସୁଶାନ୍ତ ମଣ୍ଡଳ, ମାନଗୋବନ୍ଦ ମାଇତି, ହେମନ୍ତ ଦାସ, ଗଦାଧର ଦାସ, ସହଦେବ ସାହୁ, ସପନ ସାହୁ, ରାମକୃଷ୍ଣ ମଣ୍ଡଳ, ଖଗେନ୍ଦ୍ର ସେଠୀ, ରାଜୀବ ମଣ୍ଡଳ, ଶଶାଙ୍କ ସାହୁ ପ୍ରମୁଖ ଦାବି କରିଛନ୍ତି।

# ମଉଳିଛି କଳା ଶିକ୍ଷାର୍ଥୀଙ୍କ ସରକାରୀ ଚାକିରି ସ୍ୱପ୍ନ

- କଳା ଶିକ୍ଷକ ନିଯୁକ୍ତିରୁ ବାଦ୍ ପଡ଼ିଲେ ଆଶାୟୀ
- ଏଥର ଆର୍ଟ ଏଜୁକେସନ୍‌ରେ ବିଇଡି କୋର୍ସ ବାଧ୍ୟତାମୂଳକ
- ବିଇଡି ପଢ଼ିବା ପାଇଁ ବ୍ୟବସ୍ଥା ନ ଥାଇ ଅତ୍ୟାବଶ୍ୟକ ଯୋଗ୍ୟତାରେ ବାଧ୍ୟତାମୂଳକ ନେଇ ପ୍ରଶ୍ନବାଚୀ

ବାଲେଶ୍ୱର, ୧୧।୧୨ (ସମିସ): ମଉଳିଛି କଳା ଶିକ୍ଷାର୍ଥୀଙ୍କ ସରକାରୀ ଚାକିରି କରିବା ସ୍ୱପ୍ନ। ଫାଙ୍କା ଥିବା ପଦ ପାଇଁ ପୋଷ୍ଟ ବାହାରିଲା ହେଲେ କେହି ଆବେଦନ କରିପାରିଲେ ନାହିଁ। କଳା ଶିକ୍ଷକ ନିଯୁକ୍ତିରୁ ବାଦ୍ ପଡ଼ିଲେ ଆଶାୟୀ। ଯାହାକୁ ନେଇ ଏବେ ସମସ୍ତଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିରେ ବିଭିନ୍ନ ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀର ନିଯୁକ୍ତି ବିଜ୍ଞପ୍ତି ବାହାରିଥିଲା। କେଭିଏସ୍ ବିଦେଶରେ ୩ଟି ସମେତ ସାରା ଦେଶରେ ୧୨୮୮ଟି କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ତାମିଲନାଡୁ ରାଜ୍ୟ ବ୍ୟତୀତ ସମଗ୍ର ଭାରତରେ ୬୫୩ ଟି ଜବାହାର ନବୋଦୟ ବିଦ୍ୟାଳୟ କାର୍ଯ୍ୟକ୍ଷମ କରୁଛି। ତେବେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟବିଦ୍ୟାଳୟସମିତିରେ ବିଭିନ୍ନ ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦବୀ ପାଇଁ ସିଧାସଳଖ ନିଯୁକ୍ତି ପାଇଁ ସିବିଏସଇ (ଭାରତ ସରକାରଙ୍କ ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ) କେଭିଏସ ଏବଂ ଏନଭିଏସ୍ ପକ୍ଷରୁ ଯୋଗ୍ୟ ଭାରତୀୟ ନାଗରିକଙ୍କଠୁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରିଥିଲା। ଏଥିରେ ବିଭିନ୍ନ ପଦ ସହ ଟିଜିଟି (ଆର୍ଟ ଏଜୁକେସନ୍) ଇନ୍ କେଭିଏସ ଆଣ୍ଡ ଟିଜିଟି (ଆର୍ଟ) ଇନ୍ ଏନଭିଏସ ପଦ ପାଇଁ ମଧ୍ୟ ପୋଷ୍ଟ ବାହାରିଥିଲା। ଏଥିରେ ଆବେଦନ କରିବା ପାଇଁ ବେଚଲର୍ ଡିଗ୍ରୀ ସହ ଏଥର ବିଇଡି ଡିଗ୍ରୀ ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ରୀୟ ତଥା ନବୋଦୟ ବିଦ୍ୟାଳୟରେ ନିଯୁକ୍ତି ପାଇଁ ସମସ୍ତେ ଅପେକ୍ଷା କରିଥାନ୍ତି। ହେଲେ କଳା ଶିକ୍ଷାର୍ଥୀ ବଞ୍ଚିତ ହୋଇଛନ୍ତି। ଓଡ଼ିଶାରେ ଆର୍ଟ ଏଜୁକେସନ୍ ବିଷୟରେ ବିଇଡି ନ ଥାଇ ବି ଅତ୍ୟାବଶ୍ୟକ ଯୋଗ୍ୟତାରେ ଏହାକୁ ବାଧ୍ୟତାମୂଳକ କରିବା ସମସ୍ତ କଳା ଶିକ୍ଷାର୍ଥୀଙ୍କୁ ନିରାଶ କରିଛି। ଓଡ଼ିଶାରେ ଅଧିକାଂଶ ପିଲା ହନ୍ତସନ୍ତ ହେଉଛନ୍ତି। ଓଡ଼ିଶାରେ ଆର୍ଟ ଇଜୁକେସନ୍‌ରେ ବିଇଡି ପଢ଼ିବାର ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ପିଲାମାନେ କେହି ଏଥିରେ ଆବେଦନ କରିପାରି ନାହାଁନ୍ତି।

### କ'ଣ କହୁଛନ୍ତି ଏମାନେ...

ପୂର୍ବରୁ ଭାରତ ସରକାରଙ୍କ ପକ୍ଷରୁ ଏକଲବ୍ୟ ସ୍କୁଲ ପାଇଁ ପଦ ବାହାରିଥିଲା। ଏଥିରେ ଅତ୍ୟାବଶ୍ୟକ ଯୋଗ୍ୟତାରେ ଚାରି ବର୍ଷ ଡିଗ୍ରୀ ପାଠପଢ଼ା ସହ ବିକଳ୍ପରେ ବିଇଡି ରଖାଯାଇଥିଲା। କିନ୍ତୁ ଏବେ କେନ୍ଦ୍ରୀୟ ଏବଂ ନବୋଦୟ ବିଦ୍ୟାଳୟରେ କଳା ଶିକ୍ଷକ ନିଯୁକ୍ତି ପାଇଁ ଡିଗ୍ରୀ ସହ ବିଇଡି ଯୋଗ୍ୟତା ବାଧ୍ୟତାମୂଳକ ମଗାଯାଇଛି। ଫଳରେ କେହି କଳା ଛାତ୍ରଛାତ୍ରୀ ଆବେଦନ କରିପାରିଲେ ନାହିଁ। ଅନଲାଇନ୍‌ରେ ଏହା ଗ୍ରହଣ କରିଲା ନାହିଁ। ହଠାତ୍ ବିଇଡି ଏଥିରେ ସାମିଲ କରିବାର କାରଣ କଣ ଜଣାପଡୁନି। କାରଣ ଏହା ପୂର୍ବରୁ ଆର୍ଟ ରେ କେବଳ ଡିଗ୍ରୀ କରି ସେଇ କେନ୍ଦ୍ରୀୟ ବିଦ୍ୟାଳୟରେ ଅନେକ ପିଲା ଚାକିରି କରୁଛନ୍ତି। ଓଡ଼ିଶାରେ କେଉଁଠି ବି ବିଇଡ଼ି କଲେଜରେ ଏମିତି ବ୍ୟବସ୍ଥା ନାହିଁ ଯେ ଜଣେ ଆର୍ଟ ଏଜୁକେସନ୍‌ରେ ବିଇଡି ପଢ଼ିବେ। ଯଦି ବ୍ୟବସ୍ଥା ନାହିଁ ତାହେଲେ ପିଲା ପଢ଼ିବେ କେମିତି ଏବଂ ଏହି ପୋଷ୍ଟ ପାଇଁ ଆବେଦନ କରିବେ କେମିତି ଏକ ବଡ଼ ପ୍ରଶ୍ନ।

**ନିକୁଞ୍ଜ ବିହାରୀ ଦାସ, ଅଧ୍ୟକ୍ଷ, ଚାରୁ ଓ କାରୁକଳା ମହାବିଦ୍ୟାଳୟ, ବାଲେଶ୍ୱର**

ଏପରି ହେବା କଥା ନୁହେଁ। କାରଣ ବିଇଡି କୋର୍ସ ଆର୍ଟ ଅନ୍ତର୍ଭୁକ୍ତ ନୁହେଁ। ବିଇଡି ଜେନେରାଲ ବିଷୟ ପାଇଁ ଆବଶ୍ୟକ। ଆର୍ଟ ଏଜୁକେସନ୍ ପାଇଁ ବିଇଡି ଆବଶ୍ୟକ ବି ନାହିଁ। ଏହା ଏକ ପକ୍ଷପାତିତା ବିଚାର କରି କରିଛନ୍ତି। ଭୁଲବଶତଃ ଏମିତି କରିଛନ୍ତି ବା ପ୍ରକୃତ ଟେକ୍ନିକାଲ ଲୋକଙ୍କୁ ନେଇ ବିଚାର କରୁନାହାନ୍ତି। ଫଳରେ ପିଲାମାନେ ଏଥିରୁ ବାଦ୍ ପଡୁଛନ୍ତି। ନନ୍ ଟେକ୍ନିକାଲ ଲୋକଙ୍କୁ ଏସବୁ ଭିତରେ ରଖି ଏପରି ଭୁଲ କରାଉଛନ୍ତି। ତେଣୁ ଏହାକୁ ବିରୋଧ କରିବା ଦରକାର।

**ବ୍ରଜ ନାରାୟଣ ଷଡ଼ଙ୍ଗୀ, ବରିଷ୍ଠ ଚିତ୍ରଶିଳ୍ପୀ**

ନୂତନ ଶିକ୍ଷାନୀତି ଅନୁଯାୟୀ ଏନ୍‌ସିଟିଇର ନିୟମ ଆଧାରକୁ ନେଇ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟ ପାଇଁ ଯେଉଁ କଳା ଶିକ୍ଷକ ନିଯୁକ୍ତି ମାଗିଛନ୍ତି ତାହା ଏକ ଭୁଲ ନିଷ୍ପତ୍ତି। ଏହା ଆଗରୁ କଳା ଶିକ୍ଷକ ପାଇଁ କୌଣସି ବି.ଇ ଡି ମହାବିଦ୍ୟାଳୟରେ ଏହି ଶିକ୍ଷାର ବ୍ୟବସ୍ଥା ନ ଥିଲା। କିନ୍ତୁ ଏବେ ଏହା କଳା ଶିକ୍ଷକ ଆବେଦନ ପାଇଁ ଅତ୍ୟାବଶ୍ୟକ ଯୋଗ୍ୟତାରେ ବିଇଡି ସାମିଲ କରାଯାଇଛି। ଯେତେ ଯାଏଁ ଆଇଟିଇପି ରେ କଳା ଓ ଚାରୁକଳା ବିଭାଗରେ ସମସ୍ତ ଜାଗାରେ ଶିକ୍ଷା ଆରମ୍ଭ ନହୋଇଛି ସେତେ ପର୍ଯ୍ୟନ୍ତ ବିଇଡି ମାଗିବା ଅନୁଚିତ୍। ଏଥିରୁ ବହୁତ୍ କଳା ଶିକ୍ଷାର୍ଥୀ ବଞ୍ଚିତ ରହିଲେ। ଯାହା ଫଳରେ ପିଲାମାନଙ୍କ ଚାକିରି କରିବାର ସ୍ୱପ୍ନ ମଉଳି ଯାଉଛି।

**କିଶୋର ଚନ୍ଦ୍ର ନାୟକ, ପ୍ରାଧ୍ୟାପକ, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, କନ୍ଧମାଳ**

ଆମେ ଆର୍ଟରେ ଚାରି ବର୍ଷର ପ୍ରୋଫେସନାଲ(ବେଚଲର୍ ଡିଗ୍ରୀ) କୋର୍ସ କରିଛୁ। ଏଥିରେ ପୁଣି ହଠାତ୍ ଯଦି ବିଇଡି ସାମିଲ କରିଦେବେ ତାହେଲେ ଆମେ ହଇରାଣ ହେଉଛୁ। ଯଦି ଏହା ବାଧ୍ୟତାମୂଳକ ହେଉଛି ତାହେଲେ ଆମ ଓଡ଼ିଶାରେ ଗୋଟିଏ ବି କଲେଜ ନାହିଁ ଯେଉଁଠି ଆମେ ଆର୍ଟରେ ବିଇଡି କରିବୁ। ତେଣୁ ପ୍ରଥମେ ସରକାର ବିଇଡି କଲେଜରେ କୋର୍ସ ପାଇଁ ସିଟ୍ ସୃଷ୍ଟି କରନ୍ତୁ ଏବଂ ଆମକୁ ଏଥିପାଇଁ ସମୟ ଦିଆଯାଉ। ତାପରେ ସରକାର ଫାଙ୍କା ପଦ ବାହାର କରନ୍ତୁ। ନହେଲେ ଆମେ ନିରାଶ ହେଉଛୁ। ଆମ ବୟସ ବି ଯାଉଛି। ସୁଯୋଗ ଥାଇ ବି ଆବେଦନ କରିପାରୁନୁ। ଆମକୁ ଭୋଗିବାକୁ ପଡୁଛି। କେବେ ପୁଣି ପୋଷ୍ଟ ବାହାରିବ ଜଣାନାହିଁ। ଆମେ ଦୁଃଖିତ।

**ଅପରାଜିତା ସାହୁ, ଅତିଥି ଅଧ୍ୟାପିକା, ଏକଲବ୍ୟ ସ୍କୁଲ, କୋରାପୁଟ**

ଯେଉଁମାନେ କଳା ଶିକ୍ଷକ ହେବେ ସେମାନଙ୍କ ପାଇଁ ବିଇଡି କରିବାର କିଛି ଆବଶ୍ୟକତା ନାହିଁ। ପୂର୍ବରୁ ଏପରି ନ ଥିଲା। ଯଦି ଏବେ ବିଇଡି ବାଧ୍ୟତାମୂଳକ କରାଯାଇଛି ତାହେଲେ ୨୦୩୦ ମସିହା ପାଇଁ ରଖାଯାଉ। ଆର୍ଟ ଟିଚର୍ ନିମନ୍ତେ ଏହି କୋର୍ସ କରିବା ପାଇଁ ସମସ୍ତଙ୍କୁ ସମୟ ଦିଆଯାଉ। ଏହା ସମସ୍ତଙ୍କ ପାଇଁ ଅନ୍ୟାୟ ହୋଇଛି। ଓଡ଼ିଶାର କେହି ବି ଏହି ପଦ ପାଇଁ ଆବେଦନ କରିପାରିଲେ ନାହିଁ। ଓଡ଼ିଶା ସହିତ ଅଲଗା କିଛି ରାଜ୍ୟର ଆଶାୟୀ ଆବେଦନ କରିପାରିନାହାନ୍ତି। ମୋ ମତରେ ସୁପ୍ରିମକୋର୍ଟ ରେ କେସ୍ ହେବା ଉଚିତ। ଏସବୁ ଅଣଦେଖା ଭାବେ ଏପରି ପଦ ପାଇଁ ଅତ୍ୟାବଶ୍ୟକ ଯୋଗ୍ୟତାରେ ଏହି ବିଇଡି ସାମିଲ କରାଯାଇଛି। ଆମ ଜୁନିୟର ପିଲାମାନେ ହଇରାଣ ହେଉଛନ୍ତି। କେଉଁଠୁ ବିଇଡି ପାଠ ପଢ଼ିବୁ ଏବଂ ସାର୍ଟିଫିକେଟ ଆଣିବୁ ସେନେଇ ଚିନ୍ତାରେ ଅଛନ୍ତି ସମସ୍ତେ। ପଦ ନିଯୁକ୍ତିରେ ନୂଆ ଯୋଗ୍ୟତା ସାମିଲ କରିବା ପୂର୍ବରୁ ଅନେକଙ୍କ ମତାମତ ନେବାର ଆବଶ୍ୟକତା ରହିଛି।

**ଦିଲ୍ଲୀପ ମଲ୍ଲିକ, ଆର୍ଟ ଏଜୁକେସନ୍ ଇନ୍‌ଷ୍ଟ୍ରକ୍ଟର୍, ଟିଟିଲାଗଡ଼**

ୟୁପିରେ ଏମିତି ହୋଇଥିଲା। ସେଠାକାର ପିଲାମାନେ ଆନ୍ଦୋଳନ କରିଥିଲେ। ଓଡ଼ିଶାରେ ଏହା ପ୍ରଥମ। ଯାହା ଆମ କଳା ଶିକ୍ଷାର୍ଥୀଙ୍କୁ ନିରାଶ କରିଛି। ଆର୍ଟ ଏକ କରିକୁଲାର ଏକ୍ଟିଭିଟି। ତା'ଭିତରେ ବିଇଡି କରିବାର ଆବଶ୍ୟକତା ନାହିଁ। ଏହାକୁ ବିରୋଧ ହେବା ଆବଶ୍ୟକ। ଯଦି ପୂର୍ବରୁ ଓଡ଼ିଶାରେ ଆର୍ଟ ଏଜୁକେସନ୍ ରେ ବିଇଡି ବାଧ୍ୟତାମୂଳକ ଥାଆନ୍ତା ତାହେଲେ ପିଲାମାନେ ପ୍ରସ୍ତୁତ ଥାଆନ୍ତେ। କିନ୍ତୁ ଯେହେତୁ ପୂର୍ବରୁ ହୋଇନାହିଁ ସେଥିପାଇଁ ଏପରି ସମସ୍ୟା ଦେଖାଦେଲା। ଆମର ଶିକ୍ଷା ହେଉଛି ପିଲାମାନଙ୍କୁ ଆମେ ଆର୍ଟ ଯଥା ନାଚ, ଗୀତ, ଚିତ୍ର ଆଜି ଶିକ୍ଷା ଦେବା। ଏଥିପାଇଁ ବିଇଡି କୋର୍ସ କରିବାର କିଛି ଆବଶ୍ୟକତା ପଡୁନାହିଁ। ଓଡ଼ିଶାରେ କେହି ବି ଆର୍ଟ ଶିକ୍ଷାର୍ଥୀ ଆର୍ଟ ଏଜୁକେସନ୍ ରେ ବିଇଡି କରିନାହାନ୍ତି।

**ନିତ୍ୟାନନ୍ଦ ସାହୁ, ଚିତ୍ରକାର, ବାଲେଶ୍ୱର**

## ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର, ୧୧।୧୨(ସମିସ): ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ଆଜି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା



ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି କ୍ରୀଡା ଉତ୍ସବ ଉଦଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ ଚନ୍ଦ୍ର ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଯୁବମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ନେତୃତ୍ୱ କ୍ଷମତାକୁ ମଞ୍ଚ ଦେବା ହେଉଛି ଏହି ଉତ୍ସବର ପ୍ରମୁଖ ଉଦ୍ଦେଶ୍ୟ। ଏହି ଉତ୍ସବ ଦୁଇଦିନ ଧରି ଚାଲିବ। ଏଥିରେ ୧୫ରୁ ୨୯ବର୍ଷ ବୟସ ମଧ୍ୟରେ ମୋଟ ୬ଶହ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଛନ୍ତି। ସାତଟି ପ୍ରତିଯୋଗିତା ଯଥା ଲୋକନୃତ୍ୟ, ଲୋକଗୀତ, ବିଜ୍ଞାନମେଳା, କବିତା ଲେଖନ, ଗଳ୍ପ ଲେଖନ, ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାରର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ନଗଦ ଅର୍ଥରାଶି ସହ ପୁରସ୍କାର ପ୍ରଦାନ କରାଯିବ। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବେ ବୋଲି କୁହାଯାଇଛି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତଃ-ମହାବିଦ୍ୟାଳୟ ଆଥଲେଟିକ୍ ମିଟ୍

ବାଲେଶ୍ୱର, ୧୧।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ଦ୍ୱାରା ଆୟୋଜିତ ୨୫ତମ ଆନ୍ତଃ-ମହାବିଦ୍ୟାଳୟ ବାର୍ଷିକ ଆଥଲେଟିକ ମିଟ୍ (ପୁରୁଷ ଓ ମହିଳା) ସମାପ୍ତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି ମହାବିଦ୍ୟାଳୟ ସ୍ତରୀୟ କ୍ରୀଡା ସମ୍ମିଳନୀ କାର୍ଯ୍ୟକ୍ରମରେ ୩୦ଟି ଦଳ ଯୋଗଦେଇଥିଲେ। ଦୁଇ ଦିନ ଧରି ପୁରୁଷ ଓ ମହିଳା ଶ୍ରେଣୀର ୨୩ଟି ଆଥଲେଟିକ ଖେଳର ସୁସଂଗଠିତ ପରିଚାଳନା, ଏମ୍ପାୟାରିଂ ଓ ଜୁରି ସଦସ୍ୟଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଚାମ୍ପିଅନ୍ ଭାବେ ବି.ଏନ୍. ଏମ୍.ଏ କଲେଜ, ପାଲିଆବିନ୍ଧା, ଭଦ୍ରକ, ପୁରୁଷ ବିଭାଗ ବ୍ୟକ୍ତିଗତ ଚାମ୍ପିଆନ୍ ଭାବେ ହରିଶଙ୍କର ପାଣିଗ୍ରାହୀ, ବି.ଏନ୍.ଏମ୍.ଏ କଲେଜ ଓ ମହିଳା ବିଭାଗ ବ୍ୟକ୍ତିଗତ ଚାମ୍ପିଆନ ଭାବେ : ଦୀପା ମହାଲିକ, ଚାନ୍ଦବାଲି କଲେଜଙ୍କୁ ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ. ଅମିତ ଶର୍ମା ଏବଂ କ୍ରୀଡା ଶିକ୍ଷା




ଅଧିକାରୀ ସଂଗ୍ରାମ କେଶରୀ ବିଶୋଇଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ସଫଳ ପରିସମାପ୍ତି ଘୋଷିତ ହୋଇଥିଲା। ସହକାରୀ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ଉଦ୍‌ଘାଟନୀ ଓ ସମାପନୀ ଉତ୍ସବର ସଞ୍ଚାଳନ କରିଥିଲେ।

- ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷଙ୍କ ନାମରେ କଲ୍ କରି ଟଙ୍କା ମାଗିବା ଘଟଣା

## ସାଇବର ଥାନାରେ ଅଭିଯୋଗ କଲେ ଅଧ୍ୟକ୍ଷ ଓ ଅଧ୍ୟାପକ



ବାଲେଶ୍ୱର, ୧୧।୧୨(ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କିଛି ଛାତ୍ରଛାତ୍ରୀ(ଯୁକ୍ତ ଦୁଇ)ଙ୍କୁ ଅଧ୍ୟକ୍ଷଙ୍କ ନାମରେ ଫ୍ରଡ୍ କଲ୍ କରି ୟୁପିଆଇ ଜରିଆରେ ଟଙ୍କା ମଗାଯାଇଛି। ଏହି ଅଭିଯୋଗ ପାଇବା ପରେ ତୁରନ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଅଧ୍ୟାପକ ଆଜି ସାଇବର ଥାନାରେ ଅଭିଯୋଗ ଦେବା ସହ ଛାତ୍ରଛାତ୍ରୀଙ୍କୁ ସଚେତନ କରିଛନ୍ତି। ସୂଚନାଯୋଗ୍ୟ, ୟୁପିଆଇ ସ୍କାନର ମାଧ୍ୟମରେ ସ୍କୁଲ ଫି ତୁରନ୍ତ ପ୍ରଦାନ କରିବାକୁ ଦାବି କରି ଅଧ୍ୟକ୍ଷ ପ୍ରଦୀପ କୁମାର ରଣାଙ୍କ ନାମରେ ଆସିଥିବା ଅସ୍ୱାଭାବିକ କଲ୍ ସମ୍ପର୍କରେ ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଆଜି ସାଇବର ଥାନା ଡିଏସପିଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ସରକାରୀ ଏଚ୍ ଏସ୍ ଏସ୍ ଯାହାର ଅନଲାଇନ୍/ୟୁପିଆଇ ମୋଡ୍ ମାଧ୍ୟମରେ ଫି ଆଦାୟ ଉପରେ ଟେଲିଫୋନ୍ ଯୋଗାଯୋଗର କୌଣସି ସୁଯୋଗ ନାହିଁ। ଏହି ମାମଲାଗୁଡ଼ିକ ଜାଲିଆତିକାରୀ କିମ୍ବା ଠକମାନଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଛି ଯେପରି ଆଜିକାଲି ପ୍ରଚଳିତ ହେଉଛି। ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏହାର ପ୍ରିନ୍ସିପାଲ ଏପରି କାର୍ଯ୍ୟକଳାପ ସହିତ ଜଡିତ ନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ମାମଲା ଉପରେ ଦୃଷ୍ଟି ଦେବା ସହ ଏପରି ଠକେଇ କଲ୍ ଗୁଡ଼ିକୁ ବନ୍ଦ କରିବାକୁ ଅନୁରୋଧ କରାଯାଉଛି।

## ମା' ଲାଙ୍ଗୁଡିଆଶୁଣୀଙ୍କ ପ୍ରଥମ ବାର୍ଷିକ ଯଜ୍ଞ

ଖଇରା, ୧୧।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ଗ୍ରାମ ପଞ୍ଚାୟତ କେନ୍ଦୁଭଦଳୀ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲାଙ୍ଗୁଡିଆଶୁଣୀଙ୍କ ପ୍ରଥମ ବାର୍ଷିକ ଯଜ୍ଞ ଓ ପୂଜୋତ୍ସବ ବୁଧବାର ଦିନ ଆଡମ୍ବରରେ ପାଳିତ ହୋଇଯାଇଛି। ସକାଳେ ନିର୍ମଳ ଦାସ, ଗଦାଧର ଦାସ, ଦାଶରଥି ମହାନ୍ତି, ସଞ୍ଜୟ ଦାସ, ସୂର୍ଯ୍ୟକାନ୍ତ ଦାସ, ଚନ୍ଦ୍ରକାନ୍ତ ଦାସ ଓ ନବ କିଶୋର ସାହୁଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇ ଗ୍ରାମ ପରିକ୍ରମା କରି ମାଙ୍କ ପୀଠରେ ପହଞ୍ଚିଥିଲା। ପୂଜକ ପ୍ରହଲ୍ଲାଦ ଦେଉରୀ ଓ ଶଶିକାନ୍ତ ଦେଉରୀଙ୍କ ଦ୍ୱାରା ମା'ଙ୍କର ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ନୃସିଂହ ପଣ୍ଡା, କେଶବ ପାଣି, ପିତାମ୍ବର ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସମ୍ପନ୍ନ ହୋଇଥିଲା। ଦିବସବ୍ୟାପି କାର୍ଯ୍ୟକ୍ରମକୁ ନାରାୟଣ ପ୍ରସାଦ ପେଡ଼ା, ପ୍ରଭାକର ଦାଶ, ପିତାମ୍ବର ମହାପାତ୍ର, ରତ୍ନାକର ବାରିକ, ଦାମୋଦର ସେଠୀ, କମଳାକାନ୍ତ ଦାସ, ଦୁର୍ଯୋଧନ ଦାସ, ହିମାଂଶୁ ଦାସ, ନରେଶ ଶଙ୍ଖୁଆ, ଦିଗମ୍ବର ଦାସ, କମଳାକାନ୍ତ ବାରିକ, ରବୀନ୍ଦ୍ର ନାୟକ, ମୁକୁନ୍ଦ ନାୟକଙ୍କ ସମେତ କେନ୍ଦୁଭଦଳୀ ଗ୍ରାମବାସୀ ପରିଚାଳନା କରିଥିଲେ।

## ଯୁବ ପ୍ରତିଭା: ନୃତ୍ୟରେ ନିପୁଣ ଇଞ୍ଜିନିୟର ଚିନ୍ମୟ



ବାଲେଶ୍ୱର, ୧୧।୧୨ (ସମିସ)

କେତେବେଳେ ବଲିଉଡ୍ ଗୀତ ତ କେତେବେଳେ ଓଡ଼ିଆ ଗୀତର ଟ୍ରାକ୍‌ରେ ନିଜର ନିଆରା ଷ୍ଟେପ୍ ବନାନ୍ତି। ସବୁ ପ୍ରକାର ଗୀତରେ ସେ ନିଜର ନୃତ୍ୟ ପରିବେଷଣ କରନ୍ତି। ଆଧୁନିକ ହେଉ କି ଶାସ୍ତ୍ରୀୟ ନୃତ୍ୟ ସବୁଥିରେ ସେ ନୃତ୍ୟ ପରିବେଷଣ କରନ୍ତି। ଏମିତିକି ଓଡିଆ ଗୀତ ଫିଲ୍ ମାଇ ଲଭ୍ ଗୀତରେ ନିଆରା ଷ୍ଟେପ୍ କରି ନୃତ୍ୟ କରିଥିବାରୁ ଅଭିନେତା ସବ୍ୟସାଚୀ ମଧ୍ୟ କମେଣ୍ଟ କରି ପ୍ରଶଂସା କରିଛନ୍ତି। ଯୁବ ମେକାନିକାଲ୍ ଇଞ୍ଜିନିୟରଙ୍କ ନୃତ୍ୟକଳା ରୁଚି। ମଡର୍ଣ୍ଣ ହେଉ କି କ୍ଲାସିକାଲ, ସବୁଥିରେ ସେ ପାରଙ୍ଗମ। ବିନା ନୃତ୍ୟ ପ୍ରଶିକ୍ଷଣରେ ସେ ବେଶ୍ ସୁନ୍ଦର ନୃତ୍ୟ ପରିବେଷଣ କରୁଛନ୍ତି। ମୁମ୍ବାଇରେ ଚାକିରି କରିବା ସହିତ କିଛି ପିଲାମାନଙ୍କୁ ମଧ୍ୟ ନିଜ ପ୍ରଚେଷ୍ଟାରେ ନାଚ ଶିଖାଉଛନ୍ତି। ଏମିତି ଜଣେ ଯୁବ ପ୍ରତିଭା ହେଉଛନ୍ତି ବାଲେଶ୍ୱରର ଚିନ୍ମୟ ଦାସ ମହାପାତ୍ର (୨୨)।

ସହରସ୍ଥିତ ସତ୍ୟନଗରରେ ରହୁଥିବା ଲଳିତ ମୋହନ ଦାସ ମହାପାତ୍ର ଏବଂ ରଶ୍ମିତା ଦାସ ମହାପାତ୍ରଙ୍କ ପୁଅ ହେଉଛନ୍ତି ଚିନ୍ମୟ। ସେ ଚିନ୍ମୟ ପିଲାଟି ଦିନରୁ ନୃତ୍ୟ ପ୍ରତି ବେଶ ଆଗ୍ରହୀ ଥିଲେ। ପିଲା ଦିନରୁ ହିଁ ଟିଭି ଦେଖି ନିଜେ ନିଜେ ନାଚିବା ଆରମ୍ଭ କରିଥିଲେ। ସେତେବେଳେ ପାଠପଢ଼ା ଯୋଗୁଁ ତାଙ୍କୁ ନାଚ କ୍ଲାସ୍ ରେ ମଧ୍ୟ ଭର୍ତ୍ତି କରାଯାଇନଥିଲା। ମାତ୍ର ସେବେଠୁ ଚିନ୍ମୟଙ୍କ ବଡ଼ ସ୍ୱପ୍ନ ଯେ ସେ ଜଣେ ବଡ଼ ନୃତ୍ୟଶିଳ୍ପୀ ହେବେ। ସମୟକ୍ରମେ ଚିନ୍ମୟ ବଡ଼ ହେବା ସହ ପାଠପଢ଼ା ପ୍ରତି ଅଧିକ ଗୁରୁତ୍ୱତା ରହିଲା। ନୃତ୍ୟ ପ୍ରତି ଏତେ ସମୟ ଦେଇପାରିଲେ ନାହିଁ ସେ। ମାତ୍ର ଏବେ ଚିନ୍ମୟ ନିଜ ରୁଚିକୁ ଛାଡିପାରି ନାହାନ୍ତି। ଚିନ୍ମୟ ଏବେ ମୁମ୍ବାଇରେ ଇଞ୍ଜିନିୟର ଭାବେ ଚାକିରି କରୁଥିବା ବେଳେ ନିଜର ନୃତ୍ୟ କଳା ଜାରି ରଖିଛନ୍ତି। ବିଶେଷକରି ସୋସିଆଲ ମିଡ଼ିଆ ଆକାଉଣ୍ଟ ଯଥା ୟୁଟ୍ୟୁବ୍, ଫେସବୁକ, ଇନଷ୍ଟାଗ୍ରାମ ପ୍ଲାଟଫର୍ମରେ ନିଜର ନୃତ୍ୟର ଭିଡ଼ିଓ ଅପଲୋଡ଼ କରି ପ୍ରଶଂସା ସାଉଁଟୁଛନ୍ତି। ଚାକିରି କରିବା ସହିତ ଚିନ୍ମୟ ଅବସର ସମୟରେ ନୃତ୍ୟ କରନ୍ତି। ସବୁଠୁ ବଡ଼ କଥା ହେଲା ସେ ବିନା ପ୍ରଶିକ୍ଷଣ ନୃତ୍ୟ କରୁଛନ୍ତି। ନିଜେ ନିଜର ଗୁରୁ ସାଜି ନୃତ୍ୟ କରୁଛନ୍ତି। ଏଥିସହିତ କିଛି ପିଲାଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ କରନ୍ତି। ନୃତ୍ୟ ପାଇଁ ଚିନ୍ମୟ ବିଭିନ୍ନ ଜାଗାରୁ ୩୦ ରୁ ଅଧିକ ପୁରସ୍କାର ଏବଂ ସାର୍ଟିଫିକେଟ ହାସଲ କରିଛନ୍ତି। ଚିନ୍ମୟଙ୍କ ନୃତ୍ୟ ଭିଡ଼ିଓକୁ ସାଉଥ୍ ଇଣ୍ଡଷ୍ଟ୍ରିଠୁ ଆରମ୍ଭ କରି ଇଣ୍ଡିଆନ ଆକ୍ଟର ଏବଂ ଓଡିଆ ଅଭିନେତା ମଧ୍ୟ ପସନ୍ଦ କରିଛନ୍ତି।




### WALK-IN INTERVIEW

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided



# ବିଦେଶୀଙ୍କ ପାଇଁ ବଢ଼ୁଛି 'ବିଦେଶୀ' ବେପାର

ଭୁବନେଶ୍ୱର, ୧୧।୧୨(ସମିସ):

ଭୁବନେଶ୍ୱର ଏବେ ଏକ ବିଶ୍ୱସ୍ତରୀୟ ସହର ମାନ୍ୟତା ପାଇଛି। ଏଠାକୁ ପ୍ରତିଦିନ ଶହଶହ ବିଦେଶୀ ନାଗରିକ ଆସୁଥିବା ବେଳେ ସେମାନଙ୍କୁ ରୁଚି କ୍ରମରେ ଏସବୁ ଫଳର ଚାହିଦା ବୃଦ୍ଧି ପାଇଛି। ବିଶେଷକରି ଭୁବନେଶ୍ୱରର ବିଭିନ୍ନ ତାରକା ହୋଟେଲ୍‌ରେ ରହୁଥିବା ବିଦେଶୀମାନେ ତାଙ୍କ ଦେଶର ଫଳ ଖାଇବା ପାଇଁ ଇଚ୍ଛା ପ୍ରକାଶ କରୁଥିବାରୁ ଏଭଳି ଫଳ ବିକ୍ରି କ୍ରମେ ବୃଦ୍ଧି ପାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ଯୁବଗୋଷ୍ଠୀ ଦୀର୍ଘଦିନ ବିଦେଶରେ ରହିବା ପରେ ସେମାନେ ଓଡ଼ିଶାକୁ ଫେରି ଆସୁଛନ୍ତି। କିନ୍ତୁ ସେଠାକାର ଖାଦ୍ୟପେୟ ସହ ଏତେ ମାତ୍ରରେ ଅଭ୍ୟସ୍ତ ହୋଇ ଯାଉଛନ୍ତି ଯେ, ସେହି କ୍ରମରେ ବିଦେଶୀ ଫଳ ଖାଇବାକୁ ପସନ୍ଦ କରୁଛନ୍ତି। ଫଳରେ ରାଜଧାନୀରେ ବିଦେଶୀ ଫଳ ଏବଂ ପନିପରିବା ବିକ୍ରି ହେଉଛି।

ରାଜଧାନୀର ରାସ୍ତାକଡ଼ରୁ ନେଇ ବଜାର ହାଟରେ ଫଳ ଦୋକାନ ଛତୁ ଫୁଟିଲା ଭଳି ଖୋଲିଥିବାର ଦେଖିବାକୁ ମିଳୁଛି। ଏହି ଫଳ ଦୋକାନରେ ସେଓ, ଅଙ୍ଗୁର, କଦଳୀ, ସେପଟା, କମଳା, ସେପଟା ଆଦି ଫଳକୁ କିଣୁଥିବା ଲୋକମାନେ ଏବେ ବିଦଶୀ ଫଳ ପ୍ରତି ମନ ବଳାଉଛନ୍ତି। ଫଳ ଦୋକାନ ମାନଙ୍କରେ ଆମେରିକା, ନ୍ୟୁଜିଲ୍ୟାଣ୍ଡ, ସାଉଥ୍ ଆଫ୍ରିକା ପରି ଦେଶ ବିଦେଶରୁ ରାଜଧାନୀର ଫଳ ବଜାରକୁ ଆସୁଛି।

ବିଶେଷ କରି ଆମେରିକାର ସିଡ଼ଲେସ୍ ଅଙ୍ଗୁର କିଲୋ ପ୍ରତି ୬ ଶହ ଟଙ୍କା, ଚାଇନା ଅଙ୍ଗୁର କିଲୋ ପ୍ରତି ୩୫୦ ଟଙ୍କା, ଆମେରିକା ପ୍ଲମ୍ (ଆଲୁବେଖରା) କିଲୋ ପ୍ରତି ୫ଶହ ଟଙ୍କା, ଚିଲ୍ଲୀ କ୍ୱିଇ କିଲୋ ପ୍ରତି ୪୫୦ ଟଙ୍କା, ଇଜପ୍ଟ ଡ୍ରାଗନଫ୍ରୁଟ୍ସ ୨୫୦ଟଙ୍କା, ନ୍ୟୁଜିଲ୍ୟାଣ୍ଡ ଗୋଲ୍ଡେନ୍ କ୍ୱିଇ ୩ ଟାକୁ ୨୫୦ ଟଙ୍କା, କ୍ୱିନ୍ ଆପୁଲ କେଜି ୩୫୦, ସାଉଥ୍ ଆଫ୍ରିକାର ମିନି ଅରେଞ୍ଜ କିଲୋ ୩୫୦ ଟଙ୍କା, ପିୟର୍ସ ୩୫୦ ଟଙ୍କା, ତାଞ୍ଜାନିଆ ଆଭାକାଡ଼ୋ କେଜି ୯ ଶହ ଟଙ୍କା, ପରେରୁ ବ୍ଲୁ ବେରୀ ୩ ଶହ ଟଙ୍କା ରହିଛି। ଏହି ସବୁ ଫଳ ବିଦେଶରୁ ସିପ୍‌ରେ ବମ୍ବେକୁ ଆସିଥାଏ। ବମ୍ବେରୁ ଅଙ୍ଗୁର ସହ ପ୍ଲମ୍ ଏରୋପ୍ଲେନ୍‌ରେ ରାଜଧାନୀକୁ ଆସୁଥିବା ବେଳେ ଆଉ ସବୁ ଫଳ ଟ୍ରକରେ ଆସିଥାଏ। ଏଥିସହିତ ମଧ୍ୟପ୍ରଦେଶରୁ ସନ୍ ମେଲନ୍, ହିମାଞ୍ଚଳ

## ବଢ଼ୁଛି ବିଦେଶୀ ଫଳର ଚାହିଦା

ପ୍ରଦେଶରୁ ରାମ ଫଳ, ବାଙ୍ଗାଲୋରରୁ ଆମ୍ବ, ମହାରାଷ୍ଟ୍ରରୁ ସେପଟା ଆଦି ଆସୁଛି।

ଅପରପକ୍ଷେ ଏନେଇ ରାଜମହଲରୁ କଳ୍ପନା ରାସ୍ତାରେ ଫଳ ଦୋକାନ କରିଥିବା ରାଜ କିଶୋର ସାହୁ କୁହନ୍ତି ସବୁ ଫଳ ତ ଲୋକମାନେ ନେଉଛନ୍ତି ହେଲେ ଆଭାକାଡ଼ୋ, ସିଡ୍ ଲେସ୍ ଅଙ୍ଗୁର, ପିୟର୍ସ ଆଦିକୁ ଅଧିକ ପସନ୍ଦ କରୁଛନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଫଳକୁ ନେଇ ଲୋକମାନେ ଭାବନ୍ତି ଯେ ବାହର ଦେଶର ଫଳ ଭଲ ହୋଇଥିବ। ବାହାର ଦେଶର ଫଳରେ ଯେଉଁ ଭିଟାମିନ୍ ଦେଶୀ ମାଟିରେ ଚାଷ ହେଉଥିବା ଫଳର ମଧ ସେହି ଭିଟାମିନ୍ ରହିଛି। ହେଲେ ଲୋକମାନେ ବିଦେଶୀ ଫଳକୁ ଅଧିକ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି।



# ଘରେ ପଶି ନାବାଳିକାକୁ ଦୁଷ୍କର୍ମ

ଭୁବନେଶ୍ୱର, ୧୧।୧୨ (ସମିସ): କଳିଙ୍ଗନଗର ଅଞ୍ଚଳରେ ରହୁଥିବା ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି। ବାପାମାଆ ନ ଥିବା ବେଳେ ଜଣେ ଅଭିଯୁକ୍ତ ଘରେ ପଶି ୧୧ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିଛି। ଏନେଇ ନାବାଳିକାର ବାପା ଆଜି ମହିଳା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ପତ୍ନୀ ଓ ୧୧ ବର୍ଷୀୟା ନାବାଳିକା ଝିଅ ସହ ଭରତପୁର ଥାନା ଅଧୀନସ୍ଥ କଳିଙ୍ଗନଗର ଅଞ୍ଚଳରେ ରହୁଛନ୍ତି। ଗତ ୪ ତାରିଖ ଦିନ ବାପାମାଆ କାମ କରିବାକୁ ବାହାରକୁ ଯାଇଥିବା ବେଳେ ନାବାଳିକା ଜଣକ ଏକାକୀ ଘରେ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କ ଘରେ ପଶି ନାବାଳିକାକୁ ଦୁଷ୍କର୍ମ କରିଥିଲା। ପରିବାର ଲୋକେ ଜାଣିବା ପରେ ନାବାଳିକାର ବାପା ଆଜି ମହିଳା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ମହିଳା ଥାନା ପୁଲିସ ଦଫା ୬୫(୨) ବିଏନ୍‌ଏସ୍ ଓ ୬ ପୋକ୍‌ସୋ ଆକ୍ଟ ଲଗାଇ ମାମଲା ରୁଜୁ କରିଛି।

# ବିଜେଡି ପକ୍ଷରୁ କାନ୍ତକବିଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୧।୧୨(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜଧାନୀର ପିଏମଜି ଛକ ଓ ବିଧାନସଭା ପ୍ରକୋଷ୍ଠ ନିକଟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ସଭାରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଅମିତ୍ ପାତାଳ ସିଂ ଓ ଶିକ୍ଷାବିତ୍ କାମଦେବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ନୋବେଲ ବକ୍ତୃତାମାଳା ନିମନ୍ତେ ପ୍ରସ୍ତାବ

ଭୁବନେଶ୍ୱର, ୧୧।୧୨(ସମିସ): ଚଳିତ ବର୍ଷର ନୋବେଲ ପୁରସ୍କାର ବିଜେତାଙ୍କର ଉପଲବ୍ଧି ତଥା ଅବଦାନକୁ ଆଧାର କରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ବକ୍ତୃତାମାଳା ଆୟୋଜିତ ହେଲେ ଛାତ୍ରଛାତ୍ରୀ ଉପକୃତ ହୁଅନ୍ତେ। ବିଭିନ୍ନ ସ୍ନାତକୋତ୍ତର ବିଭାଗ ସହଯୋଗରେ ବିଶିଷ୍ଟ ବକ୍ତାଙ୍କୁ ଆମନ୍ତ୍ରଣ କରି ଏହାର ଆୟୋଜନ କରାଯାଇପାରିବ। ଅର୍ଥନୀତିରେ ପ୍ରଫେସର କୁମରବର ଦାସ, ପଦାର୍ଥ ବିଜ୍ଞାନରେ ପ୍ରଫେସର ବେଦାଙ୍ଗ ମହାନ୍ତି, ସାହିତ୍ୟରେ ପ୍ରଫେସର ଯତୀନ୍ଦ୍ର ନାୟକ, ଚିକିତ୍ସାବିଜ୍ଞାନରେ ଡକ୍ଟର ସଂଘମିତ୍ରା ପତି, ଶାନ୍ତିରେ ସଭାପତି ସତ୍ୟଜିତ ମହାନ୍ତି ଏପରି ବିଶିଷ୍ଟ ବ୍ୟକ୍ତିଙ୍କୁ ବକ୍ତୃତା ଦେବାକୁ ଅନୁରୋଧ କରାଯାଇପାରିବ। ରାଜନୀତି ବିଜ୍ଞାନ, ଇଂରାଜୀ, ଅର୍ଥନୀତି, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀବିଜ୍ଞନ/ ଫାର୍ମାସୀ...ଇତ୍ୟାଦି ବିଭାଗ ସହଯୋଗରେ ପିଜି କାଉନସିଲ ହଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିବ। ପୁରାତନ ଛାତ୍ର ସଂସଦ ଏହି ପ୍ରସ୍ତାବକୁ ବିବେଚନା କରି ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି କିଛି ପୁରାତନ ଛାତ୍ରମାନେ କହିଛନ୍ତି।

# ୟୁଟ୍ୟୁବ୍ ଚ୍ୟାନେଲ 'ଆନନ୍ଦ ନିର୍ଝର'ର ଶୁଭାରମ୍ଭ




ଭୁବନେଶ୍ୱର, ୧୧।୧୨(ସମିସ): ନୂଆ ମ୍ୟୁଜିକାଲ୍ ୟୁଟ୍ୟୁବ୍ ଚ୍ୟାନେଲ 'ଆନନ୍ଦ ନିର୍ଝର'ର ଶୁଭାରମ୍ଭ ବୁଦ୍ଧ ମନ୍ଦିର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର୍, ଏଚଆର, ଓଏଚପିସି ଡାଇରେକ୍ଟର ସନ୍ଦୀପ ପଟ୍ଟନାୟକ ଏବଂ ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଆନନ୍ଦ ନିର୍ଝରର ପ୍ରତିଷ୍ଠାତା ମହେଶ୍ୱତା ମହାନ୍ତି କହିଥିଲେ ଯେ, ଏକ ନୂଆ ସାଂସ୍କୃତିକ ଯାତ୍ରାର ଏହା ଶୁଭାରମ୍ଭ ହୋଇଛି। ଯେଉଁ ଚ୍ୟାନେଲ ସଙ୍ଗୀତ, କଳା, ସଂସ୍କୃତି ଓ ସମକାଳୀନ ଚିନ୍ତାଧାରା ତଥା ଆଧ୍ୟାତ୍ମିକ ବିଷବସ୍ତୁକୁ ପ୍ରଦର୍ଶନ କରିବା ସହ ମନୋରଞ୍ଜନ, ସୃଜଶୀଳତା ଏବଂ ଅଭିବ୍ୟକ୍ତି ଜରିଆରେ ଜନ ଜୀବନକୁ ସମୃଦ୍ଧ କରିବ ବୋଲି ଆଶା କରାଯାଉଛି।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

# ୨ ଦିନିଆ ରିମାଣ୍ଡରେ ମୁନ୍ନା ସମେତ ୪ ଅଭିଯୁକ୍ତ

ଭୁବନେଶ୍ୱର, ୧୧।୧୨(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ଜଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଛି ସିବିଆଇ। ଅଭିଯୁକ୍ତମାନେ ହେଲେ, ଶଙ୍କର ପୃଷ୍ଟିଙ୍କ ବରିଷ୍ଠ ସହଯୋଗୀ ମୁନ୍ନା ମହାନ୍ତି, ସୌମ୍ୟା ପ୍ରିୟଦର୍ଶିନୀ ସାମଲ, ଶ୍ରୀକାନ୍ତ ମହାରଣା ଏବଂ ଟି.ଅଭିମନ୍ୟୁ ଦୋରା। ଏମାନଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ସିବିଆଇ ପଚରାଉଚରା କରୁଛି। ଏମାନେ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ମଧ୍ୟସ୍ଥ ଭାବେ କାମ କରୁଥିଲେ। ଉଭୟ ରାଜ୍ୟ ଭିତର ଏବଂ ରାଜ୍ୟ ବାହାରେ ଅପରେଟ୍ କରୁଥିଲେ। ଚାକିରି କେଲେଙ୍କାରୀ ମାମଲାରେ ଏମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ମୁନ୍ନା ମହାନ୍ତି ଶଙ୍କର ପୃଷ୍ଟିଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି କୁହାଯାଉଛି।

# ଜବରଦଖଲକାରୀଙ୍କଠାରୁ ଆଦାୟ ହେବ ଉଚ୍ଛେଦ ଟଙ୍କା

ଭୁବନେଶ୍ୱର,୧୧।୧୨(ସମିସ): ପ୍ରଭାବଶାଳୀ ଜମି ଜବରଦଖଲକାରୀଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ସମୟ ଅଛି ଜମି ଫେରାଅ, ନ ହେଲେ ଉଚ୍ଛେଦ ଖର୍ଚ୍ଚ ଟଙ୍କା ମଧ ଆଦାୟ କରାଯିବ। ଜବରଦଖଲକାରୀଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ତଥ୍ୟ ପ୍ରସ୍ତୁତ ହୋଇ ଉଚ୍ଛେଦ କରାଯିବ। ଏଥିସହ ମନ୍ତ୍ରୀ କହିଛନ୍ତି, ଆବଶ୍ୟକତା ପାଇଁ ଭୂମିହୀନ ଗରିବ ଜବରଦଖଲ କରିଥିଲେ ୪ ଡିସିମିଲ ଜମି ପାଇବେ। ମାତ୍ର ଅନ୍ୟମାନଙ୍କ ପାଖରେ ଜମି ଛାଡ଼ି ଦେବା ପାଇଁ ସମୟ ଅଛି। ପ୍ରଭାବଶାଳୀମାନେ ତୁରନ୍ତ ଜମି ଛାଡ଼ନ୍ତୁ ବୋଲି ମନ୍ତ୍ରୀ କହିଛନ୍ତି।

# କେଏଲ୍‌ଏଫ୍ ଓ ପେଙ୍ଗୁଇନ ପକ୍ଷରୁ 'ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ' ପ୍ରତିଯୋଗିତା

ଭୁବନେଶ୍ୱର,୧୧।୧୨(ସମିସ): ପେଙ୍ଗୁଇନ ରାଣ୍ଡମ୍ ହାଉସ୍ ଇଣ୍ଡିଆ ସହ ସହଭାଗିତାରେ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲଏଫ) ପକ୍ଷରୁ ଶୁଭାରମ୍ଭ ହେବାକୁ ଯାଉଛି କେଏଲ୍‌ଏଫ ପେଙ୍ଗୁଇନ୍ ପୁସ୍ତକ ସମୀକ୍ଷା ପ୍ରତିଯୋଗିତା 'ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ'। ଏହାଦ୍ୱାରା ପୁସ୍ତକପ୍ରେମୀ ୧୦ଟି ସ୍ୱତନ୍ତ୍ର ପୁସ୍ତକକୁ ପଢ଼ିବା, ସମୀକ୍ଷା କରିବା ଓ ତାହା ଉପରେ ନିଜର ମତାମତ ଦେବାକୁ ଆମନ୍ତ୍ରିତ କରିବା ସହ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ଜିତିବାର ସୁଯୋଗ ମିଳିବ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ପାଇଁ ପଠନ ତାଲିକାରେ ପେଙ୍ଗୁଇନର ଏଡିଟୋରିଆଲ ଟିମ୍ ଦ୍ୱାରା ଚୟନ କରାଯାଇଥିବା ଏକ ପୁସ୍ତକଗୁଡିକ ସାମିଲ କରାଯିବ। ପୁସ୍ତକର ଫଟୋ ସହ ୧୦୦୦ ଶବ୍ଦ ମଧ୍ୟରେ ସମୀକ୍ଷା ଦାଖଲ କରିବେ। ଯାହାକୁ କେଏଲଏଫ ଓ ପେଙ୍ଗୁଇନ ଦ୍ୱାରା ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ସେୟାର କରାଯିବା ପରେ ଜୁରୀମାନଙ୍କ ଦ୍ୱାରା ବିଜେତା ଚୟନ କରାଯିବ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା ବିଜେତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ଜାନୁଆରୀ ୨୦୨୬ରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା କଳିଙ୍ଗ ଲିଟ୍‌ରେଚର ଫେଷ୍ଟିଭାଲରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି କେଏଲଏଫର ସିଇଓ ଅଶୋକ କୁମାର ବଳ ସୂଚନା ଦେଇଛନ୍ତି।

# ଲିଟିଲ ୱିଙ୍ଗସ ପ୍ରି ସ୍କୁଲର ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୧୧।୧୨(ସମିସ): ଶୈଳଶ୍ରୀବିହାରସ୍ଥିତ ଲିଟିଲ ୱିଙ୍ଗସ ପ୍ରି ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତପ୍ରଜ୍ଞ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା କଳ୍ପନା ପଟ୍ଟନାୟକ ଯୋଗଦେଇ କୁନିକୁନି ପିଲାଙ୍କ ମାନସିକ ଓ ବୌଦ୍ଧିକ ବିକାଶରେ ପ୍ଲେ ସ୍କୁଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଥମରୁ ଯଦି ଗୋଟିଏ ପିଲା ଚାପଗ୍ରସ୍ତ ହୁଏ, ତେବେ ସେ ତା' ଭବିଷ୍ୟତ ଠିକ୍ ଭାବେ ଗଢିପାରିବ ନାହିଁ। ସେହିଭଳି ଏମ୍‌ଏମ୍‌ଆଇଟିର ଅବସରପ୍ରାପ୍ତ ଅଧକ୍ଷ ଡ. ଦେବୀପ୍ରସାଦ ଯୋଗଦେଇ କହିଲେ ଯେ ପିଲାଙ୍କ ଭିତରେ ପଢ଼ିବା ଗୁଣ କମି ଗଲାଣି। ପିଲାଙ୍କୁ ଚାପ ନ ଦେଇ ସେମାନଙ୍କୁ ସ୍ୱାଧୀନ ଭାବେ ଛାଡିଦେଲେ ସେ ତା' ଦାୟିତ୍ୱ ନିଜେ ବୁଝିପାରିବ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଗଗନବିହାରୀ ପାତ୍ର ଅଧକ୍ଷତା କରିଥିଲେ। ପ୍ରିନ୍ସପାଲ ଶ୍ରୀଜାତା ଜୟଶ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ଶୁଭଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।



ଶାନ୍ତିସେନା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଧନଞ୍ଜୟ ସ୍ୱାଇଁଙ୍କ କବିତା ସଙ୍କଳନ 'ତନୁତୃଷ୍ଣା' ଉନ୍ମୋଚିତ

# ଇନଗାର୍ସ ଉଦ୍‌ଘାଟନ ସମାରୋହରେ ରାଜ୍ୟପାଳ




ଭୁବନେଶ୍ୱର,୧୧।୧୨(ସମିସ):

ଜୀବନର ଉନ୍ନତି ପାଇଁ ପ୍ରଯୁକ୍ତିବିଦ୍ୟାର ଶକ୍ତି ଅପରିହାର୍ଯ୍ୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଗୁରୁବାର ଦିନ ଆଇଆଇଆଇଟି ଭୁବନେଶ୍ୱରଠାରେ ଆୟୋଜିତ ଆଇଇଇଇ ଇଣ୍ଡିଆ ଜିଓସାଇନ୍ସ ଆଣ୍ଡ ରିମୋଟ୍ ସେନ୍ସିଂ ସିମ୍ପୋସିୟମ (ଇନଗାର୍ସ ୨୦୨୫)ର ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ସର୍ବଦା ମାନବ କଲ୍ୟାଣର ମୂଳରେ ରହିବା ଉଚିତ। ଏହାର ପ୍ରକୃତ ଉଦ୍ଦେଶ୍ୟ କେବଳ ସେତେବେଳେ ପୂରଣ ହୁଏ ଯେତେବେଳେ ଏହା ଜୀବନକୁ ଉନ୍ନତ କରେ । ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକୁ ସୁରକ୍ଷା ଦେବା, ଚାଷୀମାନଙ୍କର ଫସଲ ଅମଳକୁ ସୁରକ୍ଷିତ କରିବା, ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ଭାବରେ ଘରକୁ ଫେରିବା ସୁନିଶ୍ଚିତ କରିବା ଓ ସହରଗୁଡ଼ିକରେ ସ୍ୱଚ୍ଛ ବାୟୁ ଉପଲବ୍ଧ କରାଇବା ଭଳି ପଦକ୍ଷେପ ଦ୍ୱାରା ପ୍ରଯୁକ୍ତିବିଦ୍ୟା ମାନବ ଜୀବନକୁ ସହଜ କରାଯାଇପାରିବ। ନବସୃଜନ ନିରନ୍ତର ଭାବେ ଜନକଲ୍ୟାଣକାରୀ ହେବା ଆବଶ୍ୟକ। ଦେଶର ବିଭିନ୍ନ ରାଜ୍ୟରୁ ଏବଂ ବିଦେଶରୁ ଆସିଥିବା ବିଶେଷଜ୍ଞମାନଙ୍କୁ ଏହି ଅବସରରେ ସ୍ୱାଗତ କରି ଏହା ଏକ ଉନ୍ନତ ଭବିଷ୍ୟତ ନିର୍ମାଣ ପାଇଁ ଅତ୍ୟାବଶ୍ୟକ ଜିଜ୍ଞାସାର ମନୋଭାବକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟପାଳ ମତ ଦେଇଥିଲେ। ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଓଡ଼ିଶା ସରକାରଙ୍କ ଇ ଏଣ୍ଡ ଆଇଟି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ପ୍ରଦୀପ କୁମାର ରାଉତ, ଜିଆରଏସଏସ ଅଧ୍ୟକ୍ଷ ଡ. ସାଇବୁନ୍ ତାତା ଏବଂ ନାସା ବୈଜ୍ଞାନିକ ଡକ୍ଟର ପଲ ଏ. ରୋସେନ୍ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁସ୍ମିତା ଘୋଷ ମଧ ଏହି ଅବସରରେ ମଞ୍ଚାସୀନ ଥିଲେ।

# ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା



ଭୁବନେଶ୍ୱର,୧୧।୧୨(ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଟିଇ ଏବଂ ଏସ୍‌ସିଆରଟି ସହଯୋଗରେ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ବିଜ୍ଞାନ କେନ୍ଦ୍ର ପରିସରରେ ଉଦ୍‌ଯାପିତ ହୋଇଛି। ଏହି ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାର ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥାଏ। ଏହା ଦ୍ୱାରା ବିଦ୍ୟାର୍ଥୀମାନଙ୍କର ମୌଳିକ ଚିନ୍ତାଧାରା ତଥା ବିଶ୍ଳେଷଣାତ୍ମକ ମାନସିକତାକୁ ପ୍ରୋତ୍ସାହିତ କରାଯାଏ। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ୧୦ରୁ ୧୧ ପର୍ଯ୍ୟନ୍ତ ଜୁନିଅର ଏବଂ ସିନିଅର ବର୍ଗରେ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ଆୟୋଜିତ ହୋଇଛି। ଜୁନିଅର ବର୍ଗରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମନୋନୀତ ମୋଟ ୨୯ଟି ଦଳ ଏବଂ ବରିଷ୍ଠ ବର୍ଗରୁ ୨୮ଟି ଦଳ ଏହି ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଦଳଗୁଡ଼ିକର ପ୍ରଦର୍ଶନ ଏକ ଲିଖିତ ପରୀକ୍ଷା ଏବଂ ଏକ କଠୋର ଇଣ୍ଟରାକ୍ଟିଭ୍ ଫର୍ମାଟ୍ ଦ୍ୱାରା ପରୀକ୍ଷା କରା ଯାଇଥିଲା। ଯେଉଁଥିରୁ ପ୍ରତ୍ୟେକ ବର୍ଗରେ ପାଞ୍ଚ ଜଣ ଲେଖାଏଁ ବିଜେତାଙ୍କୁ ଚୟନ କରାଯାଇଥିଲା। କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ ଜୁନିଅର ବର୍ଗ ଏବଂ ବରିଷ୍ଠ ବର୍ଗର ସମସ୍ତ କୃତୀ ଦଳକୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରଛନ୍ତି। ଟିଇ ଏବଂ ଏସ୍‌ସିଆରଟି ନିର୍ଦ୍ଦେଶକ ମନୋଜ ପାଢୀ ଗୁରୁବାର ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ।





# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଖୋଲିବ ଅଡିଓ ଭିଜୁଆଲ୍ ଶୋ'

ଭୁବନେଶ୍ୱର,୧୧।୧୨(ସମିସ):



ଚାଲିଛି ପର୍ଯ୍ୟଟନ ଋତୁ । ସେଥିପାଇଁ ଆଚାର୍ଯ୍ୟ ବିହାରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମଧ୍ୟ ସୌନ୍ଦର୍ଯ୍ୟକରଣଠୁ ବିଭିନ୍ନ ପ୍ରକାରର ବିଜ୍ଞାନ ସମ୍ବନ୍ଧିତ ଶୋ ଏବଂ ଡାଇନୋସୋର ୱାର୍ଲଡ ଦେଖିବାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢିଥିବା ପରିଲକ୍ଷିତ ହେଉଛି । ଏହାରି ଭିତରେ ଖୁବଶିଘ୍ର ଆରମ୍ଭ ହେବାକୁ ଯାଉଛି ଅଡିଓ ଭିଜୁଆଲ ଶୋ । ନିକଟରେ ହୋଇଥିବା ଔଷଧୀୟ ଉଦ୍ୟାନରେ ଏହା ବୃକ୍ଷର ବିଭିନ୍ନ ଉପକାରିତାକୁ ନେଇ ପ୍ରଦର୍ଶନ କରାଯିବ ।

ବିଜ୍ଞାନ ସମ୍ପର୍କିତ ତଥ୍ୟ ଓ ଅନୁଭବ ହାସଲ କରିବାକୁ ବର୍ଷତମାମ ଏଠାରେ ଛାତ୍ରଛାତ୍ରୀଙ୍କ ଭିଡ ଜମେ । ବର୍ତ୍ତମାନ ପର୍ଯ୍ୟଟନ ଋତୁର ପାଇଁ ଅନ୍ୟଦିନ ଅପେକ୍ଷା ଲୋକ ଏଠାକୁ ଅଧିକ ଆସୁଛନ୍ତି । ସେଥିପାଇଁ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସେହିଭଳି ନିକଟରେ ପରିସରମଧ୍ୟରେ ଏକ ଔଷଧୀୟ ବୃକ୍ଷ ଉଦ୍ୟାନ ଆରମ୍ଭ ହୋଇଛି । ଯେଉଁଥିରେ ୮୦ ପ୍ରକାରର ଭିନ୍ନ ଭିନ୍ନ ଔଷଧୀୟ ଗଛ ଲଗାଯାଇଛି । ଏଥିରେ ଗଛ ଗୁଡିକର ଆଞ୍ଚଳିକ ନାମ ଏବଂ ବୈଜ୍ଞାନିକ ନାମ ସହ ଔଷଧୀୟ କାର୍ଯ୍ୟକଳାପ ଉଲ୍ଲେଖ ରହିଛି । ଓଡିଆ, ହିନ୍ଦୀ ଏବଂ ଇଂରାଜୀରେ ତାର ତଥ୍ୟ ସହ କ୍ୟୁଆର ମଧ୍ୟ ଲୋକଙ୍କୁ ଗଛ ମତତ୍ୱ ବିଷୟରେ ଜାଣିବା ପାଇଁ ସହାୟକ ହେବ । ସୂଚନା ଅନୁଯାୟୀ, ଭବିଷ୍ୟତରେ ଏଥିରେ ତଥ୍ୟ ସହ ଏହାକୁ ଅଡିଓ ଭିଜୁଆଲରେ ପ୍ରଦର୍ଶନ କରାଯିବ । ସନ୍ଧ୍ୟା ସମୟରେ ଏହାକୁ ଉପଭୋଗ କରିବାକୁ ଲାଇଟ୍ ସିଷ୍ଟମ ପାଇଁ ବ୍ୟବସ୍ଥା କରାଯିବ । ଏହି ଉଦ୍ୟାନରେ ଲୋକ ବୁଲି ଭିନ୍ନ ଭିନ୍ନ ଔଷଧୀୟ ଗଛର ତଥ୍ୟ ଅଡିଓ ଭିଜୁଆଲ ମାଧ୍ୟମରେ ଦେଖିପାରିବେ । ଯେଉଁଥିରେ ଲୋକ ଅଧିକ ଆକର୍ଷଣୀୟ ଢଙ୍ଗରେ ତାର ତଥ୍ୟ ପାଇବେ ସେଥିପାଇଁ ବ୍ୟବସ୍ଥା ହେବ । କେବଳ ସେତିକିନୁହଁ ଡାଇନେସୋର ପାର୍କ ନିକଟରେ ଆଗକୁ ନେଚର ପାର୍କ ପାଇଁ ମଧ ଯୋଜନା ଚାଲିଛି । ଯେଉଁଠି ଲୋକଙ୍କୁ ପ୍ରାକୃତିକ ପରିବେଶ

**ପରିସରରେ ଖୋଲିଛି ଔଷଧୀୟ ଉଦ୍ୟାନ**

**ଖୁବ୍‌ଶୀଘ୍ର ଖୋଲିବ ଏକ୍ସପ୍ଲୋରେସନ ଗ୍ୟାଲେରୀ**

ସହ ଅଧିକ ଯୋଡି ରଖିବା ସହ ପରିବେଶ ପ୍ରତି ଅଧିକ ସଚେତନ କରିବ । ସ୍କୁଲରେ ପଢା ଯାଉଥିବା ଟିସୁ କଲଚର ଉପରେ ମଧ ସେଠାରେ କର୍ମଶାଳା ଆୟୋଜିତ ହେବ । ଏହାବ୍ୟତିତ ବିଜ୍ଞାନ କେନ୍ଦ୍ର ପରିସରରେ ଆଉ ଏକ ଏକ୍ସପ୍ଲୋରେସନ ଗ୍ୟାଲେରୀ ଖୋଲା ଯିବ ବୋଲି କାମ ଚାଲିଛି । ଏଥିରେ ମଣିଷରର ଶରୀର କିପରି ଇଲେକ୍ଟ୍ରିସିଟି ସହ କନେକ୍ଟ କରିପାରିବ, ସେନେଇ ବିଭିନ୍ନ ଉପକରଣ ଏବଂ ଭିଜୁଆଲ ଡେମୋ ସହ ପ୍ରଦର୍ଶନ କରାଯିବ । ଯାହା ଫେବୃଆରୀରୁ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ କହିଛନ୍ତି ।

ପୂର୍ବରୁ ଚାଲୁଥିବା ମୋସନ ଗ୍ୟାଲେରୀ, ମ୍ୟାଥମେଟିକସ ଗ୍ୟାଲେରୀ, ମିରର ମ୍ୟାଜିକ ଗ୍ୟାଲେରୀ, ସାଇନ୍ସ ପାର୍କ ବ୍ୟତୀତ ଏବେ ନୂଆ ଖୋଲିଥିବା ଡାଇନେସୋର ପାର୍କ, ଜଙ୍ଗଲ ସଫାରୀ ଏବଂ ଗ୍ଲୋବ ଶୋ : ନଲେଜ ଅଫ ସ୍ଫିଅର ଅଧିକ ଆକର୍ଷିତ କରୁଛି । ସୂଚନା ଅନୁଯାୟୀ, ୨୪-୨୫ ବର୍ଷରେ ୩ ଲକ୍ଷ ୫୯ ହଜାରରୁ ଅଧିକ ପର୍ଯ୍ୟଟକ ବିଜ୍ଞାନ କେନ୍ଦ୍ରକୁ ବୁଲିବାକୁ ଆସିଛନ୍ତି । ଯାହା ଅନ୍ୟ ବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ ରହିଛି । ସେହିପରି ଏହି ପର୍ଯ୍ୟଟକଙ୍କ ମଧ୍ୟରେ ସ୍କୁଲ ପିଲା ଏବଂ ଯୁବ ପିଢିଙ୍କ ସଂଖ୍ୟା ଅଧିକ । ଏହା ବ୍ୟତିତ କେନ୍ଦ୍ର ପକ୍ଷରୁ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ ଅଧିକାଂଶ ସମୟରେ ବିଭିନ୍ନ ଅଞ୍ଚଳକୁ ଯାଇ ବିଷାନ ସମ୍ପର୍କିତ ଉପକରଣ ପ୍ରଦର୍ଶିତ କରୁଛନ୍ତି ।

## ଏଆଇଏମ୍‌ଏସ୍‌ର ବାର୍ଷିକ ମ୍ୟାନେଜମେଣ୍ଟ ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର,୧୧।୧୨(ସମିସ): ସୋଆ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ସ୍କୁଲ୍ସର ବାର୍ଷିକ ମ୍ୟାନେଜମେଣ୍ଟ ସମ୍ମିଳନୀକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଉଦଘାଟନ କରିଛନ୍ତି । ଶିକ୍ଷାର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଶିକ୍ଷା ହେଉଛି ଏପରି ଶକ୍ତି ଯାହା ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଇଥାଏ । ଏହା ବ୍ୟକ୍ତିବିଶେଷଙ୍କୁ ସଶକ୍ତ, ଗୋଷ୍ଠୀକୁ ମଜବୁତ ଏବଂ ଦେଶକୁ ସ୍ୱଷ୍ଟତାର ସହିତ ଆହ୍ୱାନର ସମ୍ମୁଖୀନ କରିବାକୁ ସକ୍ଷମ କରିଥାଏ । ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ ଏବଂ ଏଆଇଏମ୍‌ଏସ୍ ବାର୍ଷିକ ସମ୍ମିଳନୀ ୨୦୨୫ ର ସମ୍ମିଳନୀ ନିର୍ଦ୍ଦେଶକ ଇଂ ସରୋଜ କୁମାର ସାହୁ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଆଇଏମ୍‌ଏସ୍ ଭୁବନେଶ୍ୱରର ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆ ବିଶ୍ୱବିଦ୍ୟାଳୟର ପ୍ରୋ. ଭାଇସ ଚାନସେଲର ପ୍ରଫେସର ଅନୁପ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।

## ଆଧୁନିକ କାରିଗରୀ କୌଶଳ ତାଲିମ




ବାଲିଅନ୍ତା,୧୧।୧୨(ସମିସ): ଆଜି ବାଳକାଟି ରଥିଜେମାସ୍ଥିତ କଂସାରୀ ପରିବାର କାର୍ଯ୍ୟାଳୟ କକ୍ଷରେ ଓଡିଶା ରାଜ୍ୟ ସମବାୟ ନିଗମ ଲିଃ ଆନୁକୂଲ୍ୟରେ କଂସା ପିତ୍ତଳ ଆଧୁନିକ କାରିଗରୀ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଅବସରରେ କଂସାରୀ ପରିବାର ସଭାପତି ବେ?ଷ୍ଣବ ମହାରଣା, ହସ୍ତଶିଳ୍ପ ବିକାଶ ଅଧିକାରୀ ବୀର ଭାରତ, ପରାମର୍ଶଦାତା ରାଧାକାନ୍ତ ମିଶ୍ର, ଡିଜାଇନର ଅଶୋକ ଲେଙ୍କା, ମାଷ୍ଟର କ୍ରାଫ୍ଟ ରାଧାକାନ୍ତ ମିଶ୍ର ଓ ମହମ କାରିଗର ପଞ୍ଚାନନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ୩୦ ଜଣ କାରିଗର ୨ମାସ ଧରି ଦିନକୁ ୫ ଘଣ୍ଟା ତାଲିମ ନେବେ ।

## ୨୧ରେ ପାଳନ ହେବ ପାଲୁଅ ଲଡୁ ଦିବସ

ଭୁବନେଶ୍ୱର, ୧୧।୧୨(ସମିସ): ଆମ ରାଜ୍ୟର ବିଭିନ୍ନ ଜିଲ୍ଲା ବିଭିନ୍ନ ଖାଦ୍ୟ ସାମଗ୍ରୀ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ ଭଦ୍ରକ ଜିଲ୍ଲା ପାଲୁଅଲଡୁ ପାଇଁ ବିଶେଷ ଖ୍ୟାତି ଅର୍ଜନ କରିଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟର ଅଂଶବିଶେଷ ଏହି ମିଷ୍ଟାନ୍ନ ଆମ ରାଜ୍ୟର କେବଳ ଭଦ୍ରକରେ ହିଁ ପ୍ରସ୍ତୁତ ହୋଇଥାଏ । ପାଲୁଅରୁ ପ୍ରସ୍ତୁତ ହେଉଥିବା ଉଚ୍ଚ ଖାଦ୍ୟମାନ ସଂପନ୍ନ ଏହି ସ୍ୱତନ୍ତ୍ର ମିଷ୍ଟାନ୍ନର ରାଜ୍ୟସ୍ତରରେ ଅଧିକ ପ୍ରଚାର ପ୍ରସାର କରିବା ନିମନ୍ତେ ଆସନ୍ତା ୨୧ ତାରିଖ ଦିନ ଇଟିକିଲି ମିଟିକିଲି ଅନୁଷ୍ଠାନଦ୍ୱାରା ପାଲୁଅଲଡୁ ଦିବସ ପାଳନ କରାଯିବାର ଆୟୋଜନ କରାଯାଇଛି । ଉକ୍ତଦିନ ସନ୍ଧ୍ୟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ପିଲାମାନଙ୍କ ସ୍ୱରରେ କଣ୍ଠସଙ୍ଗୀତର ବିଶେଷ କାର୍ଯ୍ୟକ୍ରମ ସଂଗୀତ ସୁରଭି ସହ ପାଲୁଅଲଡୁ ଦିବସ ପାଳନ କରାଯିବ । ପ୍ରେକ୍ଷାଳୟରେ ଉପସ୍ଥିତ ସମସ୍ତ ଦର୍ଶକ ଓ ଶ୍ରୋତାଙ୍କୁ ସେଦିନ ପାଲୁଅରତ୍ର ବଣ୍ଟନ ସହିତ, ଏହାର ଖାଦ୍ୟସାର ଓ ମହତ୍ତ୍ୱ ବିଷୟରେ ବିଶେଷ ଆଲୋଚନା କରାଯିବ ବୋଲି ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି ।

## ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର କ୍ରୀଡ଼ାଉତ୍ସବ ଉଦଯାପିତ



ଭୁବନେଶ୍ୱର,୧୧।୧୨(ସମିସ): ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର ୪୦ ତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ତଥା ବିଦ୍ୟାଳୟର ପୁରାତନ ଛାତ୍ର ହରପ୍ରସାଦ ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଦାନ୍ତର ପୁର୍ବତନ ଡାଇରେକ୍ଟର ଡ. ତପନ କୁମାର ଚାନ୍ଦ ଯୋଗଦେଇ ଥିଲେ । ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ମ୍ୟୁନିସିପାଲିଟିର ଜୋନାଲ କମିଶିନର ତଥା ବିଦ୍ୟାଳୟର ପୁରାତନ ଛାତ୍ର ରାକେଶ କୁମାର ପାତ୍ର ଯୋଗଦେଇ ବିଦ୍ୟାଳୟ ତାଙ୍କୁ ଗଢିତୋଳିବାରେ କିପରି ସହାୟକ ହୋଇଥିଲା ସେ ବିଷୟରେ କହିଥିଲେ । ୩ ଦିନ ଧରି ବାର୍ଷିକ କ୍ରୀଡ଼ାରେ୨୬ ପ୍ରକାରର କ୍ରୀଡା ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ସମ୍ପାଦକ ଜୟଚନ୍ଦ୍ର ନାୟକ ସଭାପତିତ୍ୱ ଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ରାଉତରାୟ ଶିକ୍ଷକ ମାନଙ୍କ ସହଯୋଗରେ ପରିଚାଳନା କରିଥିଲେ ।

## 'ଓରିଶା ଟୁଡେ'ର ୨୧ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର,୧୧।୧୨(ସମିସ): ସମାଜ ସୁଧାର ପାଇଁ ସାମ୍ବାଦିକମାନେ ସତ୍ୟ ଖବର ପରିବେଷଣ ସହ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ୍ । ଯଦି ଖବର ସତ୍ୟ ଓ ନିରପେକ୍ଷ ନହେବ, ତେବେ ସମାଜର କ୍ଷତି ହେବ ଏବଂ ଚତୁର୍ଥ ସ୍ତମ୍ଭର ମାନେ କିଛି ରହିବିନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗୁରୁବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଦୈନିକ ଇଂରାଜୀ ସମ୍ବାଦପତ୍ର 'ଓରିଶା ଟୁଡ଼େ'ର ୨୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବି.ରପତି ବିମଳ ପ୍ରସାଦ ଦାସ ଯୋଗଦେଇ ସମ୍ବାଦପତ୍ରର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦ୍‌ଘାଟକ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଆଇଆଇଏମ୍‌ସିର ଅଧ୍ୟକ୍ଷ ମୃଣାଳ .ଟାର୍ଜୀ, ସମ୍ମାନିତ ଅତିଥି ଭାବେ ଆୟକର ବିଭାଗର ପୂର୍ବତନ ପ୍ରମୁଖ ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ଇଫ୍‌କୋର ପିଆରଓ ପ୍ରସନ୍ନ ବେଉରା, ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ ପ୍ରମୁଖ ଯୋଗଦେଇ ଥିଲେ । ଓରିଶା ଟୁଡ଼େର ସମ୍ପାଦକ ଅବିନାଶ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମନୋଜ ଦାସ, ମିତ୍ରଭାନୁ ପଲେଇ ସଭାକାର୍ଯ୍ୟ ପରି.ଳନା କରିଥିଲେ ।

## 'ଓଡ଼ିଆ ଭାଷାର ସୁରକ୍ଷା ଦାୟିତ୍ୱ ସବୁ ଓଡ଼ିଆଙ୍କର'

ଭୁବନେଶ୍ୱର,୧୧।୧୨(ସମିସ): ଜୟଦେବ ଭବନଠାରେ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ରୌପ୍ୟଜୟନ୍ତୀ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ୩ ଲକ୍ଷ ଶବ୍ଦ ଭଣ୍ଡାରରେ ଓଡ଼ିଆ ଭାଷା ସମୃଦ୍ଧ ହୋଇଥିବା ସ୍ଥଳେ ଏହାର ସୁରକ୍ଷା ଦାୟିତ୍ୱ ସବୁ ଓଡ଼ିଆଙ୍କର ବୋଲି ମତପ୍ରକାଶ ପାଇଛି ।



ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ତଥା ରାଜନେତା ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଲେଖକ ମହାସଂଘର ପ୍ରତିଷ୍ଠାତା କବି କସ୍ତୁରୀ ଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଭାତ ବେହୁରା, ଆକାଶବାଣୀ ଓ ଦୂରଦର୍ଶନ ସମ୍ବାଦ ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା ପ୍ରମୁଖ ଯୋଗଦେଇ କବି, ସାହିତ୍ୟିକ ମାନଙ୍କର ସମାଜ ଗଠନରେ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମହାସଂଘ ଟ୍ରଷ୍ଟର ସ୍ମରଣିକା ଏବଂ ପ୍ରଗତିଶୀଳ ସମ୍ବାଦପତ୍ର 'ଓଡ଼ିଶା ସ୍ୱର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହାସହ ବିଭିନ୍ନ କ୍ଷେତ୍ରରେ ୨୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ରାଜ୍ୟ ସାଧାରଣ ସମ୍ପାଦକ ସନତ ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ଅଧ୍ୟାପିକା ସୌଦାମିନୀ ବେଉରାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବର ଅନୁଷ୍ଠିତ ହୋଇଥିଲା ।

## ବିକେ ଆର୍ଟ କଲେଜ ପକ୍ଷରୁ ବୃତ୍ତିଗତ ଟାଟୁ କର୍ମଶାଳା

ଭୁବନେଶ୍ୱର,୧୧।୧୨(ସମିସ): କଳିଙ୍ଗ ଇଙ୍କ୍, ବିକେ କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ ପକ୍ଷରୁ ଏହାର ପରିସରରେ ରାଜ୍ୟର ପ୍ରଥମ ବୃତ୍ତିଗତ ଟାଟୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ବରିଷ୍ଠ ଟାଟୁ କଳାକାର ଏବଂ ଶିକ୍ଷକ କୁବେର ବାରିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଟାଟୁ କଳା ବିଷୟରେ ଅବଗତ କରାଇଥିଲେ । ଅନ୍ତର୍ଜାତୀୟ ଟାଟୁ ମହୋତ୍ସବରେ ସ୍ୱୀକୃତି ହାସଲ କରିଥିବା ପ୍ରଶଂସିତ କଳାକାର ଗଣେଶ ବିଶ୍ୱକର୍ମାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଟୁର କ୍ରମବିବର୍ତ୍ତନ, କୌଶଳ, ପରିଷ୍କାର ପରିଚ୍ଛନ୍ନତା ମାନଦଣ୍ଡ ଏବଂ ଡିଜାଇନ୍ ନୀତିଗୁଡ଼ିକର ଏକ ସଂରଚିତ ଅନୁସନ୍ଧାନ ପ୍ରଦାନ କରାଯାଇଥିଲା । ଏହାସହ ଶିଳ୍ପର ବୃତ୍ତିଗତୀକରଣରେ ବର୍ତ୍ତମାନ ଅତ୍ୟାବଶ୍ୟକ ଭାବରେ ବିବେଚିତ ଉପାଦାନଗୁଡ଼ିକର ଆଲୋଚନା କରାଯାଇଥିଲା । ଏହି କର୍ମଶାଳା ଛାତ୍ରଛାତ୍ରୀମାନଙ୍କୁ କେବଳ ଶିଳ୍ପ ମାନଦଣ୍ଡ ସହିତ ପରିଚିତ କରାଇ ନ ଥିଲା ବରଂ ଟାଟୁ କଳା ବିଷୟରେ ରହିଥିବା ଧାରଣା ଉପରେ ଆଲୋଚନା ହୋଇଥିଲା । ଏହାପରେ ଲାଇଭ୍ ପ୍ରଦର୍ଶନ, ପ୍ରଶ୍ନୋତ୍ତର, ଅଧିବେଶନ ଏବଂ ଇଣ୍ଟରାକ୍ଟିଭ୍ ଡିଜାଇନ୍ ପର୍ଯ୍ୟାୟ ଅନୁଷ୍ଠିତ ହହୋଇଥିଲା । ଏଥିରେ ପ୍ରିନ୍ସିପାଲ ଚନ୍ଦ୍ର ଶେଖର ସେଠୀ, ଡ. ମୀନକେତନ ପଟ୍ଟନାୟକ, ମାନସ ରଞ୍ଜନ ଜେନା, ପ୍ରଦୀପ କୁମାର ପାତ୍ର, ଛତ୍ରପତି ଦିବ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।




## ୩ ପଞ୍ଚାୟତର କୁଳ ପଣ୍ଡିତଙ୍କ ପରଲୋକ

ବାଲିଅନ୍ତା,୧୧।୧୨(ସମିସ): ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ବାଲିକାଛିଆ ଗ୍ରାମର ପଣ୍ଡିତ ରଞ୍ଜନ କୁମାର ପତି ବେଦଶର୍ମା ଓରଫ ପାକୁଆ ଭାଇନା (୫୯)ଙ୍କର ଗତକାଲି ସନ୍ଧ୍ୟା ୭ଟା ସମୟରେ ପରଲୋକ ହୋଇଯାଇଛି । ପଣ୍ଡିତ ଦୀର୍ଘ ମାସ ହେବ କିଡ଼ନୀ ରୋଗରେ ଚିକିତ୍ସାଧୀନ ଥିଲେ । ପଣ୍ଡିତ ବେଣୁପୁର, ବଇଁତୁଆ ଏବଂ ଭିଙ୍ଗାରପୁର ପଞ୍ଚାୟତରେ କୂଳ ପୁରୋହିତ ଭାବେ ବେଶ ଜଣାଶୁଣା ଥିଲେ । ପଣ୍ଡିତଙ୍କ ମୃତ୍ୟୁ ଖବର ପାଇବା କ୍ଷଣି ଉପରୋକ୍ତ ୩ ଖଣ୍ଡ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ରଞ୍ଜନଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁତ୍ର ପ୍ରଭୁ କଲ୍ୟାଣ ପତି ମୁଖାଗ୍ନି ଦେଇଥିଲେ ।

## ଆମ୍ବେଦକର ଶିକ୍ଷାକେନ୍ଦ୍ରର ୨୦ ତମ ବାର୍ଷିକ ଉତ୍ସବ



ଭୁବନେଶ୍ୱର,୧୧।୧୨(ସମିସ): ଡୁମଡୁମା ଯଦୁପୁରସ୍ଥିତ ଆମ୍ବେଦକର ଶିକ୍ଷାକେନ୍ଦ୍ର ବିଦ୍ୟାଳୟର ୨୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୃପ୍ତିମୟୀ ମକଦ୍ଦମ ଏବଂ ନିହାର ପଟ୍ଟନାୟକ ଯୋଗ ଦେଇଥିଲେ । ବିଦ୍ୟାଳୟର ସଭାପତି ସୟଦ ନେସାର ଅଲ୍ଲୀ, ସମ୍ପାଦକ ସେକ ଦାଉଦ ଅଲ୍ଲୀ, ପ୍ରଧାନ ଆଚାର୍ଯ୍ୟ ସୁରେଶ୍ୱରୀ ନାୟକ, ସହ ପ୍ରଧାନ ଆଚାର୍ଯ୍ୟା ଅଖିଳେଶ୍ୱରୀ ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

**ଶ୍ୱେତପଦ୍ମା ଦ୍ୱାଦଶ ଓଡ଼ିଆ ମଞ୍ଚ ନାଟକ ମେଳା ଉଦ୍‌ଘାଟିତ**

# 'ଅହମିକାର ଝଡ଼'ରେ ଅଧୋପତନର କାହାଣୀ

ଭୁବନେଶ୍ୱର,୧୧।୧୨(ସମିସ):



ଶ୍ୱେତପଦ୍ମା ଦ୍ୱାଦଶ ଓଡ଼ିଆ ମଞ୍ଚ ନାଟକ ମେଳା ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି । ପ୍ରଥମ ଦିନର ନାଟକ ଅଭିଳାଷ ଥିଏଟର ପକ୍ଷରୁ ନାଟକ 'ଅହମିକାର ଝଡ଼' ମଞ୍ଚସ୍ଥ ହୋଇଥିଲା । କାହାଣୀରେ ଡା. ସମରେନ୍ଦ୍ର ସହରର ଜଣେ ନାମିଦାମୀ ମେଡ଼ିସିନ୍ ସ୍ପେଶାଲିଷ୍ଟ । ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସବୁ ବଡ଼ ବଡ଼ ମନ୍ତ୍ରୀଙ୍କ ସହିତ ଡା. ସମରେନ୍ଦ୍ରଙ୍କର ଘନିଷ୍ଠ ସମ୍ପର୍କ । ଧନ ଦୌଲତ ଓ ପ୍ରତିଷ୍ଠାର ଅହମିକାରେ ଅନ୍ଧ ହୋଇ ସୁନାମଧନ୍ୟ ଡାକ୍ତର ହୋଇଥିଲେ ମଧ ରୋଗୀମାନଙ୍କୁ ରୁକ୍ଷ ବ୍ୟବହାର କରିବା ସହିତ ସେମାନଙ୍କଠାରୁ ଅର୍ଥ ଶୋଷଣ କରିବାରେ ସିଦ୍ଧହସ୍ତ । ଏମିତି ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରି ବହୁତଳ ପ୍ରାସାଦ ଘରେ ରହିବା ସାଥେ ମଦ୍ୟପାନରେ ପ୍ରାୟତଃ ବୁଡ଼ି ରୁହନ୍ତି । ଏହାର ସୁଯୋଗ ନେଇ ପତ୍ନୀ ସୁନନ୍ଦା ମଧ ବିଭିନ୍ନ କ୍ଲବ୍ ଯାଇ ମଉଜ ମଜଲିସ୍‌ରେ ସମୟ କଟାନ୍ତି । ସେମାନଙ୍କର ଏକମାତ୍ର ଅଲିଅଳି କନ୍ୟା ତନ୍ମୟୀ କିନ୍ତୁ ଖୁବ୍ ସଂସ୍କାରୀ । ଝିଅ ତନ୍ମୟୀ ପ୍ରାଣୀ ବିଜ୍ଞାନରେ ପି.ଜି. କରୁଥିବା ସମୟରେ ଡା. ସମରେନ୍ଦ୍ର ହଠାତ୍ ଦିନେ ସନ୍ଧ୍ୟାରେ ଆସି ପତ୍ନୀ ସୁନନ୍ଦାକୁ ତାଙ୍କର ପିଲାଦିନର ସାଙ୍ଗ ସିଦ୍ଧାର୍ଥ ରାୟର ପୁଅ ଆଇ.ଏ.ଏସ୍ ଟପ୍ପର ଅମ୍ଲାନ୍ ରାୟ ସହିତ ଝିଅ ତନ୍ମୟୀର ବିବାହର ପ୍ରସ୍ତାବ ଦିଅନ୍ତି । ତନ୍ମୟୀ ଏ ପ୍ରସ୍ତାବ ବିଷୟ ଶୁଣିବା ପରେ ପ୍ରସ୍ତାବରେ ନ ଆଗେଇବାକୁ ଅନୁରୋଧ ତଥା ଚେତାବନୀ ଦିଅନ୍ତି । ଏହା ଭିତରେ ତନ୍ମୟୀର ପୋଷା କୁକୁରର ଦେହ ଭୀଷଣ ଖରାପ ଥିବାରୁ ସେ ତାଙ୍କ କଲୋନୀରେ ଥିବା ସରକାରୀ ପ୍ରାଣୀ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଏ । ଚିକିତ୍ସା ଭିତରେ ଯଙ୍ଗ ଭେଟେରିନାରୀ ଡାକ୍ତର ରୋନକ୍ ସହ ଦେଖାହୁଏ ଓ ତାଙ୍କରି ଚିକିତ୍ସାରେ ରକି ସଂପୂର୍ଣ୍ଣ ସୁସ୍ଥ ହୁଏ । ରକି ଦେହ ଭଲ ହେବା ସାଥେ ସାଥେ ତନ୍ମୟୀ ଡା. ରୋନକ୍ ପ୍ରତି ବିଶେଷ ଭାବରେ ଖୁସି ହୁଏ ଏବଂ ଭଲ ପାଇବାର ବୋଝଟି ଡା. ରୋନକ୍ ଉପରେ ଲଦି ଦିଏ । ଦୁଃଖୀଶ୍ୟାମ ଡା. ସମରେନ୍ଦ୍ରଙ୍କୁ ତନ୍ମୟୀ ବିଷୟରେ ଇଆଡୁ ସିଆଡୁ କହି ଡା. ରୋନକ୍‌ର ବଦଳି ସୁଦୂର ମାଲକାନାଗିରି କରେଇ ଦିଏ । ଏ କଥା ଜାଣିବା ପରେ ତନ୍ମୟୀ ଆତ୍ମହତ୍ୟା କରିବା ପାଇଁ ହଠାତ୍ ନିଷ୍ପତ୍ତି ନିଏ । ହେଲେ ଡା. ସମରେନ୍ଦ୍ର ଓ ସୁନନ୍ଦା ରୁମ୍ ଭାଙ୍ଗି ତାକୁ ଉଦ୍ଧାର କରନ୍ତି ଏବଂ ସେମାନେ ଶେଷରେ ଡା. ରୋନକ୍ ସହ ତନ୍ମୟୀର ବିବାହ କରେଇ ଦେବାକୁ ନିଷ୍ପତ୍ତି ନିଅନ୍ତି । ଏମିତି ଏମିତି 'ଅହମିକାର ଝଡ଼' ନାଟକ ଗତିଶୀଳ ହୁଏ । ଶେଷରେ ଡା. ସମରେନ୍ଦ୍ରଙ୍କର ଅହମିକାର ଝଡ଼ର ପତନ ହୁଏ । ନାଟ୍ୟକାର ଡା. ପ୍ରଶାନ୍ତ କୁମାର ବିଶ୍ୱାଳ ଏବଂ ନିର୍ଦ୍ଦେଶନା ଦେଇଥିଲେ ହୃଷୀକେଶ ମହାପାତ୍ର । ଏହି ସନ୍ଧ୍ୟାରେ ଅତିଥି ଭାବେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ମନୋରଞ୍ଜନ ପାଣିଗ୍ରାହୀ, ଧୀରେନ୍ଦ୍ର ନାଥ ମଲ୍ଲିକ, କଳିଙ୍ଗ ନାଟ୍ୟ ସଙ୍ଘର ବରିଷ୍ଠ ଉପଦେଷ୍ଟା ହରେନେ ସାହୁ, ଶ୍ୱେତପଦ୍ମା ସଭାପତି ପ୍ରଦୀପ୍ ବିଶ୍ୱାଳ ଉପସ୍ଥିତ ଥିଲେ ।

● ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା

## ବିକ୍ରମ, ପିଣ୍ଟୁ, ମଦନ, ସୁନୀଲ ଓ ଶୂନ୍ୟଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଆଜି

ବ୍ରହ୍ମପୁର,୧୧।୧୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ବିଚାରଣା ସ୍ଥାନୀୟ ଅତିରିକ୍ତ ଜିଲ୍ଲାଜଜ୍ (ତୃତୀୟ)ଙ୍କ କୋର୍ଟରେ ଚାଲିଛି। ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ୧୬ଜଣଙ୍କୁ ଗିରଫ କରିବା ସହ ଗତ ୯ତାରିଖରେ ୩୭୨ପୃଷ୍ଠା ସମ୍ବଳିତ ସିଡି ବା କେସ ଡାଏରୀ କୋର୍ଟରେ ଦାଖଲ କରିଛି। ଗିରଫଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ଆଇନଜୀବୀ ମଦନ ମୋହନ ଦଳେଇ, ଶୂନ୍ୟ ଚନ୍ଦ୍ର ଦାସ ଓ ସୁନୀଲ ହୋତା ଆଦି ୫ଜଣଙ୍କ ପକ୍ଷରୁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି। ପୁଲିସ ପକ୍ଷରୁ ସିଡି ଦାଖଲ ପରେ ଏନେଇ ଶୁକ୍ରବାର ହେବ ଶୁଣାଣି। ଅତିରିକ୍ତ ଜିଲ୍ଲାଜଜ୍ (୩ୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ମାମଲାର ବିଚାରଣା ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସମେତ କୈଳାସ ପଣ୍ଡା, କୁମାରକାନ୍ତ ବେହେରା, ଦୀପକ ପଟ୍ଟନାୟକ, ସଂଜିତ କୁମାର ପାଣିଗ୍ରାହୀ, ଶିବ ନାରାୟଣ ସାହୁ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ମୋକଦ୍ଦମା ପରିଚାଳନା କରୁଛନ୍ତି। ସେହିଭଳି ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ପିପି ତଥା ବରିଷ୍ଠ ଆଇନଜୀବୀ କାଳୀ ପ୍ରସାଦ ମିଶ୍ର ଓ ସହକାରୀ ସ୍ୱତନ୍ତ୍ର ପିପି ଅବିନାଶ ପାଢ଼ୀ ମୋକଦ୍ଦମା ପରିଚାଳନା କରୁଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ଗତ ଅକ୍ଟୋବର ୬ତାରିଖ କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ସ୍ଥାନୀୟ ବୈକୁଣ୍ଠନଗର ସ୍ଥିତ ତାଙ୍କ ବାସଭବନ ନିକଟରେ ଦୁଇଜଣ ଅଜଣା ବ୍ୟକ୍ତି ହେଲମେଟ ପିନ୍ଧି ବାଇକ ଯୋଗେ ଆସି ଗୁଳିକରି ହତ୍ୟା କରିଥିଲେ।

# ବ୍ରହ୍ମପୁର ସହର ଭିତରେ ଏନ୍‌ଏଚ୍-୫୯ରେ ୨ ଫ୍ଲାଏ ଓଭରବ୍ରିଜ୍ ପାଇଁ ଅନୁମୋଦନ

ବ୍ରହ୍ମପୁର,୧୧।୧୨(ସମିସ)

ବ୍ରହ୍ମପୁର ସହରରେ ବଢ଼ିବ ଫ୍ଲାଏ ଓଭରବ୍ରିଜ ସଂଖ୍ୟା। ପୂରଣ ହେବ ସହରବାସୀଙ୍କ ଦୀର୍ଘ ବର୍ଷର ଦାବି। ଦୂର ହେବ ଟ୍ରାଫିକ ସମସ୍ୟା ଓ ସଡ଼କ ଦୁର୍ଘଟଣା ଜନିତ ମୃତାହାତ ସଂଖ୍ୟା। ସହର ମଧ୍ୟରେ ଅଧିକ ଦୁଇଟି ଫ୍ଲାଏ ଓଭରବ୍ରିଜ ନିର୍ମାଣ କରିବାକୁ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରାଳୟ ପ୍ରିନ୍ସିପାଲ ଅନୁମୋଦନ ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ତେବେ କେବଳ ପ୍ରିନ୍ସିପାଲ ଅନୁମୋଦନ ନୁହେଁ ବରଂ ପ୍ରକଳ୍ପ କାର୍ଯ୍ୟକାରି କରିବାକୁ ହେଲେ ଆଗାମୀ ଦିନରେ ଉଭୟ ବୈଷୟିକ ଓ ଆର୍ଥିକ ଅନୁମୋଦନ ମଧ୍ୟ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ମିଳିଥିବା ସୂଚନା ପ୍ରକାରେ ମନ୍ତ୍ରାଳୟ ପକ୍ଷରୁ ଉପକୂଳ ହାଇୱେ ପ୍ରକଳ୍ପ ଜରିଆରେ ୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଠାରୁ ପୁଇଁତୋଳା ଏବଂ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ଯାହାର ଦୂରତା ପ୍ରାୟ ୧୪୦କିଲୋମିଟର ତାହାକୁ ୬ଲେନ୍ ବା ୬ ଥାକିଆ କରିବାକୁ ପ୍ରସ୍ତାବ ରହିଛି। ଏଥିପାଇଁ ପ୍ରାୟ ୩୫୦୦କୋଟି ଟଙ୍କାର ବ୍ୟୟଅଟକଳ କରାଯାଇଛି।

ସେହିଭଳି ନୂଆ ଅର୍ଥନୈତିକ କରିଡ଼ର ଭାବେ ୫୯ନଂ. ଜାତୀୟ ରାଜପଥରେ ବ୍ରହ୍ମପୁର ଠାରୁ ହିଞ୍ଜିକିକାଟୁ ବାଇପାସ୍ ଦେଇ ଆସିକା କାଳଷଣ୍ଢପୁର ପର୍ଯ୍ୟନ୍ତ ରାସ୍ତାକୁ ୪ଲେନ୍ ବିଶିଷ୍ଟ କରିବାକୁ ପ୍ରସ୍ତାବ ଅନୁମୋଦନ ଲାଭ କରିଥିବା ଜଣାପଡିଛି। ଏଥିପାଇଁ ପ୍ରାୟ ୧ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ସୂଚନା ମିଳିଛି। ଅନୁରୂପ ଭାବେ ଉପାନ୍ତ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗମନାଗମନର ସୁବିଧା ପାଇଁ ଗଜପତି ଜିଲ୍ଲାର ଜାତୀୟ ରାଜପଥ '୩୨୬-ଏ'ରେ ମୋହନା



ଠାରୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତ କରାଯିବାକୁ ପ୍ରାୟ ୧ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଜଣାପଡିଛି।

ଏଥିସହିତ ବ୍ରହ୍ମପୁର ସହର ମଧ୍ୟରେ ୫୯ନମ୍ବର ଜାତୀୟ ରାଜପଥରେ ଦୁଇଟି ଫ୍ଲାଏ ଓଭରବ୍ରିଜ ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ଅନୁମୋଦନ ଲାଭ କରିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଗୋଟିଏ କମ୍ପାପଲ୍ଲୀ ଓଭରବ୍ରିଜ ଯାହା ଟାଟାବେଞ୍ଚ ଛକ ଠାରୁ କୋର୍ଟପେଟା ଛକ ପର୍ଯ୍ୟନ୍ତ ପ୍ରାୟ ୧କିଲୋମିଟର ୨୨ମିଟର ଦୂରତା ବିଶିଷ୍ଟ ହେବ। ଏଥିପାଇଁ ୮୮୩୩.୦୫କୋଟିର ବ୍ୟୟ ଅଟକଳ କରାଯାଇଥିବା ବେଳେ ଅନ୍ୟଟି ଖଲ୍ଲିକୋଟ କଲେଜ ନିକଟରେ ଅର୍ଥାତ୍ ବିଜିପୁର ଛକ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରାୟ ୧କିଲୋମିଟର ୨ମିଟର ଦୂରତା ବିଶିଷ୍ଟ କରିବାକୁ ପ୍ରସ୍ତାବ ରହିଛି। ଦୁଇଟି ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ହେଲେ ସହରରେ ଫ୍ଲାଏ ଓଭରବ୍ରିଜ ସଂଖ୍ୟା ୬ରୁ ୮କୁ ବୃଦ୍ଧି ପାଇବ। ସହର ମଧ୍ୟରେ ବର୍ତ୍ତମାନ କମ୍ପାପଲ୍ଲୀ, ଗୋପାଳପୁର,

● ଏନ୍‌ଏଚ୍-୧୬ରେ ଟାଙ୍ଗୀ ଠାରୁ ପୁଇଁତୋଳା ଓ ଇଚ୍ଛାପୁରମ ରାସ୍ତା ହେବ ୬ ଲେନ୍
● ଏନ୍‌ଏଚ୍-୫୯ରେ ବ୍ରହ୍ମପୁର ଠାରୁ କାଳଷଣ୍ଢପୁର ରାସ୍ତା ହେବ ୪ ଲେନ୍
● ଏନ୍‌ଏଚ୍-୩୨୬- 'ଏ'ରେ ମୋହନା-ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ରାସ୍ତା ହେବ ୨ ଲେନ୍

ଆଙ୍କୁଲି, ଲାଞ୍ଜିପଲ୍ଲୀ ଓ ଗୋଷାଣିନୂଆଗାଁ ଆଦି ୫ଟି ଫ୍ଲାଏ ଓଭରବ୍ରିଜ ଥିବା ବେଳେ ଗେଟବଜାର ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ରାସ୍ତାର ପ୍ରଶସ୍ତିକରଣ ଓ ସହର ମଧ୍ୟରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ହେଲେ କେବଳ ଟ୍ରାଫିକ ସମସ୍ୟାର ସମାଧାନ ହେବ ଏହା ନୁହେଁ ବରଂ ସହରବାସୀଙ୍କ ଦୀର୍ଘ ବର୍ଷର ପୁରୁଣା ଦାବି ପୂରଣ ହୋଇପାରିବ। ପୂର୍ବ ସରକାର ଅମଳରେ ମଧ୍ୟ ସହର ମଧ୍ୟରେ ଫ୍ଲାଏ ଓଭରବ୍ରିଜ୍ ତଥା ଜାତୀୟ ରାଜପଥକୁ ପ୍ରଶସ୍ତିକରଣ କରିବାକୁ ସ୍ଥାନୀୟ ବିଧାୟକ ଓ ସାଂସଦମାନେ ବହୁବାର ଦାବି କରିଥିଲେ। ନିକଟରେ ଅର୍ଥାତ୍ ଗତ ନଭେମ୍ବର ୧୪ତାରିଖରେ ସ୍ଥାନୀୟ ବିଧାୟକ କେ. ଅନୀଲ କୁମାର ମଧ୍ୟ ସହର ମଧ୍ୟରେ ଖଲ୍ଲିକୋଟ କଲେଜ ନିକଟରେ ଏବଂ ଟାଟାବେଞ୍ଚ ଛକ ଠାରୁ କୋର୍ଟପେଟା ଛକ ମଧ୍ୟରେ ଦୁଇଟି ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ପାଇଁ ଜାତୀୟ ରାଜପଥ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଥିଲେ। ଏହା ଦ୍ୱାରା ସହରର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ସେ ମତ ପ୍ରକାଶ କରିବା ସହିତ ଏଥିପାଇଁ ସେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ତଥା ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରାଳୟ ବିଭାଗ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେପଟେ କେନ୍ଦ୍ର ସଡ଼କ ଓ ପରିବହନ ବିଭାଗର ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ବିନା ବିଳମ୍ବରେ ପ୍ରକଳ୍ପ ପାଇଁ ଜରୁରୀ ଉଭୟ ଟେକ୍ନିକାଲ ଓ ଫାଇନାନ୍ସିଆଲ ଆପ୍ରୁଭାଲ କରିବାକୁ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ଚନ୍ଦ୍ରଶେଖର ସାହୁ ଦାବି କରିଛନ୍ତି।

## ଏମ୍‌କେସିଜି ଅଧୀକ୍ଷକଙ୍କୁ ଆଶାକର୍ମୀଙ୍କ ଦାବିପତ୍ର



ବ୍ରହ୍ମପୁର,୧୧।୧୨(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଆଶାକର୍ମୀଙ୍କୁ କର୍ମଚାରୀମାନେ ଦୁର୍ବ୍ୟବହାର କରୁଥିବା ନେଇ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଶାକର୍ମୀମାନେ ଗର୍ଭବତୀଙ୍କୁ ଚିକିତ୍ସାରେ ସହଯୋଗ ପାଇଁ ନିୟମିତ ଏମ୍‌କେସିଜି ମେଡ଼ିକାଲକୁ ଆସୁଛନ୍ତି। ଏହି ସମୟରେ ପିପିସିରେ ଆଶାମାନେ ଆବଶ୍ୟକ ନଥିପତ୍ର ଦାଖଲ ସମୟରେ ସେଠାରେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷ କର୍ମଚାରୀଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଏହା ସହ ୩ଦିନ ମେଡିକାଲରେ ରହିବାକୁ ଆଶା ପ୍ୟାକେଜ୍ ବାବଦକୁ ୩ଶହ ଟଙ୍କା ବି ସଠିକ୍ ଭାବେ ପାଉ ନାହାନ୍ତି। ଏନେଇ ପୂର୍ବରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଆଶାକର୍ମୀ ସଂଗଠନ ଜଣାଇଥିଲା। ଏହାର ମାସକ ପରେ ପୁଣି ଗତ ୮ତାରିଖରେ କିଛି ଆଶାକର୍ମୀ ସମାନ ଦୁର୍ବ୍ୟବହାରର ଶିକାର ହୋଇଛନ୍ତି। ତେଣୁ ଏହାର ତଦନ୍ତ କରିବା ସହ ଆଶାକର୍ମୀଙ୍କୁ ଉତ୍ତମ ବ୍ୟବହାର ଦେଖାଇବାକୁ ସଂଘ ଦାବି କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଗଞ୍ଜାମ ଜିଲ୍ଲା ଆଶାକର୍ମୀଙ୍କ ପକ୍ଷରୁ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରିନାରାଣୀ ଗୌତମ, କୁମୁଦିନୀ ପ୍ରଧାନ, ରେଣୁବାଳା ସାହୁ, ସୁମତି ରାଉତ, ମୀନତି ପଣ୍ଡା, କେ. ସୁକାନ୍ତୀଙ୍କ ସମେତ ବହୁ ଆଶାକର୍ମୀ ଉପସ୍ଥିତ ଥିଲେ।

## ଦୁର୍ନୀତି ବିରୋଧରେ ଧାରଣା ଦେବ ଆପ୍

ବ୍ରହ୍ମପୁର,୧୧।୧୨(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ପରିସରରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ସମବାୟ ସମିତି ବ୍ଲକ କାର୍ଯ୍ୟାଳୟ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଦୁର୍ନୀତିକୁ ନେଇ ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଉପରୋକ୍ତ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତିକୁ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ଏହାର ପ୍ରତିବାଦରେ ଶୁକ୍ରବାର ପାର୍ଟି ପକ୍ଷରୁ ଗୋପାଳପୁର ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସାମ୍ବାଦିକ ସମ୍ମିଳନିରେ କୁହାଯାଇଛି। ଦୁର୍ନୀତି, ମନମୁଖୀଶାସନ, ଅଫିସର ରାଜ, ସରକାରୀ ଅର୍ଥର ବାଟମାରଣା, ବିଭିନ୍ନ କାମରେ ଅନିୟମିତତା, ଜନପ୍ରତିନିଧିଙ୍କୁ ଧମକ, ସୂଚନା ଦେବାରେ ଅନିୟମିତତା ଅବହେଳା ଓ ତଥ୍ୟ ଲୁଚେଇବାର ପ୍ରତିବାଦ କରିବା ପାଇଁ ଆମ୍




ଆଦମୀ ପାର୍ଟିର ବିଧାୟକ ପ୍ରାର୍ଥୀ ତଥା ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନୀଳକଣ୍ଠ ରେଡ୍ଡୀଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ଆମ୍ ଆଦମୀ ପାର୍ଟିର ପଦାଧିକାରୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ସମସ୍ୟାର ସମାଧାନ ନିମନ୍ତେ ଧାରଣା ଦିଆଯିବ ବୋଲି କୁହାଯାଇଥିଲା। ଏହା ସହ ଆଗାମୀ ଦିନରେ ସମସ୍ୟାର ସମାଧାନ ଯଦି ନ ହୁଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ଆବାହ ସୁବାସ ରାଉତ, ସାଧାରଣ ସମ୍ପାଦନ ଆଦିତ୍ୟ ରଥ, ଯୁବ ସଭାପତି ନୀଳକଣ୍ଠ ରେଡୀ, ବ୍ରହ୍ମପୁର ମହାନଗର ସଭାପତି ସି. ହରପ୍ରସାଦ ଓ ଶିବା ରେଡୀ ପ୍ରମୁଖ ଉପସ୍ଥିତ ଥିଲେ।

● ଭାରତୀୟ ବିକାଶ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ଗଞ୍ଜାମ ଜିଲ୍ଲାର ପୁନର୍ଗଠନ ଦାବି

ବ୍ରହ୍ମପୁର,୧୧।୧୨(ସମିସ): ଗଞ୍ଜାମ ଜିଲ୍ଲାକୁ ପୁନର୍ଗଠନ କରି ବ୍ରହ୍ମପୁର ଜିଲ୍ଲା, ଘୁମୁସର ଜିଲ୍ଲା, ଋଷିକୂଲ୍ୟା ଜିଲ୍ଲା ଓ ଗଞ୍ଜାମ ଜିଲ୍ଲା ଆଦି ୪ଟି ଜିଲ୍ଲାରେ ବିଭକ୍ତ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ଏହାଦ୍ୱାରା ଅବିଭକ୍ତ ଗଞ୍ଜାମବାସୀଙ୍କ ଦୀର୍ଘ ୪୦ବର୍ଷର ସାମୂହିକ ସ୍ୱପ୍ନ ସାକାର ହୋଇପାରିବ ବୋଲି ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଦାବି କରିଛନ୍ତି। ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ, ୧୮ଟି ସହରାଞ୍ଚଳ ଏବଂ ମୋଟ ୩୨୫୦ଟି ରାଜସ୍ୱ ଗ୍ରାମକୁ ନେଇ ଜିଲ୍ଲା ଅବସ୍ଥିତ ଥିବାବେଳେ ଏହାର ଜନସଂଖ୍ୟା ୩୫,୨୯,୦୩୧। ପ୍ରସ୍ତାବିତ ନୂତନ ଘୁମୁସର ଜିଲ୍ଲାର ମୁଖ୍ୟଦପ୍ତର ଭଞ୍ଜନଗର ଠାରେ କରାଯିବା ସହିତ ଏଥିରେ ଭଞ୍ଜନଗର, ବୁଗୁଡ଼ା, ସୋରଡ଼ା, ବେଲଗୁଣ୍ଠା ଏବଂ ଜଗନ୍ନାଥପ୍ରସାଦ ଭଳି ୫ଟି ବ୍ଲକକୁ ଅନ୍ତର୍ଭୁକ୍ତ କରାଯିବା ସହ ୪ଟି ସହରାଞ୍ଚଳକୁ ନେଇ ଘୁମୁସର ଜିଲ୍ଲା ଗଠନ ପାଇଁ ପରିଷଦ ପ୍ରସ୍ତାବ ଦେଇଛି। ସେହିପରି ନୂତନ ବ୍ରହ୍ମପୁର ଜିଲ୍ଲାର ମୁଖ୍ୟଦପ୍ତର ବ୍ରହ୍ମପୁର ରଖାଯିବା ସହ ଏଥିରେ ରଙ୍ଗେଇଲୁଣ୍ଡା, ପାତ୍ରପୁର, ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡି, କୁକୁଡାଖଣ୍ଡି ଓ ହିଞ୍ଜିଳିକାଟୁ ଭଳି ୭ଟି ବ୍ଲକ ସମେତ ୫ଟି ସହରାଞ୍ଚଳକୁ ନେଇ ସ୍ୱତନ୍ତ୍ର ଜିଲ୍ଲା ଗଠନ କରିବାକୁ ଦାବି ହୋଇଛି। ଋଷିକୁଲ୍ୟା ଜିଲ୍ଲାର ମୁଖ୍ୟଦପ୍ତର ଆସ୍କା କରାଯିବା ସହିତ ଏଥିରେ ଆସିକା, ଧରାକୋଟ, ଶେରଗଡ଼, ପୋଲସରା, କବିସୂର୍ଯ୍ୟନଗର ଏବଂ ବେଗୁନିଆପଡା ଆଦି ୬ଟି ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇ ୪ଟି ସହରାଞ୍ଚଳକୁ ସାମିଲ କରି ଋଷିକୁଲ୍ୟା ଜିଲ୍ଲା ଗଠନ କରିବାକୁ ଦାବି କରାଯାଇଛି। ସେହିଭଳି ଗଞ୍ଜାମ ଜିଲ୍ଲାର ମୁଖ୍ୟଦପ୍ତର ଛତ୍ରପୁର କରିବାକୁ ଦାବି କରାଯାଇଛି। ଏଥିରେ ଛତ୍ରପୁର, ଗଞ୍ଜାମ, ପୁରୁଷୋତ୍ତମପୁର ଏବଂ ଖଲ୍ଲିକୋଟ ଭଳି ୪ଟି ବ୍ଲକ ଓ ୫ଟି ସହରାଞ୍ଚଳକୁ ନେଇ ଗଞ୍ଜାମ ଜିଲ୍ଲା ଗଠନ ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଥିବା ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସମିଳନୀରେ ଆଇନଜୀବୀ ସୋମନାଥ ନାୟକ, ଅଭିମନ୍ୟୁ ଗୌଡ଼, ଅଯୋଧ୍ୟା ମହାପାତ୍ର, ସୂର୍ଯ୍ୟନାରାୟଣ ବେହେରା ଏବଂ ଦୀପକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦୋକାନରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୧୧।୧୨(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ନିକଟରେ ଥିବା ଏକ ଚା' ଓ ଜଳଖିଆ ଦୋକାନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ଆମ୍ବପୁଆ ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ନିକଟରେ ଟିକି ମହନ୍ତ ଦୀର୍ଘଦିନ ଧରି ଦୋକାନ କରିଛନ୍ତି। ବୁଧବାର ରାତିରେ ଦୋକାନ ବନ୍ଦ କରି ଟିକି ଘରକୁ ଫେରିଥିଲେ। ଭୋର ପ୍ରାୟ ୩ଟାଟାରେ ଟିକିଙ୍କ ପଡୋଶୀ କୁକୁଡ଼ା ଫାର୍ମରୁ ତାଙ୍କ ଦୋକାନରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଫୋନ କରି ଜଣାଇଥିଲେ। ଟିକି ପହଞ୍ଚି ଦେଖିବା ବେଳକୁ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିସାରିଥିଲେ। ଦୋକାନରେ ଥିବା ନଗଦ ୬ହଜାର ଟଙ୍କା, ଏକ ଫ୍ରିଜ, ଗ୍ରାଇଣ୍ଡର ସହ ଗ୍ୟାସଚୁଲା ଆଦି ଜଳିପୋଡି ନଷ୍ଟ ହୋଇଯାଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ




ବ୍ରହ୍ମପୁର,୧୧।୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଭାରତୀୟ ଭାଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଭାରତୀୟ ଭାଷା ପରିବାର: ବିବିଧତା ମଧ୍ୟରେ ଏକତା' ଶୀର୍ଷକ ପାଠଚକ୍ର ଆୟୋଜିତ ହୋଇଥିଲା। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ପରିଷଦ ସମୂହ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଉଦଘାଟନ କରି ଭାଷାଗତ ବିବିଧତା ହିଁ ଭାରତର ବୈଶିଷ୍ଟ୍ୟ ବୋଲି ମତଦେଇ କବି ସୁବ୍ରମଣ୍ୟମ ଭାରତୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଭାରତୀୟ ଭାଷା ପରିବାର ଅନ୍ତର୍ଗତ ବିଭିନ୍ନ ଭାଷାର ପରିଚୟ ଦେବା ସହ ସେମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଉପରେ ମତବ୍ୟକ୍ତ କରିଥିଲେ।

ବିଭାଗୀୟ ମୁଖ୍ୟ ଡ. ଉଷାରାଣୀ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ ଭାରତୀୟ ଭାଷା ଉତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

### ଗୃହପାଳିତ ପଶୁପକ୍ଷୀଙ୍କୁ ମିଳିବ ଉନ୍ନତମାନର ଚିକିତ୍ସା ସୁବିଧା

# ଜିଲ୍ଲାର ୧୧ ପ୍ରାଣୀ ଚିକିତ୍ସାଳୟକୁ ମିଳିବ ଅତ୍ୟାଧୁନିକ ହେମାଟୋଲୋଜି ଆନାଲାଇଜର

ବ୍ରହ୍ମପୁର,୧୧।୧୨(ସମିସ)

ଜିଲ୍ଲାରେ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ଚିକିତ୍ସା ଭିତ୍ତିଭୂମିର ଅଭାବ ଥିବାବେଳେ ଏଥିପାଇଁ ଅନେକଙ୍କର ଅକାଳରେ ଜୀବନହାନୀ ଘଟୁଥିବା ଅଭିଯୋଗ ହେଉଛି। ଚିକିତ୍ସା ପୂର୍ବରୁ ଆବଶ୍ୟକୀୟ ନିଦାନ ହୋଇପାରୁନଥିବାରୁ ରୋଗ ଚିହ୍ନଟ ଓ ସଠିକ ଉପଚାର କରିବା ପ୍ରାଣୀ ଚିକିତ୍ସକଙ୍କ ପାଇଁ କଷ୍ଟସାଧ୍ୟ ହେଉଛି। ଏଭଳି କ୍ଷେତ୍ରରେ ଜିଲ୍ଲାରେ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାର ମୋଟ ୧୧ଟି ପ୍ରାଣୀ ଚିକିତ୍ସାଳୟକୁ




ପ୍ରଥମ ପର୍ଯ୍ୟାୟରେ ୧୧ଟି ଅତ୍ୟାଧୁନିକ ହେମାଟୋଲୋଜି ଆନାଲାଇଜର ଯୋଗାଇ ଦିଆଯିବ। ଏସବୁ ଖୁବଶୀଘ୍ର ଜିଲ୍ଲାର ବିଭିନ୍ନ ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚିବ ବୋଲି ଜିଲ୍ଲା ପ୍ରାଣୀ ସମ୍ପଦ ମୁଖ୍ୟ ଡା.ଅଞ୍ଜନ ଦାସ କହିଛନ୍ତି। ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଗଞ୍ଜାମକୁ ପ୍ରଥମ ଥର ପାଇଁ ହେମାଟଲୋଜି ଆନାଲାଇଜର ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି। ଜିଲ୍ଲାର ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି, ଖଲ୍ଲିକୋଟ, ପୋଲସରା, ପୁରୁଷୋତ୍ତମପୁର, ଆସିକା, ଭଞ୍ଜନଗର, ବୁଗୁଡ଼ା, ଜଗନ୍ନାଥପ୍ରସାଦ ଓ ସୋରଡ଼ା ଆଦି ବ୍ଲକରେ ଥିବା ପଶୁ ଚିକିତ୍ସାଳୟରେ ଏହି ଆନାଲାଇଜର ସ୍ଥାପନ କରାଯିବ। ଏହାଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ପଶୁପକ୍ଷୀଙ୍କ ରକ୍ତପରୀକ୍ଷା କରି ରୋଗ ନିରୂପଣ କରିବା ସହଜ ହେବ। ଏହି ଅତ୍ୟାଧୁନିକ ଯନ୍ତ୍ର ଜରିଆରେ ପ୍ରାଣୀମାନଙ୍କ ରକ୍ତସଂଗ୍ରହ କରି ଆରବିସି, ଏଚ୍‌ସିଟି, ଏଚ୍‌ଜିବି, ଏମ୍‌ସିଭି, ଏମ୍‌ସିଏଚ୍, ଏମ୍‌ସିଏଚ୍‌ସି, ଆର୍‌ଡିଡବ୍ଲ୍ୟୁ, ରେଟିକ୍ୟୁଲୋସାଇଟିସ୍, ଡିସି, ପିଏଲ୍‌ଟି, ପ୍ଲେଟଲେଟ୍ ଭେଲ୍ୟୁ, ପିଡିଡବ୍ଲୁ ଏବଂ ପିସିଟି ଭଳି ମୋଟ ୧୪ପ୍ରକାରର ପରୀକ୍ଷା କରାଯିବ। ଏଥି ସହିତ ଅସୁସ୍ଥ ପଶୁପକ୍ଷୀମାନେ ଭୂତାଣୁ କିମ୍ବା ଜୀବାଣୁ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି ତାହା ମଧ୍ୟ ସହଜରେ ସ୍ପଷ୍ଟ ହୋଇପାରିବ। ପ୍ରତି ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ପିଛା ମାତ୍ର ୫୦ଟଙ୍କା ଦେୟରେ ଉପରୋକ୍ତ ସମସ୍ତ ପ୍ରକାରର ରକ୍ତପରୀକ୍ଷା ସହ ଉନ୍ନତମାନର ଚିକିତ୍ସା ସମ୍ଭବପର ହୋଇପାରିବ।

ବର୍ତ୍ତମାନ ସ୍ଥାନୀୟ ସିଏଲଏଫ ଲ୍ୟାବରେ ହେମାଟଲୋଜି ଆନାଲାଇଜର ରହିଛି। ସଠିକ ଚିକିତ୍ସା ଓ ପରୀକ୍ଷା ଅଭାବରୁ ଗ୍ରାମାଞ୍ଚଳରେ ବହୁ ପ୍ରାଣୀଙ୍କ ଜୀବନହାନୀ ଘଟୁଛି। ଜିଲ୍ଲାର ବିଭିନ୍ନ ପ୍ରାଣୀ ଚିକିତ୍ସାଳୟକୁ ଅତ୍ୟାଧୁନିକ ହେମାଟଲୋଜି ଆନ୍‌ଲାଇଜର ଯୋଗାଣ ଫଳରେ ଗୃହପାଳିତଙ୍କ ଉପଯୁକ୍ତ ଚିକିତ୍ସା ହୋଇପାରିବ ବୋଲି ଆଶା କରାଯାଉଛି।

## ଗଞ୍ଜାମ ଜିଲ୍ଲା ଅଥ୍‌ଲେଟିକ ମିଟ୍

ବ୍ରହ୍ମପୁର,୧୧।୧୨(ସମିସ): ଚଳିତ ଡ଼ିସେମ୍ବର ୧୩ ଏବଂ ୧୪ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଗଞ୍ଜାମ ଜିଲ୍ଲା ଆଥ୍‌ଲେଟିକ ମିଟ୍‌ରେ ଯୋଗ ଦେବାକୁ ଖେଳାଳି ପଞ୍ଜିକରଣ ଶେଷ ହୋଇଯାଇଛି। ୧୩ ତାରିଖ ସକାଳ ୯ ଘଣ୍ଟିକା ସମୟରେ ଦୌଡକୁଦ ପ୍ରତିଯୋଗିତା ଉଦଘାଟନ ହେବ। ପୂର୍ବରୁ ଏହା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ବର୍ତ୍ତମାନ ତାହା ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମରେ ଆୟୋଜିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

WALK-IN INTERVIEW

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided

## ଶିଶୁ ମନ୍ଦିରରେ ଜାତୀୟ ଭାଷା ଦିବସ



**ପାରଳାଖେମୁଣ୍ଡି,୧୧।୧୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭାରତୀୟ ଭାଷା ଦିବସ ତଥା ମହାକବି ସୁବ୍ରମଣ୍ୟମ୍ ଭାରତୀଙ୍କ ଜନ୍ମଜୟନ୍ତୀ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ପରିଚାଳନା କମିଟିର କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସଂଗୀତା ଭୁକ୍ତା ତାମିଲ ମହାକବି ସୁବ୍ରମଣ୍ୟମ୍ ଭାରତୀଙ୍କ ଜୀବନୀ ଚରିତ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ବିଦ୍ୟାଳୟର ମାତୃଭାଷା ଆଚାର୍ଯ୍ୟ ଗୋପାଳକୃଷ୍ଣ ପଣ୍ଡିତ ଓ ଆଚାର୍ଯ୍ୟା ଶୈଳେଷ୍ଠା ଖଡ୍‌ଗରାୟଙ୍କ ନେତୃତ୍ୱରେ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ମାନେ ପରିଚାଳନାରେ ସହଯୋଗ କରିଥଲେ। ହିନ୍ଦୀ ଆଚାର୍ଯ୍ୟା ସୁନୀତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷାରେ ପ୍ରଚାର ପ୍ରସାର ନିମନ୍ତେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭାଷା ଦିବସ



ସୋରଡ଼ା,୧୧।୧୨(ସମିସ): ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଭାରତୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସରକାରୀ ସଂସ୍କୃତ ଶିକ୍ଷକ ସୁଦାମ ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ରଥ ଅତିଥିଙ୍କ ପରିଚୟ ଦେଇଥିଲେ। ସମସ୍ତ ଭାରତୀୟ ଭାଷା ସଂସ୍କୃତ ଭାଷାରୁ ଉତ୍ପତ୍ତି ଓ ସମସ୍ତ ଆଞ୍ଚଳିକ ଭାଷାର ଗୁରୁତ୍ୱ ବିଷୟରେ ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ସମୀକ୍ଷା ମହାପାତ୍ର, ବରିଷ୍ଠ ଆଚାର୍ଯ୍ୟ ଦୁଃଖିଶ୍ୟାମ ସାହୁ, ନାରାୟଣ ସାହୁ ମଞ୍ଚାସୀନ ଥିବା ବେଳେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ହାତୀ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଲେ ବିଧାୟକ

**ପାରଳାଖେମୁଣ୍ଡି,୧୧।୧୨ (ସମିସ):** କାଶୀନଗର ବ୍ଲକ ଶିଆଳି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଧବାର ସନ୍ଧ୍ୟାରେ ହାତୀ ଦେଖିବା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ବନଅଧିକାରୀଙ୍କୁ ସୂଚନା ଦେଲା ପରେ ବନଅଧିକାରୀ ରାତିସାରା ଜଗି ରହି ଆଖ ପାଖରେ ରହୁଥିବା ଜନସାଧାରଣଙ୍କୁ ସତର୍କ ଓ ସଚେତନ କରୁଛନ୍ତି। ଦୁଇ ବ୍ଲକର ସୀମାନ୍ତ ଗ୍ରାମବାସୀ ଯଥା ଶିଆଳି ପଞ୍ଚାୟତ ଓ ପରିଡ଼ା ପଞ୍ଚାୟତର ଅନେକ ଗ୍ରାମ ଚାରିଟିକିଆ ହାତୀପଲ କବଜାରେ ରହିଛି। ଏହି ଖବର ପାଇ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ବିଭିନ୍ନ ଗ୍ରାମ ଗସ୍ତ କରି ହାତୀଙ୍କ ଆକ୍ରମଣରେ ଘଟିଥିବା କ୍ଷୟକ୍ଷତିକୁ ଦେଖି ଦୁଃଖ ପ୍ରକାଶ କରିଛନ୍ତି। ବିଧାୟକ ଶ୍ରୀ ପାଣିଗ୍ରାହୀ ଏ ବିଷୟ ନେଇ ଜିଲ୍ଲା ବନ ବିଭାଗ ଅଧିକାରୀ ଓ ପ୍ରଶାସନ ସହ ଉଭୟ ଜଙ୍ଗଲୀହାତୀ ଓ ମଣିଷ କିପରି ସୁରକ୍ଷିତ ରହିବେ ସେନେଇ ପଦକ୍ଷେପ ନେବାକୁ ଜଣାଇଛନ୍ତି। ବିଧାୟକଙ୍କ ଏହି ଗସ୍ତ ସମୟରେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ଶିଆଳି ପଞ୍ଚାୟତର ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ, ଖାରାଡା ସରପଞ୍ଚ ଅଖିଳ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମାନବାଧିକାର ଦିବସ ପାଳିତ



ବ୍ରାହ୍ମଣୀଗାଁ,୧୧।୧୨(ସମିସ): ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ପଞ୍ଚାୟତ ରାଜୀବଗାନ୍ଧୀ ସଭା ଗୃହରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। କନ୍ଧମାଳ ଜିଲ୍ଲା ହ୍ୟୁମାନ ରାଇଟସ୍ ଫ୍ରଣ୍ଟ ଇଣ୍ଡିଆର ଜିଲ୍ଲା ସହ ସଂଯୋଜକ ଲକ୍ଷ୍ମୀକାନ୍ତ ରାଜଗୁରୁ, ବିକ୍ରମାଦିତ୍ୟ ବସ୍ତିରାୟ ଓ ପ୍ରେମଚାନ୍ଦ ସିଂଙ୍କ ନେତୃତ୍ୱରେ ବ୍ରାହ୍ମଣୀଗାଁ ଅଞ୍ଚଳର ୮ଟି ପଞ୍ଚାୟତର ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ମହିଳା ମଣ୍ଡଳର ମହିଳା ନେତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ସାଧାରଣ ବ୍ୟକ୍ତି ଟିଏ ତାର ମୌଳିକ ଆବଶ୍ୟକତା ତଥା ଅଧିକାର ଓ ନ୍ୟାୟ ପାଇବାରୁ ବଞ୍ଚିତ ଯେପରି ନହୁଏ ସମସ୍ତେ ସଜାଗ ରହି କାମକରିବା ଆହ୍ୱାନ କରିଥଲେ। ମାନବାଧିକାର କର୍ମୀ ବିକ୍ରମାଦିତ୍ୟ ବସ୍ତିରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧା ଦାମରେ ଧାନ ବିକୁଛନ୍ତି ଚାଷୀ

**■ ମଣ୍ଡି ଖୋଲିନି; ମାତିଲେଣି ଆନ୍ଧ୍ର ଦଲାଲ**

ବୁଗୁଡ଼ା,୧୧।୧୨(ସମିସ):



ସରକାରୀ ସ୍ତରରେ ଧାନ କିଣିବା ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବୁଗୁଡ଼ା ଇଲାକାର ଚାଷୀମାନେ ଆନ୍ଧ୍ର ଦଲାଲଙ୍କୁ ଶାଗମାଛ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଖରିଫରେ ୯୦ ପ୍ରତିଶତ ଧାନ ଅମଳ ସରିଥିବା ବେଳେ ଧାନ ବିକ୍ରି କରିବାକୁ ଚାଷୀକୂଳ ଅପେକ୍ଷା କରିଥିଲେ। କିନ୍ତୁ ମଣ୍ଡି ଖୋଲିବାରେ ବିଳମ୍ବ ହେବାରୁ କ୍ଷତି ସହିବା ସହ ଅନ୍ୟ ଉପାୟ ଆପଣାଇଛନ୍ତି। ଚାଷୀମାନଙ୍କ ଅସୁବିଧାର ସୁଯୋଗ ନେଇ ଏବେ ଗାଁ ଗାଁରେ ଆନ୍ଧ୍ର ଦଲାଲ ସକ୍ରିୟ ହୋଇ ସାରିଲେଣି। ଚଳିତବର୍ଷ ଆଶାନୁରୂପ ବର୍ଷା ହୋଇଥିବାରୁ ବୁଗୁଡ଼ା ଅଞ୍ଚଳର ଚାଷୀଙ୍କ ଅମଳ ଭଲ ହୋଇଛି। ବହୁ ଚାଷୀଙ୍କ ଅମଳ ଧାନ ରଖିବାକୁ ଅସୁବିଧା ଯେପରିକି ଖରା, କାକରରେ ଖଳାରେ ଧାନ ପଡି ରହିବା ସହିତ ମୂଷା ଦାଉରୁ ଧାନକୁ ରକ୍ଷା କରି ଚାଷ କାର୍ଯ୍ୟ ପାଇଁ ଆଣିଥିବା ଧାରକରଜରୁ ମୁକ୍ତ ହେବାକୁ ଦଲାଲଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ଆସନ୍ତା ଦିନରେ ମଣ୍ଡି ଖୋଲିବା ନେଇ ପ୍ରଶାସନ କହୁଥିବା ବେଳେ ବିଳମ୍ବ ହେତୁ ଚାଷୀକୂଳ କ୍ଷତି ସହୁଛନ୍ତି।

## କୃଷକ ପ୍ରଚାର ରଥ ଶୁଭାରମ୍ଭ

ଭଞ୍ଜନଗର,୧୧।୧୨ (ସମିସ): ରାଜ୍ୟରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲାରେ ଡିସେମ୍ବର ୨୩ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦୨୬ ଯାଏ ଚାଲିବ। ଏହି ଅବଧି ମଧ୍ୟରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ରାଜସ୍ୱ ଉପଖଣ୍ଡରେ ମଧ୍ୟ ବିଭିନ୍ନ ମଣ୍ଡିରେ ଖରିଫ ଧାନ କ୍ରୟ କରାଯିବ। ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଗୁରୁବାର ଏନେଇ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଏକ କୃଷକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥକୁ ଶୁଭାରମ୍ଭ କରିଛନ୍ତି। ଏହାସହ ଚାଷୀ ଯେପରି ମଣ୍ଡିକୁ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ ସହ ପୋକରା ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବା ଧାନ ଧରି ଆଣିବ ସେନେଇ ସଚେତନ କରିବ ଏହି ରଥ। ଏଥିସହ ଚଳିତ ବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ୍ ସହାୟତା ମିଶାଇ ୩୧୦୦ ଟଙ୍କା ପାଇବେ ସେନେଇ ପ୍ରଚାର ମାଧ୍ୟମରେ ଅବଗତ କରାଯିବ। ଚାଷୀ ପଞ୍ଜୀକୃତ କରିଥିବା ମୋବାଇଲ ନମ୍ବରରେ ଧାନ ବିକ୍ରି ସମ୍ବନ୍ଧରେ ତଥ୍ୟ ପାଇବେ। ଏଥିସହ ଚାଷୀମାନେ ଟୋଲ ଫ୍ରି ନଂ.୧୯୬୭କୁ



କଲ୍ କରି ସମସ୍ତ ତଥ୍ୟ ହାସଲ କରିପାରିବେ। ଆଗାମୀ ଦିନରେ ଉପଖଣ୍ଡର ଜଗନ୍ନାଥପ୍ରସାଦ, ବେଲଗୁଣ୍ଠା, ବୁଗୁଡ଼ା, ଆସିକା, ସୋରଡ଼ା, ଶେରଗଡ଼, ଧରାକୋଟ, ଭଞ୍ଜନଗର ବ୍ଲକରେ କୃଷକ ପ୍ରଚାର ରଥ ମାଧ୍ୟମରେ ଚାଷୀଙ୍କୁ ଏଫ୍‌ଏକ୍ୟୁ ଧାନ କିଣା ବାବଦରେ ସଚେତନତା କରାଯିବ ବୋଲି ଆର୍‌ଏମ୍‌ସି ସଂପାଦକ ସୁମନ୍ତ କୁମାର ସାହୁ କହିଛନ୍ତି। ପ୍ରଚାର ରଥ ଶୁଭାରମ୍ଭ ସମୟରେ ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସନ୍‌ସାଇନ ଇଣ୍ଟରନ୍ୟାସନାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା



ପୁରୁଷୋତ୍ତମପୁର,୧୧।୧୨(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସହର ସ୍ଥିତ ସନ୍‌ସାଇନ ଇଣ୍ଟର ନ୍ୟାସନାଲ ସ୍କୁଲ ପରିସରରେ ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ତିନିଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବକୁ ସମାଜସେବୀ ଅରୁଣ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସ୍କୁଲ ଅଧ୍ୟକ୍ଷ ସୁନିଲ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାରାତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ମୁଖ୍ୟ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଏ. ରାଜଗୋପାଳ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସିନିୟର, ଜୁନିୟର, ସବ୍‌ଜୁନିୟର ଏହିପରି ତିନିଗୋଟି ବର୍ଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବାକୁ ଥିବାବେଳେ ଆଜିର କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ରାହା ଦେଇଛି ରାସ୍ତାକଡ଼ ବେପାର

**ରମ୍ଭା,୧୧।୧୨(ସମିସ):** ଦିନ ଥିଲା ଓଡ଼ିଆ ପୁଅ ଜାଭା, ସୁମତ୍ରା, ଇଣ୍ଡୋନେସିଆ ପ୍ରଭୃତି ବାହାର ଦେଶକୁ ନିଜ ଦେଶର ସାମଗ୍ରୀ ପଠାଇ ଓଡ଼ିଆକୁ ଗର୍ବିତ କରିଥିଲା। କିନ୍ତୁ ଡିଜିଟାଲ ଦୁନିଆ ଓ ପ୍ଲାଷ୍ଟିକର ଚାହିଦା ବହୁଳ ପ୍ରସାର ହେବା ଫଳରେ ତାହା ଆଜି ସମ୍ପୂର୍ଣ୍ଣ ଲୋପ ନ ପାଇଥିଲେ ମଧ୍ୟ ପ୍ରଚାର ପ୍ରସାର ସୀମିତ ରହିଛି। ହେଲେ ଅଣ ଓଡ଼ିଆ ବେପାରୀମାନେ ଅନୁପ୍ରବେଶ କରି ତଥା ଦୂର ସ୍ଥାନକୁ ଯାଇ କିମ୍ବା ସାପ୍ତାହିକ ହାଟରେ ପହଞ୍ଚି ଲୁହା, ଶାବଳ, କୁରାଢ଼ୀ, କାତି, ଖଣ୍ଡା ହାଟରୁ ସଂଗ୍ରହ କରୁଥିଲେ। ହେଲେ ଏବେ ଯୁଗ ବଦଳିବା ସହ ଏହି ସବୁ ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଏବେ ଏଗୁଡିକୁ ରାସ୍ତାକଡ଼ରେ ବିକି କିଛି ଅଣ ଓଡ଼ିଆ ବେପାରୀ ଗୁଜୁରାଣ ମେଣ୍ଟାଉଛନ୍ତି। ରମ୍ଭା ପାନ୍ଥନିବାସ ପାଶ୍ୱର୍ ରାସ୍ତା କଡ଼ରେ ଏଭଳି କିଛି ଜିନିଷ ପସରା ମେଲି ବିକ୍ରି ହେଉଛି। ଏହି ବେପାରୀ ମାନେ ବର୍ଷା, ଖରା, ଶୀତରେ ଖୋଲା ଆକାଶ ତଳେ ପଡ଼ି ରହି ବେପାର କରିଥାନ୍ତି। ଏମାନଙ୍କ ପାଇଁ ସେଠାକାର ତଥା ନିଜ ରାଜ୍ୟର ପ୍ରଶାସନ କିଛି ଆର୍ଥିକ ଅନୁଦାନ ଯୋଗାଇଲେ ନିଜ ରାଜ୍ୟରେ ରହି ବେପାର ବାଣିଜ୍ୟ କରନ୍ତେ ବୋଲି କୁହନ୍ତି। ପିଲାଙ୍କ ପାଠପଢ଼ା ସାତ ସପନ ଏମାନଙ୍କ ପାଇଁ ଡୋରି ବନ୍ଧା ବୋଲି ଜଣାଯାଇଛି। କୌଣସି ସାମଗ୍ରୀକୁ ଗ୍ରାହକଙ୍କ ପସନ୍ଦ ହେଲେ ତାକୁ ନିରାଶ ନ କରି ମୂଲ / ଅମୂଲକୁ ଗୁରୁତ୍ୱ ନ ଦେଇ ପ୍ରଦାନ କରୁଥିବା ଲକ୍ଷ୍ୟ କରାଯାଇଛି। ଏମାନେ ପ୍ରବାସୀ ହୋଇଥିବାରୁ କେହି କେହି ବାଲାଂଦେଶୀ କହୁଥିବାରୁ ସ୍ଥାନେ ବାସିନ୍ଦାଙ୍କ ଠାରୁ ଆରମ୍ଭ କରି ପାଖ ପଡୋଶୀ ଗ୍ରାମବାସୀ ନାନା ଦୃଷ୍ଟିରେ ଭିନ୍ନ ଭିନ୍ନ ଭଙ୍ଗୀରେ ଦେଖୁଛନ୍ତି। ଏଣୁକରି ଏମାନେ କୌଣସି ସ୍ଥାନରେ ଦୀର୍ଘ ଦିନ ଅପେକ୍ଷା ସୀମିତ ଦିନ ରହି ପର ମୁହୂର୍ତ୍ତରେ ଅନ୍ୟତ୍ର ସ୍ଥାନ ପରିବର୍ତ୍ତନ କରୁଥିବା ଲକ୍ଷ୍ୟ କରାଯାଇଛି। ଅପର ପକ୍ଷେ ଏବେ ଅନ୍ୟ ଦେଶର ଲୋକେ ଗଳା ବାଟ ଦେଇ ସ୍ଥାନେ ସ୍ଥାନେ ବାସିନ୍ଦାଙ୍କ ପରିଚୟ ସୃଷ୍ଟି କରି ଭାରତରେ ପ୍ରବେଶ କରୁଥିବାରୁ ଏମାନଙ୍କୁ ସ୍ଥାନୀୟ ବାସିନ୍ଦା ସନ୍ଦେହ ଚକ୍ରରେ ଦେଖୁଥିବା ଜଣାପଡିଛି।



## ଆର୍‌ସିଏମ୍ କଲେଜର ବାର୍ଷିକ ଉତ୍ସବ

ଖଲ୍ଲିକୋଟ,୧୧।୧୨(ସମିସ): ସ୍ଥାନୀୟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଖଲ୍ଲିକୋଟ ତହସିଲଦାର ଡ଼ି. ମାଲେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଙ୍କ ମଧ୍ୟରେ ଶୃଙ୍ଖଳିତ ଆଚରଣ ବୌଦ୍ଧିକ ଜ୍ଞାନର ବିକାଶ ସହିତ ଏହାର ସଦୁପଯୋଗ କିପରି ହୋଇପାରିବ ସେନେଇ ଆଲୋକପାତ କରିଥିଲେ। ଏହି ଉତ୍ସବରେ ମହାବିଦ୍ୟାଳୟର ପୀତବାସ ନାୟକ, ଭାରତୀ ବେହେରା, ସିତୁନ ପଢ଼ିଆରୀ, ସୁଦୀପ୍ତ ଘୋଷ, ବିଜୟଲକ୍ଷ୍ମୀ ଶତପଥି ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ସୂର୍ଯ୍ୟନାରାୟଣ ରାଉଳ, ଶିବାନନ୍ଦ ବର୍ମା, କାମେଶ୍ୱର ସାହୁ ପ୍ରମୁଖ ଡେମୋନଷ୍ଟ୍ରେଟର, ଅରବିନ୍ଦ ଶତପଥି, ମିଟୁ ପାଢ଼ୀ, ଭଗବାନ ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇଥିଲା। ଅଧ୍ୟାପକ ପୀତବାସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଭୁଆଁଭୂଇଁ ଗ୍ରାମରେ କମ୍ବଳ ବଣ୍ଟନ

ରମ୍ଭା/ଗଞ୍ଜାମ,୧୦।୧୨(ସମିସ): ବରିଷ୍ଠ କଂଗ୍ରେସ ନେତା, ସମାଜସେବୀ ତଥା ଏସ୍‌ସି ସେଲ ରାଜ୍ୟ ସମ୍ପାଦକ ଭାଗିରଥି ବେହେରାଙ୍କ ନେତୃତ୍ୱରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଇରାଶି ପଞ୍ଚାୟତର ଭୁଆଁଭୂଇଁ ଗ୍ରାମ ଦଳିତ ବସ୍ତିରେ ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଋଷିକୁଲ୍ୟା ରୟତ ମହାସଙ୍ଘ ସମ୍ପାଦକ ତଥା କୃଷକ ନେତା ସୀମାଞ୍ଚଳ ନାହାକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମାଜସେବୀ ମିନି ମହାପାତ୍ର, ଓଡିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ପିସିସି ସଭ୍ୟ ଭବାନୀ ବେହେରା ପ୍ରମୁଖ ଯୋଗଦେଇ ଅସହାୟ ବ୍ୟକ୍ତିଙ୍କୁ ୫୦ ଗୋଟି କମ୍ବଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ଦାସ, କୁନା ରେଡି ପ୍ରମୁଖ ପରିଚାଳନା କରିଥିଲେ।

## ମାସିକ ଭଞ୍ଜ ସଂଗୀତ ଆସର



ଭଞ୍ଜନଗର,୧୧।୧୨(ସମିସ): ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ଆନନ୍ଦ ସଙ୍ଗୀତାୟନ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ, ଗୁରୁ ଶିଷ୍ୟ ପରମ୍ପରା ଓ ୯୪ତମ ମାସିକ ଭଞ୍ଜ ସଂଗୀତ ଆସର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନଗରପାଳ ଗୋପବନ୍ଧୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପଞ୍ଜାବ ବିବେକ ଭାରତୀ ଯୋଗ ସଂସ୍ଥାନର ମୁଖ୍ୟ ଶନିଷ୍ଠାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁଶାନ୍ତ ମହାପାତ୍ର, ମୋତିଲାଲ ପତି, ଅଧ୍ୟାପକ ଲୋକନାଥ ମହାନ୍ତି, ଅର୍ଜ୍ଜୁନ ବେହେରା ଓ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ମାଧୁରୀ ମହାପାତ୍ର ମଞ୍ଚାସୀନ ଥିଲେ। ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଗୁରୁ ଆନନ୍ଦ ପ୍ରଧାନଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା। ସଂପାଦକ ଅଶୋକ ମହାପାତ୍ର ଅନୁଷ୍ଠାନର ଆଭିମୁଖ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ। ଶେଷରେ ଆୟୋଜିତ ଭଞ୍ଜ ସଙ୍ଗୀତ କାର୍ଯ୍ୟକ୍ରମରେ ଗୁରୁ ଅଶୋକ ମହାପାତ୍ର ଓ ତାଙ୍କ ସାଥୀ ମାନଙ୍କ ଦ୍ୱାରା ଭଞ୍ଜ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆଦିକନ୍ଦ ଗଉଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ବଟିଙ୍ଗିଆ ହାଇସ୍କୁଲର ବାର୍ଷିକ ଉତ୍ସବ



ଜି.ଉଦୟଗିରି,୧୧।୧୨(ସମିସ): ବଟିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ମିହିର କାନ୍ତ ପ୍ରଧାନ, ନିବେଦିତ ପ୍ରଧାନ, ପ୍ରଫୁଲ୍ଲ ସାହୁ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଷଡଙ୍ଗୀ, ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧ୍ୟାନଚାନ୍ଦ ପ୍ରଧାନ, ବିପ୍ରଚରଣ ପ୍ରଧାନ, ପୂର୍ବତନ ବିଦ୍ୟାଳୟ ସଭାପତି ଶଶି ଭୂଷଣ ପ୍ରଧାନ, କିରଣବାଳା ନାୟକ, ଅନନ୍ତ କୁମାର ପ୍ରଧାନ, ସାଗରିକା ପଣ୍ଡା, ସରିତା ସାହୁ, ବାମ ଦେବ ପ୍ରଧାନଙ୍କ ସହ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଦୀପକ ସିଓ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଜୟମଙ୍ଗଳ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର**

# ୩୭୭ ପିଲାଙ୍କୁ ୬ ଶିକ୍ଷକ; ପାଠ ପଢ଼ା ହେବ କେମିତି

ଧରାକୋଟ,୧୧।୧୨(ସମିସ)



ଶିକ୍ଷା ହେଉଛି ସମସ୍ତଙ୍କର ଅଧିକାର। ସରକାରୀ ନାରା ରହିଛି 'ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ'। ହେଲେ ଭିତ୍ତିଭୂମିର ଅଭାବ ଯୋଗୁ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଏବେ ରସାତଳଗାମୀ ହେବାକୁ ଗଲାଣି। ଯାହାର ନିଛକ ଉଦାହରଣ ଦେଖିବାକୁ ମିଳିଛି ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ ବେଠୁଆର ଗ୍ରାମ ସ୍ଥିତ ଜୟମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଶିକ୍ଷକ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟା ଏଠି ଗମ୍ଭୀର ସ୍ଥିତିରେ ପହଞ୍ଚିଛି।

୧୯୬୫ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୬୩ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଶିଶୁ ବାଟିକାରେ ୧୪ ଜଣ ପଢୁଛନ୍ତି। ସରକାରୀ ଅନୁପାତ ଅନୁଯାୟୀ ଏଠାରେ ୧୨ ଜଣ ଶିକ୍ଷକ ଆବଶ୍ୟକ ରହିଥିବା ବେଳେ ଅଛନ୍ତି ମାତ୍ର ୬ ଜଣ। ଅନ୍ୟପକ୍ଷରେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ଏଠାରେ କାର୍ଯ୍ୟରତ ଥିବା ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ସେଠୀ ସିଆର୍‌ସିସି ହୋଇ ଚାଲିଯାଇଥିବା ବେଳେ ଏଠାରୁ ଭୀମସେନ ନାୟକଙ୍କୁ ଡେପୁଟେଶନରେ ଆଡିବନ୍ଧ ସ୍କୁଲକୁ ପଠାଯାଇଛି। ଏଭଳି ସ୍ଥିତିରେ ବିଦ୍ୟାଳୟରେ ବର୍ତ୍ତମାନ ଜଣେ ବିଜ୍ଞାନ ଶିକ୍ଷକ ସମସ୍ତ ଶ୍ରେଣୀର ଗଣିତ ଓ ବିଜ୍ଞାନ ପଢ଼ାଉଛନ୍ତି। ଆଶ୍ଚର୍ଯ୍ୟର କଥା ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପିଲାଙ୍କ ପାଠ ପଢ଼ା ବ୍ୟାହତ ହେଉଥିବା ବେଳେ ମାତ୍ର ୨୧ ଜଣ ଛାତ୍ରଛାତ୍ରୀ ଥିବା ଆଡିବନ୍ଧ ପ୍ରାଥମିକ ବିଦ୍ୟାଳୟକୁ କାହା ସ୍ୱାର୍ଥରେ ଭୀମସେନ ନାୟକଙ୍କୁ ପଠାଯାଇଛି ତାହା ବୁଝି ହେଉନାହିଁ। ବିଦ୍ୟାଳୟର ସପ୍ତମ ଓ ଅଷ୍ଟମ ଶ୍ରେଣୀର ଶ୍ରେଣୀଗୃହ ମରାମତି କରିବା ଜରୁରୀ ହୋଇଥିବା ବେଳେ ୯ ଗୋଟି ଶ୍ରେଣୀ ପାଇଁ ଗୃହ ଅଭାବ ରହିଛି। ସେହିପରି ପାଚେରି ନଥିବାରୁ ବୁଲା ଗୋରୁଗାଈ ଅବାଧରେ ବିଦ୍ୟାଳୟକୁ ପ୍ରବେଶ କରୁଥିବା ବେଳେ ସଞ୍ଜ ନଇଁଲେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ୱାର୍ଡସଭ୍ୟ ଶ୍ରୀହର୍ଷ ଗୌଡ଼, ଏସଏମସି ସଭାପତି କୈଳାସ ଚନ୍ଦ୍ର ବାଡତ୍ୟା, ସନାତନ ବିଷୋୟୀ, ମହେନ୍ଦ୍ର ପ୍ରଧାନ, ପିଙ୍କି ସ୍ୱାଇଁ, ଶିଶୁଳା ବିଷୋୟୀ, ମମତା ଛାଟୋଇ, ବାବୁ ଦାସ, ମନୁ ନାୟକ, ବନିତା ଜେନା, ସନ୍ତୋଷ ସାହୁ, କାହ୍ନୁ ମହାରଣା ଓ ପ୍ରତିମା ବାଡତ୍ୟା ପ୍ରମୁଖ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସେପଟେ ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ଖବର ଅନୁସାରେ ଖୁବଶୀଘ୍ର ବିଭିନ୍ନ ବିଦ୍ୟାଳୟରୁ ଅନ୍ୟତ୍ର ଡେପୁଟେସନରେ ଯାଇଥିବା ୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୂଳ ବିଦ୍ୟାଳୟକୁ ଫେରାଇ ଆଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନାବେଳେ ଖୁବ୍‌ଶୀଘ୍ର ଏହିସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଶିକ୍ଷା ସ୍ରୋତରେ ସାମିଲ ହେଲେ ଆଦିବାସୀ ଗାଁ ପିଲା

ସାନଖେମୁଣ୍ଡି,୧୧।୧୨(ସମିସ): ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରିବାକୁ ରାଜ୍ୟ ସରକାରଙ୍କ ଚାଇଲ୍ଡ ଟ୍ରାକିଂ ସର୍ଭେ ଭଳି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଗଞ୍ଜାମ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସାନଖେମୁଣ୍ଡି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ କୁରେଶୁ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ୧୮ ବର୍ଷରୁ କମ୍ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ସାନଖେମୁଣ୍ଡି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ସିଆର୍‌ସିସି ଏବଂ ଶିକ୍ଷକ ତଥା ସରପଞ୍ଚଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହା ମାଧ୍ୟମରେ ଅଧାରୁ ପାଠ ଛାଡିଥିବା କିମ୍ବା ଆଦୌ ପାଠ ପଢ଼ିନଥିବା ପ୍ରାୟ ୨୨୦ପିଲା ବିଭିନ୍ନ ବିଦ୍ୟାଳୟ ତଥା ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ମାନଙ୍କରେ ପୁଣି ନାମ ଲେଖାଇଛନ୍ତି। ତେବେ ଗତକାଲି "ମିଶନ ସର୍ଭେ' ମାଧ୍ୟମରେ ନିଜେ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କ ଟିମ୍ ସହ ଟି.ଗୋବିନ୍ଦପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଗାଁ କାକାଳି ଗୋରେଇ, କପାବାଡ, କନ୍ଧ ଜକର, ଶାନ୍ତି ନଗର, ପାଲୁଖୋଲା, ଖେମୁଣ୍ଡି ଖୋଲ ଆଦି ଗ୍ରାମକୁ ପ୍ରାୟ ୭କିମି ପାହାଡିଆ ରାସ୍ତା ଅତିକ୍ରମ କରି ପହଞ୍ଚିବା ପରେ ଅଭିଭାବକ ମାନଙ୍କୁ ସଚେତନ କରାଇ ସେମାନଙ୍କ ପିଲାମାନଙ୍କୁ ପୁଣି ଥରେ ଶିକ୍ଷା ସ୍ରୋତରେ ସାମିଲ କରାଇଛନ୍ତି। ପ୍ରାୟ ୭ଜଣ ଛାତ୍ରଛାତ୍ରୀ ଆଜି ନାମ ଲେଖାଇଥିଲେ।




ଏଥିରେ ଟି. ଗୋବିନ୍ଦପୁର ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ, ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବିଶ୍ୱାଳ, ପ୍ରଧାନ ଶିକ୍ଷକ ଶ୍ରୀଧର ରଥ, ସିଆରସିସି ବିଜୟ ଗୌଡ଼, ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ନାୟକ, ସନାତନ ସେଠୀ ସାମିଲ ଥିଲେ। ବିଆର୍‌ସିସି ରୀତାଞ୍ଜଳି ରଥ, ଏବିଓ ଶୁକଦେବ ମଲ୍ଲିକ ସମେତ ସମସ୍ତ ସିଆରସିସି, ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଏକାଧିକ ଟିମ୍ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

### ରାସ୍ତା କଡ଼ ହାଟ ମଧ୍ୟରେ ଯାତାୟାତ କରୁଛି ଭାରୀଯାନ

# ଦିନ ସମୟରେ ଭାରୀଯାନ ଚଳାଚଳ ବନ୍ଦ ଦାବି

କବାଟବନ୍ଧ,୧୧।୧୨(ସମିସ): ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ସାପ୍ତାହିକ ଗୁରୁବାର ହାଟକୁ ଆସୁଥିବା ବ୍ୟବସାୟୀ ଓ ଗ୍ରାହକ, ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି। ହାଟ ସମୟରେ ଭାରୀଯାନ ଚଳାଚଳ ଏହାର ମୁଖ୍ୟ କାରଣ ସାଜିଛି। ଯାହାକି ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ତେଣୁ ଦିନ ସମୟରେ ଭାରୀଯାନ ପାଇଁ ନୋ-ଏଣ୍ଟ୍ରି କରାଯିବାକୁ ଦାବି ହେଉଛି।



ସୂଚନା ମୁତାବକ, ସପ୍ତାହରେ ଗୋଟିଏ ଦିନ ତଳ ହାଟ ପଡ଼ିଆ ସହିତ ବ୍ରାହ୍ମଣୀ ନଦୀ ବନ୍ଧ ଉପରେ ଏହି ଗୁରୁବାର ହାଟ ଅନୁଷ୍ଠିତ ହେଉଛି। ହଜାର ହଜାର ଲୋକ ନିଜର ଆବଶ୍ୟକ ପାଇଁ ଏହି ହାଟ ଉପରେ ନିର୍ଭର କରନ୍ତି। ମାତ୍ର ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ନଦୀବନ୍ଧ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟୀ ଓ ଗ୍ରାହକ କିଣାବିକା କରିଥା'ନ୍ତି। ଏହି ସମୟରେ ବଜାର ଭିତରକୁ ବହୁ ସଂଖ୍ୟକ ଭାରୀଯାନ ଚଳାଚଳ କରୁଥିବାରୁ ତାହା ଦୁର୍ଘଟଣାର ସମ୍ଭାବନା ସୃଷ୍ଟି କରୁଛି। ସଂକୀର୍ଣ୍ଣ ରାସ୍ତା ସହିତ ଉଭୟ ପାର୍ଶ୍ୱରୁ ଟ୍ରକ୍, ହାଇୱା ବେଧଡ଼କ ଭାବେ ଯିବାଆସିବା କରୁଛନ୍ତି। ଅନ୍ୟପକ୍ଷରେ ଏହି ନଦୀବନ୍ଧ ରାସ୍ତା ତଥା କବାଟବନ୍ଧ ବଜାର ଭିତରେ ଭାରୀଯାନ ଚଳାଚଳ ପାଇଁ କଟକଣା ଲାଗୁ କରିବା ଓ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରିବା ପାଇଁ ଲୋକେ ଦାବି କରିଆସୁଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକି ଜନଅସନ୍ତୋଷ ସୃଷ୍ଟି କରିଛି। ବିଶେଷକରି ବାଲି ବୋଝେଇ ହାଇୱା ଓ ଡମ୍ଫର ଚଳାଚଳ ଯୋଗୁଁ ଏହି ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ବଜାର ମଧ୍ୟରେ ଭାରୀଯାନ ଚଳାଚଳ ନେଇ କୌଣସି କଟକଣା ନ ଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପ୍ରତ୍ୟେକ ଦିନ ବଜାର ମଧ୍ୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଅଞ୍ଚଳବାସୀ ତଥା ଯାତ୍ରୀଙ୍କ ପାଇଁ ଅଡୁଆ ସୃଷ୍ଟି ହେଲାଣି। ଦିନ ସମୟରେ ଭାରୀଯାନ ଚଳାଚଳ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପ୍ରଶାସନର ନିରବତାକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା କରାଯାଉଛି।

ସ୍କୁଲ,କଲେଜ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି କଳିଙ୍ଗନଗରକୁ ଦୈନିକ ଏହି ବଜାର ଦେଇ ଯାଉଥିବା ସ୍କୁଲ ବସ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ସମେତ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଦିନର ସବୁ ସମୟରେ ଭାରୀଯାନ ଚଳାଚଳ କରୁଥିବାରୁ ଏହି ବଜାରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଦିନ ସମୟରେ ଭାରୀଯାନ ଚଳାଚଳ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଗଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାରେ ଏହି ବଜାର ଥିବାବେଳେ ଦୈନିକ ଏହି ବଜାର ଉପରେ ହଜାର ହଜାର ଲୋକ ନିର୍ଭର କରନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଥିବ ବେଳେ ରାସ୍ତା ଅତି ସଂକୀର୍ଣ୍ଣ ଅଟେ। ଗୋଟିଏ ପାର୍ଶ୍ୱରୁ ଭାରୀଯାନ ପ୍ରବେଶ କଲେ ସାମ୍ନା ଦିଗରୁ କାର, ଟ୍ରାକ୍ଟର, ବସ, ଆମ୍ବୁଲାନ୍ସ ଆସିଲେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସ୍କୁଲ କଲେଜ ପିଲା ଠିକ ସମୟରେ ପହଞ୍ଚି ପାରୁନାହାନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତର ସହିତ ଗ୍ରହଣ କରି ଭାରୀଯାନ ଚଳାଚଳ ଉପରେ କଟକଣା ଓ ଦିନ ସମୟରେ ଭାରୀଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଗଲେ ଏହି ନିତିଦିନିଆ ଟ୍ରାଫିକ ସମସ୍ୟାରୁ ଜନସାଧାରଣ ମୁକ୍ତି ପାଇବେ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ମୂଳାପାଳ ଶିଶୁମନ୍ଦିର କ୍ରୀଡ଼ା ଉଦ୍‌ଯାପିତ



ପାଣିକୋଇଲି, ୧୧।୧୨(ସମିସ): କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଆଜି ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସମ୍ମାନିତ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସମ୍ପାଦକ ଡକ୍ଟର ଦୈତାରୀ ଧଳ, ସାମ୍ବାଦିକ ମନୋଜ ସାହୁ, ମାନସ ଧଳ, ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ ଧଳ, ଉପସଭାପତି ଶଙ୍କର୍ଷଣ ପରିଡା ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ କ୍ରୀଡା ଉପାଦେୟ ସର୍ମ୍ପକରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅରୁଣ ବିଭାଗରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୫୩ଟି ବିଭାଗରେ ୬୧୦ ଜଣ ଅଂଶଗ୍ରହଣ କରିଥିଲେ। ଶିଶୁ ବର୍ଗରେ ସୁସ୍ମିତ ସାହୁ, ଦିବ୍ୟାଜ୍ୟୋତି ବେହେରା, ବାଲ୍ ବର୍ଗରେ ଦୀପକ ଦାସ, ସୁଶ୍ରୀ ସଙ୍ଗୀତା ସାହୁ, କିଶୋର ବର୍ଗରେ ଶୁଭଙ୍କର ମହାନ୍ତି, ସମୀକ୍ଷା ନାୟକ ଓ ଘୋଷ ଟିମକୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯିବା ସହ କୃତିତ୍ୱ ଅର୍ଜ୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସାଗରିକା ମିଶ୍ର ଖେଳ ପରିଚାଳନା କରିଥିଲେ। ଗୁରୁମା ସନ୍ତୋଷିନୀ ମିଶ୍ରଙ୍କ ପରିଚାଳିତ ଉଦଯାପନୀ ସଭାରେ ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭାସ୍କର ପଣ୍ଡା ବୃତକଥନ ପାଠ କରିଥିଲେ। ସହକାରୀ ପ୍ରଧାନଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା, କର୍ମଚାରୀ ଖେଳ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଳେଇପୁରରେ ଏସବିଆଇର ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



ପାଣିକୋଇଲି, ୧୧।୧୨(ସମିସ): ଦୀର୍ଘଦିନର ଦାବି ଓ ବହୁ ବାଦବିବାଦ ପରେ କୋରେଇ ବ୍ଲକ୍ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଶାଖା ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ପୂର୍ବରୁ ଏହି କେନ୍ଦ୍ର ପଞ୍ଚାୟତଠାରୁ ବହୁ ଦୂର ମସୁଦପୁରଠାରେ ଥିବାବେଳେ ପଞ୍ଚାୟତର ବୃଦ୍ଧବୃଦ୍ଧା ଅସୁବିଧାର ସମ୍ମୁଖୀନ ହୋଇ ବାଧ ହୋଇ ୫ କିଲୋମିଟର ଦୂର ପାଣିକୋଇଲିସ୍ଥ ଏସବିଆଇ ଶାଖାକୁ ଯାଉଥିଲେ। ଏହି ଗ୍ରାହକ ସେବା କେନ୍ଦ୍ର ପଞ୍ଚାୟତ ପରିସରରେ ଉଦ୍‌ଘାଟିତ ହେବା ପରେ ପଞ୍ଚାୟତବାସୀଙ୍କ ସହ ବିଶେଷକରି ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀ ସହଜରେ କାରବାର କରିବା ସହ ଅନ୍ୟାନ୍ୟ ବ୍ୟାଙ୍କ ସେବା ସହଜରେ ପାଇପାରିବେ। ଏହି ଗ୍ରାହକ ସେବା କେନ୍ଦ୍ରକୁ ପାଣିକୋଇଲିସ୍ଥ ଏସବିଆଇ ଶାଖା ପରିଚାଳକ ମାନସ ବେହେରା ଉଦ୍‌ଘାଟନ କରିଥିଲେ। ଗୋଳେଇପୁର ସରପଞ୍ଚ ସସ୍ମିତା ମାଝୀ, ସମିତିସଭ୍ୟା ପୂର୍ଣ୍ଣିମା ମାଝୀ, ନାଏବ ସରପଞ୍ଚ ସେକ ହାସିମ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନମୋହନ ସାହୁ, ଏସିଏମ ମଜବୁର ରେହେମାନ, ଲକ୍ଷ୍ମୀଧର କରଣ, ପ୍ରଫୁଲ୍ଲ ମାଝୀ, ଅନାମ ମହାପାତ୍ର, ଶାନ୍ତନୁ ପଣ୍ଡା, ରମେଶ ଦାସ, ଅରକ୍ଷିତ ପାତ୍ର, ୱାର୍ଡ ସଭ୍ୟ କାଙ୍ଗାଳୀ ବେହେରା, ଗୋପାଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ପୂର୍ବତନ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି



ପାଣିକୋଇଲି, ୧୧।୧୨(ସମିସ): ମୂଳାପାଳସ୍ଥ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ସଭାପତି ଓ ସମ୍ପାଦକ, ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଭ୍ୟ ଦାମୋଦର ଧଳ (୭୬)ଙ୍କ ଗତ ୮ ତାରିଖରେ ପ୍ରାତଃଭ୍ରମଣ ସମୟରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଲିଂଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଲିଙ୍ଗେଶ୍ୱର ମଣ୍ଡପରେ ଦାମୋଦର ଧଳଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଟି ଗଠନରେ ସ୍ୱର୍ଗତ ଧଳଙ୍କ ଭୂମିକା ଓ ଅଦ୍ୟାବଧି ବିଭିନ୍ନ ପଦପଦବୀରେ ରହି ଉନ୍ନୟନ କମିଟିକୁ ଆଗେଇନେବା ଓ ତାଙ୍କର ସମୟାନୁବର୍ତ୍ତିତା ସର୍ମ୍ପକରେ ଆଲୋଚନା କରାଯିବା ସହ ଫଟୋଚିତ୍ରରେ ମାଲ୍ୟାପର୍ଣ କରାଯାଇଥିଲା। ଉନ୍ନୟନ କମିଟି ସଭାପତି ବନମାଳୀ ଦାସ, ସମ୍ପାଦକ ଡକ୍ଟର ଦୈତାରୀ ଧଳ, ଉପସଭାପତି ସଦାନନ୍ଦ ସାମଲ, ଯୁଗ୍ମସମ୍ପାଦକ ନିତ୍ୟାନନ୍ଦ ପରିଡା, କୋଷାଧକ୍ଷ ଆନନ୍ଦ ପାଲ, ବରିଷ୍ଠ ସଦସ୍ୟ ବୃନ୍ଦାବନ ସାହୁ, ପ୍ରତାପ ଧଳ, ନିକୁଞ୍ଜ ସାହୁ, ଭଗବାନ ସାହୁ, ଶରତ ଧଳ, ବାସୁଦେବ ପରିଡା, ଗୋଲକ ମାଝୀ, ପ୍ରଦୀପ ଧଳ, ଦିଲ୍ଲୀପ ଧଳ, ଗଦାଧର ଧଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧଳଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ବିଞ୍ଝାରପୁର/ପ୍ରୀତିପୁର, ୧୧।୧୨(ସମିସ): ଇନରହୁଇଲ ଓ ରୋଟାରୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆଉଁରିସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅସହାୟ ଓ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ ସଭାପତି ପ୍ରଦୀପ କର, ସମ୍ପାଦକ ସୁବାସ ମହାପାତ୍ର, ଡା କ୍ଷୀରୋଦ ମହାନ୍ତି, ଡା ଗିରିଶ ମିଶ୍ର, ସତ୍ୟଭାମା ପୃଷ୍ଟି, ଲିଲିରାଣୀ କର, ତୁଷାରକାନ୍ତି ନାୟକ, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସ୍ଥାନୀୟ ସରପଞ୍ଚ ଅନସୂୟା ଜେନା, ସମିତିସଭ୍ୟା ରଞ୍ଜୁଲତା ପରିଡା, ପ୍ରେମଲତା ପଣ୍ଡା, ନିରୁପମା ମଲ୍ଲିକ, ନରେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ରହି ଅସହାୟ ଓ ଦିବ୍ୟାଙ୍ଗଙ୍କ ସମସ୍ୟା ବୁଝିବା ସହିତ ଶୀତବସ୍ତ୍ର ପ୍ରଦାନ କରିଥିଲେ।

## ରାଉତରାରେ ଆଇନ ସଚେତନତା ଶିବିର

ପ୍ରୀତିପୁର, ୧୧।୧୨(ସମିସ): ବିଞ୍ଝାରପୁର ବ୍ଲକର ଚନ୍ଦ୍ରମୁଁ ପଞ୍ଚାୟତର ରାଉତରା ଗ୍ରାମରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଯୁବ ଆଇନଜୀବୀ ଦେବନାରାୟଣ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଚେତନତା ଶିବିରରେ ଶିକ୍ଷାବିତ୍ ତଥା ଆନନ୍ଦମୟୀ ଶିଶୁ ନିକେତନ ଅଧକ୍ଷ ଅକ୍ଷୟ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଗଜେନ୍ଦ୍ର ଧଳ ଯୋଗ ଦେଇଥିବାବେଳେ ଉଦଘାଟକ ଭାବେ ଭକ୍ତିପ୍ରଭାର ସମ୍ପାଦକ ଗୋସ୍ୱାମୀ ଅଭୟ ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ବିଭୂତି ଭୂଷଣ ଦାସ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସୁଧାଂଶୁ ବାଳା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ବାଣୀକଣ୍ଠ କପିଳେନ୍ଦ୍ର ଦାସ ସଙ୍ଗୀତ ପରିବେଷଣ କରିଥିଲେ। ଚିତ୍ତରଞ୍ଜନ ଦାସ, ବିରଞ୍ଚିନାରାୟଣ ପରିଡା, ବ୍ରଜସୁନ୍ଦର ଦାସ, କୈଳାସ ଦାସ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳର ଲୋକଙ୍କୁ ଆଇନ ସମ୍ପର୍କରେ ସଚେତନ କରିବାର ଆବଶ୍ୟକତା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା

ପ୍ରୀତିପୁର,୧୧।୧୨ (ସମିସ): ବିଜ୍ଞାନ ମେଳା ଛାତ୍ରଛାତ୍ରୀଙ୍କୁ ନୂତନ ଜ୍ଞାନକୌଶଳର ଜିଜ୍ଞାସା ସମ୍ପର୍କରେ ସଚେତନ କରିଥାଏ ବୋଲି ବିଜ୍ଞାନ ମେଳାର ଉଦଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଞ୍ଝାରପୁର ବ୍ଲକ୍‌ର ସୀମାନ୍ତସ୍ଥ ଚକ୍ରପୁରରେ ଅବସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମୂହକୁ ନେଇ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ଚକ୍ରପୁର, ଦୁଦୁରାଅଣ୍ଟା, ଜାଗେଶ୍ୱରପୁର ମିର୍ଜାପୁରର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରୁ ଆସଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ୬୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୁଣନିଧି ଦାଶ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗୋବିନ୍ଦ ସାମଲ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଫକୀର ଚରଣ ସାମଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଜିତ ସାମଲ, କୈଳାସ ଦାଶ, ଅନିରୁଦ୍ଧ ରାଉଳ, ରତନଲାଲ ଭୂୟାଁ, ଜୟନ୍ତୀ ରଥ, ଗଗନ ବିହାରୀ ପରିଡା, ଦୁର୍ଗାଚରଣ ମହୀ ପ୍ରମୁଖ ଯୋଗ ଦେଇଥିଲେ। କୈଳାସ ଦାଶ, ଅନିରୁଦ୍ଧ ରାଉଳ, ଜୟନ୍ତୀ ରଥ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଚକ୍ରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ଗଣେଶ ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ଜୟରାମ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଚକ୍ରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବରୁଆଁ ଆଇଟିଆଇରେ ବାର୍ଷିକ କ୍ରୀଡ଼ା

ଯାଜପୁର,୧୧।୧୨ (ସମିସ): ଯାଜପୁରର ଏକମାତ୍ର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବରୁଆଁରେ ଅବସ୍ଥିତ। ଏହି ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅଧକ୍ଷ ପଦ୍ମନ ଚରଣ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ନିଯୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ସୁଶାନ୍ତ ନାୟକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶରୀର ଗଠନରେ କ୍ରୀଡ଼ାର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିବାବେଳେ ସମ୍ମାନିତ ଅତିଥି ଶୃଙ୍ଖଳା ଜ୍ଞାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଅଧିକାରୀ ବିଭୂତି ଭୂଷଣ ଆଇଚ କ୍ରୀଡା ପ୍ରତିଭାଙ୍କ ପ୍ରଶଂସା କରିଥିଲେ। ବାର୍ଷିକ କ୍ରୀଡ଼ାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରଶିକ୍ଷକ ସ୍ୱାଗତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ବହୁ ଅଭିଭାବକ ଯୋଗ ଦେଇଥିଲେ।



## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ ସଭା

ସିଂହପୁର,୧୧।୧୨(ସମିସ): ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବେଉରିଆଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତ୍ରୀ ବବିତା ମଲ୍ଲିକ, ଖରସ୍ରୋତା ପୁସ୍ତକ ମେଳା ସଭାପତି ପଦ୍ମାକର ଗୁରୁ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଥାଟୋଇ, ଗଦାଧର ପଢିହାରୀ, ପ୍ରଦୀପ ଜେନା, ନିରଞ୍ଜନ ଦାସ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକ, ଶିକ୍ଷାବିତ୍ ପଦ୍ମଚରଣ ଧଳ, ଅଜୟ ଓଝା, ପୂର୍ବତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରା, ସମିତି ସଭ୍ୟ ସନ୍ତୋଷ ବେହୁରିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ପ୍ରଧାନ, ସମାଜସେବୀ ଭୁବନାନନ୍ଦ ସାମଲ ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସାନଭାଇ ଇନ୍ଦ୍ରମଣି ବେଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଧବାନନ୍ଦ ପାଠାଗାର ପକ୍ଷରୁ ଗ୍ରାମ୍ୟ ବୈଠକ



ଯାଜପୁର,୧୧।୧୨(ସମିସ): ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଭଗତପୁର ଗ୍ରାମବାସୀଙ୍କୁ ନେଇ ମାଧବାନନ୍ଦ ପାଠାଗାରର ଏକ ବୈଠକ ମହାଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ଗଣେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମାଧବାନନ୍ଦ ପାଠାଗାରର ସଭାପତି ସନ୍ତୋଷ ଦାସ ଯୋଗଦେଇ ପାଠାଗାରର ପ୍ରତିଷ୍ଠା ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସନ୍ତୋଷ ଦାସଙ୍କ ଏହି ଉଦ୍ୟମକୁ ଗ୍ରାମବାସୀଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ଏହି ବୈଠକରେ ଗ୍ରାମର ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ସାହୁ ଓ ଧିରେଶ ଦାସ ପାଠାଗାର ପାଇଁ ପୁସ୍ତକ ଦାନ କରିଥିଲେ। ବିଷ୍ଣୁଚରଣ ରାଉତ, ପୁରସ୍ତମ ସେଠୀ, ସୁବାସ ସାହୁ, ଚନ୍ଦ୍ରମଣି ସାହୁ, ଭାସ୍କର ଜେନା, ଶ୍ରୀଧର ଜେନା, ସରୋଜ ଦାସ, ଅଭିଷେକ ଦାସ, ରବିନ୍ଦ୍ର କୁଣ୍ଡୁ, ତୁଷାରକାନ୍ତି ଦାସ, ପ୍ରମୋଦ ଜେନା, ଗୋପବନ୍ଧୁ ଜେନା, ପ୍ରତ୍ୟୁଷ ସାହୁ, ଶୁଭମ ସାହୁ, ମାଧବ କୁଣ୍ଡୁ ପ୍ରମୁଖ ଗ୍ରାମବାସୀ ପାଠାଗାରର ଉନ୍ନତି ପାଇଁ ସମସ୍ତ ପ୍ରକାରର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ଯାଜପୁର,୧୧।୧୨ (ସମିସ): ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଯାଜପୁର ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ପୁସ୍ତକ ମହୋତ୍ସବ କମିଟି ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସଦର ମହକୁମାର କୁସୁମା ସମ୍ମୁଖ ପ୍ରଶାସନିକ ପଡ଼ିଆରେ ଆସନ୍ତା ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଲବ୍ଧ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଏହି ମହୋତ୍ସବରେ ସେମାନଙ୍କର ପୁସ୍ତକ ପ୍ରଦର୍ଶନ ନିମନ୍ତେ ଆକର୍ଷଣୀୟ ଷ୍ଟଲରେ ସେମାନଙ୍କ ବହି ରିହାତି ଦରରେ ବିକ୍ରୟ କରିବେ। ଏହି ପୁସ୍ତକ ମହୋତ୍ସବରେ ଗୀତା ପ୍ରେସ, ଏ.କେ. ମିଶ୍ର, କଲ୍ୟାଣୀ, ଚିତ୍ରୋତ୍ପଳା, ଜ୍ଞାନମନ୍ଦିର, ସୁଜିତ୍ ବୁକ୍ ଷ୍ଟୋର, କିତାବ ମହଲ, କାହାଣୀ, କନିକା ବୁକ୍ ଷ୍ଟୋର, ଅପୂର୍ବା, ଓଡ଼ିଶା ଟେକ୍ସଟ୍ ବୁକ୍ ପ୍ରେସ, ଜ୍ଞାନ ଯୁଗ ପବ୍ଲିକେଶନ, ପକ୍ଷୀଘର, ସତ୍ୟନାରାୟଣ ବୁକ୍ ଷ୍ଟୋର କଟକ, ଲ' ହାଉସ୍, ପେନ୍ ଇନ୍ ବୁକ୍ସ ଓ ଓଲ୍ଡ ବୁକ୍ସ ପ୍ରଭୃତି ୫୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଓ ପୁସ୍ତକ ବିକ୍ରେତା ଯୋଗଦେବେ।
ପ୍ରତିଦିନ ଅପରାହ୍ନରେ ଆଲୋଚନାଚକ୍ର କୁଇଜ୍, ନୃତ୍ୟ, ସଂଗୀତ, ତର୍କ, ଚିତ୍ରାଙ୍କନ, ପ୍ରତିଯୋଗିତା, କବିତା ପାଠ, କବି ସମ୍ମିଳନୀ, ବ୍ୟଙ୍ଗ କବି ସମ୍ମିଳନୀ ଅନୁଷ୍ଠିତ ହେବା ନିମନ୍ତେ ସ୍ଥିର କରାଯାଇଛି। ଓଡ଼ିଶାର ବହୁ ବରେଣ୍ୟ ବକ୍ତା, ଗବେଷକ, ପ୍ରାବନ୍ଧିକ, ଗାଳ୍ପିକ, ଅନୁବାଦକ, କବି, ସାହିତ୍ୟିକ ଓ ସାରସ୍ୱତ ସାଧକ ଏହି ପୁସ୍ତକ ମହୋତ୍ସବରେ ଯୋଗଦେଇ ସାନ୍ଧ୍ୟ ଅଧିବେଶନକୁ ରଦ୍ଧିମନ୍ତ କରିବେ। ସନ୍ଧ୍ୟା ଅଧିବେଶନରେ ନାଟକ, ଏକାଙ୍କିକା ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ୨୫ରେ ଚିତ୍ରାଙ୍କନ, ୨୮ରେ ନୃତ୍ୟ ଓ ସଂଗୀତ, ୨୯ରେ ତର୍କ ଓ ଏକକ ଅଭିନୟ ଅପରାହ୍ନ ୨ ଘଟିକାଠାରୁ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ୩୦ ତାରିଖ ଉଦ୍‌ଯାପନ ଦିବସରେ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବ। ଯାଜପୁରର ବରେଣ୍ୟ କବି ଓ ଲେଖକଙ୍କର ପୁସ୍ତକ ପ୍ରତ୍ୟେକ ସନ୍ଧ୍ୟାରେ ଲୋକାର୍ପଣ କରାଯିବ। ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ପ୍ରତ୍ୟେକ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯିବ।

ଏହି ପୁସ୍ତକ ମହୋତ୍ସବରେ ଫୁଡ୍‌ପ୍ଲାଜା, ଆକ୍ୱାପ୍ରେସର ଓ ଆୟୁର୍ବେଦିକ ସଂସ୍ଥା, ବିଭିନ୍ନ ଘରକରଣା ସାମଗ୍ରୀ, କାଠ ଓ ବେତ ତିଆରି ସୁନ୍ଦର ଘର ସଜାଇବା କଳାକୃତି, ଗାଲିଚା, ସୋଫା ଓ କୁନି କୁନି ପିଲାଙ୍କ ପାଇଁ ଦୋଳି, ଚକ୍ରିଦୋଳି ଓ ମୀନା ବଜାରର ଆୟୋଜନ କରାଯାଇଛି। ଓଡ଼ିଆ ଅସ୍ମିତାକୁ ନେଇ ଗୀତା, ଭାଗବତ, ବେଦ, ଉପନିଷଦ, ରାମାୟଣ, ମହାଭାରତ ଓ ବିଭିନ୍ନ ପୁରାଣର ଓଡ଼ିଆ ଅନୁବାଦର ଆକର୍ଷଣୀୟ ସମାହାର ଏହି ମହୋତ୍ସବରେ ସ୍ୱତନ୍ତ୍ର ଭାବେ ୪ଟି ଷ୍ଟଲ୍‌ରେ ପ୍ରଦର୍ଶିତ ହେବ। ସ୍କାଉଟ୍ ଗାଇଡ୍ ଓ ଏନ୍‌ସିସି ଛାତ୍ରଛାତ୍ରୀଙ୍କ ଦ୍ୱାରା ପୁସ୍ତକ ପଢ଼ିବା ପ୍ରତି ସଚେତନତା ଝାଲି ଅନୁଷ୍ଠିତ ହେବ। ଏହି ପୁସ୍ତକ ମେଳାକୁ ଆର୍କଷଣୀୟ କରିବା ପାଇଁ ସୁନ୍ଦର ତୋରଣ, ଶବ୍ଦତରଙ୍ଗ ଓ ଆଲୋକସଜ୍ଜା ଓ ଫଟୋସୁଟିଂ ସ୍ପଟ୍ କରାଯିବ। ବୈଠକରେ ଡ. କାହ୍ନୁଚରଣ ମିଶ୍ର, ବିଭୂତି ମହାପାତ୍ର, ଅନନ୍ୟା ସାହିତ୍ୟ ସଂସଦର ମିଡିଆ ସଂଯୋଜକ ଆଦିତ୍ୟ ମହାନ୍ତି, ଆଇନଜୀବୀ ସବିତା ମିଶ୍ର, ପ୍ର. ଉଦୟ ନାରାୟଣ ପରିଡ଼ା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ହରିହର ସ୍ୱାଇଁ, ସୁବାସ ମହାପାତ୍ର, ଅଧକ୍ଷ ଡ. ବିନୋଦ ଚନ୍ଦ୍ର ନାୟକ, ଡ. ହରିଶ୍ଚନ୍ଦ୍ର ପଣ୍ଡା, ପ୍ର. ମଳୟ ଜେନା, ଅଧକ୍ଷ ଅଶୋକ ଦାଶ, ଅଧକ୍ଷ ଅନୀଲ ମହାନ୍ତି, ଡ. ଗିରୀଶ ବମିଶ୍ର, ଡ. ସୁଧାଂଶୁ ରଥ, ଡ. ଅକ୍ଷୟ ପଣ୍ଡା, ଅଧକ୍ଷ ବଳରାମ ମହାନ୍ତି, ଡ. କୈଳାସ ବେହେରା, ସନ୍ତୋଷ ମିଶ୍ର, ମନୀଷା ରାଉତ, ଶଙ୍କର୍ଷଣ ସାହୁ, ତପନ ମହାରଣ୍ୟ, ବିଶ୍ୱଜିତ ସାହୁ, ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର
ବାର୍ତ୍ତା
ମଣ୍ଡେଇ
ମହୋତ୍ସବ-୨୦୨୫ର ଶୁଭକାମନା



ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା,ସଂସ୍କୃତି, ଐତିହ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିଲି ଠାରେ ଆସନ୍ତା ଡିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି।
ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି।



କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା



ଡ଼ଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା
ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା



ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା

# ୬ମାସ ହେଲା ବନ୍ଦ ରହିଛି ରାସ୍ତା କାମ; ଲୋକେ ହୀନସ୍ତା

ଦୋବଲ, ୧୧।୧୨(ସମିସ)



ବର୍ଷେ ତଳେ ଯେତେବେଳେ ରାସ୍ତା ତିଆରି ଆରମ୍ଭ ହେଲା, ସମସ୍ତେ ଖୁସି ହୋଇଯାଇଥିଲେ। ଆଉ ଅସୁବିଧା ହେବନି। ବର୍ଷା ଦିନେ ବି ଘରୁ ବାହାରି ଦୋବଲ ବଜାରରେ ଶୀଘ୍ର ପହଞ୍ଚି ହେବ ବୋଲି ଭାବି ନେଇଥିଲେ କରଦା ପଞ୍ଚାୟତର ଅଙ୍ଗେଇପାଳ, ଦୋବଲର ନନ୍ଦିପୁର ଓ ଖଡ଼ିପଦା ପଞ୍ଚାୟତର କୋରକୋଦା ବାସିନ୍ଦା। ଗେଙ୍ଗୁଟି ନଦୀବନ୍ଧରେ ବୋଲଡର ପରେ ନାଲି ଗୋଡ଼ି ବିଛା ହେବାରୁ ଲୋକେ ଖୁସି ହୋଇଯାଇଥିଲେ। ହେଲେ ଶୀତ ପରେ ଖରା ଆଉ ଖରା ପରେ ବର୍ଷା ଆସିବାରୁ କାମ ବନ୍ଦ ହୋଇଗଲା। ଜୁନ୍ ମାସରୁ ସେ ଖୁସି ମଉଳି ଯାଇଛି। ତା ବଦଳରେ ଦୁଃଖ ବଢ଼ି ଯାଇଛି। କାହାର ବାଇକ୍ କେତେବେଳେ ପମ୍ପଚର ହେଉଛି ତ କାହାର ଗାଡ଼ି ସ୍ଲିପ୍ କରୁଛି। ଆଉ ଆଖପାଖର ଘର ଧୂଳାଗୁଣ୍ଡର ଆସ୍ତରଣରେ ପୋତି ହୋଇ ପଡୁଛି। ନୂଆ ସରକାର ଆସିବା ପରେ ଗତବର୍ଷ ଗେଙ୍ଗୁଟି ନଦୀବନ୍ଧର କୋରକୋଦାଠାରୁ ଅଙ୍ଗେଇପାଳ ଓ କରଦା ପର୍ଯ୍ୟନ୍ତ ରାସ୍ତା ନବୀକରଣ କାମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୪କିଲୋମିଟର ରାସ୍ତା ଭିତରୁ ପ୍ରାୟ ୨ କିଲୋମିଟର ବନ୍ଧକୁ ପିଚୁ କରିବାକୁ ଟେଣ୍ଡର ହୋଇଥିଲା। ଟେଣ୍ଡର ଜିତିଥିବା ଠିକାଦାର ବୋଲଡର ଆଉ ନାଲିଗୋଡ଼ି ପକେଇ ରୋଲିଂ କରିଦେଲେ। ପୁଣି ତା ଉପରେ ବଜୁରୀ ଓ ବଜୁରୀ ଗୁଣ୍ଡ ପକାଇ ରୋଲିଂ କରିଦେଲେ। ତା ପରେ କାମ ଛାଡ଼ି ଚାଲିଗଲେ। ଗତ ୬ ମାସ ହେଲା ଏହି ରାସ୍ତା କାମ ବନ୍ଦ ରହିଛି। କୋରକୋଦାରୁ କରଦା ଓ କରଦାରୁ କୋରକୋଦା ଆସୁଥିବା ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଛୋଟ ଛୋଟ ବଜୁରୀ ପଡ଼ିଥିବାରୁ ବାଇକ୍ ସ୍ଲିପ୍ କରୁଛି। ଆଉ କେତେବେଳେ ଟାୟାର ଲିକ୍ କରିଦେଉଛି। ଖାଲି ଏତିକି ନୁହଁ, ବଜୁରୀ ଗୁଣ୍ଡ ଉପରେ ଗାଡ଼ି ଚାଲିବାରୁ ଧୂଳି ଉଡ଼ି ଘର ଉପରେ ଆସ୍ତରଣ ପଡ଼ିଯାଉଛି। ଅପରପକ୍ଷରେ ସମ୍ପୃକ୍ତ ଠିକାଦାରଙ୍କୁ ପଚାରିବାରୁ ସେ ଜଳ ସମ୍ପଦ ବିଭାଗର ଦୋଷ ଦେଉଛନ୍ତି। ଜେଇ ଓ ଅଫିସର ହଇରାଣ କରୁଥିବାରୁ କାମ ବନ୍ଦ କରିଥିବା ସେ କହିଛନ୍ତି। ସେପଟେ ଜଳ ସମ୍ପଦ ବିଭାଗର କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କହିଛନ୍ତି ଯେ, ଠିକାଦାରଙ୍କୁ ତାଗିଦ କରାଯାଇଛି। ଆସନ୍ତା ମାସକ ମଧ୍ୟରେ ପିଚୁ କାମ ସାରିଦିଆଯିବ ବୋଲି ସେ କହିଛନ୍ତି। ତେବେ ଆଉ ୨ କିଲୋମିଟର ନଦୀବନ୍ଧ ପିଚୁ ହେବା ନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବାରୁ କରଦାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଦୋବଲରୁ କରଦା ଯିବାକୁ ମାତ୍ର ୪ କିଲୋମିଟର ଦୂର। ହେଲେ ବର୍ଷା ଦିନେ ଏ ରାସ୍ତାରେ ଯିବା ସମ୍ଭବ ହେଉନଥିବାରୁ ଅଙ୍ଗେଇପାଳ ଓ କରଦା ଲୋକେ ଖଡ଼ିପଦା, ସୁଜାଣସିଂହପୁର ହୋଇ ଯିବା ଆସିବା କରୁଛନ୍ତି। ଏଥିଲାଗି ସେମାନଙ୍କୁ ପ୍ରାୟ ୮ କିଲୋମିଟର ଅତିକ୍ରମ କରିବାକୁ ପଡୁଛି। ବେଶୀ ମାତ୍ରାରେ ହଇରାଣ ହେଉଛନ୍ତି ଅଙ୍ଗେଇପାଳ ଲୋକେ। ସେମାନଙ୍କ ପିଲାଛୁଆ ଦୋବଲ କିମ୍ବା ଖଡ଼ିପଦା ସ୍କୁଲରେ ପଢୁଛନ୍ତି। ବର୍ଷାଦିନେ ବନ୍ଧ ବାଟେ ଯିବା ସହଜ ହେଉନାହିଁ। ଏଥିଲାଗି ସେମାନେ ଅଧିକ ବାଟ ବୁଲୁଛନ୍ତି। ଆଉ କେହି କେହି ଚାଲି ଚାଲି ୪ କିଲୋମିଟର ଦୂର ଦୋବଲ ସ୍କୁଲକୁ ଆସୁଛନ୍ତି। ଏଣୁ କୋରକଦାରୁ କରଦା ଗେଙ୍ଗୁଟି ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧକୁ ପିଚୁ କରିବା ଲାଗି ଲୋକଙ୍କ ଦାବିକୁ ଗ୍ରହଣ କରି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ୍ଷେପ ନେଇଥିଲେ। ହେଲେ ବିଭାଗୀୟ ଅଧିକାରୀଙ୍କ ମନମାନି ଯୋଗୁଁ ତାହା ବନ୍ଦ ରହିଛି।

## ବ୍ରାଉନ୍‌ସୁଗର୍ ସହ ବୁଲେଟ୍ ଜବତ, ଜଣେ ଗିରଫ



**ଧାମନଗର, ୧୧।୧୨(ସମିସ):** ଭଦ୍ରକରୁ ଦୁଇଜଣ ଯୁବକ ଏକ ବୁଲେଟ୍‌ରେ ଧାମନଗରକୁ ବ୍ରାଉନ୍‌ସୁଗର୍ ନେଇ ଆସୁଥିବା ସମୟରେ ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମହେଶ୍ୱର ପ୍ରଧାନ, ଏଏସ୍‌ଆଇ ନରେନ୍ଦ୍ର ରାଉତ ସଦଳବଳ ଧାମନଗର ଛକ ନିକଟରେ ଚଢ଼ଉ କରି ଦୁଇଜଣ ଯୁବକଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ବୁଲେଟ୍ ଗାଡ଼ିକୁ ଜବତ କରିଛନ୍ତି। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତରେ ୧୨ଗ୍ରାମ ବ୍ରାଉନ୍‌ସୁଗର୍ ଗୋଟିଏ ବାଇକ୍, ଆଉ ଗୋଟିଏ ମୋବାଇଲ ସହ ବେପାରୀକୁ କାବୁ କରିଥିବାବେଳେ ଘଟଣାସ୍ଥଳରୁ ଅନ୍ୟଜଣେ ସହଯୋଗୀ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଧାମନଗର ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତିରେ ଆନୁମାନିକ ମୂଲ୍ୟ ୩୦ହଜାର ଟଙ୍କାର ବ୍ରାଉନ୍‌ସୁଗର୍ ଜବତ କରାଯାଇଥିଲା। ଏ ନେଇ ଧାମନଗର ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଭଦ୍ରକ, ୧୧।୧୨(ସମିସ):** ଭଦ୍ରକ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସଂସ୍ଥାୟୀ ଉନ୍ନୟନ ଲକ୍ଷ୍ୟ (ସସ୍‌ଟେନେବୁଲ ଡେଭଲପମେଣ୍ଟ ଗୋଲସ୍) ବିଷୟରେ ଏକ ଦିବସୀୟ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ଏବଂ ପ୍ଲାନିଂ ଓ କନଭର୍ଜେନ୍ସ ବିଭାଗ ଉଦ୍ୟମରେ ଆୟୋଜିତ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ଓ ଗୁଣାତ୍ମକ ସେବାଦାନ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇଥିଲେ। ଏସ୍‌ଡିଜି ପିସ୍, ପ୍ରସ୍‌ପରିଟି, ପାର୍ଟନର୍‌ସିପ୍ ଓ ପ୍ଲାଣ୍ଟ ଉପରେ ପର୍ଯ୍ୟବସିତ ବୋଲି ଜିଲ୍ଲାପାଳ କହିଥିଲେ। ଏସ୍‌ଡିଜିର ପ୍ରଥମ ଲକ୍ଷ୍ୟ ହେଉଛି ଦାରିଦ୍ର୍ୟ ନିରାକରଣ। ଏହାକୁ ସାର୍ଥକ କରିବା ପାଇଁ ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ, ସମସ୍ତ ଅଞ୍ଚଳକୁ ବାସଯୋଗ୍ୟ, ସୁନ୍ଦର ଏବଂ ସଂସ୍ଥାୟୀ ଭାବରେ ଗଢ଼ି ତୋଳିବା ଅତ୍ୟାବଶ୍ୟକ। ଦରିଦ୍ର ପରିବାରଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି, ମୌଳିକ ସେବାର ସୁବିଧା ପହଞ୍ଚାଇବା, ନିଯୁକ୍ତି ସୃଷ୍ଟି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ମାଧ୍ୟମରେ ଏହି ଲକ୍ଷ୍ୟ ପ୍ରାପ୍ତି ସମ୍ଭବ ହେବ ବୋଲି ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ, ତହସିଲ, ପଞ୍ଚାୟତର ବିଭିନ୍ନ ଅଧିକାରୀ, ଜିଲ୍ଲାସ୍ତରୀୟ ନୋଡାଲ୍ ଅଫିସର ଉପସ୍ଥିତ ହୋଇ ଏସ୍‌ଡିଜି ଆଧାରିତ ଯୋଜନାରେ ଭଦ୍ରକକୁ ଏକ ଦୃଷ୍ଟାନ୍ତ ଜିଲ୍ଲା ହିସାବରେ ପରିଣତ କରିବାପାଇଁ ସଂକଳ୍ପ ବ୍ୟକ୍ତ କଲେ। ଏହି ପ୍ରଶିକ୍ଷଣରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନି ବିପନ୍ନଙ୍କୁ ମିଡିଆ କ୍ଲବ୍‌ର ସହାୟତା



**ଧାମନଗର, ୧୧।୧୨(ସମିସ):** ଧାମନଗରରେ ନୂତନ କରି ଗଢ଼ି ଉଠିଥିବା ଧାମନଗର ମିଡିଆ କ୍ଲବ୍ ପକ୍ଷରୁ ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ଧାମନଗର ବ୍ଲକ ସରୋଇ ଚୁଡ଼ାକୁଟି ପଞ୍ଚାୟତ ଅଧୀନ ସୋରିଷଡିହ ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ବିକାଶ ଚନ୍ଦ୍ର ସାହୁଙ୍କର ଗତ ମଙ୍ଗଳବାର ସଟ୍‌ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଦୁଇବଖରା ନଡ଼ା ଛପର ଘର ସମେତ ବହୁ ମୂଲ୍ୟବାନ ସାମଗ୍ରୀ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଧାମନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଘରେ ଥିବା ଧାନ ଚାଉଳ, ଘରୋଇ ବାସନକୁସନ ସହ ବହୁ ଜରୁରୀ କାଗଜପତ୍ର ଏବଂ ନଗଦ ପନ୍ଦର ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଘଟଣ ପରେ ଦିବ୍ୟାଙ୍ଗ ବିକାଶଙ୍କ ପରିବାର କେଉଁଠି ରହିବେ ଓ କିପରି ପରିବାର ଚଳିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଧାମନଗର ମିଡିଆ କ୍ଲବ୍ ସଭାପତି ଓ ସମ୍ପାଦକଙ୍କ ନିଷ୍ପତ୍ତି ଅନୁଯାୟୀ ଅଗ୍ନି ବିପନ୍ନ ତଥା ଦିବ୍ୟାଙ୍ଗ ପରିବାରଙ୍କ ପାଖରେ ପହଞ୍ଚି କ୍ଲବ୍ ସଦସ୍ୟମାନେ ଚୂଡ଼ା, ମୁଢ଼ି, ବିସ୍କୁଟ, ପାଣି, ଶୀତବସ୍ତ୍ର, ଶାଢ଼ି, ଲୁଙ୍ଗି, ଗାମୁଛା ଆଦି ସାହାଯ୍ୟ କରିଛନ୍ତି। କ୍ଲବ୍‌ର ସଭାପତି ସାମ୍ବାଦିକ ବିବେକାନନ୍ଦ ପଣ୍ଡା, ସମ୍ପାଦକ ସୁଶାନ୍ତ ରାଉତ, ଉପସଭାପତି ସେକ୍ ଜାଫର ଅଲ୍ଲୀ, ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ ସତ୍ୟବ୍ରତ ପ୍ରଧାନ, ଦୁର୍ଗାପ୍ରସାଦ ମହାପାତ୍ର, ଏମ୍‌ଡି ଦାବିର ବାବୁ, ଦୀନକୃଷ୍ଣ ମହାପାତ୍ର, କୁମାରେଶ ବଳଭଦ୍ର ଖିଲାର, ମାନସ ମହାପାତ୍ର, ପ୍ରଦ୍ୟୁମ୍ନ ନାୟକ, ସଞ୍ଜୟ ସେଠୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହ ସରକାରୀ ଘର ଯୋଗାଇଦେବାକୁ ସ୍ଥାନୀୟ ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡଙ୍କ ସମେତ ଗ୍ରାମବାସୀ ଏବଂ ମିଡିଆ କ୍ଲବ୍ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

ଭଦ୍ରକ ଉପ ନିୟନ୍ତ୍ରକ ବୈଧ ମାପ ବିଭାଗ ଅଫିସ୍ ବିଲଡିଂ ନିର୍ମାଣ ପ୍ରସଙ୍ଗ

## ଜମି ଦେଲେ, ଦଖଲ ଦେଉନାହାନ୍ତି

**ଭଦ୍ରକ, ୧୧।୧୨(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ସରକାରୀ ଅଫିସ ବିଲ୍‌ଡିଂ ପାଇଁ ଜମି ପ୍ରଦାନ କଲେ। ୭ବର୍ଷ ତଳେ ଜମି ହସ୍ତାନ୍ତର ସତ୍ତ୍ୱେ ଆଜିଯାଏଁ ଦଖଲ ଦେଉନାହାନ୍ତି କି ଜମିରୁ ଜବରଦଖଲ ହଟାଉନାହାନ୍ତି। ଫଳରେ ୭ବର୍ଷ ହେବ ସରକାର ଅଫିସ୍ ବିଲ୍‌ଡିଂ ନିର୍ମାଣ ପାଇଁ ଯୋଗାଇଥିବା ୧କୋଟି ୬୬ହଜାର ୫୭୫ଟଙ୍କା ପଡ଼ିରହିଛି। ଖୋଦ୍ ଏକ



- ୭ ବର୍ଷ ହେବ ପଡ଼ିରହିଛି ୧କୋଟି ୬୬ହଜାର ଟଙ୍କା
- ଭଙ୍ଗା ଦଦରା ଘରେ ଚାଲିଛି କାର୍ଯ୍ୟାଳୟ

ସରକାରୀ ବିଲଡିଂ ନିର୍ମାଣ ପାଇଁ ପ୍ରଶାସନିକ ଅବହେଳାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଭଦ୍ରକ ଉପ ନିୟନ୍ତ୍ରକ ବୈଧ ମାପ ବିଭାଗର ନିଜସ୍ୱ କାର୍ଯ୍ୟାଳୟ, ଲାବୋରେଟୋରୀ ଲାଗି ଗତ ୧୭ ଜୁଲାଇ ୨୦୧୮ ତାରିଖରେ ରାଜ୍ୟ ସରକାର ୧କୋଟି ୬୬ହଜାର ୫୭୫ଟଙ୍କା ଯୋଗାଇଦେଇଛନ୍ତି। ଏହି ବିଲଡିଂ ନିର୍ମାଣ ପାଇଁ ଆବଶ୍ୟକ ଜମି ପ୍ରଶାସନ ପକ୍ଷରୁ ଗତ ୩୧ ମଇ ୨୦୧୮ ରେ ଯୋଗାଇ ଦିଆଯାଇଥିଲା। ସହରର ଅପର୍ତ୍ତିବିନ୍ଧା ମୌଜାର ଖାତା-୮୮୯, ପ୍ଲଟ ନଂ-୧୫ରେ ଥିବା ୮ଡେସମିଲ ଜମିକୁ ଖାଦ୍ୟ ଓ ଯୋଗାଣ ବିଭାଗ ନାମରେ ପଟ୍ଟା ହୋଇଥିଲା। ଏହି ଜମିରେ ଅଫିସ ବିଲଡିଂ ନିର୍ମାଣ କରିବାକୁ ଆର୍ ଆଣ୍ଡ ବି ବିଭାଗୀୟ ଅଧିକାରୀ ଓ ଠିକାଦାର ଲେ-ଆଉଟ୍ ଦେବାକୁ ଯାଇ ଉକ୍ତ ୮ଡେସମିଲ ଜମିରୁ କିଛି ଅଂଶ ଜବରଦଖଲ ହୋଇଥିବା ଜାଣିବାକୁ ପାଇଥିଲେ। ଫଳରେ କାମ ଆରମ୍ଭ କରିପାରିନଥିଲେ। ତା'ପରେ ଉକ୍ତ ଜମିକୁ ନେଇ ସ୍ଥାନୀୟ ଅଞ୍ଚଳର ୨ଜଣ ବ୍ୟକ୍ତି କୋର୍ଟରେ ମାମଲା ରୁଜୁ କରିଥିଲେ। ଇତିମଧ୍ୟରେ ଉକ୍ତ ଜମିରେ ପଜେସନ ଦେବାକୁ ବହୁବାର ପ୍ରଶାସନ ବୈଠକ କରିଥିଲେ ବି ଏହାର ସୁଫଳ କିଛି ମିଳିନଥିଲା। ଦୀର୍ଘବର୍ଷ ବିତିଯିବା ପରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ଟେଣ୍ଡର ବି କ୍ୟାନସଲ୍ ହୋଇଥିଲା। ଉକ୍ତ ମାମଲାଟି କୋର୍ଟରେ ଖାରଜ ହୋଇଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ ଏବେ ସହରରେ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିବା ବେଳେ ଗୋଟିଏ ସରକାରୀ ବିଭାଗର ଅଫିସ ବିଲଡିଂ ନିର୍ମାଣ ପାଇଁ ଦିଆଯାଇଥିବା ଜମିରେ କାହିଁକି ଜବରଦଖଲ ହଟାଇ ପଜେସନ ଦେଉନାହିଁ ବୋଲି ସହରବାସୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ହେବ ନିଜସ୍ୱ ବିଲଡିଂ ନଥିବାରୁ ଭଙ୍ଗା ଦଦରା ଭଡ଼ା ଘରେ ଓଜନ ମାପ ବିଭାଗ କାର୍ଯ୍ୟାଳୟ ଚାଲିଛି। ଗତ ୨୯ଜୁନ୍ ୨୦୨୫ରେ ଏହି ଅଫିସରୁ ଓଜନ ମାପ ଯନ୍ତ୍ରାଂଶ ଗୁଡ଼ିକ ଚୋରି ହୋଇ ଥାନାରେ ମାମଲା ରୁଜୁ ହୋଇଛି। ଏବେ ଓଜନ, ମାପ ବିଭାଗର ସ୍ଥାୟୀ ଅଫିସ ନଥିବା ବେଳେ ନିୟମିତ ଯାଞ୍ଚ ଲାଗି ଗାଡ଼ି କି କର୍ମଚାରୀ ନଥିବାରୁ ଓଜନ ଠକେଇ ଏବେ ବଢ଼ିବାରେ ଲାଗିଛି। ଏ ଦିଗରେ ସରକାର ଗୁରୁତ୍ୱର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଶାରଦା ଦେବୀଙ୍କ ଜନ୍ମବାର୍ଷିକୀ



**ବାରିକପୁର, ୧୧।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ବିଶୋଳ ବାସୁଲେଇ ପୀଠରେ ଥିବା ରାମକୃଷ୍ଣ ଶାରଦା ଆଶ୍ରମଠାରେ ଶ୍ରୀ ମା ସାରଦା ଦେବୀଙ୍କ ୧୭୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାମୀ ରାମେଶ୍ୱରାନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଜନ୍ମ ବାର୍ଷିକୀ ଉତ୍ସବରେ ବୋହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଜନ୍ମ ଦିବସ ଉପଲକ୍ଷେ ଆଶ୍ରମ ଠାରେ ମଙ୍ଗଳ ଆରତୀ, ଭଜନ ଜଣାଣ, ହୋମଯଜ୍ଞ ଓ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ମା ଶାରଦା ଦେବୀଙ୍କ ଜୀବନୀ ବିଷୟରେ ମଧ୍ୟ ଶ୍ରଦ୍ଧାଳୁମାନେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ ବସ୍ତ୍ର ମଧ୍ୟ ବଣ୍ଟନ ହୋଇଥିଲା। ଏହି ବୈଦିକ କାର୍ଯ୍ୟକ୍ରମରେ ଗ୍ରାମ ସମେତ ଆଖପାଖ ଗାଁର ଜନସାଧାରଣ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ବ୍ରହ୍ମଚାରିଣୀ ଦେବବ୍ରତୀଙ୍କ ସମେତ ଶାରଦା ନାୟକ, କୌଶଲ୍ୟା ରାଉତ, ଗାୟତ୍ରୀ ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ଶୁଭଲକ୍ଷ୍ମୀ ଜେନା, ବିଶ୍ୱରୂପା ଜେନା, ଶୁଭଲକ୍ଷ୍ମୀ ଦାସ, ସମର ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

## ନିଟ୍ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ



**ବାରିକପୁର, ୧୧।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତର ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରକୃତି ବନ୍ଧୁ ସ୍ୱର୍ଗତ ବାବାଜି ଚରଣ ଲେଙ୍କାଙ୍କ ନାତୁଣୀ ବସୁଧା ଲେଙ୍କା ସର୍ବ ଭାରତୀୟ ସ୍ତରରେ ଅନୁଷ୍ଠିତ ନିଟ୍ ୟୁଜି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସବୁଜ ବାହିନୀ ସମ୍ପାଦକ ବିରଞ୍ଚିନାରାୟଣ ଲେଙ୍କାଙ୍କ ସୁପୁତ୍ରୀ ବସୁଧା ଏବେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଦନ୍ତ ଚିକିତ୍ସକ ଭାବେ ଅଧ୍ୟୟନ ପାଇଁ ମନୋନୀତ ହୋଇଛନ୍ତି। ସେ ଯାଜପୁର ଜିଲ୍ଲା ପାଣିକୋଇଲିସ୍ଥିତ ନବୋଦୟ ବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଶତକଡ଼ା ୯୩.୪ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ। ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବସୁଧାଙ୍କୁ ବିଦ୍ୟାଳୟ ସମେତ ପଞ୍ଚାୟତ ଅଞ୍ଚଳରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବିପଦପୂର୍ଣ୍ଣ ବିଦ୍ୟାଳୟ ଶ୍ରେଣୀଗୃହ, ଜାକିଜୁକି ହୋଇ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ



**ଦୋଳସାହି, ୧୧।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତରେ ୧୯୪୦ ମସିହାରେ ସ୍ଥାପିତ ସର୍ବପୁରାତନ ବିଦ୍ୟାଳୟ ରାମନାରାୟଣ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଶ୍ରେଣୀଗୃହରେ ଛାତ୍ରଛାତ୍ରୀ ଜାକିଜୁକି ହୋଇ ପାଠ ପଢୁଥିବାବେଳେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଥିବାବେଳେ ବିଦ୍ୟାଳୟ ଶ୍ରେଣୀ ଗୃହ ଓ କିଛି ଅଫିସ୍ ଗୃହ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗତ ପ୍ରାୟ ୮୫ ବର୍ଷରୁ ତଳୁ ନିର୍ମିତ ଏହି ଶ୍ରେଣୀଗୃହ ଓ ଅଫିସ ଗୃହରେ ଲାଗିଥିବା ଆଜବେଷ୍ଟ ଦୁର୍ବଳ ହୋଇ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସେହିପରି ଏହି ବିଦ୍ୟାଳୟର ଖାଲି ପଡ଼ିଥିବା ଅନେକ ପଦବୀ ନେଇ ବାରମ୍ବାର ଦୈନିକ 'ସକାଳ'ରେ ଏ ନେଇ ଖବର ପ୍ରକାଶିତ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦବୀ ପୂରଣ କରାଯାଇଛି। ଏହି ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଷଷ୍ଠ ବନାନ କରିପାରୁନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଶୁକ୍ରବାର ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଏହି ପୁରାତନ ସ୍କୁଲ ପ୍ରତି ସଦୟ ଦୃଷ୍ଟି ପଡୁ ବୋଲି ଦାବି ହୋଇଛି।

ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ୯ମ ସନ୍ଧ୍ୟା

## 'ଯୁଗେ ଯୁଗେ ଓଡ଼ିଶାର ସଂସ୍କୃତିକୁ ଅନୁକରଣ କରିଛି ବିଶ୍ୱ'

ଭଦ୍ରକ, ୧୧।୧୨(ସମିସ)



ଓଡ଼ିଶାର କିମ୍ବଦନ୍ତୀ, ଇତିହାସ, ଲୋକ ଜୀବନ, ସଂସ୍କୃତି ଓ ପରମ୍ପରା ସ୍ୱତନ୍ତ୍ର। ଓଡ଼ିଶାର ଲୋକମାନଙ୍କର ପୋଷାକପତ୍ର, ଚାଲିଚଳଣି, ଆଚାର ବ୍ୟବହାର ପୃଥିବୀରେ ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ। ଓଡ଼ିଆରେ ମାଆ ଡାକ, ଗୁରୁଜନଙ୍କ ପ୍ରତି ଭକ୍ତି ବାସ୍ତବରେ ନିଆରା। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ପାଳନ କରାଯାଏ ବାର ମାସରେ ତେର ପର୍ବ। ଓଡ଼ିଶାକୁ ଛାଡ଼ି ପୃଥିବୀର ଇତିହାସ ସୃଷ୍ଟି ହୋଇପାରିବ ନାହିଁ। ସେଥିପାଇଁ ଯୁଗେ ଯୁଗେ ଓଡ଼ିଶାକୁ ଅନୁକରଣ କରିଆସିଛି ସମଗ୍ର ବିଶ୍ୱ। ଦୀର୍ଘ ଚଉଦ ବର୍ଷ ଧରି ପାଳିତ ହେଉଥିବା ଭଦ୍ରକ ଜିଲ୍ଲା ମହୋତ୍ସବର ୯ମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ତଥା ସମାଜସେବୀ ଡାକ୍ତର ପ୍ରଦୀପ ନାୟକ ଏହା କହିଛନ୍ତି। ଭଦ୍ରକ ସହରାଞ୍ଚଳର ଥାନା ଅଧିକାରୀ ପ୍ରଭାଂଶୁଶେଖର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି, ମହାନ ଉଦ୍ଦେଶ୍ୟ ରଖି ଯେଉଁ ଉତ୍ସବ ପାଳନ କରାଯାଏ ତାହା ହିଁ ମହୋତ୍ସବ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତା ସଞ୍ଜୟ ପଣ୍ଡା କହିଥିଲେ, ମୋ ଗର୍ବ, ମୋ ଭଦ୍ରକ। ଏହି ଅବସରରେ ସଞ୍ଜୟ ଓରଫ ପପୁ ପଣ୍ଡାଙ୍କ ନିଖୁଣ ଅଭିନୟ ସଭାକୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଶ୍ମିତା ଦାଶ, ରାଜଲକ୍ଷ୍ମୀ ମହାପାତ୍ର, ଶଶିକଳା ମିଶ୍ର ଭଦ୍ରକ ଜିଲ୍ଲା ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। 'ନୀଳମଣି ରାଉତରାୟ'ଙ୍କ ନାମରେ ନାମିତ ମଞ୍ଚରେ 'ଓଡ଼ିଶାର ଲୋକ ଜୀବନ' ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ପଣ୍ଡିତ ସଞ୍ଜୟ ପାଢ଼ୀଶର୍ମା ବେଦ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କୁ କମିଟି ପକ୍ଷରୁ ଉପସଭାପତି ସାମ୍ବାଦିକ ପ୍ରମୋଦ ରାୟ, କାର୍ଯ୍ୟକାରୀ ସଭାପତି ଶ୍ରୀ ବିଶ୍ୱାଳ, ସମ୍ପାଦକ ଶ୍ରୀ ସ୍ୱାମୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ସାଇ ବିନାୟକ ନୃତ୍ୟ ଏକାଡେମୀର କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ଆରମ୍ଭରେ କୁନି କୁନି କଳିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଦର୍ଶ ଶିକ୍ଷକ ଅରୁଣ କୁମାର ମଲ୍ଲିକ ଦେଶାତ୍ମକ ବନ୍ଦନା ଗାନ କରିଥିଲେ। ଶେଷରେ ପ୍ରଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ସନ୍ଧ୍ୟାରେ ସାଇ ବିନାୟକ ଇଣ୍ଟରନ୍ୟାସନାଲ ଏକାଡେମୀର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଛଉନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା। ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇ ହୋଇଥିଲେ। କମିଟିର ଆବାହକ ଶଶୀଭୂଷଣ ସ୍ୱାମୀ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଳି ନାୟକ, ସୁମିତ୍ରା ପାଣି, ଗୋସ୍ୱାମୀ ଅରୂପ ଦାସ, ସୁନୀଲ ଦତ୍ତ ପ୍ରମୁଖଙ୍କ ସଂଯୋଜନାରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା।

## ପାରିବାରିକ କଳହର କରୁଣ ପରିଣତି
# ଭଡ଼ାଘରେ ଝୁଲି ପଡ଼ିଲେ ମହିଳା

ଅସ୍ତରଙ୍ଗ,୧୧।୧୨(ସମିସ)



ଅସ୍ତରଙ୍ଗ ଥାନା ଅଞ୍ଚଳରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଜଣେ ମହିଳା ନିଜ ଭଡ଼ା ଘରେ ଝୁଲିପଡ଼ି ଜୀବନ ହରାଇଛନ୍ତି। ମୃତ ମହିଳା ହେଲେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ମୁରୁଡ଼ା ଗ୍ରାମର ଚିରଞ୍ଜିବୀ ସାହୁଙ୍କ ପତ୍ନୀ ଝିଲିଲତା ସାହୁ। ଚରମ୍ପା ଥାନା ଆଦିବାସୀ ସାହିର ଝିଲିଲତାଙ୍କୁ ପ୍ରେମ ବିବାହ କରିଥିଲେ ଚିରଞ୍ଜିବୀ। ଉଭୟଙ୍କର ଜଣେ ୮ ବର୍ଷର ଝିଅ ଏବଂ ଜଣେ ୬ ବର୍ଷର ପୁଅ ରହିଛନ୍ତି। ଉଭୟ ସ୍ୱାମୀ ସ୍ତ୍ରୀ କିଛିଦିନ ହେବ ଅସ୍ତରଙ୍ଗ ମୁଖ୍ୟ ବଜାର ଅଞ୍ଚଳରେ ଘରଭଡ଼ା ନେଇ ରହିଆସୁଥିଲେ। ସ୍ୱାମୀ ଅସ୍ତରଙ୍ଗ ବଜାରରେ ଉଠା ଜଳଖିଆ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ଏବଂ ମାରପିଟ ହେଉଥିଲା। ବୁଧବାର ରାତି ପ୍ରାୟ ୧୦ଟା ସମୟରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଚିରଞ୍ଜିବୀ ସ୍ତ୍ରୀ ଝିଲିଙ୍କୁ ମାରପିଟ କରିଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଉଗ୍ରରୂପ ନେଇଥିଲା। ଏଥିରେ ଅତିଷ୍ଠ ହୋଇ ଝିଲି ସେହି ଭଡ଼ା ଘରେ ନିଜ ଗଳାରେ ରଶି ବାନ୍ଧି ଆତ୍ମହତ୍ୟା କରିଦେଇଥିଲେ। ଭିତର ପଟୁ କବାଟ ଦେଇ ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବା ଯୋଗୁଁ ସ୍ଥାନୀୟ ଲୋକେ ଅସ୍ତରଙ୍ଗ ପୁଲିସକୁ ଖବର ଦେଇଥିଲେ। ଅସ୍ତରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ପରେ ଘର ଭିତରେ ଝୁଲୁଥିବା ଅବସ୍ଥାରେ ଝିଲିଙ୍କୁ ଦେଖିଥିଲେ। ଏହା ଏକ ପାରିବାରିକ କଳହ ହୋଇଥିବା କାରଣରୁ ପୁଲିସ ପୁରୀଜିଲ୍ଲା ସାଇଣ୍ଟିଫିକ ଟିମ୍‌କୁ ସୂଚନା ଦେଇଥିଲେ। ଖବର ପାଇ ସାଇଣ୍ଟିଫିକ ଟିମ୍ ଗୁରୁବାର ଦିନ ୧୧ଟା ଘଟିକା ସମୟରେ ପହଞ୍ଚିଥିଲେ ଏବଂ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ, ତଦନ୍ତ ପରେ ମୃତଦେହକୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଞ୍ଚନାମା ପାଇଁ ପଠାଇଦିଆଯାଇଛି। ଅସ୍ତରଙ୍ଗ ଥାନା ପୁଲିସ ଅସ୍ତରଙ୍ଗ ଥାନା କେସ ନମ୍ବର ୨୩୯ ଦ୨୫ ରେ ଏକ ମାମଲା ରୁଜୁକରି ଭାରତୀୟ ନ୍ୟାୟ ସଂହିତା ୮୫,୧୦୮ ୨+୫ ଦଫାରେ ସ୍ୱାମୀ ଚିରଞ୍ଜିବୀ ସାହୁଙ୍କୁ ଅଟକ ରଖି ପଚରା ଉଚରା କରୁଛି।

## ନିଯୁକ୍ତି ପାଇଁ ୧୭ ବର୍ଷ ହେଲା ଲଢୁଛନ୍ତି ବାମଦେବ

କାକଟପୁର,୧୧।୧୨(ସମିସ): ନିଯୁକ୍ତି ପାଇଁ ଦିନେ ଅଧେ ନୁହେଁ, ଦୀର୍ଘ ୧୭ ବର୍ଷ ହେଲା ଲଢୁଛନ୍ତି ବାମଦେବ। ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅଶିଜଙ୍ଗା ଗ୍ରାମର ବାସିନ୍ଦା ହେଲେ ବାମଦେବ ସାହୁ। ତାଙ୍କ ପ୍ରତି ନିଯୁକ୍ତିରେ ହୋଇଥିବା ଅନିୟମିତତା ବିରୋଧରେ ସଂଗ୍ରାମ ଜାରି ରଖିଛନ୍ତି। ୨୦୦୬ ମସିହାରେ ପୁରୀ ଶିକ୍ଷା ବିଭାଗ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ବିଜ୍ଞପ୍ତିରେ ପ୍ରକାଶିତ ସଂରକ୍ଷଣ ନିୟମକୁ ଉଲଂଘନ କରି ଖାଲିଥିବା ଏସ୍‌ଟି ପଦବୀରେ ସାଧାରଣ ବର୍ଗର ପ୍ରାର୍ଥୀଙ୍କୁ ଏକ ଅଜବ ସର୍ତ୍ତ ରଖି ନିଯୁକ୍ତି ଦେଇଥିଲେ। ବାମଦେବ ଉକ୍ତ ପଦବୀ ପାଇଁ ସଂରକ୍ଷଣ ନିୟମ ଅନୁଯାୟୀ ଯୋଗ୍ୟ ହୋଇ ମଧ୍ୟ ପୁରୀ ଶିକ୍ଷା ବିଭାଗ ତାଙ୍କ ଗ୍ରୀଭାନ୍ସକୁ ପ୍ରତ୍ୟାଖ୍ୟାନ କରିଥିଲେ। ହାଇକୋର୍ଟ ତାଙ୍କୁ ନିଯୁକ୍ତି ଦେବାପାଇଁ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ନିଯୁକ୍ତି ପାଇପାରି ନଥିଲେ। ବ୍ଲକ୍‌ୱାରି ନିଯୁକ୍ତି ହୋଇଥିବା କାରଣରୁ ଓ ଅଭିଯୋଗକାରୀ କାକଟପୁର ବ୍ଲକ୍‌ର ଆଶାୟୀ ହୋଇଥିବାରୁ



ନିଜେ ବାରମ୍ବାର ହତୋତ୍ସାହିତ ହୋଇ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଗୁହାରି କରିଥିଲେ। ତାଙ୍କପାଇଁ ହାଇକୋର୍ଟ ଦେଇଥିବା ଆଦେଶ ନଂ ଡବ୍ଲ୍ୟୁ ପିସି ୭୭୪୬ ଅଫ ୨୦୧୨କୁ 'ସୁଇଟେବୁଲ୍ ଇମ୍ପ୍ଲିମେଣ୍ଟେସନ' ପାଇଁ ସବୁସ୍ତରରୁ ନିର୍ଦ୍ଦେଶ ଆସିଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଜନଶୁଣାଣି ମାଧ୍ୟମରେ ଏହି ଅଭିଯୋଗକାରୀଙ୍କ ଅଭିଯୋଗକୁ ତର୍ଜମା କରିଥିଲେ। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାପାଳ ପୁରୀ ଜନଶୁଣାଣି ମାଧ୍ୟମରେ ରିପୋର୍ଟ ମଧ୍ୟ ଡିସ୍ପୋଜ୍ ଅପ୍ କରିସାରିଛନ୍ତି। ବାମଦେବ ବେହେରାଙ୍କ ଅର୍ଡରକୁ ସୁଇଟେବୁଲ ଇମ୍ପ୍ଲିମେଣ୍ଟେସନ କରିବା ପାଇଁ ଏସ୍‌ପି ପୁରୀ ମଧ୍ୟ ପ୍ରଦାନ କରାଯାଇଥିବା ରିପୋର୍ଟକୁ ତର୍ଜମା କରି ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ ରିପୋର୍ଟ ଟି ସତ୍ୟ ଅଟେ। ଏତେସବୁ ପରେ ମଧ୍ୟ ନ୍ୟାୟ ପାଉନାହାନ୍ତି ଅଭିଯୋଗକାରୀ। ଗ୍ରୀଭାନ୍ସ ହେଉଛି ସମାଧାନ ଅଥଚ ନ୍ୟାୟ ମିଳୁନାହିଁ ବୋଲି କ୍ଷୋଭର ସହ କହିଛନ୍ତି ବାମଦେବ।

## ବେତେଣ୍ଡା ଅଞ୍ଚଳରେ ଥମୁନି ଗଞ୍ଜେଇ ବେପାର

ନୁଆପଲମ ହାଟ,୧୧।୧୨(ସମିସ): ପ୍ରାଚୀ ନଦୀକୂଳରେ ନିଭରଣ ପଞ୍ଚାୟତର ବେତେଣ୍ଡା ଗ୍ରାମରେ ଗ୍ରାମରେ ଚୋରା ଗଞ୍ଜେଇ ବେପାର ଧୁମ୍‌ଧାମରେ ଚାଲିଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଗତ କିଛି ମାସ ତଳେ ଯୌନିକ ଚୋରା ଗଞ୍ଜେଇ ବେପାରୀଙ୍କ ଘର ଉପରେ ଚଢ଼ାଉ କରାଯାଇ ୫୫କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ୬ମାସ ଜେଲ ଯାଇ ଜାମିନରେ ଆସିବାପରେ ପୁର୍ନବାର ଗଞ୍ଜେଇ ବେପାର ଜୋରସୋରରେ ଚଳାଇଛି। ସ୍ଥାନୀୟ ପୋଲିସ ଅବକାରୀ ବିଭାଗ ଙ୍କୁ ମାସିକିଆ ପାଉଣା ଦେଇ ଚୋରା ବେପାର କରୁଥିବା ଗଞ୍ଜେଇ ବେପାରୀଙ୍କ ଠାରୁ ନୟାହାଟ ଅଞ୍ଚଳର ଖୁଚୁରା ବ୍ୟବସାୟୀ ବେଟେଣ୍ଡା ଯାଇ ସକାଳ ସନ୍ଧ୍ୟାରେ ସେଠାରେ ଭିଡ ଜମାଇବା ସହିତ ଗଞ୍ଜେଇ ଆଣି ଅବାଧ କାରବାର କରୁଛନ୍ତି। ଏ ଦିଗରେ କ୍ରାଇମବ୍ରାଞ୍ଚ୍ ପକ୍ଷରୁ ଅନୁସନ୍ଧାନ କରାଯାଇ ଚଢ଼ଉ ପାଇଁ ଦବିହେଉଛି।

## କୋଣାର୍କରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା



କୋଣାର୍କ,୧୧।୧୨(ସମିସ): ଗୁରୁବାର କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଗୋପ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ଆୟୋଜିତ ଏହି ଶିକ୍ଷା ସଭାରେ ହାଇସ୍କୁଲ ଓ ଯୁକ୍ତ-୨ ଶ୍ରେଣୀର ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଗୋପସ୍ଥିତ ରାଜ୍ୟ ମୁକ୍ତ ବିଦ୍ୟାଳୟ(ଏସ୍‌ଓଆଇଏସ୍) ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ(ଏନ୍‌ଓଆଇଏସ୍)ରେ ନାମ ଲେଖାଇବା ପାଇଁ ସଚେତନ କରାଯାଇଛି। ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ ଶିକ୍ଷା ସଭାରେ ସିମିଳି ଗ୍ରାମପଞ୍ଚାୟତର ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସିମିଳି ପଞ୍ଚାୟତର ସମିତି ସଭ୍ୟା ମିନତି ସାହୁ, ଗୋପ ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ଶିକ୍ଷାବିତ୍ ସ୍ୱରଜିତ୍ ସେନ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ବବିତା ସ୍ୱାଇଁ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ଓ ଆମ୍ବିଳିଗାଁ ୟୁଜିୟୁପିଏସ୍ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ ଯୋଗଦେଇ ଆସ ସ୍କୁଲ ଯିବା ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଏହି ଅଭିଯାନରୁ ମିଳିଥିବା ସଫଳତାର କାହାଣୀ ଉପସ୍ଥାପିତ କରିଥିଲେ। ଉକ୍ତ ଶିକ୍ଷା ସଭାରେ ଯୋଗ ଦେଇଥିବା ପଞ୍ଚାୟତରାଜ ପ୍ରତିନିଧି, ଆଲୁମିନି ସଦସ୍ୟ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ଛାତ୍ର ଓ ଅଭିଭାବକଙ୍କୁ ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କରେ ସଚେତନ କରିବା ନିମନ୍ତେ ଲିଫଲେଟ୍ ବିତରଣ କରିଥିଲେ। ଏଥିସହିତ ସଭାସ୍ଥଳରେ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କୋଣ, ନିପୁଣ ଓଡ଼ିଶା କୋଣ ଏବଂ ଏସ୍‌ଆଇଓଏସ୍ ଓ ଏନ୍‌ଆଇଓଏସ୍ କୋଣ ପ୍ରଦର୍ଶନ କରାଯାଇଥିଲା। କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଏହି ସଭାରେ ଯୋଗଦେଇ ଅଧାରୁ ପାଠ ଛାଡ଼ିଥିବା ୩ରୁ ୧୮ ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ସଚେତନ କରିଥିଲେ। ସଭା ପରିଚାଳନାରେ ଶିକ୍ଷକ ସୁଶାନ୍ତ ବେହେରା, ଦିଲ୍ଲୀପ କୁମାର ନାୟକ, ବାନାମ୍ବର ବେହେରା, ରାଜଲକ୍ଷ୍ମୀ ମହାନ୍ତି, ଗଙ୍ଗାଧର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ହୃଦ୍‌ଘାତରେ ମହିଳାଙ୍କ ମୃତ୍ୟୁ



ନୟାହାଟ,୧୧।୧୨(ସମିସ): ନୟାହାଟ ଫାଣ୍ଡି ଜଙ୍ଗଲବୋରୀ ପଞ୍ଚାୟତର ନୂଆପାଟଣା ଗ୍ରାମର ପରମାନନ୍ଦ ପାତ୍ରଙ୍କ ପତ୍ନୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଚାଚ ପାତ୍ର (୬୨) ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ସଭ୍ୟା ଥିଲେ। ସେ ପରୋପକାରୀ ଓ ଧର୍ମପରାୟଣ ମହିଳା ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ପାଇଲା ପରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ, କରୁଣାଙ୍କର ପାତ୍ର, ଲୋଚନ ପାତ୍ର, ପରମା ନନ୍ଦ ବାରିକ ପ୍ରମୁଖ ଶେଷଦର୍ଶନ ଲାଗି ନୂଆପାଟଣା ଗ୍ରାମରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ତାଙ୍କ ମୃତ୍ୟୁରେ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

କୃଷ୍ଣପ୍ରସାଦ,୧୧।୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ବଜ୍ରକୋଟ ପଞ୍ଚାୟତ ବଜ୍ରକୋଟ ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୭ ତମ କୁନି ବୈଜ୍ଞାନିକ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରରେ କୁନି ବୈଜ୍ଞାନିକମାନେ ୨୧୫ଟି ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି। ଉକ୍ତ କୁନି ବୈଜ୍ଞାନିକଙ୍କ ବିଜ୍ଞାନ ମେଳାକୁ ସାମାଜିକ କର୍ମୀ ଦୀପକ କୁମାର ସିଆର୍‌ସିସି ସୁକାନ୍ତ କୁମାର ଜେନା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଶୀନାଥ ଜେନା କୁନି ବୈଜ୍ଞାନିକ ଙ୍କ ପ୍ରକଳ୍ପ କୁ ଦେଖି ଖୁସି ହୋଇ ଯାଇଥିଲେ। ପଡୋଶୀ ଜିଲ୍ଲା ଗଞ୍ଜାମ ରୁ ସରିତା କୁମାରୀ ଚୌଧୁରୀ, ମେନକା ପାଣିଗ୍ରାହୀ, ରବିଶଙ୍କର ପାଣିଗ୍ରାହୀ ଜଜ ଭାବେ ବିଜ୍ଞାନ ମେଳା ର ପ୍ରକଳ୍ପ କୁ ନିରେଖି ଦେଖି କୃତି ବୈଜ୍ଞାନିକ




ଜେନା ଉଦ୍‌ଘାଟନ କରିଛନ୍ତି। ବିଜ୍ଞାନ ମେଳାର ସଭାରେ ବିଜୟକୁମାର ବ୍ରହ୍ମା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ଗୌଡ଼, ଶିକ୍ଷକ ସଦାନନ୍ଦ ଗୌଡ଼, ସରପଞ୍ଚ ପ୍ରଦୀପ କୁମାର ସେଠୀ, ଅଲେଖ କୁମାର ବିଶ୍ୱାଳ, ଆଶା କମିଟି ସଭାପତି ରାମଚନ୍ଦ୍ର ସେଠୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ବେହେରା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଖିଳ ଚନ୍ଦ୍ର ନାୟକ, ମାନଙ୍କୁ ଚୟନ କରିଥିଲେ। ଏହି ମେଳକ୍ଷକୁ ଦେଖିବା ପାଇଁ ନିକଟ ଗ୍ରାମ ର ଜନସାଧାରଣ, ଅଭି?ାବକ ଙ୍କ ଭିଡ଼ ଜେମିଥିଲା। ସଭାରେ ଶିକ୍ଷକ ବିଷ୍ଣୁ ପ୍ରସାଦ ଦଳେଇ ଏବଂ ପ୍ରଶାନ୍ତ କୁମାର ପଲେଇ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ପ୍ରତିଷ୍ଠାତା ଉଲ୍ଲାସ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ଏହି ମେଳା ର ଆୟୋଜନ ହୋଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାର ମାନେ ସହଯୋଗ କରିଥିଲେ।

## ପ୍ରେମଲତା ବାରିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



କୃଷ୍ଣପ୍ରସାଦ,୧୧।୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ପାରିକୁଦ ଗଡ଼ ଇପିଙ୍ଗ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ପତ୍ନୀ ସ୍ୱର୍ଗତ ପ୍ରେମଲତା ବାରିକଙ୍କ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ ପୁଅ ସାମ୍ବାଦିକ ମନୋଜ କୁମାର ବାରିକଙ୍କ ନେତୃତ୍ୱରେ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ସୁନ୍ଦରକାଣ୍ଡ ପାଠ, ନାମ ସଙ୍କୀର୍ତ୍ତନ, ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ, ଏବଂ ସ୍ମୃତି ଚାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ବରିଷ୍ଠ ଶିକ୍ଷାବିତ୍ ତଥା ପାଲାକାର ଶ୍ରୀ ସଦାନନ୍ଦଙ୍କ ଗୌଡ଼ ଏବଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟରତ ଡିଏସ୍‌ପି ଅଜୟ କୁମାର ବାରିକ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ଅବସରପ୍ରାପ୍ତ ସେନା ଅଧିକାରୀ କାଳନ୍ଦୀ ଚରଣ ବାରିକ, ପ୍ରାକ୍ତନ ଶିକ୍ଷକ ନିରଞ୍ଜନ ବିଶ୍ୱାଳ, ନିର୍ମଳ ରଣସିଂହ, ରବୀନ୍ଦ୍ର ବାରିକ ଏବଂ ମୁଖ୍ୟ ବକ୍ତା ଭାବେ ଆମ ପୁସ୍ତକ ମେଳା ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ଯୋଗ ଦେଇ ସ୍ୱର୍ଗତ ପ୍ରେମଲତା ବାରିକଙ୍କ ଗୁଣ ଗାନ କରିଥିଲେ। ପାରିକୁଦ ଅଞ୍ଚଳର କବି କବୟିତ୍ରୀଙ୍କୁ ନେଇ ମାତୃତ୍ୱର ସ୍ନେହ ଉପରେ କବିତା ପାଠ କରିଥିଲେ। ଉପସ୍ଥିତ କବି ମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ବାରିକୀ, ପ୍ରେମ ଚାନ୍ଦ ପାତ୍ର, ରାଧାଶ୍ୟାମ ବିଶ୍ୱାଳ, ବିଦ୍ୟାଧର ପ୍ରଧାନ, କାଶୀନାଥ ଜେନା, ବାବୁଲି ନାୟକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କବିଙ୍କୁ ନେଇ କବିତା ପାଠ କରାଯାଇଥିଲା। ତତ୍‌ସହିତ ପାରିକୁଦ କଳାକୃତି ଅନୁଷ୍ଠାନ ପକ୍ଷରୁ କୃଷ୍ଣ ପ୍ରସାଦ ବ୍ଲକ୍ ଅଞ୍ଚଳରେ ଥିବା ୧୦ରୁ ଊର୍ଦ୍ଧ୍ୱ ସାମ୍ବାଦିକଙ୍କୁ ଅନୁଷ୍ଠାନର ପ୍ରତିଷ୍ଠାତା ଓ ସମ୍ପାଦକ ମନୋଜ କୁମାର ବାରିକଙ୍କ ଦ୍ୱାରା ଉପସ୍ଥିତ ଅତିଥି ମାନଙ୍କ ଗହଣରେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ସାମ୍ବାଦିକଙ୍କ ମଧ୍ୟରେ ପ୍ରତାପ ହରିଚନ୍ଦନ, ବିରଞ୍ଚି ନାରାୟଣ ଦାଶ, ସୁଦର୍ଶନ ଦାଶ, ଦେବେନ୍ଦ୍ର ନାଥ ଦଳାଇ, ପିଙ୍କୁନ ଜେନା, ଲିଲନ୍ କୁମାର ଜେନା, କାଳୁରାମ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ପୁତ୍ର ମନୋଜ କୁମାର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

## ୧୯୮୨ ସ୍ନାତକ ବ୍ୟାଚ୍ ବନ୍ଧୁ ମିଳନ



ନିମାପଡ଼ା,୧୧।୧୨(ସମିସ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୮୨ ସ୍ନାତକ ବ୍ୟାଚ୍‌ର ୫ମ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ଚାରିଛକ ନିକଟସ୍ଥ ସଦାଦାସ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷର ପୁରାତନ ଛାତ୍ର ଜୀବନର ସ୍ମୃତିକୁ ସହପାଠୀଗଣ ପରସ୍ପର ମଧ୍ୟରେ ଭାବବିନିମୟ ସହ ବହୁ ସାଥୀ ଅଧ୍ୟୟନ କାଳର ସ୍ମୃତିଚାରଣ କରିଥିଲେ। ଛାତ୍ର ଜୀବନର ମଧୁର ସ୍ମୃତି ପରିଣତ ବୟସରେ ମଧ୍ୟ ସାଥୀମାନଙ୍କୁ ନିକଟତର କରୁଥିବା ସହ ଆଗାମୀ ଦିନ ପାଇଁ ସୁଖଦ ଅନୁଭୂତି ଦେଉଥିବ ବୋଲି ସମସ୍ତେ ଅନୁଭବ କରିଥିଲେ।

## ୧୯୭୨ ମ୍ୟାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ



ବଲଙ୍ଗା,୧୧।୧୨(ସମିସ): ବଲଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୨ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୬୦ ଜଣ ଦମ୍ପତି ଯୋଗଦେଇ ସେମାନଙ୍କ ଅତୀତର ସ୍ମୃତି ଓ ଭାବର ଆଦାନପ୍ରଦାନ କରିଥିଲେ। ଆଗାମୀ ଦିନରେ ସବୁଜ ପରିବେଶ ସୃଷ୍ଟି ପାଇଁ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବା ପାଇଁ ସଙ୍କଳ୍ପ ନେଇଥିଲେ। ଏହି ବନ୍ଧୁ ମିଳନରେ ପୁରାତନ ଛାତ୍ର ସୁଧାଂଶୁ ମୋହନ ଲେଙ୍କା, ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଜେନେରାଲ ମ୍ୟାନେଜର ଦୁର୍ଗାପ୍ରସାଦ ମିଶ୍ର, ଆଇନଜୀବୀ ସଚିଦାନନ୍ଦ ମହାନ୍ତି, ମନୋଜ ମହାନ୍ତି, ଗଗନ ବିହାରୀ ଦାଶ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଅଭିଭାବକ ସଚେତନ ହେଲେ ଅଧାରୁ ପାଠ ଛାଡୁଥିବା ପିଲା ବିଦ୍ୟାଳୟକୁ ଫେରିପାରିବେ

କଣାସ,୧୧।୧୨(ସମିସ)



ବିଦ୍ୟାଳୟ ବାହାରେ ରହିଯାଇଥିବା ପିଲାମାନଙ୍କୁ ପୁଣି ସ୍କୁଲମୁହାଁ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି। 'ଆସ ସ୍କୁଲ ଯିବା ଅଭିଯାନ। ଏହି ଅବସରରେ ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାରେ ଭୂମିକା ଗୁରୁତ୍ୱ ପୂର୍ଣ୍ଣ। ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅଭିଭାବକଙ୍କୁ ସଚେତନ କରିବାସହ ଏହି ଛାତ୍ର ଛାତ୍ରୀ ମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାରେ ସହାୟକ ହୋଇପାରିଛି ବୋଲି ଆଜି କଣାସ ବ୍ଲକ ଅନ୍ତର୍ଗତ ବାରଦା ବାଦଲ ପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଆୟୋଜିତ ଶିକ୍ଷା ସଭା ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୀର କେଶରୀ ପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷକ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ରୂପେ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା,ମୁଖ୍ୟ ବକ୍ତା କଣାସ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ବରାଳ,ସମ୍ମାନିତ ଅତିଥି ମନ୍ଦାର ବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମମତା ସାହୁ,ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା,ପ୍ରଭାସିନୀ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିରାଟ ବଳିଆର ସିଂହ ,ଅଙ୍ଗୱାଡ଼ି କର୍ମୀ ସଂଘମିତ୍ରା ମଙ୍ଗରାଜ ପ୍ରମୁଖ ଏଥିରେ ଯୋଗଦେଇ ଉପରୋକ୍ତ ମତଦେବା ସହ ସମସ୍ତ ଅଭିଭାବକ ମାନେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ସହ ଭବିଷ୍ୟତ ରେ ଏହି ସମସ୍ୟାର ପୁନରାବୃତ୍ତି ନ ହେବା ପ୍ରତି ଦୃଷ୍ଟି ଦେବାକୁ ସମୂହ ଶପଥର ଆହ୍ୱାନ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ତ୍ରିପାଠୀ ଏହି ଆଞ୍ଚଳିକ ସାଧନ କେନ୍ଦ୍ର ରେ ଆର୍ଥିକ ତଥା ସାମାଜିକ ପରିସ୍ଥିତି ରୁ ତିନିଜଣ ଅଧାରୁ ପାଠ ଛାଡି ଥିବା ଛାତ୍ର ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ୧୦ ମ ଶ୍ରେଣୀ ପରୀକ୍ଷା ଦେବାପାଇଁ ନାମ ଲେଖି ଶିକ୍ଷା ସ୍ରୋତରେ ସାମିଲ ହୋଇପାରି ଥିବା ପ୍ରକାଶ କରିଥିଲେ। ଏମାନଙ୍କ ମଧ୍ୟରୁ ଦିବ୍ୟାଙ୍ଗ ଛାତ୍ର ଶୁଭ ମୁଦୁଲିଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ଛାତ୍ରାଭିଭାବକ, ଲୋକ ପ୍ରତିନିଧିଙ୍କ ,ପୁରାତନ ଛାତ୍ର ଛାତ୍ରୀ,ଓ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ସଭାରେ ପ୍ରଦର୍ଶିତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କୋଣ, ନିପୁଣ ଓଡ଼ିଶା କୋଣ ଆଦି ପରିଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଆଶ୍ୱିନ କୁମାର ଦାସବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ।

ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର
ବାର୍ତ୍ତା
ମଣ୍ଡେଇ



ମହୋତ୍ସବ-୨୦୨୫ର ଶୁଭକାମନା

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା,ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିଲ୍ ଠାରେ ଆସନ୍ତା ଡିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚାଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ ନାହିଁ କି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି।



କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା



ଡ଼ଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା
ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା



ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା

# ଶ୍ରୀକ୍ଷେତ୍ର ସିଟି

୧୧/୧୨/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୪୨,୪୨୭/- ସୁନା: ୦୦.୪୫୦ ଗ୍ରାମ୍ ରୁପା: ୩୯.୫୦୦ ଗ୍ରାମ୍



■ ସାଇବର ସତର୍କତା କର୍ମଶାଳା

## ସତର୍କ ରହିଲେ ସାଇବର ଠକେଇରୁ ବର୍ତ୍ତିପାରିବା

ପୁରୀ,୧୧ା୧୨(ସମିସ): ସାଇବର ଅପରାଧୀମାନେ ସେମାନଙ୍କ ଜାଲ ବିଛାଇ ବସିଥାନ୍ତି। ଯିଏ ଲୋଭାସକ୍ତ ହୋଇ ତାହାକୁ ଗ୍ରହଣ କରେ ସେ ଅନ୍‌ଲାଇନ ଲୁଟର ଶିକାର ହୁଏ। ଏହାକୁ କେବଳ ସତର୍କତା ଓ ସଚେତନତା ଦ୍ୱାରା ପ୍ରତିହତ କରାଯାଇପାରିବ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ବୁଧବାର ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଓ ଅଧୀନରେ ସାଇବର ସତର୍କତା ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ ଆଜିର ସମୟରେ ଛୋଟ ପିଲାଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଇତ୍ୟାଦି ବିବିଧ ସୋସିଆଲ ମିଡିଆରେ ସକ୍ରିୟ ରହୁଛନ୍ତି। ତେବେ ଅପରାଧୀମାନେ ମଧ୍ୟ ସକ୍ରିୟ ହୋଇ ପ୍ରତି କ୍ଷେତ୍ରରେ ଠକେଇ ପାଇଁ ଉଦ୍ୟମ କରୁଛନ୍ତି। ଆମେ ଲୋଭ ଛାଡ଼ି, ସଠିକତା ଅନୁଭବ କରି ଯଦି ସତର୍କ ହେବା ତେବେ ସାଇବର ଠକାମୀରୁ ବର୍ତ୍ତିପାରିବା ବୋଲି ସେ କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୁଲିସ ସାଇବର ସେଲ୍‌ର ଆଇଆଇସି ଯୋଗମାୟା ସାହୁ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିବକ୍ତା ଶୁଭ୍ରାନ୍ତ ମିଶ୍ର, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ସାଇବର ଅପରାଧର ସଂଜ୍ଞା, କି କି ପ୍ରକାର ଠକାମୀ, ତାହାର ନିରାକରଣ, ସଚେତନତା ଓ ସତର୍କତା ସମ୍ପର୍କରେ ବିଷଦ୍ ତଥ୍ୟ ଉପସ୍ଥାପନା କରିଥିଲେ। ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ଉପସ୍ଥିତ ଦର୍ଶକମାନେ ନିଜ ଅଭିଜ୍ଞତାରୁ କିପରି ଲୋଭନୀୟ ଅଫର ଆସିଥିବା ଓ ସତର୍କତା ଯୋଗୁଁ ସେଥିରୁ ବର୍ତ୍ତି ଯାଇଥିଲେ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ବାଲ୍ୟବତୀ ମହାନ୍ତି, ସିଡିପିଓ, ସୁପରଭାଇଜର କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

● ଆଜି ଛତିଶା ନିଯୋଗ ବୈଠକ

## ପହିଲି ଭୋଗ ନୀତିରେ ବାଜିବ ମୋହର

ପୁରୀ,୧୧ା୧୨(ସମିସ): ଶୁକ୍ରବାର ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ଅପରାହ୍ଣ ୫ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିବାକୁ ଥିବା ବୈଠକରେ ପହିଲି ଭୋଗ ନୀତିରେ ମୋହର ବାଜିବ। ଆସନ୍ତା ୧୬ ତାରିଖ ଅର୍ଥାତ୍ ଧନୁ ସଂକ୍ରାନ୍ତିରୁ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ତେଣୁ ଶ୍ରୀମନ୍ଦିରରେ ଏହି ପହିଲି ଭୋଗ କିପରି ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେବ ନିର୍ଘଣ୍ଟ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇ ମୋହର ବାଜିବ। ଏତଦ୍‌ବ୍ୟତୀତ ଜାନୁଆରୀ ୩ରେ ଦେବାଭିଷେକ ପୂର୍ଣ୍ଣିମା ନୀତି ଏବଂ ୧୪ରେ ମକର ସଂକ୍ରାନ୍ତି ରହିଛି। ତେଣୁ ବୈଠକରେ ଉକ୍ତ ଦୁଇ ନୀତି ଉପରେ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। ଅନ୍ୟପକ୍ଷରେ ଛତିଶା ନିଯୋଗ ବୈଠକରେ ଦିବ୍ୟାଙ୍ଗଙ୍କ ଦର୍ଶନ ସୁବିଧା ନେଇ ଆଲୋଚନା କରାଯାଇପାରେ।

## ଅପରେସନ ଚକ୍ର: ଚାରି ମାସରେ ୧୬୪ ନିଖୋଜ ଉଦ୍ଧାର

ପୁରୀ,୧୧ା୧୨(ସମିସ): ପୁରୀ ଜିଲ୍ଲାକୁ ଅପରାଧମୁକ୍ତ କରିବା, ବେଆଇନ ନିଶା କାରବାର ଉପରେ ଲଗାମ୍ ଲଗାଇବା ଆଦି ଅପରାଧମୂଳକ କାର୍ଯ୍ୟକଳାପକୁ ଦମନ କରିବା ଲାଗି ପୁଲିସ ପକ୍ଷରୁ ଚାଲିଛି ଅପରେସନ ଚକ୍ର। ଏହି ଅଭିଯାନ ମାଧ୍ୟମରେ ହଜିଯାଇଥିବା ନାବାଳିକା, ନାବାଳକ ଓ ପ୍ରାପ୍ତ ବୟସ୍କ ପୁଅ-ଝିଅ ଉଦ୍ଧାରରେ ପୁଲିସକୁ ଭଲ ସଫଳତା ମିଳିଛି। ପୁରୀ ପୁଲିସର ନିରନ୍ତର ଚେଷ୍ଟା, ସମସ୍ତ ଥାନା ଅଧିକାରୀଙ୍କ ଦୃଢ଼ ପଦକ୍ଷେପ ଯୋଗୁଁ ଗତ ୪ ମାସ ମଧ୍ୟରେ ୧୬୪ ଜଣ ନିଖୋଜଙ୍କୁ ଉଦ୍ଧାର କରାଯାଇଛି। ଏସ୍‌ପି ପ୍ରତୀକ୍ ସିଂ ସମଗ୍ର ପୁରୀ ଜିଲ୍ଲାରେ ଅପରେସନ ଚକ୍ର ଆରମ୍ଭ କରି ନିଖୋଜଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ମିସିଂ କେସ୍ ଟ୍ରାକିଂ, ରେଡ୍, ଟେକ୍ନିକାଲ ଆନାଲିସିସ୍ ଓ ଇଣ୍ଟରଷ୍ଟେଟ୍ କୋଅର୍ଡିନେସନ ଜୋର୍ ଦେବାକୁ ପରାମର୍ଶ କରିଥିଲେ। ତେଣୁ ଅଧିକାରୀମାନେ ଏହାକୁ ଏକ ମିଶନ ଭାବେ ଗ୍ରହଣ କରି ଏଥିପ୍ରତି ଦୃଢ଼ ପଦକ୍ଷେପ ନେଇଥିଲେ। ଫଳରେ ଗତ ଚାରି ମାସ ମଧ୍ୟରେ ୧୬୪ ଜଣଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ମୋଟ୍ ୭୧ ଜଣ ନାବାଳକ ନାବାଳିକା ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱର୍ଗଦ୍ୱାର ସମ୍ମୁଖରେ ତୁମୁଳକାଣ୍ଡ

- ପୌର ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଶବ ଆଣିଥିବା ଲୋକଙ୍କ ମଧ୍ୟରେ ହାତାହାତି
- ଏନ୍‌ଫୋର୍ସମେଣ୍ଟ ଟିମ୍ ଗାଡ଼ି ଭାଙ୍ଗି ଦେଇଥିବା ଅଭିଯୋଗ
- ସ୍ୱର୍ଗଦ୍ୱାର ପାର୍କିଂ କେଉଁଠି ବୋଲି ପ୍ରଶ୍ନ ଉଠାଇଲେ ଲୋକେ ?



ପୁରୀ,୧୧ା୧୨(ସମିସ): ପାର୍କିଂକୁ ନେଇ ସ୍ୱର୍ଗଦ୍ୱାର ସମ୍ମୁଖରେ ଘଟିଛି ତୁମୁଳକାଣ୍ଡ। ହାତାହାତି ହୋଇଛନ୍ତି ପୁରୀ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ମୃତଦେହ ଆଣି ଆସିଥିବା ବ୍ୟକ୍ତି। ତେବେ ଏହି ଗୋଟିଏ ଦିନ ନୁହେଁ, ପାର୍କିଂକୁ ନେଇ ବିଭିନ୍ନ ସମୟରେ ସ୍ୱର୍ଗଦ୍ୱାର ନିକଟରେ ହୋ-ହଲ୍ଲା ହେଉଛି। ବିଶେଷକରି ସ୍ୱର୍ଗଦ୍ୱାର ସମ୍ମୁଖ ଭାଗରେ କୌଣସି ଗାଡ଼ି ପାର୍କିଂକୁ ମନା କରାଯାଇଥିବା ବେଳେ ବାହାରୁ ଆସୁଥିବା ଲୋକେ ଜାଣିପାରୁ ନାହାନ୍ତି। ସେମାନେ କିଛି ସମୟ ପାଇଁ ଗାଡ଼ି ରଖୁଥିବାବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍ ସେମାନଙ୍କ ଉପରେ ଜୁଲମ୍ କରୁଛନ୍ତି। କାହା ଉପରେ ଜରିମାନା କରୁଛନ୍ତି ତ ପୁଣି କେତେବେଳେ ଗାଡ଼ି ଟେକି ନେଇ ଯାଉଛନ୍ତି। ଗୁରୁବାର ଏକ କାର୍‌କୁ ଏନ୍‌ଫୋର୍ସମେଣ୍ଟ ଟିମ୍ ଟେକି ନେବାକୁ ଉଦ୍ୟମବେଳେ କାର୍‌ର ଆଗ ପାଶ୍ୱର୍ ଭାଙ୍ଗିଯିବାରୁ ଏହାକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ସମଗ୍ର ରାଜ୍ୟ ବିଶେଷକରି ଉପକୂଳ ଓଡ଼ିଶାର ଅଧିକାଂଶ ଲୋକ ଶବଦାହ ପାଇଁ ଆସ୍ଥା ଓ ବିଶ୍ୱାସରସ୍ଥଳୀ ସ୍ୱର୍ଗଦ୍ୱାରକୁ ଆସିଥା'ନ୍ତି। ଦୈନିକ ଏଠାକୁ ଶତାଧିକ ଶବ ଆସୁଥିବାବେଳେ ପ୍ରାୟ ସବୁ ଚାରିଚକିଆ ଗାଡ଼ିରେ ଆସିଥାଏ। ଶବ ସହିତ ସେମାନଙ୍କ ପରିବାର ଓ ସମ୍ପର୍କୀୟମାନେ ବି ଆସିଥା'ନ୍ତି। ଦୂରଦୂରାନ୍ତରୁ ଆସୁଥିବା ଶବବାହକ ଗାଡ଼ି ସହିତ ଅତି କମ୍‌ରେ ଗୋଟିଏ ଦୁଇଟି ଚାରିଚକିଆ ଗାଡ଼ି ଆସିଥାଏ। ଶବଦାହ ପାଇଁ ସରକାରୀସ୍ତରରେ ସୁବ୍ୟବସ୍ଥା ହୋଇଥିଲେ ମଧ୍ୟ ଗାଡ଼ି ରଖିବା ପାଇଁ ସ୍ଥାନ ନାହିଁ। ଫଳରେ ଆସୁଥିବା ଲୋକେ ଗାଡ଼ି ପାର୍କିଂ ପାଇଁ ହଇରାଣ ହୋଇଥା'ନ୍ତି। ଶବବାହକ ଯାନଠାରୁ ଆରମ୍ଭ କରି ସେମାନଙ୍କ ସମ୍ପର୍କୀୟମାନେ ସ୍ୱର୍ଗଦ୍ୱାର ସମ୍ମୁଖରେ ଗାଡ଼ି ରଖିଲା ମାତ୍ରେ ପୁଲିସ ଏବଂ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଟିମ୍ ନାଲିଆଖି ଦେଖାଇ ଘଉଡ଼ାଇ ଦେଉଛି। କେଉଁଠି ଗାଡ଼ି ରଖିବୁ ବୋଲି ପଚାରିଲେ ଉତ୍ତର ନାହିଁ। କେତେବେଳେ କହୁଛନ୍ତି ଆଗରେ ଗାଡ଼ି ରଖିଦେଇ ଆସ ତ ଆଉ କେତେବେଳେ ଗାଡ଼ି ନ ହଟାଇଲେ ଜରିମାନା କଟାଯାଉଛି। ଅବସ୍ଥା ଏଭଳି ହୋଇଛି ଯେ ସମ୍ପର୍କୀୟମାନେ ନିଜ ନିଜ ଗାଡ଼ି ରଖିବା ପାଇଁ ଗୋଟିଏ କିମ୍ବା ଦେଢ଼ କିଲୋମିଟର ଦୂରକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେବେ ଗୁରୁବାର ଶବ ଆଣି ଆସିଥିବା ଢେଙ୍କାନାଳ କିଛି ବ୍ୟକ୍ତି ସ୍ୱର୍ଗଦ୍ୱାର ସମ୍ମୁଖରେ ଏକ କାର୍ ରଖିଥିଲେ। ସେମାନେ ଶବଦାହ କରୁଥିବାବେଳେ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚି ତାଙ୍କ ଗାଡ଼ିକୁ ଉଠାଇ ନେଉଥିଲା। ଏହି ସମୟରେ ସେମାନେ ପହଞ୍ଚି ଯାଇଥିଲେ। ସେହି କାର୍‌କୁ ଉଠାଇ ନେବାବେଳେ ତା'ର ଆଗ ପାଶ୍ୱର୍ର କିଛି ଅଂଶ ଭାଙ୍ଗି ଯାଇଥିଲା। ଏହାକୁ ନେଇ ଟିମ୍ ସଦସ୍ୟ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପାଇଁ ସେଠାରେ ତୁମୁଳକାଣ୍ଡ ସୃଷ୍ଟି ହୋଇଥିଲା। ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏପରିକି ସେମାନଙ୍କୁ ଏନ୍‌ଫୋର୍ସମେଣ୍ଟ ଟିମ୍ ମାଡ଼ ମାରିଥିବା ମୃତଦେହ ଆଣି ଆସିଥିବା ଲୋକେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଗାଡ଼ି ଉଠାଇବାବେଳେ ଆମେ ପହଞ୍ଚିଥିଲୁ। ଗାଡ଼ି ନ ନେବା ପାଇଁ କହିବାରୁ ସେମାନେ ଦୁର୍ବ୍ୟବହାର କରିଥିଲେ। ସେମାନେ କିଏ ବୋଲି ପଚାରିବାରୁ ଆମେ ପୌରସଂସ୍ଥାର କର୍ମଚାରୀ କହି ଠେଲାପେଲା କରିଥିଲେ ଏବଂ ମୋବାଇଲ୍ ଛଡ଼ାଇଥିଲେ। ତେବେ ସ୍ୱର୍ଗଦ୍ୱାରକୁ ଆସୁଥିବା ଲୋକଙ୍କ ଗାଡ଼ି ରହିବା ପାଇଁ ପାର୍କିଂ କେଉଁଠି ବୋଲି ପଚାରିବାରୁ ସେମାନେ ନିରବ ରହିଥିଲେ। ଏ ସମ୍ପର୍କରେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ଜିଲ୍ଲାସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନ

## ନୂଆ ନୂଆ ସୃଷ୍ଟି କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ପୁରୀ,୧୧ା୧୨(ସମିସ): ପୁରୀ ସଦର ବ୍ଲକ୍ ଶାସନ ଦାମୋଦରପୁରସ୍ଥିତ ରାମହରି ନୋଡାଲ ବିଦ୍ୟାପୀଠରେ ଗୁରୁବାର ଜିଲ୍ଲାସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାର ପ୍ରତି ବ୍ଲକ୍‌ରୁ ୫ଟି ଲେଖାଏଁ ବଛା ବଛା ପ୍ରକଳ୍ପକୁ ନେଇ ମୋଟ୍ ୫୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ପିଲାମାନେ ଛାତ୍ରାବସ୍ଥାରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କଲେ ଭବିଷ୍ୟତରେ ସେମାନଙ୍କ ମନରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବା ସହ ସେମାନେ ନିଜ ନିଜ ପ୍ରତିଭା ବଳରେ ନୂଆ ନୂଆ ସୃଷ୍ଟି କରି ଦେଶ ଓ ଜାତିକୁ ଗୌରବାନ୍ୱିତ କରିପାରିବେ ବୋଲି ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ନିଜର ଓଜସ୍ୱୀ ବକ୍ତବ୍ୟ ଦ୍ୱାରା କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସେଣ୍ଟର୍ ଫର୍ ଏନ୍‌ଭିରନ୍‌ମେଣ୍ଟ ଷ୍ଟଡିର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ, ଉଦ୍ୟୋଗପତି ଦିବ୍ୟପ୍ରକାଶ ପଟ୍ଟନାୟକ, ଅଭିରାମ ନୋଡାଲ ବିଦ୍ୟାପୀଠ କରମଳାର ପ୍ରଧାନଶିକ୍ଷକ ସୁଶୀଲ କୁମାର ମହାପାତ୍ର, ଇକୋ କ୍ଲବ୍ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ ଅଂଶଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର ପ୍ରକଳ୍ପଗୁଡ଼ିକୁ ପ୍ରଶଂସା କରିଥିଲେ ଓ ଉତ୍ସାହମୂଳକ ଭାଷଣ ଦ୍ୱାରା ଆହୁରି ଆଗକୁ ଯିବା ପାଇଁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଆଲୁମ୍‌ନି କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ଓ ପରିଚାଳନା କମିଟି ଅଧ୍ୟକ୍ଷ ବଂଶୀଧର ଜେନା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ (ରାଷ୍ଟ୍ରୀୟ ଆବିଷ୍କାର ଯୋଜନା ମାଧ୍ୟମରେ) ଏକ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କୁଇଜ୍ ଓ ପ୍ରଦର୍ଶନୀକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀକୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ। ୩ଟି ଉତ୍ତମ ପ୍ରକଳ୍ପ ଓ କୁଇଜ୍‌ର ୩ଟି ବିଭାଗରୁ ମୋଟ୍ ୯ ଜଣଙ୍କୁ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ଚୟନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ରାମହରି ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବନ୍ଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ, ଶିକ୍ଷୟିତ୍ରୀ ଅଳକାନନ୍ଦା, ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ବିଦ୍ୟାଳୟର ଆଲୁମ୍‌ନି କମିଟି ଓ ପରିଚାଳନା କମିଟି ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

● ଭିତରକାଠରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୧ା୧୨(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଗୁରୁବାର ଅପରାହ୍ଣ ୩ଟା ୪୫ରେ ମଧ୍ୟାହ୍ନ ଧୂପ ଶେଷ ହୋଇଥିଲା। ଏହାପରେ ଭକ୍ତମାନେ ଭିତରକାଠରେ ଦର୍ଶନ କରୁଥିଲେ। ୩ଟା ୫୫ରେ ମଧ୍ୟାହ୍ନ ଧୂପ ପ୍ରସାଦ ବାହାରି ପାଣି ପଡ଼ିଥିଲା। ୪ଟା ଦ୍ୱିତୀୟ ଭୋଗମଣ୍ଡପ ଉଠିଥିଲା। ଏହି ସମୟରେ ଭିତରକାଠରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ସନ୍ଧ୍ୟା ୬ଟା ୨୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୬ଟା ୩୫ରେ ମହାସ୍ନାନ ବଢ଼ିବା ପରେ ଯେଉଁଠାରେ ନୀତିକାନ୍ତି ଅଟକିଥିଲା ପୁଣି ସେହିଠାରୁ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ଓଡ଼ିଶା-ଆସାମ ସାହିତ୍ୟ ଉତ୍ସବରେ କବିଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୧ା୧୨(ସମିସ): ଆସାମ କବି ସମାଜ ପକ୍ଷରୁ ଓଡ଼ିଶା-ଆସାମ ସାହିତ୍ୟ ଉତ୍ସବ ସ୍ଥାନୀୟ ଲୋକନାଥ ରୋଡ୍‌ସ୍ଥିତ ଶଙ୍କରଦେବ ସଂସ୍କୃତି ସମାଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାଜୀବ କୁମାର ଫୁକନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦିକା ବୋର୍ଣ୍ଣଲି ବୋରା ବୈଶ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଦୁଇ ଭାଷା ମଧ୍ୟରେ ସାମଞ୍ଜସ୍ୟ ଏବଂ ସୃଜନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଦ୍ୱିଭାଷୀ କବିତା ସଂକଳନ 'ମହାବାହୁ-ମହାନଦୀ' ଲୋକାର୍ପିତ ହୋଇଥିଲା। ଓଡ଼ିଶା ଓ ଆସାମ ସାହିତ୍ୟର ଏହି ମିଳନ ଉତ୍ସବରେ ଉଭୟ ଓଡ଼ିଶା ଓ ଆସାମର ନିମନ୍ତ୍ରିତ ଅତିଥି କବିମାନେ କବିତାପାଠ କରିଥିଲେ। ଓଡ଼ିଶାରୁ କବି ମାନସ ରଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ଅଜୟ ପ୍ରଧାନ, ସୁଚେତା ମିଶ୍ର, ଅକ୍ଷୟ ବେହେରା, ଶ୍ୟାମ ପ୍ରକାଶ ସେନାପତି, କେଦାର ମିଶ୍ର, ରମାକାନ୍ତ ଗୋଛାୟତ, ଶିଶିର ନାୟକ, ମନୋରଞ୍ଜନ ସାହୁ କବିତାପାଠ କରିଥିବାବେଳେ ଆସାମରୁ ରିଦିପ ବରୁହା, କୋନିକା ମଜୁମ୍‌ଦାର, ସୋମେଶ ଡାକା, ଅରୂପ ଧର ବରୁହା, ଦୁଲାଲ ମେଢ଼ୀ ପ୍ରମୁଖ କବିତାପାଠ କରିଥିଲେ। ନିମନ୍ତ୍ରିତ କବିମାନଙ୍କୁ କବି ସମାଜ ପକ୍ଷରୁ ମାନପତ୍ର, ଆସାମ ଉତ୍ତରୀୟ ଏବଂ ଶ୍ରଦ୍ଧା ସ୍ମାରକୀ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାନବାଧିକାର ପ୍ରୟୋଗରେ ସଚେତନତା ଆବଶ୍ୟକ

ପୁରୀ,୧୧ା୧୨(ସମିସ): ମାନବାଧିକାର ଦିବସ ଅବସରରେ ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଡ. ବଳରାମ ଦାଶ, ଅଧ୍ୟକ୍ଷା ଡ. ମିରାରାଣୀ ଖୁଣ୍ଟିଆଳ, ଡ. ଶ୍ରୀନିବାସ ସାହୁ ଯୋଗଦେଇ ସମାଜରେ ସାଧାରଣ ଜନତାଙ୍କର ସୁରକ୍ଷା ପାଇଁ ମାନବର ବିଭିନ୍ନ ଅଧିକାର ଯଥା- ସାମାଜିକ, ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ ତଥା ସ୍ୱାଧୀନତା ପାଇଁ ସଂଗ୍ରାମ କରିବାକୁ ପରାମର୍ଶ ଦେଇଥିଲେ। ସରକାରୀ ଓ ବେସରକାରୀ ସ୍ତରରେ ଅନ୍ୟାୟ ଅନୀତିର ମୁକାବିଲା ପାଇଁ ଅଧିକାରର ସଦୁପଯୋଗ ହେବା ସହ ନ୍ୟାୟ ନ ମିଳିଲେ ମାନବାଧିକାର କମିଶନର ଦ୍ୱାରସ୍ଥ ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନେ ସଫେଇ କାର୍ଯ୍ୟକ୍ରମ କରି ସଚେତନତା ସୃଷ୍ଟି କରିଥିଲେ।

ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା

## ଅନ୍ନପୂର୍ଣ୍ଣାରେ 'ସାଉଁଣ୍ଟା କଇଁ'

ପୁରୀ, ୧୧ା୧୨ (ସମିସ): ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନ ଆମର ପକ୍ଷରୁ ଚାଲିଥିବା ୧୭ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତାର ଶୁକ୍ରବାର ଥିଲା ପଞ୍ଚମ ସନ୍ଧ୍ୟା। ଅନୁଷ୍ଠାନର ସଭାପତି ଭରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି



ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ଶିକ୍ଷୋଦ୍ୟୋଗୀ ବିଜୟ ସୁବୁଦ୍ଧି, ସୁବାସ ସ୍ୱାଇଁ, ଡ. ରାଧେଶ୍ୟାମ ରଥ, ଆଇନଜୀବୀ ଦୀପକ ପଣ୍ଡା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ ଯୋଗଦେଇଥିଲେ। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକ ପରିବେଷଣ କରିବା ଏବଂ ଏହାକୁ ବସି ଉପଭୋଗ କରିବା ଭାଗ୍ୟରେ ଥିଲେ ମିଳେ। ନାଟକ ହେଉଛି ଜଣେ କଳାକାର ପାଇଁ ଜୀବନ ବିନ୍ଦୁ। ନାଟକ ବିନା କଳାକାରର ଜୀବନ ଅଧୁରା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତେବେ ପଞ୍ଚମ ସନ୍ଧ୍ୟାରେ ବ୍ରହ୍ମପୁର ନାଟ୍ୟଶ୍ରୀ ଅନୁଷ୍ଠାନ ପକ୍ଷରୁ ନାଟକ "ସାଉଁଣ୍ଟା କଇଁ' ମଞ୍ଚସ୍ଥ ହୋଇଥିଲା। କଇଁ ଗୋଟିଏ ଫୁଲର ନାଁ। କଇଁ ଦେଖିବାକୁ ବହୁତ ସୁନ୍ଦର। କଇଁ ପୋଖରୀର ନୈସର୍ଗିକ ସୌନ୍ଦର୍ଯ୍ୟ କାହାକୁ ବିମୋହିତ ନ କରେ? ଈଶ୍ୱରଙ୍କୁ ଆମେ ଧନ୍ୟବାଦ ଦେଉ ତାଙ୍କର ଅପାର ସୃଷ୍ଟି ପାଇଁ। କିନ୍ତୁ ସେହି କଇଁ ପୋଖରୀ କ'ଣ ଜାଣିଥାଏ ତାହାରି ଗର୍ଭରେ ଦିନେ ପୂର୍ଣ୍ଣ ପ୍ରସ୍ଫୁଟିତ ହେବା ପୂର୍ବରୁ ଅସଂଖ୍ୟ କଇଁ ଜଡ଼ଙ୍କର ଜୀବନ ନିର୍ବାପିତ ହେବ? ତଥାପି ସ୍ରଷ୍ଟାଙ୍କ ସୃଷ୍ଟିର ଧାରାକୁ ବଞ୍ଚାଇ ରଖିବା ପାଇଁ ସେ ତା'ର ପ୍ରକୃତିଦତ୍ତ ଶକ୍ତିକୁ ନେଇ ଲଢ଼ି ଚାଲିଥାଏ। ଏପରି ଏକ ସମକାଳୀନ ଉଦ୍‌ବେଗଜନକ ପ୍ରସଙ୍ଗକୁ ନେଇ ନାଟକ 'ସାଉଁଟା କଇଁ' ମଞ୍ଚସ୍ଥ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅଭିନେତା ସମୀର ଶତପଥୀ। ଶେଷରେ ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଦାଶିବ ପରିସରରେ ଭାରତୀୟ ଭାଷା ଉତ୍ସବ

ଡ. ବିଶ୍ୱନାଥ ମିଶ୍ରଙ୍କୁ ପଞ୍ଚଭାଷା ପ୍ରବୀଣ ସମ୍ମାନ

ପୁରୀ,୧୧ା୧୨(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଗୁରୁବାର ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଭାରତୀୟ ଭାଷା ଉତ୍ସବ ଆୟୋଜିତ ହୋଇଯାଇଛି। ଏଥରେ ମୁଖ୍ୟବକ୍ତା ଭାବେ ପରିସରର ହିନ୍ଦୀ ବିଭାଗର ଅଧ୍ୟାପକ ଡ. ଶକ୍ତି ପ୍ରସାଦ ଦ୍ୱିବେଦୀ ଯୋଗଦେଇ ଭାରତୀୟ ଭାଷା ସମୂହର ମାହାତ୍ମ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଛୱା ଭାରତୀୟ ଭାଷା ମହୋତ୍ସବ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଏହି ପରିପ୍ରେକ୍ଷୀରେ ପରିସରର ଅଧ୍ୟାପକ ପ୍ରଫେସର ଭାସ୍କର ରେଡ୍ଡିଙ୍କୁ ବହୁଭାଷା ବିଶେଷଜ୍ଞ ସମ୍ମାନ, ଡ.



ବିଶ୍ୱନାଥ ମିଶ୍ରଙ୍କୁ ପଞ୍ଚଭାଷା ପ୍ରବୀଣ ସମ୍ମାନ, ଛାତ୍ରୀ ଶୁଭଶ୍ରୀ ସ୍ୱାଇଁଙ୍କୁ ଭାଷା ବିଷାରଦ ସମ୍ମାନ ଓ ଛାତ୍ର ରୁଦ୍ର ମାଧବ ମିଶ୍ରଙ୍କୁ ବହୁଭାଷୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ଓ ଧନ୍ୟବାଦ ଅର୍ପଣ କରିଥିଲେ ଛାତ୍ରୀ ସ୍ୱସ୍ତିକା ସାହୁ। କାର୍ଯ୍ୟକ୍ରମର ସଂଯୋଜିକା ଥିଲେ ଡ. ସ୍ୱାଗତିକା ମହାନ୍ତି।

# ପରିକ୍ରମା ମାର୍ଗରେ ଗଡୁଛି କୋରେକ୍ସ ବୋତଲ

ଭକ୍ତଙ୍କ କ୍ଷୋଭ; ଆଧ୍ୟାତ୍ମିକସ୍ଥଳୀରେ ଏମିତି ହେବା କଥା ନୁହେଁ



ପୁରୀ,୧୧ା୧୨(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା, ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବର ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ବହୁ ବାଧାବିଘ୍ନ ପରେ ଏହି ପ୍ରକଳ୍ପ ଏବେ ଶ୍ରଦ୍ଧାଳୁଙ୍କ ପାଇଁ ବେଶ୍ ସହାୟକ ହେଉଛି। ପୂର୍ବପରି ମନ୍ଦିର ଚତୁଃପାଶ୍ୱର୍ରେ ପରିକ୍ରମା କରିବା ପାଇଁ ଅସୁବିଧା ହେଉନି। ଖୋଲା ଜାଗାରେ ବସି ମହାପ୍ରଭୁଙ୍କୁ ନିଜ ମନ କଥା ଜଣାଇ ପାରୁଛନ୍ତି। ବଡ଼ଦେଉଳ ଚତୁଃପାଶ୍ୱର୍ର ଯେ କୌଣସି ଜାଗାରେ ଠିଆ ହୋଇ ଅବା ବସି ନୀଳଚକ୍ରରେ ବାନା ପରିବର୍ତ୍ତନର ଅପୂର୍ବ ଦୃଶ୍ୟ ଉପଭୋଗ କରୁଛନ୍ତି। କିନ୍ତୁ ପରିତାପର ବିଷୟ ହେଉଛି ବେଳେବେଳେ ପରିକ୍ରମା ମାର୍ଗରୁ ଏମିତି କିଛି ଦୃଶ୍ୟ ଆସୁଛି ଯାହା ଭକ୍ତ ସମାଜକୁ ବ୍ୟଥିତ କରୁଛି। ପରିକ୍ରମା ମାର୍ଗ ଭିତରେ କୋରେକ୍ସ ବୋତଲ ଗଡୁଥିବାର ଚିତ୍ର ସାମ୍ନାକୁ ଆସିଛି। ପଶ୍ଚିମ ଦ୍ୱାର ପାଶ୍ୱର୍ ପରିଶ୍ରାଗାର ପଛପଟେ ଏହି ବୋତଲ ପଡ଼ିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଭକ୍ତମାନଙ୍କର ସୁବିଧା ପାଇଁ ପରିକ୍ରମା ମାର୍ଗ କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ମନ୍ଦିର ଚତୁଃପାଶ୍ୱର୍ରେ ଯେପରି ଭଲ ଭାବେ ବୁଲିପାରିବେ ଏବଂ ବସି ଠାକୁରଙ୍କୁ ପ୍ରାର୍ଥନା କରିବେ ସେଥିଲାଗି ଏହି ମାର୍ଗ ବେଶ୍ ସହାୟକ ହେଉଛି। ଏହାର ପବିତ୍ରତା ରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ହେଲେ ପରିକ୍ରମା ମାର୍ଗ ଏବେ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପଶ୍ଚିମଦ୍ୱାର ପାଶ୍ୱର୍ ପରିଶ୍ରାଗାର ପଛପଟେ ଗଡୁଛି କୋରେକ୍ସ ବୋତଲ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପରିକ୍ରମା ମାର୍ଗର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ସବୁ ପ୍ରବେଶ ପଥରେ ମାଳମାଳ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ଏମିତି ବି ବିଭିନ୍ନ ସମୟରେ ସ୍କ୍ୱାଡ୍ ମଧ୍ୟ ବୁଲୁଛନ୍ତି। ଏହାସତ୍ତ୍ୱେ ପରିକ୍ରମା ମାର୍ଗ ଭିତରେ ନିଶାଖୋରଙ୍କ ଆଡ୍ଡା ଜମିବା ଦୁର୍ଭାଗ୍ୟର ବିଷୟ। ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବା ଦରକାର। ନଚେତ୍ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଶ୍ରୀମନ୍ଦିର ପ୍ରତି ତିକ୍ତ ଅନୁଭୂତି ନେଇ ଫେରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। କୋଲକାତାର ରମେଶ ଦତ୍ତ କହିଥିଲେ, ଶ୍ରଦ୍ଧାଳୁମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରଖି ଏଠାକୁ ଆସୁଛନ୍ତି। ସମସ୍ତଙ୍କ ମନରେ ପବିତ୍ର ଭାବନା ରହିଥାଏ। ହେଲେ ମନ୍ଦିର ପରିକ୍ରମା ମାର୍ଗରେ ଏଭଳି ଦୃଶ୍ୟ ବାସ୍ତବରେ ଦୁଃଖଦାୟକ। ନିଶାଖୋର ବ୍ୟକ୍ତିମାନେ ଏହା ଭିତରେ ଆଡ୍ଡା ଜମାଉଥିବା ଏହା ପ୍ରମାଣ କରୁଛି। ଏହାଦ୍ୱାରା ଶ୍ରୀଜଗନ୍ନାଥ ଧାମ ଭଳି ଆଧ୍ୟାତ୍ମିକସ୍ଥଳୀରୁ ଭୁଲ୍ ବାର୍ତ୍ତା ଯାଉଛି। ଏଥିପ୍ରତି ମନ୍ଦିର ପ୍ରଶାସନ, ପୁଲିସ ସତର୍କ ରହିବା ଦରକାର।


WALK-IN INTERVIEW

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided

# ଯୋଡ଼ା ପୁଲିସ କବ୍‌ଜାରେ ସାଇବର ଠକ



ଯୋଡ଼ା, ୧୧।୧୨(ସମିସ): ଜଣେ ସାଇବର ଠକକୁ ଠାବ କରି ଯାଞ୍ଚ କରିବା ପରେ ଗୁରୁବାର ଯୋଡ଼ା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ଅନୁଯାୟୀ, ଦେବଗଡ଼ ତାଳେଇଶୋର ଅଞ୍ଚଳର ଚନ୍ଦ୍ରଶେଖର ସାମଲ (୨୧) ଯୋଡ଼ା ଖଣି ଅଞ୍ଚଳ ଓ ଦେବଗଡ ଅଞ୍ଚଳର ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସାଇବର କ୍ରାଇମରେ ସମ୍ପୃକ୍ତ ଥିଲା। ରାଜ୍ୟ ପୁଲିସ ପକ୍ଷରୁ ସାଇବର କ୍ରାଇମ ଉପରେ ତନାଘନା କାର୍ଯ୍ୟ ଚାଲିଥିବା ବେଳେ ଯୋଡ଼ା ଥାନା ପକ୍ଷରୁ ମଧ୍ୟ ସାଇବର ସଚେତନତା ଓ ସାଇବର କ୍ରାଇମକୁ କମ କରିବା ପାଇ ଏକ ଟିମ କାର୍ଯ୍ୟ କରି ଆସୁଛି। ଉକ୍ତ ଘଟଣାକୁ ଏହି ତଦନ୍ତ ପରିସରଭୁକ୍ତ କରି ଯୋଡ଼ା ପୁଲିସ ଅଭିଯୁକ୍ତ ବିଷୟରେ ସନ୍ଧାନ ପାଇଥିବା ବେଳେ ଅଭିଯୁକ୍ତ ଚନ୍ଦ୍ରଶେଖର ସାମଲ ନିଜ ଦୋଷ ସ୍ୱୀକାର କରିଛି ବୋଲି ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ ସୂଚନା ପ୍ରଦାନ କରିଛନ୍ତି। ଅଭିଯୁକ୍ତ ପାଖରୁ ଏଟିଏମ କାର୍ଡ, ବ୍ୟାଙ୍କ ପାସବୁକ, ଚେକବୁକ, ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତ କିଛି ମଧ୍ୟସ୍ଥିଙ୍କ ପ୍ରରୋଚନାରେ ଏତେଗୁଡିଏ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲା। ଯେଉଁଥିରେ ତାଙ୍କ ଆକାଉଣ୍ଟଙ୍କୁ ଟଙ୍କା ଆସୁଥିଲା ଏବଂ ତାଙ୍କୁ ଏହାର କମିସନ ତାଙ୍କୁ ମିଳୁଥିଲା। ଏହି ମଧ୍ୟସ୍ଥଙ୍କୁ ମଧ୍ୟ ଯୋଡ଼ା ପୁଲିସ ଖୋଜିବା ଆରମ୍ଭ କରିଛି। ସାଇବର ଠକେଇର ଏହି କାର୍ଯ୍ୟକଳାପକୁ ରାଜ୍ୟ ସାଇବର ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଥିବା ବେଳେ ଉକ୍ତ ଘଟଣା ବିଷୟରେ ମଧ୍ୟ ଜିଲ୍ଲା ସାଇବର ସୁରକ୍ଷା ବିଭାଗ ପକ୍ଷରୁ ଯୋଡ଼ା ଥାନାକୁ ସୂଚନା ଦିଆଯାଇଛି।

### ୭ ଦିନ ହେଲା ଡଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା

# ଶିକ୍ଷକ ଅଭାବକୁ ନେଇ ପ୍ରତିବାଦ; ପିଲାଙ୍କୁ ସ୍କୁଲ ଛାଡୁନାହାନ୍ତି ଅଭିଭାବକ

ହାଟଡ଼ିହୀ,୧୧।୧୨(ସମିସ): ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗିରହିଥିବା ବେଳେ ଡଅଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗତ ୭ଦିନ ହେଲା ବିଦ୍ୟାଳୟ ମୁଖ୍ୟ ଫାଟକରେ ଅଭିଭାବକ ଓ ବିଦ୍ୟାଳୟ କମିଟି ତାଲା ପକାଇ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡୁନାହାନ୍ତି। ମାତ୍ର ଏଥିପ୍ରତି ଶିକ୍ଷା ବିଭାଗର ନଜର ପଡୁ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ସହ ଶିଶୁ ବାଟିକା ରହିଛି। ୨୧୪ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ୫ଜଣ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ସେଥିମଧ୍ୟରୁ ପ୍ରଧାନଶିକ୍ଷକ ସରକାରୀ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ପାଠପଢ଼ା ଠିକ ସେ ହୋଇପାରୁନି। ଛାତ୍ରଛାତ୍ରୀମାନେ ୭ଦିନ ଧରି ସ୍କୁଲକୁ ନଆସିବାରୁ ସ୍କୁଲ ବନ୍ଦ ରହିଛି। ଅନ୍ୟପକ୍ଷରେ, ଜଣେ ଶିକ୍ଷକ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ନିୟୋଜିତ ହେଉଛନ୍ତି। ୩ ଶିକ୍ଷକ ଓ ଶିକ୍ଷୟିତ୍ରୀ ୯ଟି ଶ୍ରେଣୀରେ ଶିକ୍ଷାଦାନ କରୁଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ନଭେମ୍ବର ୨୪ରେ ଛାତ୍ରଛାତ୍ରୀ ଅଭିଭାବକ ଧାରଣାରେ ବସିଥିଲେ। ଖୁବ୍‌ଶୀଘ୍ର ଶିକ୍ଷକ ଯୋଗାଇ ଦିଆଯିବ ବୋଲି ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜି ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇନାହିଁ। ଫଳରେ କମିଟି ସଦସ୍ୟ ଓ ଅଭିଭାବକମାନେ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଛାଡ଼ି ନଥିବାବେଳେ ୭ଦିନ ହେଲା ଫାଟକରେ ତାଲା ପକାଇ ପ୍ରତିବାଦ କରୁଛନ୍ତି। ଧାରଣାକୁ ୭ଦିନ ବିତିଯାଇଥିଲେ ବି ଶିକ୍ଷା ବିଭାଗର କୌଣସି ଅଧିକାରୀ ବିଦ୍ୟାଳୟକୁ ଯାଇ ନଥିବା କମିଟି ସଦସ୍ୟ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ବିଇଓ ରାଜୀବ ଦଳେଇ କହିଛନ୍ତି, ଜଣେ ଶିକ୍ଷକ ଦିଆଯାଇଛି। ଅଳ୍ପ ଦିନେ ପରେ ପରୀକ୍ଷା ଥିବାରୁ ଅନ୍ୟ କୌଣସି ବିଦ୍ୟାଳୟରୁ ଶିକ୍ଷକ ସ୍ଥାନାନ୍ତର କରିବା ସମ୍ଭବ ହୋଇପାରୁନାହିଁ। ପରୀକ୍ଷା ପରେ କେଉଁ ବିଦ୍ୟାଳୟରେ ଅଧିକ ଶିକ୍ଷକ ଅଛନ୍ତି, ସେଠାରୁ ସ୍ଥାନାନ୍ତର କରାଯାଇପାରିବ ବୋଲି କହିଛନ୍ତି। ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ନ୍ତୁ ବୋଲି ଅନୁରୋଧ କରିଛନ୍ତି।

# ସଫଳ ବ୍ୟବସାୟୀ ଭାବେ ଉପାଧ୍ୟକ୍ଷ ରତିକାନ୍ତ ସମ୍ବର୍ଦ୍ଧିତ

ହାଟଡ଼ିହୀ,୧୧।୧୨(ସମିସ): ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଜଣେ ସଫଳ ଏବଂ ପ୍ରତିଷ୍ଠିତ ବ୍ୟବସାୟୀ ଭାବେ ଭୁବନେଶ୍ୱର ଝାରପଡ଼ା ଏସବିଆଇ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ରତିକାନ୍ତ ସାଇକୃପା କନ୍‌ଷ୍ଟ୍ରକ୍ସନ ଏଣ୍ଡ ବିଲଡର ପ୍ରମୋଟର ଭାବେ ଭୁବନେଶ୍ୱର ଅଞ୍ଚଳରେ



ବେଶ ପରିଚିତ। ଏସବିଆଇ ବ୍ୟାଙ୍କ ସହ ତାଙ୍କର ଉତ୍ତମ କାରବାର ଏବଂ ଜଣେ ସଫଳ ବ୍ୟବସାୟୀ ଭାବେ ଭୁବନେଶ୍ୱର ଉତ୍ତରାଞ୍ଚଳ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟଶାଖାର ମୁଖ୍ୟ ପ୍ରବନ୍ଧକ ଅମିତ ମିଶ୍ର, ଶୁଭେନ୍ଦୁ ଆଚାର୍ଯ୍ୟ, ଝାରପଡା ଶାଖା ପ୍ରବନ୍ଧକ ଫାଲଗୁ ନିରଞ୍ଜନା ସାହୁ, ସହକାରୀ ପ୍ରବନ୍ଧକ ରଶ୍ମିରଞ୍ଜନ ଦାଶ ପ୍ରମୁଖ ରତିକାନ୍ତଙ୍କୁ ତାଙ୍କର ବ୍ୟବସାୟିକ ସଫଳତା ପାଇଁ ପୁରସ୍କୃତ କରିଛନ୍ତି। ହାଟଡ଼ିହୀ ବ୍ଲକ ବଞ୍ଜୋ ଗ୍ରାମର ରତିକାନ୍ତ ଜଣେ ସାମାଜିକ କର୍ମୀ ଭାବେ ବିଭିନ୍ନ କ୍ଷେତ୍ରର ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରି ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଏଥିସହ ସେ ମହିଳା ସୁରକ୍ଷା କମିଟିର ମଧ୍ୟ ଜଣେ ସକ୍ରିୟ ସଦସ୍ୟ ରହିଥିବା ବେଳେ ପୂର୍ବରୁ ରତିକାନ୍ତ ସାଂସଦ ପ୍ରତିନିଧି ଭାବେ ତାଙ୍କର କାର୍ଯ୍ୟ ଦାୟିତ୍ୱ ତୁଲାଇଛନ୍ତି।

**● ଶିକ୍ଷାବର୍ଷ ସରିବା ଉପରେ**

# ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମିଳିନି ପୋଷାକ



ଆନନ୍ଦପୁର,୧୧।୧୨ (ସମିସ): ଚଳିତ ଶିକ୍ଷାବର୍ଷ ସରିବାକୁ ଆଉ ମାତ୍ର ଦୁଇମାସ ଥିବା ବେଳେ ଆନନ୍ଦପୁର ଉପଖଣ୍ଡର ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପୋଷାକ ମିଳିନାହିଁ। ଏନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତେକ ବର୍ଷ ବିଦ୍ୟାଳୟ କମିଟି ଅଧକ୍ଷ, ପରିଚାଳନା କମିଟି ପ୍ରଧାନଶିକ୍ଷକଙ୍କ ମିଳିତ ମିଳିତ ବୈଠକରେ ନିଷ୍ପତ୍ତି ହୋଇ ଶିକ୍ଷାବର୍ଷ ପ୍ରାରମ୍ଭରେ ପୋଷାକ ବିତରଣ କରାଯାଉଥିବାବେଳେ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟଗୁଡିକରେ ପରିଚାଳନା କମିଟି ପୋଷାକ ବିତରଣ କରିସାରିଲେଣି। ମାତ୍ର ୫୦ରୁ ଅଧିକ ଛାତ୍ର ବିଦ୍ୟାଳରେ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଡିପିସିଇସିଙ୍କ ଦ୍ୱାରା ଟେଣ୍ଡର ପକାଇ ମନୋନୀତ ହୋଇଥିବା ଏସଏଚଜି ଗ୍ରୁପଙ୍କୁ ପୋଷାକ ବିତରଣ ପାଇଁ ୱାର୍କଅଡର ମିଳିଛି। ଏନେଇ ବିଡିଓଙ୍କ ନିର୍ଦ୍ଦେଶରେ ବ୍ଲକ୍ ଶିକ୍ଷାଧିକାରୀ କେଉଁ ବିଦ୍ୟାଳୟ ପାଇଁ କେଉଁ ଏସଏଚଜି ଗ୍ରୁପ ମନୋନୀତ ହୋଇଛନ୍ତି ସେମାନଙ୍କୁ ଅବଗତ କରାଇଥିଲେ ମଧ୍ୟ ବିଡିଓ କିମ୍ବା ବ୍ଲକ ଶିକ୍ଷାଧିକାରୀଙ୍କ କୋହଳ ମନଭାବ ପାଇଁ ଶିକ୍ଷାବର୍ଷ ସରିବାକୁଥିବାବେଳେ ଆଜି ତାରିଖରେ ମଧ୍ୟ ଅଧିକାଂଶ ବିଦ୍ୟାଳୟର ଛାତ୍ରଛାତ୍ରୀ ପୋଷାକ ପାଇପାରି ନାହାନ୍ତି। ଯା'ଫଳରେ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରତ୍ୟେକ ବିଡିଓ ଏହାକୁ ଗୁରୁତର ସହ ପଦକ୍ଷେପ ନେଇ ପୋଷାକ ମିଳି ନ ଥିବା ବିଦ୍ୟାଳୟରେ ପୋଷାକ ଯୋଗାଇ ଦେବାକୁ ବିଇଓଙ୍କୁ ନିର୍ଦ୍ଦେଶ ଦେବାକୁ ଅଭିଭାବକ ଦାବି କରିଛନ୍ତି।

# ସାଇବର ଅପରାଧ ସଚେତନତା ଅଭିଯାନ




କେନ୍ଦୁଝର, ୧୧।୧୨(ସମିସ): କେନ୍ଦୁଝର ଅଡିଟରୀୟମରେ କେନ୍ଦୁଝର ପୁଲିସ ପକ୍ଷରୁ ସାଇବର ସେଫଟି ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଯୁବଗୋଷ୍ଠୀ, ସ୍ୱୟଂସହାୟକ ଗୋଷ୍ଠୀ, କଲେଜ ଛାତ୍ରଛାତ୍ରୀ, ଡାକ୍ତରୀ ଛାତ୍ରଛାତ୍ରୀ, ସାଧାରଣ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳ ସଦସ୍ୟଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟଅତିଥି, ଜିଲ୍ଲାପାଳ ବିଶାଳ ସିଂ ସମ୍ମାନିତ ଅତିଥି, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଧନରାଜ ଏଚଡି, କେନ୍ଦୁଝର ପୌରଅଧକ୍ଷା ନିକୁ ସାହୁ ଅନ୍ୟତମ ଅତିଥି, ବ୍ରାଣ୍ଡ ଅମ୍ବାସାଡର ଓଲିଉଡର ଚର୍ଚ୍ଚିତ ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ସଭାପତିତ୍ୱ କରିଥିଲେ। ବିଭିନ୍ନ ସଚେତନଧର୍ମୀ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶନ ସହ କ୍ଷୁଦ୍ର ନାଟକ ଓ ସଂଗୀତ ପରିବେଷଣ କରାଯାଇଥିଲା। ରାଜ୍ୟରେ ପ୍ରଥମଥର ପାଇଁ ଅନୁସନ୍ଧାନ ପୋର୍ଟାଲ, ଇ ଡ୍ୟୁଟି ପରିଚାଳନା, ଇ ବିଟ ଓ ପ୍ରୋଜେକ୍ଟ ରାକ୍ଷୀର ଶୁଭ ଉନ୍ମୋଚନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆଭାସୀ ମାଧ୍ୟମରେ ସମବେତ ଗୋଷ୍ଠୀଙ୍କୁ ସାଇବର ସଚେତନତା ସମ୍ପର୍କରେ ଶପଥ ପାଠ କରାଇଥିଲେ। ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ପୋର୍ଟାଲର ବ୍ୟବହାର ଓ ଉପକାରିତା ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା।

# ଜିଲ୍ଲା ପରିଷଦ ପୂର୍ବତନ ସଦସ୍ୟଙ୍କ ପରଲୋକ

ହାଟଡ଼ିହୀ,୧୧।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅଣା ଗ୍ରାମର ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ପରିଷଦର ପୂର୍ବତନ ସଦସ୍ୟ ସନାତନ ବେହେରାଙ୍କ ୬୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ,



ନିଷ୍ଠାପର, ପରୋପକାରୀ ଓ ଉତ୍ତମ ଗୁଣବତ୍ତାର ବ୍ୟକ୍ତି ଥିଲେ। ପ୍ରଥମେ ଶାସଙ୍ଗ ହାଟଡିହୀ ସମନ୍ୱୟ ପଞ୍ଚାୟତର ସରପଞ୍ଚ, ଏହାପରେ ହାଟଡିହୀ ପଞ୍ଚାୟତର ସମିତିସଭ୍ୟ ଓ ପରେ ୩୫ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟ ଭାବେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଦୀର୍ଘଦିନ ହେବ ଅସୁସ୍ଥ ଥିବାବେଳେ ଗତ ବୁଧବାର ନିଶ୍ୱାସ ନେବାରେ ବାଧା ସୃଷ୍ଟି ହେବାରୁ ତାଙ୍କୁ ପରିବାର ଲୋକ କଟକ ବଡ଼ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଅଣା ଗ୍ରାମ ସହ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ବନ୍ଧୁ ପ୍ରିୟଜନଙ୍କ ସହ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରିବାର ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ମାୟାଧର ଜେନା, ଭାଗୀରଥି ସେଠୀ, ହାଟଡିହୀ ସରପଞ୍ଚ ଚିନ୍ମୟ ନାୟକ, ସମିତିସଭ୍ୟ କୈଳାସ ରାଉତ, ଘସିପୁରା ବିଜେପି ନେତା ଶମ୍ଭୁନାଥ ରାଉତ, ସାମାଜିକ କର୍ମୀ ସୁରେନ୍ଦ୍ର ଜେନା, ଗୌରାଙ୍ଗ ରଣା, ଉପେନ୍ଦ୍ର ସେନାପତି, ଭିକାରୀ ଚରଣ ରାଉତ, ଗୋପାଳ ନାୟକ, ବିଶ୍ୱନାଥ ନାୟକ, ଦିଲ୍ଲୀପ ମଲ୍ଲିକଙ୍କ ସହ ଶତାଧିକ ବିଜେଡିପ୍ରେମୀ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ଝୁମ୍ପୁରାରେ କାଠ ଡିପୋ ଉଦ୍‌ଘାଟିତ



ବାଲିବନ୍ଧ,୧୧।୧୨ (ସମିସ): ଝୁମ୍ପୁରାଠାରେ କାଠ ଡିପୋ ଓ ପ୍ରକ୍ରିୟାକୃତ ଲଘୁ ବନଜାତ ଦ୍ରବ୍ୟ ବିକ୍ରୟକେନ୍ଦ୍ର ବୁଧବାର ଉଦଘାଟିତ ହୋଇଯାଇଛି। ଓଏଫଡିସି, ବଡ଼ବିଲ ଏସ୍‌ଡିଏମ ସନ୍ତୋଷ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ମୁଖ୍ୟଅତିଥି, କେନ୍ଦୁଝର ଓଏଫଡିସି ଡିଭିଜନାଲ ମ୍ୟାନେଜର ଏନଏସଜେପି. ସିଂ, ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର ଜେନା, ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ, ସମିତିସଭ୍ୟ କୁଞ୍ଜବିହାରୀ ନାଏକ, ପୂର୍ବତନ ଜିଲ୍ଲା ପାରିଷଦ ତଥା ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁଙ୍କ ସମେତ ବିଜୟାନନ୍ଦ ବେହେରା, ଉମାକାନ୍ତ ମହାନ୍ତ, ବୃନ୍ଦାବନ ମହାନ୍ତ, ରଞ୍ଜନ ବେହେରା, ଶାନ୍ତୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଝୁମ୍ପୁରାବାସୀଙ୍କ ପାଇଁ ଏହି ବହୁ ପ୍ରତୀକ୍ଷିତ କାଠ ଡିପୋ ଦ୍ୱାରା ଜନସାଧାରଣ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଥିଲା। ଜାଳେଣି କାଠ ସହ ମହୁ, ଝୁଣା, ଆଚାର, ଜଙ୍ଗଲଜାତ ଦ୍ରବ୍ୟରୁ ପ୍ରସ୍ତୁତ ରସ (ଜୁସ), ଅନେକ ଜଙ୍ଗଲଜାତ ଦ୍ରବ୍ୟ ସୁଲଭ ମୂଲ୍ୟରେ ବିକ୍ରୟ କରାଯିବ ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ସୂଚନା ଦେଇଛନ୍ତି।

# ଆଇନା ସିଲେଇ କୌଶଳ ତାଲିମ ଶିବିର



ଆନନ୍ଦପୁର, ୧୧।୧୨ (ସମିସ): ଭିଆରଓ ଯାଡିସି ଆଶାପୁରୀରେ ଆୟୋଜିତ ଆଇନା କାମ ହାତ ସୁଇ-ସୂତା ପ୍ରଶିକ୍ଷଣରେ ଗ୍ରାମୀଣ ମହିଳାଙ୍କୁ ନୂତନ କୌଶଳ ତାଲିମ ପ୍ରଦାନ କରାଯାଇଛି। ଭିଆରଓ ସଂସ୍ଥାଦ୍ୱାରା ଆଶାପୁରୀର ଯୁବ କୌଶଳ ବିକାଶ କେନ୍ଦ୍ରରେ ଏକଦିନିଆ ଆଇନା କାମ ହାତ ସୁଇ-ସୁତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷକମାନେ ଯୋଗଦେଇଥିଲେ। ପ୍ରଶିକ୍ଷକ ସସ୍ମିତା ସାହୁ ଏବଂ ମୋନାଲିସା ୩୬ରୁ ଅଧିକ ମହିଳା ଏବଂ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଶିକ୍ଷକଙ୍କ ଦ୍ୱାରା ତିଆରି ସୁଇ-ସୂତା କାମଗୁଡ଼ିକର ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା, ଯେଉଁଠାରେ ସେମାନଙ୍କ ସୃଜନଶୀଳତା ଓ ପ୍ରଗତି ପ୍ରଦର୍ଶିତ ହୋଇଥିଲା। ଭିଆରଓ ଦଳ ପ୍ରଶିକ୍ଷୁମାନଙ୍କ ଉତ୍ସାହକୁ ସ୍ୱାଗତ କରି, ଗ୍ରାମୀଣ ମହିଳାଙ୍କ ପାଇଁ ଏପରି କୌଶଳ ବିକାଶ ପ୍ରୟାସ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଆଇନା କାମ ହାତ ସୁଇ-ସୂତା ପ୍ରଶିକ୍ଷଣ ଭିଆରଓ ସଂସ୍ଥାଙ୍କ ପକ୍ଷରୁ ନାରୀ ସଶକ୍ତିକରଣ, କୌଶଳ ବିକାଶ ଏବଂ ସୁସ୍ଥିର ଜୀବିକା ସୃଷ୍ଟି ପ୍ରତି ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆୟୋଜକ ପ୍ରକାଶ କରିଥିଲେ।

# ମାନପୁରରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଚେତନତା



କେନ୍ଦୁଝର, ୧୧।୧୨(ସମିସ): ଗ୍ରାମାଞ୍ଚଳ ମହିଳା ଓ ପୁରୁଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ହସ୍ତତନ୍ତ ବିଭାଗ ପକ୍ଷରୁ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ମନୋରମା ବିଦ୍ୟାଭବନ ମାନପୁରଠାରେ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଅଜୟ ମହାନ୍ତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ହରେକୃଷ୍ଣ ମହାନ୍ତ ଯୋଗ ଦେଇଥିଲେ। ହସ୍ତକଳା ଓ ହସ୍ତଶିଳ୍ପ ପାଇଁ ରହିଥିବା ସରକାରୀ ଯୋଜନା ଓ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ହସ୍ତଶିଳ୍ପ ସହନିର୍ଦ୍ଦେଶକ ଲଲାଟେନ୍ଦୁ ସର୍ଦ୍ଦାର ସୂଚନା ଦେଇଥିଲେ। ନାବାର୍ଡର ଉପନିର୍ଦ୍ଦେଶକ ଖୁରେଶ କୁମାର ନାୟକ ଆତ୍ମନିଯୁକ୍ତି ଓ କୃଷି ପାଇଁ ସରକାରଙ୍କ ପକ୍ଷରୁ ଋଣ ଓ ରିହାତି ସୁବିଧା ବିଷୟରେ ଆଲୋଚନା କରିଥିଲେ। ସମାଜସେବୀ ଧରିତ୍ରୀ ରାଉତ ଆତ୍ମ ନିଯୁକ୍ତି ମାଧ୍ୟମରେ ନିଜର ଆୟ ବଢ଼ାଇବା ସହ କିପରି ନିଯୁକ୍ତି ସୁଯୋଗ ସୃଷ୍ଟି କରି ହେବ ସେଥିପାଇଁ ଉତ୍ସାହିତ କରିଥିଲେ। ବିଦ୍ୟା ଭବନର ସମ୍ପାଦକ ଆଲୋକ ମିଶ୍ର ଏହି ସଚେତନତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସହକାରୀ ଶିଳ୍ପ ଅଧିକାରୀ ଶ୍ୟାମସୁନ୍ଦର ହେମ୍ବ୍ରମ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ପ୍ରାୟ ୫୦ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ମାନବାଧିକାର ଦିବସ



କେନ୍ଦୁଝର, ୧୧।୧୨(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ଜିଲ୍ଲା ଆଇନସେବା ପ୍ରାଧିକରଣର ମିଳିତ ସହଯୋଗରେ ବିଶ୍ୱ ମାନବାଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର(ଏନ୍‌ଏସ୍‌ଏସ୍) ପ୍ରୋଗ୍ରାମ ଅଫିସର ଦିନେଶ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅକ୍ଷୟ କୁମାର ଚକ୍ର ସଭାପତିତ୍ୱ କରିଥିଲେ। ଆଡଭୋକେଟ ଅର୍ଚ୍ଚନା ଦାସ, ଶିଶୁ ନ୍ୟାୟବୋର୍ଡର ସଦସ୍ୟ ମାନସ ପଣ୍ଡା, କେନ୍ଦୁଝର ଟାଉନ ପୁଲିସ ଷ୍ଟେସନର ଉପନିରୀକ୍ଷକ ପୂର୍ଣ୍ଣାମୟୀ ସେଠୀ, ଜିଲ୍ଲା ଲୋକ ଅଦାଲତର ଅବସରପ୍ରାପ୍ତ ବିଚାରପତି ଇ. ବିଘ୍ନେଶ୍ୱର ରାଓ, କେନ୍ଦୁଝର ଜିଲ୍ଲା ପୁଲିସ ଉପଅଧୀକ୍ଷକ, ଜିଲ୍ଲା ବରିଷ୍ଠ ବିଚାରପତି ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କ ସହ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ଓମ୍‌ମୟୀ ମହାନ୍ତ ବିଭିନ୍ନ କ୍ଷେତ୍ରରେ ମାନବାଧିକାର ବିଷୟରେ ମତ ବ୍ୟକ୍ତ କରିଥିଲେ। ସମାଜ ବିଜ୍ଞାନର ବିଭାଗର ବିଭାଗୀୟ ମୁଖ୍ୟ ସୁଶ୍ରୀ ସଙ୍ଗୀତା ନାଏକ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପିକା ସ୍ନେହଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୂତନ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକର ମାଧ୍ୟମ ବିଜ୍ଞାନ ପ୍ରଦର୍ଶନୀ'



କେନ୍ଦୁଝର, ୧୧।୧୨(ସମିସ): କେନ୍ଦୁଝର ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫-୨୬ ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା କଲ୍ୟାଣୀ ମାଝୀ ବିଜ୍ଞାନ ପ୍ରଦର୍ଶନୀ ମାଧ୍ୟମରେ ଶିଶୁଙ୍କଠାରେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭ୍ୟୁଦୟ ଘଟିଥାଏ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ ଓ ମଣ୍ଡଳ ଶିକ୍ଷାଧିକାରୀ, ପାଟଣାର ପୂର୍ଣ୍ଣଚନ୍ଦ୍ର ଅମାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଦରର କପିଳଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ, ଘଟଗାଁ ତଥା କେନ୍ଦୁଝର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ର ପ୍ରଧାନଶିକ୍ଷକ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାସ୍ତରୀୟ ବାଲବୈଜ୍ଞାନିକ ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ: "ବିଜ୍ଞାନ, ପ୍ରଯୁକ୍ତି, ଯାନ୍ତ୍ରିକ ବିଜ୍ଞାନ ଓ ଗଣିତ ମାଧ୍ୟମରେ ଭାରତକୁ ଉନ୍ନତ ଓ ସ୍ୱାବଲମ୍ବୀ କରିବା' ଏବଂ ଉପରୋକ୍ତ ମୁଖ୍ୟ ବିଷୟବସ୍ତୁ ଆଧାରିତ ୭ଟି ଉପମୁଖ୍ୟ ବିଷୟବସ୍ତୁରେ ସମୁଦାୟ ୯୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ପ୍ରତି ଉପ ବିଷୟବସ୍ତୁରୁ ସର୍ବୋତ୍କୃଷ୍ଟ ୭ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ କେନ୍ଦୁଝର ଜିଲ୍ଲା ତରଫରୁ ଅଂଶଗ୍ରହଣ କରିବେ। ଉଦଯାପନୀ ସମାରୋହରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି ମୁଖ୍ୟଅତିଥି ଭାବେ କୃତୀ ବୈଜ୍ଞାନିକଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉପ ବିଷୟବସ୍ତୁ ମଧ୍ୟରୁ ଧାରଣକ୍ଷମ କୃଷିରେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଟୁଙ୍ଗୁରୁଡ଼ିର ରାନୀ ପ୍ରଧାନ, ଆବର୍ଜନା ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୋମଳ ମହାନ୍ତି,

## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ମେଳା

ସବୁଜଶକ୍ତିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ବି.ଯଶସ୍ୱୀ ପ୍ରୀତମ, ଆମୋଦଦାୟକ ଗାଣିତିକ ପ୍ରକଳ୍ପରେ ଓଡିଶା ଆଦର୍ଶ ବିଦ୍ୟାଳୟ,ଶାଳପଡ଼ା, ଆନନ୍ଦପୁରର ଆଦ୍ୟସ୍ରଷ୍ଟା ପଟ୍ଟନାୟକ, ବିକାଶଶୀଳ ପ୍ରଯୁକ୍ତି ବିଦ୍ୟାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶାଳପଡ଼ା, ଆନନ୍ଦପୁରର ଦେବାଞ୍ଜନ ଘଡେଇ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ସୁଆଁପଦାର ଅନୁସୟା ପୃଷ୍ଟି, ଜଳ ସଂରକ୍ଷଣ ଓ ପରିଚାଳନାରେ ଆଶାଦେବୀ ଉଚ୍ଚବିଦ୍ୟାଳୟ, ଜମ୍ବୀରା, ହାଟଡିହିର ଲିପ୍ସାରାଣୀ ରାଉତ ମନୋନୀତ ହୋଇଛନ୍ତି। ୨୦୨୪-୨୫ ଶିକ୍ଷା ବର୍ଷର ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର କୁନି ବୈଜ୍ଞାନିକ ଦେବସ୍ମିତା ରାଉତ ଓ ମାର୍ଗଦର୍ଶୀ ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କୁ ଜିଲ୍ଲା ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ବିଜ୍ଞାନ ପ୍ରକଳ୍ପ ବିଚାରକ ଭାବେ ଯୋଗେଶ୍ୱର ପତି, ପ୍ରାକ୍ତନ ଅଧ୍ୟାପକ, ପଦାର୍ଥ ବିଜ୍ଞାନ, କୁଳମଣି ପ୍ରଧାନ, ଅଧକ୍ଷ ପିଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକେଶ୍ୱର ବାରିକ, ଅଧ୍ୟାପକ, ଜଗବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ହରିଚନ୍ଦନପୁର ଓ ସନତ ଦାସ, ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ, ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପଦ୍ମପୁର ଯୋଗ ଦେଇଥିଲେ।

# ଡ. କମଲେଶ ଦିଦିଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଚମ୍ପୁଆ, ୧୧।୧୨(ସମିସ): ଚମ୍ପୁଆ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପକ୍ଷରୁ ଦିବଂଗତ ଓଡ଼ିଶା ମୁଖ୍ୟ ବ୍ରହ୍ମାକୁମାରୀ କମଳେଶ ଦିଦିଜୀଙ୍କୁ ଭକ୍ତପୁତ ତଥା ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେବାକେନ୍ଦ୍ର ସଞ୍ଚାଳିକା ସୌଦାମିନି ଭଉଣୀଙ୍କ ଅଧକ୍ଷତାରେ ଏକ ସ୍ମୃତିସଭାରେ ବ୍ରହ୍ମାକୁମାର ଡମ୍ବୁରୁ, ପ୍ରେମଚାନ୍ଦ, ଧର୍ମାନନ୍ଦ, ଧନେଶ୍ୱର, ବ୍ରହ୍ମାକୁମାରୀ ଅନୁପମା, ଗାୟତ୍ରୀ ଏବଂ ସଂଗିତା ଯୋଗ ଦେଇଥିଲେ। ସମସ୍ତ ଭାଇଭଉଣୀଙ୍କୁ ବ୍ରହ୍ମାଭୋଜନ ଅର୍ପଣ କରାଯାଇଥିଲା।

ସକାଳ
THE SAKALA



### ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ

# ୧.୧୯ ଲକ୍ଷ ହେକ୍ଟର ଜମିରେ ଧାନ ଓ ଅଣ ଧାନ ଚାଷ ଲକ୍ଷ୍ୟ

ବାରିପଦା,୧୧।୧୨(ସମିସ):

ବାରିପଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

## ୧୯ ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ଲକ୍ଷ୍ୟ



ବୈଠକରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ର ବୈଠକର ଆଭିମୁଖ୍ୟ ଏବଂ ପୂର୍ବବର୍ଷ ଓ ଚଳିତ ବର୍ଷର ଖରିଫ ଓ ରବି ଋତୁ ଫସଲର ଏକ ତୁଳନାତ୍ମକ ବିବରଣୀ ଦେଇଥିଲେ। ସୂଚନା ଥାଉକି, ଖରିଫ ଋତୁରେ ୨୦୨୫-୨୬ ସମୟରେ ୨ ଲକ୍ଷ ୯୨ ହଜାର ୮୬୦ ହେକ୍ଟର ଚାଷ ଜମିରେ ଧାନ ଏବଂ ୧ ଲକ୍ଷ ୩୩ ହଜାର ୭୬୦ ହେକ୍ଟର ଅଣଧାନ ଫସଲ ଅଧୀନରେ ସମୁଦାୟ ୪ ଲକ୍ଷ ୬ ହଜାର ୬୨୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ କରାଯାଇଥିଲା। ସେହିପରି ୨୦୨୫-୨୬ ରବି ଋତୁରେ ଜିଲ୍ଲାରେ ଚଳିତ ବର୍ଷ ୧ ଲକ୍ଷ ୧୯ ହଜାର ୬୦ ହେକ୍ଟର ଚାଷ ଜମିରେ ଧାନ ଓ ଅଣ ଧାନ ଚାଷ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ଉଲ୍ଲେଖ କରିଥିଲେ। ସେଥିରୁ ଜଳସେଚିତ ୧ଲକ୍ଷ ୭୨୪ ହେକ୍ଟର ଓ ୧୮ ହଜାର ୩୩୬ ହେକ୍ଟର ଅଣ ଜଳସେଚିତ ଜମିରେ ଏହି ଚାଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଚଳିତ ବର୍ଷ ହାଲୁକା ଏବଂ ମଧ୍ୟମ କିସମ ଫସଲର ବିଭିନ୍ନ ଉତ୍ସ ପାଇଁ ଜଳସେଚନର ସର୍ବୋଚ୍ଚ ଉପଯୋଗରେ ଗୁରୁତ୍ୱ ଦିଆଯିବ। ତତ୍‌ସହିତ ଡାଲି ଏବଂ ତୈଳବୀଜ ଉତ୍ପାଦନ ଉପରେ ଧ୍ୟାନ ଦେବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ।

କମ୍ପୋଷ୍ଟ, ବାୟୋ-ସାର ଏବଂ ଅନ୍ୟାନ୍ୟ ଜୈବ ଇନ୍‌ପୁଟ ବ୍ୟବହାର କରି ଜୈବିକ ଚାଷ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ବଜାୟ ରହିବ ଏବଂ ଉଚ୍ଚ ଉତ୍ପାଦନ ସ୍ତର ବଜାୟ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଗଲା। ପ୍ରଦର୍ଶନ ତାଲିମ, କ୍ଷେତ୍ର ପରିଦର୍ଶନ, ସଚେତନତା ଅଭିଯାନ ଏବଂ ଏକ୍ସପୋଜର ପରିଦର୍ଶନ ମାଧ୍ୟମରେ କୃଷି ପ୍ରଣାଳୀରେ ଟେକ୍ନୋଲୋଜି ସହ ଡିବିଟି ମୋଡ୍‌ରେ ଫାର୍ମ ଯନ୍ତ୍ରର ଲୋକପ୍ରିୟତା ବୃଦ୍ଧି କରାଯିବା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ରବିଋତୁ ପାଇଁ ମୟୂରଭଞ୍ଜରେ ବାଣିଜ୍ୟିକ କୃଷିକୁ ଉତ୍ସାହିତ କରିବା ସହ ବିଶେଷକରି ପୁଞ୍ଜି ବିନିଯୋଗ ସବ୍‌ସିଡି ପ୍ରଦାନ କରି ବେରୋଜଗାର ଯୁବକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଥିବା ଉଦ୍ୟୋଗୀମାନେ ପର୍ଯ୍ୟାବରଣ ବନ୍ଧୁତ୍ୱ ପାଇଁ ଇଣ୍ଟିଗ୍ରେଟେଡ୍ ପୁଷ୍ଟିକର ପରିଚାଳନା, ଇଣ୍ଟିଗ୍ରେଟେଡ୍ କୀଟନାଶକ ପରିଚାଳନା ଏବଂ କୀଟନାଶକର ନିରାପଦ ବ୍ୟବହାର ପାଇଁ ଗୁରୁତ୍ୱ ଦିଆଯିବ। ଆଗାମୀ ରବି ଋତୁରେ ଗଚ୍ଛିତ ଭୂପୃଷ୍ଠ/ଭୂତଳ ଜଳର ପ୍ରଭାବଶାଳୀ ଉପଯୋଗ ପାଇଁ ବିଚାରଯୋଗ୍ୟ ଫସଲ ଯୋଜନା ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଅଧିକ ଜଳସେଚନ ଉତ୍ସ (ସାର୍ଟିଫାଏଡ୍ କମାଣ୍ଡ ଏରିଆ) ଅଧୀନରେ ଡାଲି, ତୈଳ ବୀଜ, ଗହମ, ଆଳୁ ଏବଂ ପନିପରିବା ଚାଷ କରିବାକୁ ଚାଷୀମାନେ ଉତ୍ସାହିତ ହେବେ। ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବ୍ଲକ୍‌ରେ ବିଭିନ୍ନ ଗୋଷ୍ଠୀ ଦ୍ୱାରା ପରିଚାଳିତ ବିହନ କେନ୍ଦ୍ରକୁ ସଶକ୍ତ କରିବା, କୃଷି ଉତ୍ପାଦକ ସଂଗଠନର ଗଠନ, ଅଂଶଗ୍ରହଣକାରୀ, ବିଭିନ୍ନ ପରୀକ୍ଷଣ ମାଧ୍ୟମରେ ମିଲେଟର ସର୍ବୋତ୍ତମ ସ୍ଥାନୀୟ କିସମର ଚୟନ, କିଓସ୍କ ଇତ୍ୟାଦି ମାଧ୍ୟମରେ ମିଲେଟ ବ୍ୟବହାର ଏବଂ ପଦୋନ୍ନତ କରିବା ଉପରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଉଦ୍ୟାନ କୃଷି ପାଇଁ ମହିଳା ଏବଂ ଶିଶୁବିକାଶ ବିଭାଗ ସହ ମିଳିତ ଭାବରେ ଏହି ଉଦ୍ୟାନ କୃଷି ବିଭିନ୍ନ ପରିବା ଯଥା ବାଇଗଣ, ଲଙ୍କା, ଟମାଟୋ, କଖାରୁ, କାକୁଡ଼ି, ଲାଉ ଇତ୍ୟାଦି ଚାଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଏହି ବୈଠକରେ କୃଷି ପ୍ରଯୁକ୍ତିବିଦ୍ୟା ଏଜେନ୍ସି ଦ୍ୱାରା ମାଣ୍ଡିଆ କ୍ରୟ କମିଟିର ବୈଠକ ମଧ୍ୟ ହୋଇଥିଲା। ଯେଉଁଥିରେ କୃଷି ବିଭାଗ ଉପନିର୍ଦ୍ଦେଶିକା ମଧୁସ୍ମିତା ଜେନା ଆଗାମୀ ରବି ଋତୁ ପାଇଁ ହେବାକୁ ଥିବା ବିଷଦ୍ ବିବରଣୀ ଉପସ୍ଥାପନା କରିଥିଲେ। ପୂର୍ବ ବର୍ଷ ୧୮ ହଜାର ୬୭୫ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ ହୋଇଥିବାବେଳେ ଚଳିତ ବର୍ଷ ପାଇଁ ୧୯ ହଜାର କ୍ୱିଣ୍ଟାଲ କ୍ରୟ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରମଣୀ ରଞ୍ଜନ ବିଶ୍ୱାଳ, କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ, ଦୀପକ ମହାନ୍ତି, ନାବାର୍ଡର ଡିଡିଏମ୍ ସ୍ମାରକ ମହାନ୍ତି, ଜିଲ୍ଲାର କୃଷି ଅଧିକାରୀ ବୃନ୍ଦ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଏଜେନ୍ସି ଓ ବ୍ୟାଙ୍କର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଡିଏ ଅର୍ଚ୍ଚନା ବଳ, ରମ୍ୟରଞ୍ଜନ ମହାନ୍ତ ପରିଚାଳନା କରିଥିଲେ।

## ଦୁଗୁଧା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉଦଳା,୧୧।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍ ଅନ୍ତର୍ଗତ ଦୁଗୁଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ତିନି ଦିନ ଧରି ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ଚାରୋଟି ଗ୍ରୁପ୍‌ରେ ମୋଟ ୨୦ଟି କ୍ରୀଡ଼ା ପ୍ରତଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ପିଲାମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁପମା ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଏବିଇଓ ସନ୍ଧ୍ୟାରାଣୀ ବାରିକ୍, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ମୋହନ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଶଶିଧର ହୋତା, ବିଶିଷ୍ଟ ଅତିଥି ଭାବେ ସନ୍ତୋଷ କୁମାର ସେନାପତି, ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ନାଥ ପୁହାଣ, କଳ୍ପଲତା ମଡୁଆଲ, ଏସ୍ଏମ୍‌ସି ଚେୟାରମ୍ୟାନ୍ ରଥିଆ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଦୈତାରୀ ବିନ୍ଧାଣି ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଶିଖା ସଦୁଆଳ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ବ୍ରଜ କିଶୋର ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଜେନା, କ୍ଷୀରୋଦ ପୁହାଣ, ପ୍ରଧାନ ହେମ୍ବ୍ରମ, ସରସ୍ୱତୀ ନାୟକ, ସିଆର୍‌ସିସି ନନ୍ଦନ କୁମାର ପଣ୍ଡା, ଏସ୍ଏମ୍‌ସି ସଭ୍ୟ/ସଭ୍ୟା ଏବଂ ଅଭିଭାବକ ସହଯୋଗ କରିଥିଲେ।

## ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଆମରା,୧୧।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଜୟ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପିନାଥ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାସ୍ତବ ଜ୍ଞାନ ହାସଲ କରିଥିବା ଛାତ୍ର ପ୍ରକୃତ ଗୁଣି ଏବଂ ପରିଶ୍ରମ ସୌଭାଗ୍ୟର




ଜନନୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ, ଶିଶିର ପୃଷ୍ଟି ଓ ରବିନ୍ଦ୍ର ପଣ୍ଡା ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଦୁଇ ଚାମ୍ପିଅନ ବାଳକ ବିଭାଗର ଚନ୍ଦନ ହାଁସଦା, ବାଳିକା ବିଭାଗର ପୂଜା ଦଳେଇ ଓ ଚଳିତ ବର୍ଷ ଉତ୍ତମ ଛାତ୍ର ଭାବେ ପବିତ୍ର ସାମଲ ଓ ଛାତ୍ରୀ ସାବିତ୍ରୀ ସିଂଙ୍କ ସମେତ ମୋଟ୍ ୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଶୋକ କୁମାର ରାମ୍, ରତ୍ନାକର ମିଶ୍ର, ଗଜେନ୍ଦ୍ର ନାଥ ନାୟକ, ଗଣେଶ ଜେନା, ସ୍ମରଣିକା ପଟ୍ଟନାୟକ, ପ୍ରୀତି ସୋନା, ରାଜଲକ୍ଷ୍ମୀ ପଣ୍ଡା, ଜ୍ୟୋତିର୍ମୟୀ ସାହୁ, ସରୋଜିନୀ ସାହୁ, ମଦନମୋହନ ସିଂ, ସୁଧାକର ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ଣରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## 'ଆସ ସ୍କୁଲ ଯିବା' ଶିକ୍ଷା ସଭା

ବହଳଦା,୧୧।୧୨(ସମିସ): ବହଳଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବହଳଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆର୍‌ସିସି ସୂର୍ଯ୍ୟକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଲଷ୍ଟରସ୍ତରୀୟ ସଭା "ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ, ଆଦୌ ନାମଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରାଯିବା। ସିଆର୍‌ସିସି ସୂର୍ଯ୍ୟକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବହଳଦା ସରପଞ୍ଚ ଲକ୍ଷ୍ମଣ ହାଁସଦାଙ୍କ ସହିତ ବହଳଦା କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ। ଏହ କାର୍ଯ୍ୟକ୍ରମରେ ପାଠପଢ଼ାରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରାଯିବା ଉପରେ ବିସ୍ତୃତ ଆଲୋଚନା କରାଯିବା ସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରାଯାଇଥିଲା।

## ଛଉ ନୃତ୍ୟରେ କଳାକାରଙ୍କ ଅବଦାନ ଅତୁଳନୀୟ

ବାରିପଦା,୧୧।୧୨(ସମିସ): ବାରିପଦା ଛଉ ପଡ଼ିଆରେ ଚାଲିଥିବା ମୟୂରଭଞ୍ଜ ମହୋତ୍ସବରେ ଛଉ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ଜିଲ୍ଲାର ୨ ଛଉ ନୃତ୍ୟ ଗୁରୁ ଓ ୩ କଳାକାରଙ୍କୁ କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ



ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାରଙ୍କୁ ସମ୍ବର୍ଦ୍ଧନା

କରାଯାଇଛି। ସେମାନେ ହେଲେ ଢୋଲ ବାଦ୍ୟ ଗୁରୁ ବିଘ୍ନରାଜ ଧଡା, ମହୁରୀ ବାଦ୍ୟ ଗୁରୁ ବିରଞ୍ଚି ମହାନ୍ତ, ଛଉ କଳାକାର ସୁଶାନ୍ତ ବେହେରା, ସଚିନା ଧଡା ଓ ଶିବ ଚରଣ ମହାନ୍ତ। ଯାହାକୁ ନେଇ ଜିଲ୍ଲାର କୋଣ ଅନୁକୋଣରେ ଥିବା ଛଉ କଳାକାରମାନେ ଖୁସିପ୍ରକଟ କରିବା ସହ ଉତ୍ସାହିତ ହୋଇଛନ୍ତି।

ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜ ଜିଲ୍ଲାର "ଛଉ' ନୃତ୍ୟରେ ଅନ୍ତର୍ନିହିତ ବୀର ରସ, ସାମରିକ କୌଶଳ ଓ ବଳିଷ୍ଠ ସାମରିକ ଭଙ୍ଗୀ ସହିତ ବୀର ବାଦ୍ୟର ସାମଞ୍ଜସ୍ୟ ବେଶ୍ ଚିତାକର୍ଷକ ହୋଇଥାଏ। ରାଜତନ୍ତ୍ର ପରେ ଏହାର ଉତ୍‌ଥାନ ପତନ ଲାଗି ରହିଥିବାରୁ କଳାର ଅସ୍ତିତ୍ୱ ବଜାଇ ରଖିବା ଅସମ୍ଭବ ହୋଇପଡ଼ିଛି। ଛଉ ନୃତ୍ୟର ଅନୁଢ଼ିଶାଳ ବୋଲାଉଥିବା ବାରିପଦାଠାରେ ଏହାର ବିକାଶ ଓ ପ୍ରଚାର କ୍ଷେତ୍ରରେ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇଥିଲା। କୌଣସି କାରଣରୁ ଏହା ଅବହେଳିତ ହୋଇ ସୁପ୍ତ ଅବସ୍ଥାରେ ପଡ଼ି ରହିଥିଲା। ଯାହାକୁ ନେଇ ସ୍ଥାନୀୟ ସଂଗଠକ, ଛଉ ପ୍ରେମୀ ଓ ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ୨୦୨୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ପ୍ରୟାସ କରାଯାଇଥିଲା। ଛଉ ନୃତ୍ୟ ବିକାଶ ଓ କଳାକାରଙ୍କ ଜୀବନଜୀବିକା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ବାରିପଦାଠାରେ ଛଉ ତାଲିମ କେନ୍ଦ୍ର ଖୋଲାଯାଇ ଛଉ ବିଶେଷଜ୍ଞ ପ୍ରତିନିଧିଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ଲଡୁକେଶ୍ୱର ରଣାଙ୍କ ମାର୍ଗଦର୍ଶନରେ ପରିଚାଳନା କରାଯାଇ ଅନେକ କଳାକାର ସୃଷ୍ଟି କରାଯାଇଥିଲା। ମାତ୍ର ୨ବର୍ଷ ପରେ ଉକ୍ତ ତାଲିମ କେନ୍ଦ୍ର ବନ୍ଦ ହୋଇଯିବାରୁ ଛଉ କଳାକାରଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ପରିସ୍ଥିତିରେ "ଛଉ' ଅନେକ ବାଧାବିଘ୍ନ ଦେଇ ଗତି କରୁଛି। କଳା ଓ କଳାକାରକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଅକ୍ଲାନ୍ତ ପ୍ରୟାସ ଜାରି ରହିଛି। ନିଜ ପରିଚୟ ଓ ଉଚିତ୍ ପାରିଶ୍ରମିକରୁ ବଞ୍ଚିତ ରହି ଛଉକୁ ବିଶ୍ୱ ଦରବାରରେ ପହଞ୍ଚାଇବାରୁ କଳାକାରଙ୍କ ଅବଦାନ ଅତୁଳନୀୟ। ତେବେ ୧୯୯୬ ପରଠାରୁ ଛଉକୁ ନେଇ କୌଣସି ପୁରସ୍କାର ପ୍ରଦାନ କରାଯାଇ ନ ଥିଲା। ଦୀର୍ଘ ୩୦ବର୍ଷ ପରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏକକାଳୀନ ଜିଲ୍ଲାର ୫ ଦକ୍ଷ ଶିଳ୍ପୀଙ୍କୁ ଛଉ ନୃତ୍ୟ ଓ ବାଦ୍ୟ ପାଇଁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଭଳି ସମ୍ମାନ ପାଇଁ କଳାକାର କାର୍ତ୍ତିକ ଘଡ଼େଇ, ଟାର୍‌ଜନ ଘଡ଼େଇ, ଦୀପୁ ଧଡା ଓ ଦେବନାରାୟଣ ଧଡା ପ୍ରମୁଖ ସମେତ ସମସ୍ତ କଳାକାର ଓ ଛଉ ପ୍ରେମୀ ତଥା ସଂଗଠନ ପକ୍ଷରୁ ରଣାଙ୍କୁ ସାଧୁବାଦ ଜ୍ଞାପନ କରିବା ସହିତ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଏକାଡେମୀର ସଚିବ ଓ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଜିଲ୍ଲା ଦିବ୍ୟାଙ୍ଗ ମହାସଂଘର ସାଧାରଣ ବୈଠକ

ବେତନଟୀ,୧୧।୧୨(ସମିସ): ବୁଧବାର ବେତନଟୀ ବ୍ଲକ୍‌ସ୍ଥିତ ପୁରୁଣିଆ ଫୁଟ୍‌ବଲ୍ ପଡ଼ିଆଠାରେ ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଉପସ୍ଥିତ ରହି ସେମାନେ ଅସୁବିଧା ଭୋଗୁଥିବା ସମସ୍ତ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପ୍ରତି କରୁଥିବା ଅବହେଳା ପ୍ରତିବାଦରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ପ୍ରତିବାଦ କରିବାକୁ ସମସ୍ତ ଦିବ୍ୟାଙ୍ଗ ପ୍ରସ୍ତୁତ ହେବା ପାଇଁ ଜିଲ୍ଲା ଦିବ୍ୟାଙ୍ଗ ସଭାପତି ଅରୁଣ କୁମାର ବେହେରା ଆହ୍ୱାନ ଦେଇଥିଲେ। ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରଦାନଠାରୁ ଆରମ୍ଭ କରି ଭତ୍ତା ଓ ଅନ୍ୟ ଯୋଜନାରେ ସାମିଲ୍ କରାଇ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଇବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। କେବଳ କାଗଜକଲମରେ ସମସ୍ତ କାର୍ଯ୍ୟକ୍ରମ କରାଯାଉଥିବା ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗମାନେ। ଏବେ ଜିଲ୍ଲାରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଉଛି; କିନ୍ତୁ ଉକ୍ତ ଶିବିରରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଯେତେ ଶିବିର ଆୟୋଜନ କରାଯାଇଥିଲା ସେସବୁ ସେମିତି ଫାଇଲ୍ ହୋଇ ରହିଛି। ଜିଲ୍ଲାର ଦିବ୍ୟାଙ୍ଗ ସଭାପତିଙ୍କ ଅଭିଯୋଗ ଅନୁସାରେ, ଜିଲ୍ଲାରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗ କାର୍ଯ୍ୟାଳୟ କେବଳ ଏନ୍‌ଜିଓମାନଙ୍କୁ ନେଇ ପରିଚାଳିତ ହେଉଛି। ଉକ୍ତ କାର୍ଯ୍ୟାଳୟରେ କେହି ବି ଦିବ୍ୟାଙ୍ଗ ନିଯୁକ୍ତି ପାଇନାହାନ୍ତି, ସେଥିପାଇଁ ଦିବ୍ୟାଙ୍ଗଙ୍କ ପାଇଁ ଏପରି ଅବହେଳା କରାଯାଉଛି। ଏବେ ଜିଲ୍ଲାରେ ପ୍ରାୟ ୭୫ହଜାରରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ବ୍ୟକ୍ତି ଅଛନ୍ତି। ପ୍ରାୟ ୫୦ ହଜାର ବ୍ୟକ୍ତି ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। ଏବେ ଜିଲ୍ଲାରେ ଜଣେ ମଲେ ଅନ୍ୟ ଜଣେ ଭତ୍ତା ପାଉଛନ୍ତି। ୩୫୦୦ ଟଙ୍କା ଭତ୍ତା ପାଇବା ପାଇଁ ଆହୁରି ୫୦୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବଞ୍ଚିତ ଅଛନ୍ତି। ଏମିତି ଅନେକ ଅସୁବିଧାର ସମାଧାନ ପାଇଁ ଜିଲ୍ଲାରେ ସମସ୍ତ ଦିବ୍ୟାଙ୍ଗ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବ୍ଲକ୍‌ସ୍ତରୀୟ ସାଧାରଣ ସଭା ଆୟୋଜନ କରାଯାଇଛି। ସଭାରେ ବେତନଟୀ ବ୍ଲକ୍ ସଭାପତି ରଞ୍ଜିତ ସିଂହଙ୍କ ସହିତ ଶତାଧିକ ଦିବ୍ୟାଙ୍ଗ ଯୋଗଦେଇଥିଲେ।

## ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ମାନବାଧିକାର ଦିବସ

କରଞ୍ଜିଆ,୧୧।୧୨(ସମିସ): କରଞ୍ଜିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କରଞ୍ଜିଆ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଅଧ୍ୟକ୍ଷ ତଥା ଏଡିଜେ ଆଶିଷ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମାନବାଧିକାରୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସବ୍ ଜଜ୍ ଅମିତ୍ ସ୍ୱରୂପ ସେଠ୍, ଏସ୍‌ଡିଜେଏମ୍ ପ୍ରଭାତ କୁମାର ସାମଲ, ଆଇନଜୀବୀ ପଙ୍କଜ ବାସିନୀ ମହାନ୍ତି, ଦିବ୍ୟପ୍ରସାଦ ସାହୁ, ଅଭିଜିତ୍ ମହାନ୍ତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଫାଣ୍ଡାମେଣ୍ଟାଇ ରାଇଟ୍ସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥିବୃନ୍ଦ ଛାତ୍ରଛାତ୍ରୀମାନଙ୍କୁ ସମସ୍ତଙ୍କ ମୌଳିକ ଅଧିକାର ବିଷୟରେ ଅବଗତ କରାଇଥିଲେ। ଏହି ଦିବସରେ ତାଲୁକ୍ ଆଇନ ସେବା କମିଟିର ଅର୍ଚ୍ଚନା ସାହୁ, ନାରାୟଣ ସାହୁ, ସିନ୍ଧୁଜିତ୍ ଦାସ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ, ଗୁରୁମା' ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

**ଉଦଳା**

ଉଦଳା ବାର୍ ପରିସରରେ ତାଲୁକ ଆଇନ ସହାୟତା କକ୍ଷ ଦ୍ୱାରା ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସହାୟତା କକ୍ଷର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଏସ୍‌ଡିଜେଏମ୍ ଅନୁରାଗ ଦେହୁରୀ ମଞ୍ଚାସୀନ ଥିଲେ। ନିରାକାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବୈଠକର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ମଞ୍ଚାସୀନ ଅତିଥି ରଜତ ମହାପାତ୍ର, ପଦ୍ମଲୋଚନ ଦାଶ, ଲମ୍ବୋଦର ବେହେରା, ବସନ୍ତ ପରିଡ଼ା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ମିଶ୍ର, ସରୋଜ ରଞ୍ଜନ ବେହେରା, ଶ୍ରୀକୃଷ୍ଣ ବେହେରା, ମକରାନନ୍ଦ ପଲେଇ, ବିରଞ୍ଚି ନାରାୟଣ କର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ଜାତୀୟ ମାନବାଧିକାର ଓ ସାମ୍ବିଧାନିକ ଅଧିକାର ସମ୍ପର୍କରେ ନିଜର ମତପୋଷଣ କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରାସଗୋବିନ୍ଦପୁର,୧୧।୧୨(ସମିସ): ଭାରତୀୟ ଶିକ୍ଷା ସଂସ୍ଥାନ ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରାସଗୋବିନ୍ଦପୁର ବ୍ଲକ୍‌ସ୍ଥିତ ବିନୋଦରାୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଟାୱାର ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ୧୩ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ତେବେ ଦୌଡ଼, ହାଇଜମ୍ପ୍ ଏହିପରି ୧୪ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ସୁଗନ୍ଧା ବେହେରାଙ୍କ ପୌରୋହିତ୍ୟରେ ଉଦ୍‌ଘାଟକ ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମ୍ବିକାରାଣୀ ଖଟୁଆ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମାବେଶ ଆରମ୍ଭରେ ବିଦ୍ୟାଳୟର ସମ୍ପାଦକ ସଞ୍ଜୀବ କୁମାର ମଣ୍ଡଳ ଅତିଥି ସମ୍ଭାଷଣ ଦେବା ସହିତ ଶ୍ରୀ ମଣ୍ଡଳଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଚାନ୍ଦ, ମୁଖ୍ୟବକ୍ତା ଭାବେ ରାସଗୋବିନ୍ଦପୁର ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରଧାନଅଚାର୍ଯ୍ୟା ସୁଗନ୍ଧା ବେହେରା, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ଗିରି, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ଶିରିଶ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଏବିଇଓ ସରସ୍ୱତୀ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୮୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହ ପ୍ରଧାନଆଚାର୍ଯ୍ୟା ସୁମିତ୍ରା ଘୋଷ ସମସ୍ତ ଖେଳର ବିବରଣୀ ପ୍ରଦାନ କରିଥିବାବେଳେ ସମସ୍ତ ଖେଳକୁ ଗୁରୁଜୀ ବିକାଶ କୁମାର ସାହୁ, ଗୁରୁମା' ବନଜା ମହାନ୍ତି, ସଂଯୁକ୍ତା ଗରେଇ, ସୁଜାତା ବେହେରା, ଲୋପାମୁଦ୍ରା ସିଂ, ମଞ୍ଜୁଶ୍ରୀ ବେହେରା, ଅଞ୍ଜଳି ବାନାର୍ଜୀ, ସୁଦୀପ୍ତି ମଣ୍ଡଳ, ପ୍ରବୀର ପରିଡ଼ା ଓ ୧୩ଟି ବିଦ୍ୟାଳୟର ଗୁରୁଜୀ, ଗୁରୁମା' ଉପସ୍ଥିତ ରହି ଖେଳକୁଦ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗୁରୁମା' ସଂଯୁକ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

● ଏମ୍‌ପିସି ସ୍ୱୟଂଶାସିତ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

## ପୁରୁଷ ବର୍ଗରେ ହାଡ଼ିବନ୍ଧୁ ଓ ମହିଳାରେ ସନ୍ଧ୍ୟା ଚାମ୍ପିଅନ



ବାରିପଦା,୧୧।୧୨(ସମିସ): ଏମ୍‌ପିସି ସ୍ୱୟଂଶାସିତ କଲେଜର ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। କଲେଜର ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା ଉଦ୍‌ଯାପନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ସମ୍ମାନିତ ଅତିଥି କଳିଙ୍ଗ ଷ୍ଟାଡିୟମ୍‌ର ପୂର୍ବତନ କାର୍ଯ୍ୟନିର୍ବାହୀ କୁମାର ରଞ୍ଜନ ପଣ୍ଡା ଏବଂ ପ୍ରାଧ୍ୟାପିକା ଡ. ଆଲ୍‌ବର୍ଟିନା ତିର୍କୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଦୌଡ଼କୁଦ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ ହାଡ଼ିବନ୍ଧୁ କିସ୍କୁ ଚାମ୍ପିଅନ ହୋଇଥିଲାବେଳେ ମହିଳା ବର୍ଗରେ ସନ୍ଧ୍ୟାରାଣୀ ମୁର୍ମୁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। କଲେଜ ଆଥ୍‌ଲେଟିକ୍ ଆସୋସିଏସନର ଉପସଭାପତି ଡ. ଦୀପକ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। କଲେଜର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ଡ. ସୋନାଲି ମହାନ୍ତ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ବର୍ଷ ବିତିଲା ସମ୍ପୂର୍ଣ୍ଣ ହେଉନି ପୋଲ

### ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ ଜଣାଇଲେ ବି ଫଳ ଶୂନ୍

ବିଜାତଳା,୧୧।୧୨(ସମିସ):



ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ପୋଲର ନିର୍ମାଣ କାର୍ଯ୍ୟ ୬ ବର୍ଷ ବିତିଯାଇଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହେଉନାହିଁ। ଯାହା ଫଳରେ ଆଦିବାସୀ ଗ୍ରାମବାସୀମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳପ୍ରଚଳ ନିମନ୍ତେ ଅନେକ ବାଧା ସୃଷ୍ଟି ହେଉଥିବାବେଳେ ବର୍ଷା ଦିନରେ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଛି। ବାମନଘାଟି ଉପଖଣ୍ଡର ବିଜାତଳା ବ୍ଲକ୍ ଅନ୍ତର୍ଗତ ଚଢ଼େଇପାହାଡ଼ି ଗ୍ରାମ ପଞ୍ଚାୟତର ଭୀମକାନ୍ଧା ଗ୍ରାମରେ ଏହିପରି ସମସ୍ୟା ରହିଛି।

ଅନେକ ଦାବି ପରେ ଗ୍ରାମ ଆରମ୍ଭରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଗତ ୬ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ନିର୍ମାଣ କାର୍ଯ୍ୟ ବିନା ଫଳକରେ ଚାଲିଛି। କେଉଁ ବିଭାଗରୁ କେତେ ଟଙ୍କା ବିନିଯୋଗ ହେଉଛି ତାହା ମଧ୍ୟ ଲୋକେ ଜାଣିନାହାନ୍ତି। ଲୋକଙ୍କ କହିବା ମୁତାବକ, ୨୦୧୯ରେ ଉକ୍ତ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ପୋଲ ଦେଇ ସ୍ଥାନୀୟ ଗ୍ରାମ ସମେତ ଅନ୍ୟ ଲୋକେ ମଧ୍ୟ ଚଳପ୍ରଚଳ କରିପାରିବେ। ପୋଲ ନିର୍ମାଣ ହେଲେ ଗୋରୁମହିଷାଣୀ ବଜାରକୁ ଅତି ଅଳ୍ପ ସମୟରେ ଲୋକେ ପହଞ୍ଚିପାରିବେ। କିନ୍ତୁ ତାହା ଆଜିଯାଏ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏନେଇ ଚଢ଼େଇପାହାଡ଼ି ଗ୍ରାମ ପଞ୍ଚାୟତର ସମିତିସଭ୍ୟା କୁନି ସର୍ଦ୍ଦାର ଏବଂ ପଞ୍ଚାୟତବାସୀ ବାମନଘାଟି ଉପଖଣ୍ଡସ୍ତରୀୟ ଯୁଗ୍ମ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ବାରମ୍ବାର ଦାବି ଜଣାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିପାରିଲା ନାହିଁ। ପ୍ରଶାସନ ସବୁ ଜାଣି ସୁଦ୍ଧା ପୋଲ ହୋଇ ନ ପାରିବା ଅତି ଦୁର୍ଭାଗ୍ୟଜନକ ଅଟେ ବୋଲି ଗ୍ରାମବାସୀମାନେ କହିଛନ୍ତି। ଗାଁ ବିକାଶ ନେଇ ରାଜ୍ୟ ସରକାର ମିଛ ଡିଣ୍ଡିମ ପିଟୁଥିବାବେଳେ ଗ୍ରାମବାସୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୋଲ ନ ଥିବାବେଳେ ବର୍ଷା ଦିନରେ ଲୋକେ ବିପଦସଙ୍କୁଳ ଭାବେ ଚଳପ୍ରଚଳ କରୁଛନ୍ତି। ବଣ ପାହାଡ଼ ଘେରା ଉକ୍ତ ଗ୍ରାମବାସୀଙ୍କ ପାଇଁ ଗମନାଗମନ ଏକ ପ୍ରମୁଖ ସମସ୍ୟା ଅଟେ। ଯାହାର କି କୌଣସି ସମାଧାନ ହେଉନାହିଁ। ପୋଲ କେବେ ନିର୍ମାଣ ହେବ ଓ ତାଙ୍କ ଦୁଃଖ ଦୂର ହେବ ସେନେଇ ଗ୍ରାମବାସୀମାନେ ଚାତକ ଭଳି ଚାହିଁ ବସିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ଅନିୟମିତତା

# ଫାଟି ଗଲାଣି କାନ୍ଥ, ଛାତରୁ ଖସୁଛି କଂକ୍ରିଟ୍

**ନିଶ୍ଚିନ୍ତକୋଇଲି,୧୧।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଜୋର ଧରିଛି। ଏହି ଅନିୟମିତତା କାର୍ଯ୍ୟରେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀଙ୍କ ହାତ ରହିଥିବା ମାହାଙ୍ଗାର ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନ ଖୋଲାଖୋଲି ଭାବେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହି ଅନିୟମିତତା କାର୍ଯ୍ୟର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି ଜୋର ଧରିଛି। ବିଜେଡି ସରକାର ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଇଂରାଜୀ ମାଧ୍ୟମରେ ପାଠ ପଢାଇବା ପାଇଁ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିଥିଲେ। ଏହିକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଆଦର୍ଶ ବିଦ୍ୟାଳୟରେ ଅସୁରେଶ୍ୱର ପଞ୍ଚାୟତ କୁଳଗାଁଇସାଳୋଠାରେ ୩ କୋଟି ୩୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇ ଗୃହକାର୍ଯ୍ୟ ନିର୍ମାଣ ଆରମ୍ଭ ହୋଇଥିଲା। ଏହି ଗୃହ ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଠିକାଦାର ଚୟନ କରାଯାଇ ଆରମ୍ଭ କରାଯାଇଥିଲା।




୨୦୨୧ରୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ରେ ଶେଷ ହେବାର ସରକାରୀ ଭାବେ ଧାର୍ଯ୍ୟ କରାଯାଇଥିଲା। ହେଲେ ଠିକାଦାର ବହୁ ମନ୍ଥର ଗତିରେ କାର୍ଯ୍ୟ କରିଥିବାରୁ ଏହା ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇ ପାରି ନ ଥିଲା। ଏହା ପୂର୍ବରୁ ଉକ୍ତ ବିଦ୍ୟାଳୟଟି ସ୍ଥାନୀୟ ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟରେ ଚାଲୁଥିଲା। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢିବାରୁ ଅଧିକ ଶ୍ରେଣୀ ଗୃହର ଆବଶ୍ୟକତା ହେତୁ ଆଦର୍ଶ ବିଦ୍ୟାଳୟ ଗୃହ କାର୍ଯ୍ୟ ଅର୍ଦ୍ଧନିର୍ମିତ ଥିବା ଅବସ୍ଥାରେ ତତ୍କାଳୀନ ବିଧାୟକ ଏହାକୁ ଉଦ୍‌ଘାଟନ କରି ତରବରିଆଭାବେ ଏଠାରେ ପାଠ ପଢାଇବା ଆରମ୍ଭ କରିଥିଲେ। ଅସୁରେଶ୍ୱର ସ୍କୁଲରୁ ନୂତନ ଗୃହକୁ ବିଗତ ଦେଢ ବର୍ଷ ହେବ ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତରଣ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇ ନାହିଁ କିମ୍ବା ଉକ୍ତ ବିଦ୍ୟାଳୟକୁ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ଗୃହ କାର୍ଯ୍ୟ ନିର୍ମାଣ ଶେଷ ନ ହେବା ପୂର୍ବରୁ ଏହାର ଅଧିକାଂଶ ସ୍ଥାନରେ କାନ୍ଥଗୁଡିକ ଫାଟିଯାଇଥିବା ବେଳେ ଛାତରୁ ସିମେଣ୍ଟ କଂକ୍ରିଟ ଛାଡ଼ିଯିବାର ଦେଖାଯାଇଛି। କାନ୍ଥର ପଲସ୍ତରା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଏଥିରେ ସ୍ମାର୍ଟ ବ୍ଲାକବୋର୍ଡ ଲଗାଇବା ପାଇଁ ଡ୍ରିଲିଂ କଲା ବେଳେ ଏହାର ସିମେଣ୍ଟ ଛାଡ଼ି ଯାଉଥିବାରୁ ବୋର୍ଡ ଲଗାଇବା ସମ୍ଭବ ହେଉନାହିଁ। ଏହାଛଡା ଶ୍ରେଣୀଗୃହ ଚଟାଣ ଓ ବାରଣ୍ଡାରେ ପଡିଥିବା ଟାଇଲଗୁଡିକ ମଧ୍ୟ ଉଠିଯିବାର ଦେଖାଯାଇଛି। ଆସନ୍ତା ଶିକ୍ଷା ବର୍ଷକୁ ଏହି ବିଦ୍ୟାଳୟରେ ଦଶମ ଶ୍ରେଣୀ ଖୋଲାଗଲେ ଆହୁରି ୮୦ଜଣ ଛାତ୍ରଛାତ୍ରୀ ବଢିଯିବେ। ଯାହାପାଇଁ ଅଧିକ ଦୁଇଟି ଶ୍ରେଣୀ ଗୃହର ଆବଶ୍ୟକତା ଥିଲା ବେଳେ ଏହାର ଅଭାବ ପରିଲକ୍ଷିତ ହେବ। ବର୍ତ୍ତମାନ ଏହି ବିଦ୍ୟାଳୟରେ କମ୍ପ୍ୟୁଟର ଲାବ୍ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ କମ୍ପ୍ୟୁଟର ଆସିପାରୁ ନାହିଁ ଫଳରେ ଛାତ୍ର ଛାତ୍ରୀମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାଛଡା ବିଦ୍ୟାଳୟର ଲାଇବ୍ରେରୀ କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ଏଥିରେ ବହିପତ୍ର ରଖିବା ଓ ପିଲାମାନେ ବସି ପଢିବାରେ ସମସ୍ୟା ଉପୁଜିଛି। ଏହି ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟ ତିଆରି ହୋଇ ନ ଥିବା ବେଳେ ଶିକ୍ଷୟିତ୍ରୀଙ୍କ ପାଇଁ ମଧ୍ୟ ଶୌଚାଳୟ ଠିକ୍ ଭାବେ ହୋଇ ନ ଥିବା ଜଣାଯାଇଛି। ବିଦ୍ୟାଳୟର ଖେଳ ପଡ଼ିଆ ନ ଥିବାରୁ ବାର୍ଷିକ କ୍ରୀଡା ଉତ୍ସବ ହେବାରେ ସମସ୍ୟା ଉପୁଜିଛି। ଏହି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନଙ୍କର ତଦାରଖ ଅଭାବରୁ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରିବାରୁ ଆଜି ଏଭଳି ଅବସ୍ଥା ଦେଖାଦେଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ତୁରନ୍ତ ଉକ୍ତ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯିବା ପାଇଁ ଛାତ୍ର ଛାତ୍ରୀ, ଅଭିଭାବକ, ବିଦ୍ୟାଳୟର ଅଧକ୍ଷ ଦାବି କରିଛନ୍ତି।

# ପାଚିଲା ଧାନ ବିଲରେ ଓଲଟିଲା ହାଇୱା

## ବ୍ୟାପକ ଧାନ ନଷ୍ଟ; ଚାଷୀ ହତାଶ



**କଣ୍ଟାପଡ଼ା,୧୧।୧୨(ସମିସ):** ଗତକାଲି ରାତିରେ ଏକ ହାଇୱା ଗୋବିନ୍ଦପୁର ଥାନା ଖେରସ ଗ୍ରାମର ଏକ ପାଚିଲା ଧାନ ବିଲକୁ ଓଲଟି ପଡ଼ିଛି। ଏହି ଘଟଣାରେ ଚାଳକ ବର୍ତ୍ତି ଯାଇଥିଲେ ମଧ୍ୟ ପାଚିଲା ଧାନ ଖେତ ଉଜୁଡ଼ି ଯାଇଥିବାରୁ ଚାଷୀ ଅଖିଳ ମହାପାତ୍ର ହତାଶ ହୋଇ ପଡ଼ିଛନ୍ତି। ଓଲଟପୁର ଥାନା ଇଚ୍ଛାପୁର ପଟୁ ଏକ ହାଇୱା ଇଚ୍ଛାପୁର-କୂଳବ୍ରାହ୍ମଣ ସାଇଲୋ କେନାଲ ବନ୍ଧ ରାସ୍ତାରେ ଯାଉଥିବା ସମୟରେ ଗୋବିନ୍ଦପୁର ଥାନା ଖେରସଠାରେ କୌଣସି କାରଣରୁ ପାଚିଲା ଧାନ ବିଲ ଭିତରେ ଓଲଟି ପଡିଥିଲା। ପରେ ଗାଡ଼ିର ଚାଳକ ଓ ଖଲାସୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବିଶ୍ୱସ୍ତ ସୂତ୍ର ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ବନମାଳିପୁରର ଏହି ପରିବହନ କମ୍ପାନୀର ୮ରୁ ଊର୍ଦ୍ଧ୍ୱ ଟ୍ରକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବିଭିନ୍ନ ଚୋରା ବାଲିଘାଟ ଏବଂ ଲିଗାଲ ବାଲି ଘାଟରୁ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ପ୍ରତ୍ୟହ ଦିନରାତି ବାଲି ଉଠାଇ ପୁଲିସ ଓ ଖଣି ବିଭାଗ ଜାଣତରେ ଜିଲ୍ଲା ବାହାରକୁ ବାଲି ପରିବହନ କରିଥାନ୍ତି। ଏନେଇ ସ୍ଥାନୀୟ ଅଧିବାସୀ ଲିଖିତ ଅଭିଯୋଗ ସହ ବେଆଇନ୍ ବାଲି ପରିବହନକୁ ନେଇ ଅତୀତରେ ବିଭିନ୍ନ ସମୟରେ କେନାଲ ବନ୍ଧ ଓ ନଦୀ ବନ୍ଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିବାବେଳ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇରହିଛି।

# କୋର୍ଟ ଆଦେଶକୁ ଅବମାନନା; ପାଚେରି ଭଙ୍ଗା ନେଇ ଅସନ୍ତୋଷ

**ସାଲେପୁର,୧୧।୧୨(ସମିସ):** ମାଛୁଆତି ଗ୍ରାମର ବ୍ୟକ୍ତିଗତ ରାସ୍ତା ପାଶ୍ୱର୍ରେ ଥିବା ଏକ ପାଚେରିକୁ ଭାଙ୍ଗିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପାଚେରି ଉପରେ ସାଲେପୁର କୋର୍ଟ ପୂର୍ବରୁ ରହିତାଦେଶ ଦେଇଥିଲେ; କିନ୍ତୁ ରହିତାଦେଶକୁ ଖାତିର ନ କରି ମାଛୁଆତିରେ ଘର କରି ରହୁଥିବା ଶରତଚନ୍ଦ୍ର ପଣ୍ଡା କିଛି ଲୋକ ଲଗାଇ ପାଚେରି ଭାଙ୍ଗିବା ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାରେ ଅପରପକ୍ଷ ରତିକାନ୍ତ ମହାନ୍ତି ଓ ଧ୍ରୁବାନନ୍ଦ ଶରଣ ୧୧୨ ନମ୍ବରକୁ ଫୋନ୍ କଲା ପରେ ସଙ୍ଗେ ସଙ୍ଗେ ସେଠାରେ ପୁଲିସ ପହଞ୍ଚିଥିଲେ। ପୁଲିସକୁ ବେଖାତିର କରି କୋର୍ଟର ନିର୍ଦ୍ଦେଶକୁ ଅବମାନନା କରାଯାଇ ପାଚେରି ଭାଙ୍ଗିଦିଆଯାଇଥିଲା। ପୁଲିସ ସେଠାରେ ନିରବଦ୍ରଷ୍ଟା ସାଜିଥିବା ନେଇ ଅଭିଯୋଗକାରୀ ରତିକାନ୍ତ ମହାନ୍ତି ଓ ଧୃବାନନ୍ଦ ଶରଣ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏ ସଂପର୍କରେ ସାଲେପୁର ଥାନା ଆଇଆଇସି ଅନିତା ସାହୁଙ୍କୁ ପଚାରିବାରେ ସେ କହିଲେ ଯେ ଆମ ପୁଲିସ ସେଠାକୁ ଯାଇଥିବାବେଳେ ଅଭିଯୋଗକାରୀ ସେଠାରେ ଉପସ୍ଥିତ ନ ଥିବା ଏବଂ କୋର୍ଟର ଆଦେଶକୁ ଆମ୍ଭଙ୍କୁ ନ ଦର୍ଶାଇବା ଫଳରେ ପୁଲିସ ସେଠାରୁ ଫେରିଆସିଥିଲା।

# ହୃଦ୍‌ଘାତରେ ବସ୍ କଣ୍ଡକ୍ଟରଙ୍କ ବିୟୋଗ



**ଭଦ୍ରେଶ୍ୱର,୧୧।୧୨(ସମିସ):** ମାହାଙ୍ଗା ବ୍ଲକ କୁରୁଜଙ୍ଗା ଗ୍ରାମପଞ୍ଚାୟତ ଡିହମାଳ (ସବଳକଣା) ଗ୍ରାମର ଜଣାଶୁଣା ଘରୋଇ ବସ କଣ୍ଡକ୍ଟର ଚିତ୍ତରଞ୍ଜନ ଦାସ (୫୬)ଙ୍କ ହୃଦଘାତ ଜନିତ ପରଲୋକ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ଶ୍ରୀ ଦାସ ଗୋପାଳପୁର ବଜାରକୁ ଔଷଧ ନେବା ନିମନ୍ତେ ଆସିଥିଲେ। ଏହି ସମୟରେ ହଠାତ ତାଙ୍କ ଦେହ ଖରାପ ହେବା ସହ ସେ ଘଟଣାସ୍ଥଳରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବକୁ ପୈତୃକ ଗ୍ରାମକୁ ନିଆଯାଇ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଛି। ତାଙ୍କର ଜ୍ୟେଷ୍ଠପୁତ୍ର ସୌମ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ଏଟିଏମ୍ ଲୁଟ୍ ଉଦ୍ୟମ; ଜଣେ ଗିରଫ

**ଚୌଦ୍ୱାର,୧୧।୧୨(ସମିସ):** ଚୌଦ୍ୱାର ଥାନା ଶଙ୍କରପୁରସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ଏଟିଏମ୍ ଭାଙ୍ଗି ଚୋରି ପାଇଁ ଉଦ୍ୟମ କରିବା ଅଭିଯୋଗରେ ଚୌଦ୍ୱାର ପୁଲିସ ଶଙ୍କରପୁର ଗ୍ରାମର ଜିତେନ୍ଦ୍ର ସ୍ୱାଇଁ ନାମକ ଜଣେ ଯୁବକକୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ଜିତେନ୍ଦ୍ର ଗତ ମାସ ୨୫ ତାରିଖ ରାତିରେ ମୁହଁରେ ମାସ୍କ ଲଗାଇ ବ୍ୟାଙ୍କ ପଛପଟ ଦେଇ ବ୍ୟାଙ୍କ ଭିତରକୁ ପଶି ବ୍ୟାଙ୍କ ଭିତରେ ଥିବା ଏଟିଏମ୍‌କୁ କାଟି ଟଙ୍କା ଲୁଟ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ଏହି ଦୃଶ୍ୟ ଏଟିଏମ୍ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକଡର୍ ହୋଇଯାଇଥିଲା। ବ୍ୟାଙ୍କ ମ୍ୟାନେଜରଙ୍କଠାରୁ ଅଭିଯୋଗ ପାଇ ପୁଲିସ ଅନୁସନ୍ଧାନ କରି ଜିତେନ୍ଦ୍ରକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ନିଶ୍ଚିନ୍ତକୋଇଲି,୧୧।୧୨(ସମିସ):** କରାଣ୍ଡିଆ କେନାଲ ବନ୍ଧ ରାସ୍ତାର ତରତଶାସନ ପଞ୍ଚାୟତ କୋଇଲିରଙ୍ଗୀ ଗ୍ରାମ ନିକଟରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା କୁଟଲିଙ୍ଗ୍ ଗ୍ରାମର ସୁନାକର ମଲିକଙ୍କ ପୁଅ ମନୋଜ। ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇ ସେଠାରୁ ଖସିଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନେମାଳ ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି।

# ନ୍ୟୁ ଏଡେଡ୍ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

**କଟକ,୧୧।୧୨(ସମିସ):** ନିଖିଳ ଓଡ଼ିଶା ନ୍ୟୁ ଏଡେଡ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ବିଦ୍ୟାଧରପୁରସ୍ଥିତ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଗରୁଡ଼ଚନ୍ଦ୍ର ସାହୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରି କହିଲେ ରାଜ୍ୟ ସରକାର ଆସନ୍ତା ୧୧ ତାରିଖ ସୁଦ୍ଧା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟାର ସମାଧାନ ନ କରିଲେ ଡିସେମ୍ବର ୧୨ ତାରିଖ ଦିନ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ। ଏହି ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ। ରାଜ୍ୟରେ ୫୯୦୦ ଶିକ୍ଷକ ଓ କର୍ମଚାରୀ ୨୦୨୫ ନଭେମ୍ବର ସୁଦ୍ଧା ଅବସର ଗ୍ରହଣ କରିଥିଲେ ସୁଦ୍ଧା ସରକାର ଏହି କର୍ମଚାରୀମାନଙ୍କ ପେନସନ, ଚାକିରୀକାଳୀନ ସୁବିଧା ପ୍ରଦାନ ନ କରି ଟାଳ ଟୁଳ ନୀତି ଗ୍ରହଣ କରୁଥିବାରୁ ସାମ୍ବାଦିକ ସମ୍ମିଳନୀରେ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ନିଷ୍ପତ୍ତିକ୍ରମେ ଆସନ୍ତା ୧୨ ଡିସେମ୍ବର ଏକ ପ୍ରତୀକାତ୍ମକ ଧର୍ମଘଟ ଭୁବନେଶ୍ୱରସ୍ଥିତ ଲୋୟର୍ ପିଏମଜିଠାରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୧୦ଟା ୩୦ ମିନିଟ ସମୟରେ ମାଷ୍ଟର କ୍ୟାଣ୍ଟିନ୍ ଗୋଲେଇଛକଠାରୁ ଏକ ଶୋଭାଯାତ୍ରା ବାହାରି ଲୋୟର ପିଏମଜି ଯାଏ ଯିବ। ସେଠାରେ ଉପସ୍ଥିତ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନେ ଏକଜୁଟ ହୋଇ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବେ। ସାମ୍ବାଦିକ ସମ୍ମିଳନୀରେ ସଂଘର ସମ୍ପାଦକ ଅନାଦି ଚରଣ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ ହୋତା, ସହସମ୍ପାଦକ ଲକ୍ଷ୍ମୀଧର ମୁଦୁଲି, ସୀତାରାମ ଦାସ, ଭକ୍ତବତ୍ସଳ ସାହୁ, ମନୋରଞ୍ଜନ ମହାନ୍ତ, ଅରୁଣ ଦାସ, ମଞ୍ଜୁଲତା ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାରଡାଇଜ୍ ନୋ ଏଣ୍ଟ୍ରି ଫିସ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କୁଲସାହିପଟନାକୁ ହରାଇ ଏନ୍‌ସିଏ ଚାମ୍ପିଅନ



**ଟାଙ୍ଗୀ,୧୧।୧୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ କଣି ଖେଳ ପଡିଆରେ ପାରାଡାଇଜ କ୍ରିକେଟ କ୍ଲବ ପକ୍ଷରୁ ତିନିଦିନିଆ ନୋ ଏଣ୍ଟ୍ରି ଫିସ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ତିନିଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ କୁଲସାହିପଟନା ଓ ଏନ୍‌ସିଏ ଟିମ ମଧ୍ୟରେ ଖେଳାଯାଇଥିଲା। କୁଲସାହିପଟନା କ୍ୟାପଟେନ ସାଗର ବେହେରାଠାରୁ ଏନ୍‌ସିଏର କ୍ୟାପେଟେନ୍ ମାନସ ସାହୁ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୧୨ ରନ କରିବାରେ ସକ୍ଷମ ହୋଇଥିଲା। ୧୧୩ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା କୁଲସାହିପଟନାର ଖେଳାଳିମାନେ ନିୟମିତ ବ୍ୟବଧାନରେ ୱିକେଟ ହରାଇବା ସହ ୧୦ ଓଭରରେ ୬୨ ରନ କରିବାରେ ସକ୍ଷମ ହେବା ସହ ପରାଜୟ ବରଣ କରିଥିଲା। ମୁଖ୍ୟଅତିଥି ଭାବେ ଟେଟ୍ରାହେଡନ କଲେଜର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ସୁଶାନ୍ତ ସାହୁ, ପାୱାର ପ୍ଲାଣ୍ଟ ଲୋକ ସମ୍ପର୍କ ଅଧିକାରୀ ବଳରାମ ଭୂଇଁ, ଅବସରପ୍ରାପ୍ତ ବାୟୁସେନା ଯବାନ ବିଶ୍ୱ ରଞ୍ଜନ ପ୍ରଧାନ ସେମିଫାଇନାଲ ଓ ଫାଇନାଲ ମ୍ୟାଚର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପାରାଡାଇଜ କ୍ଲବର ବରିଷ୍ଠ ଖେଳାଳୀ ଘନଶ୍ୟାମ ଦଳାଇ, ସଂଗ୍ରାମ ରାଉତରାୟ, ଗଣେଶ ସାହୁ, ମେଘନାଦ ମଲ୍ଲିକ, ସୁଶିଲ ରାଉତ, ଦୟାସାଗର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ବୃତ୍ତି ପରୀକ୍ଷାରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୧୧।୧୨(ସମିସ):** ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ତୃତୀୟ ଶ୍ରେଣୀ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଏବଂ ପଠାଣୀ ସାମନ୍ତ ବୃତ୍ତି ପରୀକ୍ଷାରେ ଅଭୂତପୂର୍ବ ସଫଳତା ପାଇଛନ୍ତି। ଷଷ୍ଠ ଶ୍ରେଣୀ ଛାତ୍ର ପ୍ରୀତମ୍ ପଣ୍ଡା ଓ ବ୍ରଜକେଶରୀ ସ୍ୱାଇଁ ଏବଂ ନବମଶ୍ରେଣୀ ଛାତ୍ରୀ ହର୍ଷିତା ସ୍ୱାଇଁ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା ବେଳେ ତୃତୀୟ ଶ୍ରେଣୀ ବୃତ୍ତିରେ ସୁବ୍ରତ କୁମାର ଷଡ଼ଙ୍ଗୀ ବ୍ଲକରେ ଦ୍ୱିତୀୟ ସ୍ଥାନ, ପଞ୍ଚମ ଶ୍ରେଣୀ ବୃତ୍ତିରେ ଜ୍ୟୋତିରାଦିତ୍ୟ ବରାଳ ବ୍ଲକରେ ପଞ୍ଚମ ସ୍ଥାନ, ଇଶାନ୍ତ ପାତ୍ର ଦ୍ୱିତୀୟସ୍ଥାନ ଏବଂ ଆରାଧ୍ୟା ରାଉଳ ପଞ୍ଚମ ସ୍ଥାନରେ ରହି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅବସରରେ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ମୀନକେତନ ମହାନ୍ତିଙ୍କ ସଂଯୋଜନାରେ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ଦୀପାଞ୍ଜଳି ମିଶ୍ର, ସମ୍ମାନିତ ଅତିଥି ଭାବେ ଯୁଗ୍ମ ସଂପାଦକ ସୁଶ୍ରୀ ବିଦ୍ୟୁଲତା ପଣ୍ଡା, ଉପସଭାପତି ଅଶୋକ ମହାପାତ୍ର, କୋଷାଧ୍ୟକ୍ଷ ସୁବୋଧ ଷଡଙ୍ଗୀ, ତଡିତ ମଲିକ, ଶୈକ୍ଷିକ ପ୍ରମୁଖ ମୀନାକ୍ଷୀ ସେନାପତି, ପରୀକ୍ଷା ପ୍ରମୁଖ ବ୍ରଜକିଶୋର ସାହୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ସାଲେପୁରରେ ଯାଜପୁର ପୁଲିସର ତନାଘନା

# ଚୋର ସନ୍ଦେହରେ ଯାଯାବରକୁ ଉଠାଇନେଲେ



**ସାଲେପୁର,୧୧।୧୨(ସମିସ):** ପୁଲିସ କ୍ୱାର୍ଟରରୁ ଚୋରି ଘଟଣାରେ ଯାଜପୁର ଜିଲ୍ଲା ପୁଲିସ ସାଲେପୁରରେ ତନାଘନା ଚଢ଼ଉ କରି ସନ୍ଦେହରେ ଜଣକୁ ଉଠାଇନେଇଥିବା ଜଣାଯାଇଛି। ବୈରୀ ଥାନା ଅଧୀନରେ ଥିବା ପୁଲିସ ଟ୍ରେନିଂ କ୍ୟାମ୍ପସ କ୍ୱାର୍ଟରରୁ ଏକାଧିକ ଲୋକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିବା ନେଇ ଆଜି ବୈରୀ ପୁଲିସ ଓ ସାଲେପୁର ପୁଲିସ ମୋବାଇଲ୍ ଟ୍ରାକିଂ କରି ମିଳିତ ଭାବେ ସାଲେପୁରର ଚନ୍ଦ୍ରାଦେଇପୁର ଅଞ୍ଚଳର ଏକ ବିଲ ମଧ୍ୟରେ ବିଭିନ୍ନ ସ୍ଥାନରୁ ଆସି ଯାଯାବର ରୂପେ ଅବସ୍ଥାନ କରୁଥିବା ଲୋକଙ୍କ ଉପରେ ଚଢ଼ଉ କରି ସେଠାରୁ ସନ୍ଦେହରେ ଜଣେ ଯାଯାବରକୁ ବୈରୀ ପୁଲିସ ଉଠାଇ ନେଇଥିବା ଜଣାଯାଇଛି। ସାଲେପୁର ଥାନାଞ୍ଚଳର ଚନ୍ଦ୍ରାଦେଇପୁରର ନାରାୟଣ ମନ୍ଦିର ନିକଟସ୍ଥ ବିଲରେ କିଛି ଦିନ ଧରି ରହିଆସୁଥିବା ବାହାର ଲୋକଙ୍କ ଫୋନ୍ ପୁଲିସ ଟ୍ରାକିଂରେ ପଡିଥିଲା। ଏନେଇ ଏହି ଚଢ଼ଉ ଫଳରେ ସେଠାରେ ରହୁଥିବା ବାହାର ଲୋକମାନେ ଭୟଭୀତ ହୋଇପଡିଥିଲେ। ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଯାଯାବର ସଂପ୍ରଦାୟର ଲୋକମାନେ ସପରିବାରେ ଦଳବଦ୍ଧ ହୋଇ ବିଭିନ୍ନ ସ୍ଥାନରେ ରହିଆସୁଥିବାବେଳେ ଦିନଯାକ ମହୁ ଓ ଖେଳଣା ବିକ୍ରି କରି ରାତିରେ ଚୋରି କରୁଥିବା ନେଇ ଚର୍ଚ୍ଚା ହେଉଛି। ସେହିପରି ଏହି ସଂପ୍ରଦାୟର ଛୋଟ ଛୋଟ ପିଲାମାନେ ହାଟ ବଜାରରୁ ମୋବାଇଲ୍ ଚୋରି କରିନେଉଥିବା ବହୁ ନଜିର ମଧ୍ୟ ପୂର୍ବରୁ ରହିଛି। ବେଆଇନ୍ ଭାବେ ବସବାସ କରୁଥିବା ଏହି ଯାଯାବରଙ୍କୁ ହଟାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଉଦ୍‌ଘାଟନ ଅପେକ୍ଷାରେ ଟାଙ୍ଗୀ-ଚୌଦ୍ୱାର ଅଦାଲତ



**ଟାଙ୍ଗୀ,୧୧।୧୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ତଥା ବ୍ଲକ କାର୍ଯ୍ୟାଳୟ ପରିସରରେ ଦେୱାନୀ ବିଚାରପତି କନିଷ୍ଠ ଶ୍ରେଣୀ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୦୨୬ ଜାନୁୟାରୀ ପ୍ରଥମାର୍ଦ୍ଧରେ ଏହା ଉଦଘାଟିତ ହେବ ବୋଲି କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ତେବେ ଉକ୍ତ ଅଦାଲତ ପ୍ରତିଷ୍ଠା ଫଳରେ ୨୪ଟି ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ-ଚୌଦ୍ୱାର ବ୍ଲକର ପ୍ରାୟ ୨ ଲକ୍ଷ ଲୋକ ପ୍ରଥମଶ୍ରେଣୀ ବିଚାର ବିଭାଗ ସୁବିଧା ପାଇପାରିବେ। ଉଭୟ ଟାଙ୍ଗୀ ଓ ଚୌଦ୍ୱାର ଥାନାର ସମସ୍ତ କେସ୍ ଉକ୍ତ ଅଦାଲତ ମାଧ୍ୟମରେ ଆଗକୁ ବଢ଼ିବ। ଫଳରେ କୋଟସାହି ପଞ୍ଚାୟତ ଟାଙ୍ଗୀର ସ୍ୱରୂପ ତଥା ଭୂଗୋଳରେ ଅନେକ ନୂଆ କଥା ଯୋଡ଼ିହେବା ସହ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

# ଚାଟେଶ୍ୱର ପାକ୍ସ ଅନିୟମିତତା; ରିପୋର୍ଟ କାର୍ଯ୍ୟକାରୀ ହେଉନି

**ସାଲେପୁର,୧୧।୧୨(ସମିସ):** ସାଲେପୁର ବ୍ଲକ୍‌ର ସଉରୀ ପଞ୍ଚାୟତରେ ଥିବା ଚାଟେଶ୍ୱର ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ସଉରୀ ସେବା ସମବାୟ ସମିତିରୁ ଅଲଗା ହୋଇ ୯ଟି ଗ୍ରାମକୁ ନେଇ ୨୦୨୩ରେ ଗଠିତ ହୋଇଥିବା ଚାଟେଶ୍ୱର ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କଟକ କେନ୍ଦ୍ର ସମବାୟବ୍ୟାଙ୍କ ସାଲେପୁର ଶାଖା ପକ୍ଷରୁ ତାଙ୍କର ଚିଠି ସଂଖ୍ୟା-୧୫୧, ତା.୦୫।୦୭।୨୦୨୪ ରିଖରେ ଏ ସଂପର୍କରେ କଟକ ସର୍କଲ ଅତିରିକ୍ତ ରେଜିଷ୍ଟ୍ରାର, କୋଅପରେଟିଭ୍ ସୋସାଇଟିଙ୍କୁ ଲିଖିତ ଭାବରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ଅନୁଯାୟୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଅଧୀନରେ ଥିବା ସାଲେପୁର କେନ୍ଦ୍ର ସମବାୟ ବ୍ୟାଙ୍କର ତତ୍କାଳୀନ ମ୍ୟାନେଜର ଲିଖିତ ଭାବରେ ଅତିରିକ୍ତ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି, କଟକଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ଯେ ଏହି ଚାଟେଶ୍ୱର ସମବାୟ ସମିତିର ଜିତେନ୍ଦ୍ର କୁମାର ନାୟକ ଏଠାରେ ସଂପାଦକ ରୂପେ ନିଯୁକ୍ତି ପାଇଥିବାବେଳେ ତାଙ୍କର ଶରୀର ଅସୁସ୍ଥ ଥିବାରୁ ଏବଂ ସେ ଏଠାରେ ଅନୁପସ୍ଥିତ ରହୁଥିବାରୁ ଡାଟା ଏଣ୍ଟ୍ରି ଅପରେଟର ଭାବରେ ଚନ୍ଦନ ବେହେରା ଏଠାରେ ଦାୟିତ୍ୱ ନେଇଥିବାବେଳେ ତାଙ୍କ ସମୟରେ ବହୁ ଅନିୟମିତତା ହୋଇଛି।

ସେହିପରି ଗତ ସେପ୍ଟେମ୍ବର ୧୮, ୨୦୨୩ରେ ସତ୍ୟାନନ୍ଦ ସାହୁ ସଉରୀ ପ୍ରାଥମିକ ସେବା ସମବାୟ ସମିତିର ଦାୟିତ୍ୱରେ ରହିଥିବାବେଳେ ସେ ଚାଟେଶ୍ୱର ସେବା ସମବାୟ ସମିତିରେ ଦାୟିତ୍ୱରେ ରହିଥିଲେ। ଚନ୍ଦନ କୁମାର ବେହେରା ରାଜନୈତିକ ଚାପ ପକାଇ ସେ ଏହି ଚାଟେଶ୍ୱର ସେବା ସମବାୟ ସମିତିର ଦାୟିତ୍ୱରେ ରହିଥିବା କୁହାଯାଇଛି। ଏହି ସମୟରେ ତାଙ୍କ ବିରୋଧରେ ହୋଇଥିବା ବିଭିନ୍ନ ଅନିୟମିତତା ସଂପର୍କରେ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ଏହି ରିପୋର୍ଟରେ ଚାଟେଶ୍ୱର ସମବାୟ ସମିତିରେ ହୋଇଥିବା ଆର୍ଥିକ ଅନିୟମିତତା ସଂପର୍କରେ ତୁରନ୍ତ ତଦନ୍ତ କରିବା ସହ ଏହି ସମବାୟ ସମିତିର ବିଭିନ୍ନ ଅନିୟମିତତାଗୁଡିକୁ କେନ୍ଦ୍ର ସମବାୟ ବ୍ୟାଙ୍କ୍ ସାଲେପୁର ଶାଖାର ମ୍ୟାନେଜର ତାଙ୍କ ଚିଠିରେ ଏହା ଉଲ୍ଲେଖ କରିଥିବା ଜଣାଯାଇଛି। ହେଲେ ଅଦ୍ୟାବଧି ୧ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏ ସଂପର୍କରେ କଟକ ସର୍କଲ ଅତିରିକ୍ତ ରେଜିଷ୍ଟ୍ରାର, କୋଅପରେଟିଭ୍ ସୋସାଇଟି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସମବାୟ ବିଭାଗର ଅଧୀନରେ ଥିବା ସାଲେପୁର କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ପରିଚାଳକ ତନ୍ନ ତନ୍ନ ତଦନ୍ତ କରି ତାଙ୍କ ରିପୋର୍ଟରେ ସମବାୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥିବାବେଳେ ଏହି ରିପୋର୍ଟକୁ କାହିଁକି ଚପାଇ ଦିଆଯାଇଛି, ଏହାକୁ ନେଇ ରାଜ୍ୟ ସମବାୟ ବିଭାଗ ମନ୍ତ୍ରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଭୂତକୋଠି ପାଲଟିଛି ଅର୍ଦ୍ଧନିର୍ମିତ ନରସିଂହପୁର ସଂଗ୍ରହାଳୟ

**ବ୍ରିଟିଶ ଅମଳର ସଂଗ୍ରହାଳୟ; ୩୬ବର୍ଷ ପରେ ଜବର ଦଖଲରେ**





ନରସିଂହପୁର,୧୧।୧୨(ସମିସ): ବ୍ରିଟିଶ ଶାସନ ଅମଳରେ ହୋଇଥିଲା ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ। ଦେଶ ସ୍ୱାଧୀନ ହେବାର ଇତିମଧ୍ୟରେ ୭୮ ବର୍ଷ ବିତିଲାଣି, ମାତ୍ର ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରି ନାହିଁ ନରସିଂହପୁର ସଂଗ୍ରହାଳୟ। ଦୀର୍ଘ ୩୬ ବର୍ଷ ହେବ ଅଧା ଗଢ଼ା ଅବସ୍ଥାରେ ଅତି ଦୟନୀୟ ଅବସ୍ଥାରେ ପଡ଼ିରହିଛି। ଏହି ସଂଗ୍ରହାଳୟର ବର୍ତ୍ତମାନ ଭୂତକୋଠି ପାଲଟିବା ସହ ବୁଲା ଗାଈଗୋରୁଙ୍କ ଗୁହାଳ ପାଲଟିଛି। ଅଳିଆ ଆବର୍ଜନା ମଧ୍ୟରେ ରହିଥିବା ଏହି ସଂଗ୍ରହାଳୟର ବର୍ତ୍ତମାନ କିଛି ଅଂଶ ଜବରଦଖଲରେ ରହିଥିବା ଦେଖିବାକୁ ମିଳିଛି। ଆଜିକୁ ୩୬ ବର୍ଷ ପୂର୍ବେ ପୂର୍ବେ ଆରମ୍ଭ ହୋଇଥିବା ଏହି ସଂଗ୍ରହାଳୟ କାମ କଣ ହେଲା କେଜାଣି ଅଧାରୁ ରହିଗଲା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ନାଁ ପ୍ରଶାସନ ନାଁ ଜନପ୍ରତିନିଧି କେହି ହେଲେ ଏଥିପାଇଁ ଦୃଷ୍ଟି ଦେଉ ନ ଥିବାରୁ ବର୍ଷ ବର୍ଷ ଧରି ଏହି ଅଧଗଢା ସଂଗ୍ରହାଳୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ପ୍ରାଚୀନ ଗଡ଼ଜାତ ନରସିଂହପୁରର ଐତିହ୍ୟ, କଳା, ସଂସ୍କୃତି, ପରମ୍ପରା ଓ ପ୍ରାଚୀନ କଳାକୃତିକୁ ସାଇତି ରଖିବା ପାଇଁ ଇଂରେଜ ଶାସନ ସମୟରେ ୧୯୪୭ ମସିହା ଫେବୃଆରୀ ମାସ ୭ ତାରିଖରେ ନରସିଂହପୁର ବ୍ଲକ ଛକର ହନୁମାନ ମନ୍ଦିର ଠାରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଏହିଠାରେ ଗୋରା ସାହେବ ଏଚ୍‌ଏନ୍ ଡ଼ଚ ସାହେବଙ୍କ ଦ୍ୱାରା ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରଯାଇଥିଲା। ହଜିଯାଉଥିବା ପ୍ରାଚୀନ କୀର୍ତ୍ତିରାଜି ସଂଗ୍ରହ କରି ଏହି ଠାରେ ରଖାଯାଇଥାନ୍ତା। ମାତ୍ର ଯୋଜନା କେବଳ ଯୋଜନାରେ ହିଁ ରହିଗଲା। ଯଦିଓ କଂଗ୍ରେସ ସରକାର ସମୟରେ ଦୀର୍ଘ ୩୬ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ବଡ଼ ସଭା ଗୃହ ସମେତ ୧୦ରୁ ଅଧିକ ବଖରା ଘର ନିର୍ମାଣ ଲକ୍ଷ୍ୟରେ ଆଗେଇ ଚାଲିଥିଲା କାର୍ଯ୍ୟ ମାତ୍ର ୩୬ ବର୍ଷ ବିତି ଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେହି ଅଧାଗଢ଼ା ଅବସ୍ଥାରେ ପଡ଼ି ରହିଛି। ଆଜି ପର୍ଯ୍ୟନ୍ତ ଇଟା ଖଣ୍ଡିଏ ବସିବା ଦୂରର କଥା ଅନ୍ୟର ରକ୍ଷଣାବେକ୍ଷଣ ନିମନ୍ତେ ନିର୍ମାଣ ହେଉଥିବା ସଂଗ୍ରହାଳୟ ବର୍ତ୍ତମାନ ନିଜର ରକ୍ଷଣାବେକ୍ଷଣ ପାଇଁ ସ୍ଥାନ ଖୋଜୁଛି। ବିଭିନ୍ନ ସ୍ଥାନରେ ନୂଆ ନୂଆ ମନ୍ଦିର, ମଣ୍ଡପ କୋଠଘର, ଖେଳ ପଡ଼ିଆ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଶହ ଶହ ବର୍ଷର ପୁରୁଣା କୀର୍ତ୍ତିରାଜି ବର୍ତ୍ତମାନ ଅସୁରକ୍ଷିତ ଭାବେ ଭୂତ କୋଠି ଅବସ୍ଥାରେ ପଡ଼ିରହିଛି। ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ସଂଗ୍ରହାଳୟର ଭିତ୍ତିପ୍ରସ୍ତରକୁ ୭୮ ବର୍ଷ ଏବଂ ଗୃହ ନିର୍ମାଣ କାର୍ଯ୍ୟ ୩୬ବର୍ଷ ପୂର୍ବେ ଆରମ୍ଭ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ନିର୍ମାଣ ନ ହୋଇ ଅସୁରକ୍ଷିତ ଭାବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏହି ସଂଗ୍ରହାଳୟର ପୁନରୁଦ୍ଧାର କରି ତୁରନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନରସିଂହପୁରର ପ୍ରାଚୀନ ଐତିହ୍ୟ, କଳା, ସଂସ୍କୃତି ପରମ୍ପରାକୁ ସାଇତି ରଖିବା ପାଇଁ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ନିକଟରେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତିସନ୍ଧ୍ୟା



କଟକ,୧୧।୧୨(ସମିସ): ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର କାଳଜୟୀ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ସନ୍ଧ୍ୟା କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖାନନଗର ସମିତି ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସଭାପତି ଅରୁଣା ସାମନ୍ତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ତ୍ରିବେଣୀ ଭୋଳ ମୁଖ୍ୟଅତିଥି, ପ୍ରଫେସର ନିମାଇଁ ଚରଣ ପରିଜା ମୁଖ୍ୟବକ୍ତା, ଅଧ୍ୟାପିକା ପ୍ରତିମା ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଂଗୀତର ମାନ୍ୟତା ପାଇଛି। ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କ ଦାନ ଅତୁଳନୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ପ୍ରଥମ ଅଧିବେଶନ କବି ସମ୍ମିଳନୀରେ ଡ ପ୍ରଭାସ ଆଚାର୍ଯ୍ୟ ମୁଖ୍ୟଅତିଥି ଭାଗେ ଯୋଗଦେଇଥିଲେ। ଭବାନୀ ବାରିକ, ସନ୍ଧ୍ୟା ଶତପଥୀ, ପୁଷ୍ପାଞ୍ଜଳି ନନ୍ଦ, ସମାପ୍ତି ପଟ୍ଟନାୟକ, ଭିକାରୀ ଚରଣ ମିଶ୍ର, ପ୍ରାଣେଶ୍ୱର ମିଶ୍ର, ସୁନୀ ଦାସ, ରବୀନ୍ଦ୍ରନାଥ ପଣ୍ଡା, ରଘୁନାଥ ତ୍ରିପାଠୀ, ଦୁର୍ଗା ପ୍ରସନ୍ନ ଚାନ୍ଦ, ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ପାୟଲ ମଣ୍ଡଳ, ଛବିରାମ ସେଠି, ସସ୍ମିତା ପଟ୍ଟନାୟକ, ଲୋକନାଥ ସେଠି, କବି ବଂଶୀଧର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଗଠନ ସଂପାଦକ ନରସିଂହ ମହାପାତ୍ର ଅତିଥି ପରିଚୟ ଓ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ମହୋତ୍ସବ

**■ ସତସଙ୍ଗ ବିହାରର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ୧୪ରେ ସମାବେଶ**




କଟକ,୧୧।୧୨(ସମିସ): କଟକ ସହରର ଐତିହ୍ୟ, ପରମ୍ପରା, ଧାର୍ମିକ ଭାବନା ଏବଂ ସମଗ୍ର ଭାରତ ବର୍ଷରେ ଏହାର ସ୍ୱତନ୍ତ୍ର ସ୍ଥାନକୁ ଆହୁରି ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଆଗାମୀ ଡିସେମ୍ବର ୧୪ ତାରିଖ (ରବିବାର) ଐତିହାସିକ ପ୍ରସିଦ୍ଧ ଉପର ବାଲିଯାତ୍ରା ପଡ଼ିଆରେ ଏକ ବିଶାଳ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପବିତ୍ର ଅବସରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୮ତମ ଜନ୍ମୋତ୍ସବ, ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡ଼ଦାଙ୍କ କଟକ ଶୁଭାଗମନ ଏବଂ କଟକ ସତସଙ୍ଗ ବିହାରର ସୁବର୍ଣ୍ଣ ଜୟନ୍ତୀ ତଥା କଟକ ଜିଲ୍ଲା ସତସଙ୍ଗ ମହୋତ୍ସବ ପାଳନ କରାଯିବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରତିଷ୍ଠିତ ସତସଙ୍ଗର ଏହି କେନ୍ଦ୍ର, କଟକ ସତସଙ୍ଗ ବିହାର, ୧୯୭୬ ମସିହା ଜୁନ୍ ୨୩ ତାରିଖରେ ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡ଼ଦାଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଦୀର୍ଘ ପାଞ୍ଚ ଦଶନ୍ଧି ଧରି ବାରବାଟୀ ଷ୍ଟାଡିୟମ୍ ଓ ସମାଜ ଅଫିସ ନିକଟରେ ଗଢ଼ି ଉଠିଥିବା ଏହି କେନ୍ଦ୍ର ଧର୍ମ, କୃଷ୍ଟି ଓ ଆଦର୍ଶର ପ୍ରତିକ ଭାବେ ପ୍ରତିଟି ମଣିଷ ଅନ୍ତରରେ ମାନବିକତାର ଅନ୍ୱେଷଣରେ କାର୍ଯ୍ୟ କରିଆସୁଛି। ଏହି ମହୋତ୍ସବରେ ଦିବସ ବ୍ୟାପୀ ପ୍ରାର୍ଥନା, ଭଜନ, କୀର୍ତ୍ତନ, ସଦାଲୋଚନା, ନୃତ୍ୟ ଓ ବାଦ୍ୟ ସହିତ ସମାଜର ଉନ୍ନତି ପାଇଁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ଅଭିଜ୍ଞ ଆଇନ୍ ବିଶାରଦମାନଙ୍କ ଦ୍ୱାରା ଆଇନ୍ ପରାମର୍ଶ, ଅଭିଜ୍ଞ ଡାକ୍ତର ଓ ପ୍ରଫେସରମାନଙ୍କ ଦ୍ୱାରା ବହୁବିଧ କଠିନ ବ୍ୟାଧି ନିରାକରଣ ପାଇଁ ସ୍ୱାସ୍ଥ୍ୟ ପରାମର୍ଶ, ଏବଂ ପ୍ରତିଷ୍ଠିତ ଆଇଏଏସ ଓ ଓଏଏସ୍ ଅଧିକାରୀମାନଙ୍କ ଦ୍ୱାରା ସାମାଜିକ ଓ ପାରିବାରିକ ଜଟିଳ ସମସ୍ୟା ସମ୍ବନ୍ଧରେ ସାମାଜିକ ଆଲୋଚନା ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କମିଟିର କର୍ମକର୍ତ୍ତାବୃନ୍ଦଙ୍କ ମଧ୍ୟରେ ସଭାପତି ବିଭୂତିଭୂଷଣ ପତି, ଉପସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ସଞ୍ଜୀବ ନାୟକ, ସହସମ୍ପାଦକ ପ୍ରମୋଦ ଦାସ, ପରିଚାଳକ ସନାତନ ନାୟକ, କୋଷାଧ୍ୟକ୍ଷ ରାସ ବିହାରୀ ଦାସ ଏବଂ ହିସାବ ସମୀକ୍ଷକ ତ୍ରିନାଥ ବାରିକ ପ୍ରମୁଖ କାର୍ଯ୍ୟ କରୁଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରାଜକିଶୋର ପ୍ରଧାନ, ଡମ୍ବରୁଧର ଦାସ, ଗଦାଧର ବେହେରା, ସୁରେଶ ଚନ୍ଦ୍ର ବେହେରା, ପ୍ରଦୀପ୍ତ କିଶୋର ବେଉରା ଏବଂ ପ୍ରଭାତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**● ଖଣ୍ଡିଆରୀପୁରରେ ପାଗଳ ମାଙ୍କଡ଼ ଆତଙ୍କ**

# ୪ ଆହତ; ବନବିଭାଗ ପାଖରେ ଖବର ନାହିଁ

କଣ୍ଟାପଡ଼ା,୧୧।୧୨(ସମିସ): ଓଲଟପୁର ଥାନା ଅନ୍ତର୍ଗତ ଖଣ୍ଡିଆରୀପୁରରେ ଏକ ପାଗଳ ଅଣ୍ଡିରା ମାଙ୍କଡ଼ ଆଜି ସକାଳୁ ଉତ୍ପାତ କରିବା ସହ ୪ ଜଣଙ୍କୁ କାମୁଡି ଖଣ୍ଡିଆ ଖାବରା କରିଛି। ଏକାଧିକ ଦୁଇ ଚକିଆ ଗାଡ଼ି ଭାଙ୍ଗିରୁଜି ଦେଇଥିବା ଦେଖିବାକୁ ମିଳିଛି। ପାଗଳ ମାଙ୍କଡର ଆକ୍ରମଣ ଓ ଉତ୍ପାତରେ ଗ୍ରାମବାସୀ ଘର କବାଟ ବନ୍ଦ କରି ଘର ଭିତରେ ରହିଥିବା ଦେଖିବାକୁ ମିଳିଛି। ପାଗଳ ମାଙ୍କଡ କାମୁଡାରେ ଆହତ ହେଇଥିବା ବ୍ୟକ୍ତିମାନେ ହେଲେ, ଜଗନ୍ନାଥ ଜଟ୍ଟ(୫୨), ନିଲୁ ସ୍ୱାଇଁ(୩୪), ସୁଶିଲ ସ୍ୱାଇଁ(୨୪) ଓ କାଶୀନାଥ ଜଟ୍ଟ (୪୦)। ଅନ୍ୟପକ୍ଷରେ ଘଟଣାସ୍ଥଳଠାରୁ ମାତ୍ର ୨ କିମି ଦୂରରେ ଥିବା ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅବସ୍ଥିତ ବନବିଭାଗ କାର୍ଯ୍ୟାଳୟ ପାଖରେ ଏ ବିଷୟରେ ଖବର ନାହିଁ। ସ୍ଥାନୀୟ ଗ୍ରାମବାସୀ ହେଲ୍ପ ଲାଇନ ନମ୍ବରକୁ ଫୋନ କରି ନିରାଶ ହେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯୋଗାଯୋଗ କରିବାରୁ ଗଣମାଧ୍ୟମ ପ୍ରତିନିଧି ବାଗଲପୁରସ୍ଥିତ ବନବିଭାଗ ଅଧିକାରୀ ବନଜା ମହାପାତ୍ରଙ୍କୁ ଅବଗତ କରିଥିଲେ। 'ଆମକୁ କେହି ଜଣାଇ ନାହାନ୍ତି। ଆପଣଙ୍କଠାରୁ ଜାଣିଲୁ ଏବେ ଯାଉଛୁ ଦେଖୁଛୁ' ବୋଲି ଉତ୍ତର ଦେଇଥିଲେ। ହେଲେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅପରପକ୍ଷରେ, ଘଟଣା ସମ୍ପର୍କରେ ଅବଗତ ନ ଥିବା ଅନ୍ୟ ଗ୍ରାମର ବ୍ୟକ୍ତି ଏହି ଗ୍ରାମକୁ ୨ ଚକିଆ ଯାନ ନେଇ ଆସିଥିବା ବେଳେ ପାଗଳ ମାଙ୍କଡ଼ ଗାଡି ଚାଳକଙ୍କୁ ଗୋଡ଼ାଇ ସେମାନଙ୍କୁ ଆକ୍ରମଣ କରି ଏକାଧିକ ଗାଡି କ୍ଷତିଗ୍ରସ୍ତ କରିଥିବା ଦେଖିବାକୁ ମିଳିଛି।



# ଏଆଇକେକେଏମ୍‌ଏସ୍‌ର ପ୍ରତିବାଦ ସଭା




କଟକ,୧୧।୧୨(ସମିସ): କେନ୍ଦୁଝର ଜିଲ୍ଲାର ଯମୁନାପଶିଠାରେ ପୁଲିସ ଏବଂ ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ ବିରୋଧରେ ଚାଲିଥିବା ଆନ୍ଦୋଳନରେ ସଂଯୁକ୍ତ କିଶାନ ମୋର୍ଚ୍ଚାର ଜାତୀୟସ୍ତରୀୟ ନେତା ସତ୍ୟବାନ, ଏଆଇକେକେଏମ୍‌ଏସ୍ ରାଜ୍ୟ ସଭାପତି ସଦାଶିବ ଦାସ ଏବଂ ଅନ୍ୟ ନେତାମାନଙ୍କୁ ବଳପୂର୍ବକ ଅପହରଣ ଓ ଅଟକ ରଖିବା ଘଟଣାକୁ ନିନ୍ଦା କରି ଏଆଇକେକେଏମ୍‌ଏସ୍ କଟକ ଶାଖା ପକ୍ଷରୁ କଲେଜ ଛକଠାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇକେକେଏମ୍‌ଏସ୍ ଜିଲ୍ଲା ଆବାହକ ବସନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏହି ସଭା ଆୟୋଜିତ ହୋଇଥିଲା। ଏଥିରେ ଏସୟୁସିଆଇ(ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ବବି ବଳବନ୍ତରାୟ, ସୌଭାଗ୍ୟ ସାମଲ, ଭାଗ୍ୟରବି ଦାସ, ବିନୋଦ ସେଠୀ, ଅକ୍ଷୟ ରାଉଳ ଓ ପାଭେଲ ପ୍ରିୟଦର୍ଶନ ପ୍ରମୁଖ ନେତା ବକ୍ତବ୍ୟ ରଖିଥିଲେ। ପ୍ରତିବାଦ ସଭାରେ ବକ୍ତାମାନେ ସଂପୃକ୍ତ ସମସ୍ତ ଅସାମାଜିକ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବା, ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକଙ୍କ ସମେତ ଗିରଫ ହୋଇ ଜେଲରେ ଥିବା ସମସ୍ତ ନେତାମାନଙ୍କୁ ତୁରନ୍ତ ଖଲାସ କରିବା ଏବଂ ଜିନ୍ଦଲ-ପୋସ୍କୋ ସହ ହୋଇଥିବା ଏମ୍‌ଓୟୁକୁ ବାତିଲ୍ କରିବା ପାଇଁ ଦାବି କରିଥିଲେ।

# ୧୩ରୁ ଗଦାସାହି ଉନ୍ନୟନ ପରିଷଦର ରୌପ୍ୟ ଜୟନ୍ତୀ

ଆଠଗଡ଼,୧୧।୧୨(ସମିସ): ଆସନ୍ତା ୧୩ ଏବଂ ୧୪ ତାରିଖ ଦୁଇ ଦିନ ଧରି ଆଠଗଡ଼ ଗଦା ସାହି ଉନ୍ନୟନ ପରିଷଦର ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏହି ଅବସରରେ ସାହିର ଶତାୟୁ ପୁରୁଷଙ୍କ ସହିତ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ



କରାଯିବ। ଗଦାସାହିସ୍ଥିତ ପ୍ରତିଭା କ୍ଲବ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ପରିଷଦର ସଭାପତି ଶ୍ରୀଧର ରଥ, ସମ୍ପାଦକ ହରପ୍ରସାଦ ସେଠୀ, ଉପସଭାପତି ସୋମନାଥ ଭକ୍ତା, ସୁଧାକର ସାହୁ, ସହ ସମ୍ପାଦକ ତଥାଗତ ପଟ୍ଟନାୟକ, ମନୋଜ ବେହେରା ଏବଂ ୪ନଂ ୱାର୍ଡର କାଉନସିଲର ମନୋରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଏହି ସୂଚନା ଦେଇଛନ୍ତି।

# ଓଁ ମା' ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା



ଫୁଲନଖରା,୧୧।୧୨(ସମିସ): ସଦର ବ୍ଲକ ଅନ୍ତର୍ଗତ ଉରାଳୀ ଗ୍ରାମସ୍ଥିତ ଓଁ ମା' ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଜ୍ଞାନମେଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାହିତ୍ୟ, ବିଜ୍ଞାନ, ପରିବେଶ ବିଜ୍ଞାନ ଆଦି ବିଷୟବସ୍ତୁକୁ କେନ୍ଦ୍ରକରି ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ରାଜକିଶୋର ପଣ୍ଡା ଓ ଜୁନିୟର ରେଡ୍‌କ୍ରସ୍‌ର ରାଜ୍ୟ ପ୍ରଶିକ୍ଷକ ରଞ୍ଜନ ଲେଙ୍କା, ବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଅତିଥିଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆ.ର୍ଯ୍ୟା ସିଦ୍ଧିଦାତ୍ରୀ ମହାନ୍ତିଙ୍କ ସମେତ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ପରିଚାଳନା କରିଥିଲେ।

# ବରିମୁଣ୍ଡଠାରୁ ଦକ୍ଷିଣ ଉଷୁମା ପରାସ୍ତ



ଫୁଲନଖରା,୧୧।୧୨(ସମିସ): କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ବମ୍ଫକୁଦ କ୍ରିକେଟ୍ କ୍ଲବ୍ ଦ୍ୱାରା ରଶ୍ମି ସନ୍ଦିପ ଆଶିଷ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୧୧ ତାରିଖରୁ ଆରମ୍ଭ ହୋଇ ୧୭ରେ ଶେଷ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୋର୍ଦ୍ଧା ଜିଲ୍ଲାର ବରିମୁଣ୍ଡ ଓ କଟକ ଜିଲ୍ଲାର ଦକ୍ଷିଣ ଉଷୁମା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ସାମ୍ବାଦିକ ରମେଶଚନ୍ଦ୍ର ପ୍ରଧାନ ଓ କାନନ ବିହାରୀ ନାୟକ ଅତିଥିଭାବରେ ଯୋଗଦେଇଥିଲେ। ପ୍ରାରମ୍ଭିକ ମ୍ୟାଚ୍‌ରେ ବରିମୁଣ୍ଡ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ୱିକେଟ୍ ବିନିମୟ କରି ୧୪୮ ରନ୍ ସଂଗ୍ରହ କରିଥିଲା।

**ବମ୍ଫକୁଦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ଜବାବ୍‌ରେ ଦକ୍ଷିଣ ଉଷୁମା କ୍ରିକେଟ୍ ଦଳ ଜିତିବା ପାଇଁ ୧୪୯ରନ୍ ଆବଶ୍ୟକ କରୁଥିବା ବେଳେ ୮ୱିକେଟ୍ ବିନିମୟରେ ମାତ୍ର ୧୨୪ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ବରିମୁଣ୍ଡ ଦଳର ବିକାଶ ସର୍ବାଧିକ ୭୨ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ଟୁନା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ତୃପ୍ତିରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ଜେନା, ଚିନ୍ମୟ ଜେନା, ସୌମ୍ୟରଞ୍ଜନ ଜେନା, ସ୍ୱାଧୀନ ସାହୁ, ସନ୍ତୋଷ ପ୍ରଧାନ, ସୌଭାଗ୍ୟ ଦାସ, ସୌମ୍ୟଜିତ୍ ଜେନା, ପ୍ରକାଶ ଜେନା, ପ୍ରଦୀପ ଜେନା, ପ୍ରତ୍ୟୁଷ ଜେନା, ସ୍ମୃତିରଞ୍ଜନ ଜେନା, ପ୍ରିୟବ୍ରତ ଜେନା, ରାଜୁ ସା ଓ ଆଫ୍ରେଜ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ। ଅରବିନ୍ଦ ଜେନା ଓ ସୌମ୍ୟରଞ୍ଜନ ଜେନା ଖେଳ ପରିଚାଳନା କରିଥିଲେ।

**■ ହତ୍ୟା ତଦନ୍ତରେ ବିଳମ୍ବ ଘଟଣା**

# ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ପରିବାର

ନରସିଂହପୁର,୧୧।୧୨(ସମିସ): ନରସିଂହପୁର ଥାନା ଅନ୍ତର୍ଗତ ଚତରପଡା ଗ୍ରାମ ନିକଟରେ ଟୁଲୁକାର ମୂଳ ବାସିନ୍ଦା ତଥା ଏହି ଥାନା ଅନ୍ତର୍ଗତ କଣ୍ଡୋଳ ସଡ଼କ ସାହିର ସ୍ଥାୟୀ ବାସିନ୍ଦା ଅଭିମନ୍ୟୁ ଭୋଇଙ୍କ ମୃତ୍ୟୁକୁ ନେଇ ତୁରନ୍ତ ତଦନ୍ତ ଦାବିରେ ଥାନା ସମ୍ମୁଖରେ ଗତ ବୁଧବାର ପରିବାର ଲୋକେ ଆମରଣ ଅନଶନ ଦେଇଥିଲେ। ତାହା ଗୁରୁବାର ପ୍ରତ୍ୟାହୃତ ହୋଇଛି। ଆଜି ଧାରଣାରତ ପରିବାର ନିକଟରେ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସପି ପହଞ୍ଚି ତୁରନ୍ତ ପ୍ରକୃତ ତଥ୍ୟ ସଂଗ୍ରହ ପରେ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି।

**ସମଗ୍ର ଶିକ୍ଷା ଯୋଜନା ଦିଗହରା**

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ



ନିଶ୍ଚିନ୍ତକୋଇଲି,୧୧।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ କାକୁଡିଆପଡା ଅବଦୁଲ ଗଫର ଆଣ୍ଡ ସିଦ୍ଦିକ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ କାରଣରୁ ସମଗ୍ର ଶିକ୍ଷା ଯୋଜନା ଦିଗହରା ହୋଇପଡ଼ିଥିବାର ଅଭିଯୋଗ ହୋଇଛି। ଏହି ବ୍ଲକଗ୍ରାଣ୍ଟ ବିଦ୍ୟାଳୟଟି ଗତ ୧୯୯୩ରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ୨ଟି ଶ୍ରେଣୀ ରହିଛି। ଏହି ୨ଟି ଶ୍ରେଣୀରେ ୭୯ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି। ପ୍ରଧାନଶିକ୍ଷକ ସେକ ଫରିଦ ଗତ ୨୦୨୩ ମେ ୩୧ ତାରିଖ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଛନ୍ତି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ନୂତନ ପ୍ରଧାନଶିକ୍ଷକ ଯୋଗାଇ ଦିଆଯାଇ ନ ଥିବା କାରଣରୁ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ଭାବେ ଏହି ବିଦ୍ୟାଳୟରେ ଥିବା ୨ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଉର୍ଦ୍ଧ୍ୱ ଶିକ୍ଷକ ଚଳିତ ଡିସେମ୍ବର ୩୧ ତାରିଖ ଦିନ କାର୍ଯ୍ୟରୁ ଅବସର ଗ୍ରହଣ କରିବାକୁ ଥିଲା ବେଳେ ଅନ୍ୟତମ ଶିକ୍ଷକ ଅକ୍ଷୟ କୁମାର ଖଣ୍ଡୁଆଳ ଆସନ୍ତା ଜାନୁଆରୀ ୩୧ ତାରିଖ କାର୍ଯ୍ୟରୁ ଅବସର ଗ୍ରହଣ କରିବେ। ଫଳରେ ଏହି ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ବ୍ଲକରେ ଦୈନନ୍ଦିନ ସମଗ୍ର ଶିକ୍ଷା ଯୋଜନା ତାଲିମ କାର୍ଯ୍ୟକ୍ରମ ଚାଲିଥିବା କାରଣରୁ ଜଣେ ଶିକ୍ଷକଙ୍କୁ ତାଲିମ ନେବାକୁ ଗଲେ ଜଣେମାତ୍ର ଶିକ୍ଷକଙ୍କୁ ନେଇ ବହୁ କଷ୍ଟରେ ବିଦ୍ୟାଳୟଚାଲୁଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଫଳରେ ଏହି ବିଦ୍ୟାଳୟରେ ଦିନକୁ ଦିନ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ସରକାରଙ୍କ ତରଫରୁ ତୁରନ୍ତ ବିଦ୍ୟାଳୟକୁ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯିବାକୁ ଅଭିଭାବକ ମହଲରେ ଦୃଢ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସହିଦ ଲକ୍ଷ୍ମଣ ନାୟକଙ୍କ ପରିବାର

ବୈପାରିଗୁଡା, ୧୧।୧୨ (ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଗାଁ ତେନ୍ତୁଲିଗୁମ୍ମାର ଗ୍ରାମବାସୀ ଏବଂ ସହିଦଙ୍କ ପରିବାରର ସଦସ୍ୟ ଗତକାଲି ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମପୀଠ ତେନ୍ତୁଲିଗୁମ୍ମାର ଉନ୍ନତିକରଣ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଦେଶ ସ୍ୱାଧୀନତାରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ତେନ୍ତୁଲିଗୁମ୍ମା ଗ୍ରାମରୁ ସହିଦ୍ ଲକ୍ଷ୍ମଣ ନାୟକ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ବ୍ରହ୍ମପୁର କାରାଗାରରେ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ଫାଶୀ ଦଣ୍ଡାଦେଶ ବ୍ରିଟିଶ ସରକାର ଦେଇଥିଲେ। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଆଜି ଯାଏ ସହିଦ ପରିବାରଙ୍କୁ ସରକାରଙ୍କ ତରଫରୁ କୌଣସି ସୁବିଧା ମିଳିପାରି ନାହିଁ କିମ୍ବା ତେନ୍ତୁଲିଗୁମ୍ମା ସହିଦ ମାଟିରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଯେପରି ଗମନାଗମନ, ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଏବଂ ଅନ୍ୟାନ୍ୟ ସୁବିଧା ତେନ୍ତୁଲିଗୁମ୍ମା ଗ୍ରାମର ଜନସାଧାରଣ ପାଖରେ ପହଞ୍ଚି ପାରିନାହିଁ। ଏହାଛଡ଼ା ଅନ୍ୟ ରାଜ୍ୟ ବା ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ସହିଦ୍ ପରିବାରଙ୍କ ଗାଁରେ ଉନ୍ନତିମୂଳକ କାମ ଭଳି ସହିଦ ମାଟି ତେନ୍ତୁଲିଗୁମ୍ମା ଗ୍ରାମରେ ହୋଇନାହିଁ। ସହିଦ୍ ପରିବାର ଏବଂ ଗାଁର ଉନ୍ନତି ମୂଳକ କାର୍ଯ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରିବା ସହ ସହିଦ୍ ଜନ୍ମପୀଠକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ଦାବି କରାଯାଇଛି। ଏଥିସହ ଗୁପ୍ତେଶ୍ୱର ପଞ୍ଚାୟତର ଶିରିବେଡା ଗ୍ରାମର ଅଧିବାସୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରି ଗୁପ୍ତେଶ୍ୱର ପଞ୍ଚାୟତକୁ ବିଭାଜନ କରି ଶିରିବେଡାକୁ ନୂତନ ପଞ୍ଚାୟତ ଗଠନ କରିବା ସହ ଶୈବପୀଠ ଗୁପ୍ତେଶ୍ୱର ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ, ପର୍ଯ୍ୟାପ୍ତ ପରିମାଣର ଶୌଚାଳୟ ନିର୍ମାଣ, ଟ୍ରାଫିକ ବ୍ୟବସ୍ଥା, ଦିବ୍ୟାଙ୍ଗ ଶ୍ରଦ୍ଧାଳୁମାନଙ୍କୁ ମହାଦେବ ଦର୍ଶନ ନିମନ୍ତେ ରେମ୍ପ ଏବଂ ରାଲିର ବ୍ୟବସ୍ଥା କରିବା ଭଳି ଦାବି ଉପସ୍ଥାପନ କରିଥିଲେ।



## ● ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ
# ଚିକିତ୍ସା ଅଭାବରୁ ସପ୍ତମ ଶ୍ରେଣୀ ଛାତ୍ର ମୃତ

କୋଟପାଡ଼, ୧୧।୧୨ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ଡ଼ାମଣାହାଣ୍ଡି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଧାଳୟରେ ସପ୍ତମ ଶ୍ରେଣୀ ଛାତ୍ର ଶ୍ରୀରାମ ଭୂମିଆ (୧୨)ଙ୍କ ସ୍କୁଲ କର୍ତ୍ତୃପକ୍ଷଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ମୃତ୍ୟୁ ଘଟି ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଘୁମର ପଞ୍ଚାୟତ ଗୁଚିୟାଗୁଡା ଗ୍ରାମର ଶ୍ରୀରାମ ଭୂମିଆଙ୍କୁ ନଭେମ୍ବର ମାସ ୨୪ ତାରିଖ ଦିନ ଥଣ୍ଡା ଜ୍ୱର ହୋଇଥିଲା । ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ମା' ପଦମା ଭୂମିଆଙ୍କୁ ୨୫ ତାରିଖ ଦିନ ଖବର ଦେଇ ପିଲାକୁ ଘରକୁ ପଠେଇ ଦେଇ ଚୁପ ହୋଇ ଯାଇଥିଲେ। ପରେ ତାଙ୍କ ମା' ସହ ପରିବାର ଲୋକ ପ୍ରଥମେ ଜୟପୁର ପରେ କୋରାପୁଟ ଡାକ୍ତର ଖାନାକୁ ନେଇ ଚିକିତ୍ସା କଲେ। କିନ୍ତୁ ସ୍କୁଲ ପକ୍ଷ ରୁ କେହି ଯାଇ ନ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭୂମିଆଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏ ନେଇ ପ୍ରିନସିପାଲ ନିରଞ୍ଜନ ନିରାଲାଙ୍କୁ ଯୋଗାଯୋଗ କରିବାରୁ ସ୍କୁଲର ନର୍ସ ଚିକିତ୍ସା କଲେ ପରେ ତାଙ୍କ ଅବିଭାବକଙ୍କୁ ଖବର ଦେଇ ପଠେଇଥିଲୁ ବୋଲି କହିଛନ୍ତି। ଏହି ସ୍କୁଲର ପ୍ରିନସିପାଲଙ୍କ ନାମରେ ଦୀର୍ଘ ଦିନ ହେବ ବହୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯାନୁଷ୍ଠାନ ହେଉ ନ ଥିବାରୁ ଜନ ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି।

# କୃଷ୍ଣଚନ୍ଦ୍ର ଜାଲା ନିଖୋଜ

ନନ୍ଦପୁର, ୧୧।୧୨(ସମିସ): ପାଡୁଆ ଥାନା ଅନ୍ତର୍ଗତ ଅତଣ୍ଡା ପଞ୍ଚାୟତ ଦଳେଇପୁଟ ଗ୍ରାମର ବୁଡୁ ଜାଲାଙ୍କ ୨୮ ବର୍ଷୀୟ ପୁଅ କୃଷ୍ଣ ଚନ୍ଦ୍ର ଜାଲା ଚଳିତ ମାସ ୫ ତାରିଖରୁ ନିଖୋଜ ଥିବା ନେଇ ପାଡୁଆ ଥାନାରେ ବୁଡୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ପ୍ରକାରେ ତାଙ୍କ ପୁଅ ଗତ ୫ ତାରିଖ ଶୁକ୍ରବାର ଦିନ ସକାଳ ୭ ଟା ସମୟରେ ହାଟଗୁଡ଼ା ଯିବାକୁ ଘରୁ ବାହାରି ଆଜି ସୁଦ୍ଧା ଆଉ ଘରକୁ ଫେରି ନାହାନ୍ତି। ତାଙ୍କ ପରିବାର ଓ ଆତ୍ମୀୟ ସ୍ୱଜନ ସବୁଆଡେ ଖୋଜି ନିରାଶ ହେବା ପରେ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



# ପାରମ୍ପରିକ ଖାଦ୍ୟ ଓ ଝୋଟି ପ୍ରତିଯୋଗିତା

ନବରଙ୍ଗପୁର, ୧୧।୧୨ (ସମିସ): ନବରଙ୍ଗପୁର ଜିଲ୍ଲାର ଲୋକ ଉତ୍ସବ ମଣ୍ଡେଇ ୨୦୨୫ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ସହ ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ୍, ନବରଙ୍ଗପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଜିଲ୍ଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସହ କାର୍ଯ୍ୟାଳୟ ପରିସରରେ ଥିବା ସମସ୍ତ କର୍ମକର୍ତା ବୃନ୍ଦ ଉପସ୍ଥିତ ରହି ପ୍ରତିଯୋଗୀତାରେ ଅଂଶ ନେଇଥିବା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ପାରମ୍ପାରିକ ଖାଦ୍ୟ କାର୍ଯକ୍ରମରେ ସ୍ୱୟଂ ସହାୟକ ଦଳ ଓ ବ୍ୟକ୍ତିଗତ ଭାବେ ୧୨ ଜଣ ପ୍ରତିଯୋଗୀ ଓ ଝୋଟି ପ୍ରତିଯୋଗୀତାରେ ୨୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଝୋଟି ପ୍ରତିଯୋଗୀତାରେ ପୁରୁଷ ପ୍ରତିଯୋଗୀ ମାନେ ମଧ୍ୟ ଅଂଶଗ୍ରହଣ କରି ସମସ୍ତଙ୍କୁ ଚକିତ କରିଥିଲେ।। ପାରମ୍ପରିକ ଖାଦ୍ୟ ମଧ୍ୟରେ ମାଣ୍ଡିଆ, ସୁଆଁ ଓ କାଙ୍ଗୁରୁ ତିଆରି ଖାଦ୍ୟ ସହ ବିଭିନ ପିଠା ପଣା, ଆମଟ, ମାଣ୍ଡିଆ ଲସି ଇତ୍ୟାଦି ସୁସ୍ୱାଦକର ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ଝୋଟି ଏବଂ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବିଚାରକ ଭାବରେ କୁମାରୀ ନିବେଦିତା ବିଶ୍ୱାଳ, ଶ୍ରୀମତି ମମତା ପରିଛା, କୁନିମଣି ସ୍ୱାଇଁ, କୁମାରୀ ଗୀତାଞ୍ଜଳି ବେହେରା, ଭାରତ ଚନ୍ଦ୍ର ସାହୁ, ଅରୁଣ କୁମାର ମହାରଣା ଯୋଗ ଦେଇଥିଲେ। ପ୍ରତିଯୋଗୀତା ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଯୋଗୀତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଣ୍ଡେଇ ପଡିଆରେ ସମ୍ମାନିତ କରାଯିବ ବୋଲି ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଥିଲେ।



## ● ଉପ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ବିଧାୟକଙ୍କୁ ଡାକିଲେନି
# କ୍ଷୋଭପ୍ରକାଶ କଲେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ



ମାଲକାନଗିରି, ୧୧।୧୨ (ସମିସ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏମଭି ୨୬ ଓ ରାଖାଲଗୁଡା ଗ୍ରାମ ଘଟଣାକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଶାନ୍ତି କମିଟି ସମୀକ୍ଷା ବୈଠକକୁ ଡକାଯାଇ ନଥିବାରୁ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭପ୍ରକାଶ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଜିଲ୍ଲା କଂଗ୍ରେସ କମିଟି । ଆଜି ଜିଲ୍ଲା କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରି ବିଧାୟକ ଶ୍ରୀ ଖିଲ ପ୍ରକାଶ କରିଛନ୍ତି ଯେ, ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକସ୍ଥ ଏମଭି ୨୬ ଗ୍ରାମରେ ଉତ୍ତେଜନା ସଂପର୍କ ରେ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ପହଁଚି ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟ ରେ ଶାନ୍ତି ପ୍ରତିଷ୍ଠା ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଏହା ଅତ୍ୟନ୍ତ ସ୍ୱାଗତ କର ପଦକ୍ଷେପ। ଦୁଃଖର ବିଷୟ ହେଉଛି, ଘଟଣାଟି ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ଘଟିଥିଲେ ମଧ୍ୟ ଚିତ୍ରକୋଣ୍ଡା ବିଧାୟକଙ୍କୁ ଉକ୍ତ ବୈଠକ କୁ ଡକା ଯାଇନଥିଲା। ଏସମ୍ପର୍କରେ ବିଧାୟକ ମଙ୍ଗୁ ଖିଲ କ୍ଷୋଭ ପ୍ରକାଶ କରି ଜିଲ୍ଲା ପ୍ରଶାନକୁ ସମାଲୋଚନା କରିବା ସହ ଘଟଣା ପାଇଁ ଜିଲ୍ଲା ପ୍ରଶାସନକୁ ଦାୟୀ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ଜି. ଶ୍ରୀନିବାସ ରାଓ, ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, ବିନାୟକ ପାତ୍ର, ପଦ୍ମ ପାଙ୍ଗି, ଇର୍ମା ପଡିଆମୀ, ସରୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂଯୋଗ ଯୋଡ଼ିଲା ବିଭାଗ

ଉମରକୋଟ, ୧୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମର ଲୋକେ ଦୀର୍ଘ ୪୮ ଘଣ୍ଟା ଅନ୍ଧାରରେ ରହିବା ପରେ ଆଜି ଏହାକୁ ନେଇ 'ସକାଳ'ରେ ଖବର ପ୍ରକାଶନ ହୋଇଥିଲା। ଆଜି ମଧ୍ୟାହ୍ନରେ ଆଜି ବିଦ୍ୟୁତ୍ ବିଭାଗ ଉକ୍ତ ଗ୍ରାମକୁ ଯାଇ ବିଦ୍ୟୁତ୍ ସଂଯୋଗ କରିଛି। ବିଦ୍ୟୁତ୍ କଟି ଯାଇଥିବାରୁ ଗ୍ରାମରେ ପିଇବା ପାଣି ସମସ୍ୟା ଦେଖାଯିବା ସହ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ପିଲା ମାନଙ୍କ ପାଠପଢାରେ ମଧ୍ୟ ଅସୁବିଧା ଦେଖା ଯାଇଥିଲା। ରାଜପୁର ଗ୍ରାମବାସୀଙ୍କୁ ପୂର୍ବରୁ କୌଣସି ସୂଚନା ନ ପ୍ରଦାନ କରି ଗ୍ରାମବାସୀ ଦୀର୍ଘ ୧୦ ବର୍ଷ ହେଲା ବିଦ୍ୟୁତ୍ ବିଲ ପୈଠ କରୁ ନଥିବା ଅଭିଯୋଗ କରି ବିଦ୍ୟୁତ୍ ବିଭାଗ ଏହି ଗ୍ରାମର ବିଦ୍ୟୁତ୍ ସଂଯୋଗକୁ କାଟି ଦେଇଥିଲା। ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ୍ ସଂଯୋଗକୁ କାଟି ଦେବା ଭୁଲ ନିଷ୍ପତି ହେଇଥିଲା ବୋଲି ବିଦ୍ୟୁତ୍ ବିଭାଗର କର୍ମଚାରୀ ଗ୍ରାମବାସୀଙ୍କ ସମ୍ମୁଖରେ ସ୍ୱୀକାର କରିଥିଲେ। "ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନେ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ଏବଂ ବକେୟା ବିଦ୍ୟୁତ ବିଲର ୧୦ ପ୍ରତିଶତ ୨୨ ତାରିଖ ସୁଦ୍ଧା ପୈଠ କରିବୁ ବୋଲି ଲିଖିତ ଭାବେ ଉମରକୋଟ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନେ ବିଦ୍ୟୁତ୍ ସଂଯୋଗ କରିଥିଲେ।



'ସକାଳ' ପ୍ରଭାବ

# ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷାମୂଳକ ପରିଭ୍ରମଣ

ରାୟଗଡ଼ା, ୧୧।୧୨(ସମିସ):

ରାୟଗଡ଼ା ପୌରପାଳିକା ପକ୍ଷରୁ ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶିକ୍ଷାମୂଳକ ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପୌରପାଳିକା ଦ୍ୱାରା ପରିଚାଳିତ ଅଣ୍ଡାରୀଗୁଡା ସ୍ଥିତ (ସମ୍ପଦ କେନ୍ଦ୍ର) ଏବଂ ଏଫଏସଟିପି (ମଳ ପଙ୍କ ବିଶୋଧନାଗାର) ପରିଦର୍ଶନ କରିଥିଲେ। ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କୁ ସହରର କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ବାସ୍ତବ ଜ୍ଞାନ ପ୍ରଦାନ କରିବା। ଅଣ୍ଡାରିଗୁଡ଼ା ସ୍ଥିତ ଏହି ପ୍ରକଳ୍ପଗୁଡ଼ିକରେ କିପରି ବୈଜ୍ଞାନିକ ପଦ୍ଧତିରେ ଆବର୍ଜନାକୁ ସମ୍ପଦରେ ପରିଣତ କରାଯାଉଛି ଏବଂ ପରିବେଶକୁ ସୁରକ୍ଷିତ ରଖାଯାଉଛି। ସେ ବିଷୟରେ ପିଲାମାନେ ଅବଗତ ହୋଇଥିଲେ। ଏହି ଅବସରରେ ରାୟଗଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କନିଷ୍ଠ ପରିମଳ ବିଶେଷଜ୍ଞ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସେମାନେ ପିଲାମାନଙ୍କୁ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ବିଶୋଧନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ। ପରିଦର୍ଶନ ଶେଷରେ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ। ଏଭଳି ଏକ ବ୍ୟାବହାରିକ ଜ୍ଞାନ ଆହରଣ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନେ ବେଶ୍ ଉତ୍ସାହିତ ହୋଇଥିଲେ।



# ଶବର ଭାଷା ପ୍ରତିଷ୍ଠାତାଙ୍କ ପୁତ୍ର ବିୟୋଗ

## ● ଶବର ସମାଜରେ ଶୋକ

ପଦ୍ମପୁର, ୧୧।୧୨(ସମିସ): ଶବର ସମାଜର ଭାଷା ପ୍ରତିଷ୍ଠାତା ତଥା ଶବର ଅକ୍ଷର ମାଳାର ନିର୍ମାତା ଶବର ପଣ୍ଡିତ ସ୍ୱର୍ଗତ ମାଙ୍ଗେଇ ଗମାଙ୍ଗଙ୍କ ପୁତ୍ର ଦିଗାଂଶ୍ମି ଗମାଙ୍ଗଙ୍କ ଗତ ସନ୍ଧ୍ୟାରେ ତାଙ୍କ ମରିଚଗୁଡା ସ୍ଥିତ ବାସଭବନରେ ପରଲୋକ ଘଟିଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଶହଶହ ଶବର, ବିଭିନ୍ନ ଅନୁଷ୍ଠାନ, ଲୋକପ୍ରତିନିଧି, ତାଙ୍କ ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ପଦ୍ମପୁର ସ୍ଥିତ ମରିଚ ଗୁଡା ଶବର ପଲ୍ଲୀରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବହୁ ଶବର ସଂଗଠନର ବ୍ୟକ୍ତି ଯୋଗଦାନ କରିଛନ୍ତି। ତାଙ୍କ ବିୟୋଗରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା, ରାମପ୍ରସାଦ ଗମାଙ୍ଗ, ପଦ୍ମପୁର ପୂର୍ବତନ ବ୍ଲକ୍ ଅଧକ୍ଷ ରମାକାନ୍ତ ମାଝୀ, ପଦ୍ମପୁର ବ୍ଲକ୍ ଅଧକ୍ଷ ମଣିମାଳା ଶବର, ଶବର ବିଜ୍ଞାନ କେନ୍ଦ୍ର ମରିଚଗୁଡାର ରାମ ପ୍ରସାଦ ଗମାଙ୍ଗ, ଟିସି ଯଙ୍ଗମ୍ବାଇ ଗମାଙ୍ଗ ଏବଂ ଗୁଣପୁର, ରାୟଗଡ଼ା, ତଥା ପଦ୍ମପୁର ଦଳଗତ ନିର୍ବିଶେଷରେ ବହୁଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଶୋକ ପ୍ରକାଶ କରିଛନ୍ତି। ମରିଚଗୁଡା ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

କୋରାପୁଟ, ୧୧।୧୨(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୋଟିଆ ପଞ୍ଚାୟତର ବିଭାଗ ଓାରୀ ସମୀକ୍ଷା କରାଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କୋଟିଆରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନରେଗା, କୃଷି, ଉଦ୍ୟାନକୃଷି, ଜଳ ବିଭାଜିକା, କଫି, ସର୍ବଶିକ୍ଷା ଅଭିଯାନ, ରାସନ, ସ୍ୱାସ୍ଥ୍ୟ ଓ ପଶୁ ସମ୍ପଦ, ରାସ୍ତା ଓ ପିଇବା ପାଣି ଭଳି କାର୍ଯ୍ୟ ଗୁଡିକର ଅଗ୍ରଗତି ସହ କଣ ଅସୁବିଧା ରହିଛି ତାହା ପଚାରି ବୁଝିଥିଲେ। କିଛି ଦିନ ଧରି ସୀମାନ୍ତ ଗ୍ରାମ ଗୁଡିକରେ ଆନ୍ଧ୍ର ଏଜେଣ୍ଟଙ୍କ ଅନୁପ୍ରବେଶ ସହ ଦୌରାତ୍ମ୍ୟ ବୃଦ୍ଧି ପାଇଛି, ଏପରିକି ହରମାଣ୍ଡାଙ୍ଗି ଛକରେ ଲାଗିଥିବା ଓଡିଶା ଫଳକକୁ ମଧ୍ୟ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। କିପରି ଅନୁପ୍ରବେଶକୁ ରୋକା ଯାଇପାରିବ। ଓଡିଶା ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ କିପରି ଲୋକଙ୍କ ପାଖରେ ପହଞ୍ଚାଇ ପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ମହାଜନ ପଟାଙ୍ଗୀ ତହସିଲଦାର, ବିଡିଓ ଓ ପୁଲିସ ମାନଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ଯୁବକଙ୍କୁ ମନରେଗାରେ ଅଧିକରୁ ଅଧିକ କାମ ଯୋଗାଇବା ସହ ଆଗାମୀ ମାଣ୍ଡିଆ ମଣ୍ଡି ପାଇଁ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଲୁ ରହିଥିବା ନିର୍ମାଣାଧିନ କାର୍ଯ୍ୟ ଗୁଡିକର ଅଗ୍ରଗତି ସମ୍ପର୍କରେ ବୁଝିବା ସହ ତୁରନ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କୋଟିଆର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସ୍ନେହପ୍ରଭା ମାଝୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପଟାଙ୍ଗୀ ତହସିଲଦାର ଦେବେନ୍ଦ୍ର ବାହାଦୁର ଧାରୁଆ ଏବଂ ବିଡିଓ ରାମକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଜାଡ଼ରେ ଥରୁଛି ସେମିଳିଗୁଡା

ସେମିଳିଗୁଡା, ୧୧।୧୨ (ସମିସ): ଗତ ଦୁଇ, ତିନି ଦିନରୁ କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ପ୍ରବଳ ଶୀତ ଅନୁଭୂତି ହେଉଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ସନ୍ଧ୍ୟା ହେବା ପରେ ରାସ୍ତା ଘାଟ ଶୂନଶାନ୍ ହୋଇ ଯାଉଥିବା ବେଳେ ସକାଳ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି। ଗତ କିଛି ଦିନରୁ ସେମିଳିଗୁଡା ଅଞ୍ଚଳରେ ପାରଦ ୫/୬ ତଳକୁ ଖସି ଆସିଥିବାରୁ ଏହାର ପ୍ରଭାବ ଜନଜୀବନ ଉପରେ ପଡ଼ିଛି। ଶୀତ ସହିତ ପ୍ରବଳ କୁହୁଡି ଯୋଗୁଁ ରାସ୍ତାରେ ଯାନବାହାନ ଚଳାଚଳ କରିବା କଷ୍ଟକର ହେଉଛି। ସକାଳ ୧୧ ଯାଇ କୁହୁଡିର ତୀବ୍ର ପ୍ରଭାବ ଥିବାରୁ ରାସ୍ତାରେ ପୁରା ଅନ୍ଧାର ମାଡି ଆସୁଛି। ଏପରି ଶୀତ କେବେ ନଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ୍ୟ ଥଣ୍ଡା ପବନ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ହ୍ରାସ ପାଉଛି। ଥଣ୍ଡା ବଢ଼ିବା ସହିତ କୋରାପୁଟ ଜିଲ୍ଲାର କିଛି ଅଞ୍ଚଳରେ ତୁଷାରପାତ ହେଉଥିବା ଖବର ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଆଜି କୋରାପୁଟ ଜିଲ୍ଲା ଦାମନଯୋଡି ଅଞ୍ଚଳରେ ତାପମାତ୍ରା ୨.୯ ରହିଥିବା ଦେଖିବାକୁ ମିଳିଛି।



# ଡକାୟତି ଉଦ୍ୟମ ପଣ୍ଡ; ୬ ଗିରଫ

ଉମରକୋଟ, ୧୧।୧୨(ସମିସ): ନବରଙ୍ଗପୁର ଜିଲା ଉମରକୋଟ ପୁଲିସକୁ ମିଳିଛି ବଡ଼ ସଫଳତା। ଡକାୟତ ପଣ୍ଡ ଘଟଣାକୁ ନେଇ ଉମରକୋଟ ଥାନାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମୟରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଏସଡିପିଓ ଶୁଭେନ୍ଦୁ ଶବର, ଏସଡିପିଓ ପାପଡାହାଣ୍ଡି, ଥାନା ଅଧିକାରୀ ରମାକାନ୍ତ ସାଏ, ଶିବଜି ପଣ୍ଡା, ଏସଆଇ ଅକ୍ଷୟ ମିଶ୍ର ଉପସ୍ଥିତ ଥିଲେ। ଉମରକୋଟ ପୌରାଞ୍ଚଳ ଡିଏନକେ ଠାରେ ବସବାସ କରୁଥିବା ସୁପରକ୍ଲାସ୍ ଠିକାଦାରଙ୍କ ଘରେ ଡକାୟତ କରିବା ପାଇଁ ୮ ଜଣ ଡକାୟତ ବୁଧବାର ଦିନ ରାତି ପ୍ରାୟ ସାଢେ ୧୦ଟା ବେଳେ ଉମରକୋଟ - ଝରିଗାଁ ରାସ୍ତା ପାର୍ଶ୍ୱରେ ଥିବା ବଡ଼ବାସିନୀ ଗ୍ରାମ ଠାରେ ଏକ ବଣ ବୁଦା ଘେର ଭିତରେ ରହିଥିବା ଏକ ପରିତ୍ୟକ୍ତ ଘରେ ଏକତ୍ରିତ ହୋଇ ଯୋଜନା କରୁଥିଲେ। ପୋଲିସ ପକ୍ଷରୁ ଏକ ଟିମ ଚଢ଼ଉ କରି ସମସ୍ତ ମାରଣାସ୍ତ୍ର ସହ ୬ ଜଣ ଡକାୟତଙ୍କୁ ଗିରଫ କରିଥିବା ବେଳେ ଦୁଇଜଣ ଡକାୟତ ଫେରାର ହୋଇଯାଇଛନ୍ତି। ଗିରଫ ହୋଇଥିବା ୬ ଡକାୟତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଗିରଫ ଡକାୟତ ମାନେ ନବରଙ୍ଗପୁର ଜିଲାର । ସେମାନେ ହେଲେ କୋଡ଼ିଙ୍ଗା ଥାନା ଚାଚରାଗୁଡା ଓ ଖୁଟୁବାଇ ଗ୍ରାମର ଦୟାନିଧି ଗଣ୍ଡ, ମଳୟ ଟାକରି, ହସିଲୋ ଗରଡ଼ା, ଡାବୁଗାଁ ଥାନା ଏକମ୍ବା (ଏ) ଗ୍ରାମର ଡମ୍ବରୁ ଭତ୍ରା, ଝରିଗାଁ ଥାନା ତାରକୋନାଡୀ ଗ୍ରାମର କମଳଲୋଚନ ଗୌଡ଼ ଯିଏକି ଉମରକୋଟ ଥାନା ଅଧୀନ ସାନଭରଣ୍ଡି ଗ୍ରାମ ଏବଂ ଉମରକୋଟ ଥାନା ସାନବାସନି ଗ୍ରାମର ରବିସିଂ ହରିଜନ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଫେରାର ହୋଇଥିବା ଡକାୟତ ମାନେ ହେଲେ ପାପଡାହାଣ୍ଡି ଥାନା ଅଧୀନ ଶିଳକଗୁଡା ଗ୍ରାମର କ୍ଷୀରସିନ୍ଧୁ ବିନ୍ଧାଣି ଓ ସୁଶାନ୍ତ ବିନ୍ଧାଣି। ଫେରାର ଦୁଇ ଡକାୟତଙ୍କୁ ଶୀଘ୍ର ଧରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଡକାୟତଙ୍କ ଠାରୁ ଗୋଟିଏ ପିସ୍ତଲ, ଖଣ୍ଡା ୩ଟି, ଛୁରୀ, ଲଙ୍କା ଗୁଣ୍ଡ ପକେଟ, ନଗଦ ୨୨୬୦ ଟଙ୍କା, ଦୁଇ ଗୋଟି ବାଇକ ଓ ଛଅ ଗୋଟି ମୋବାଇଲ ସହ ୬ ଟି ମଦ ବୋତଲ ଜବତ ହୋଇଛି। ପାପଡାହାଣ୍ଡି ବ୍ଲକର କ୍ଷୀରସିନ୍ଧୁ ବିନ୍ଧାଣି ପଳାତକ ହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ଡକାୟତି ପାଇଁ ଯୋଜନା କରାଯାଉଥିଲା। ଉକ୍ତ ଠିକାଦାରଙ୍କ ଘରେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ରବିସିଂ ହରିଜନ ହିଁ ଠିକାଦାରଙ୍କ ଭିତିରିଆ ସମସ୍ତ ତଥ୍ୟ ଓ ଘରର ଫୋଟୋ ଅନ୍ୟ ଡ଼କାୟତଙ୍କୁ ଯୋଗାଇ ଦେଇଥିବା କଥା ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଜଣାପଡ଼ିଛି।



# ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ମୃତ

ବୈପାରିଗୁଡା, ୧୧।୧୨(ସମିସ): ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଲିଗୁମ୍ମା ବିଏସଏଫ କ୍ୟାମ୍ପ ନିକଟରେ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଗତକାଲି ଏହି ଦୁର୍ଘଟଣା ଘଟିଥିବା ବେଳେ ଆଜି ଅପରାହ୍ନ ୩ଟା ସମୟରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତକ ଭେଜନିଗୁଡା ଗ୍ରାମର ଭୀମ ସଗରିଆ (୨୭)।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର ମେଣ୍ଡକୁଲି ଗ୍ରାମରୁ (ଓଡି ୩୩ ଡବ୍ଲୁ ୮୩୨୭) ନମ୍ବର ଏକ ପିକ୍‌ଅପ୍ ଭ୍ୟାନ୍ ତେନ୍ତୁଲିଗୁମ୍ମା ପଟେ ଆସୁଥିବା ବେଳେ ବିଏସଏଫ କ୍ୟାମ୍ପ ନିକଟରେ ଭୀମଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ବାଇକ୍ ଚାଳକ ଭୀମ ସଗରିଆଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣାର ଖବର ପାଇ ରାମଗିରି ଫାଣ୍ଡି ଏଏସଆଇ ବିଷ୍ଣୁ ମାଡକାମି ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଏବଂ ମୃତଦେହ ଜବତ କରିବା ସହ ଆଜି ଶବବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।


WALK-IN INTERVIEW

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
* No TA/DA provided
At-Phula Alasa, Mula Alasa, Satyabadi, Puri-752014

# ଦେଶୀ ମଦ ଜବତ, ମହିଳାଙ୍କ ସହ ଦୁଇ ଗିରଫ

କୋରାପୁଟ/ପୋଡ଼ାଗଡ଼ ୧୧।୧୨(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀ ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରା ଯାଇଛି। ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଡକ୍ରିବେଡା ଗ୍ରାମରେ ଚଢ଼ଉ କରି ୧୬ ଲିଟର ଦେଶୀ ମଦ ଜବତ କରି ବାସନ୍ତୀ ବିଶୋଇ ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରିଥିବା ଜଣାପଡିଛି। ବାସନ୍ତୀ ବିଶୋଇ ଗାଁରେ ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଚଢ଼ଉ କରା ଯାଇଥିଲା। ଚଢ଼ଉ ସମୟରେ ତାଙ୍କ ଘରୁ ୧୬ ଲିଟର ରନ୍ଧା ମଦ ଜବତ ହୋଇଥିବା ଇନ୍ସପେକ୍ଟର ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ସବ୍ ଇନ୍ସପେକ୍ଟର କୁଶ ଜାଲ, ଏଏସଆଇ କମଳା କୁମାରି ମହାକୁଡ,ମୀର ମକସଦ ଅଲ୍ଲୀ, ସ୍ମୃତିକାନ୍ତ ବିଶ୍ୱାଳ, ମେଘନାଦ ଶବର ପ୍ରମୁଖ ଟିମରେ ସାମିଲ ହୋଇଥିଲେ। ସେହିପରି ସବ୍ ଇନ୍ସପେକ୍ଟର ଜଗବନ୍ଧୁ ଜାନି, ସୁରେନ୍ଦ୍ର ପଣ୍ଡା, ମମତା ମୟି ମହାନ୍ତି ଏବଂ ଅନ୍ୟ ମାନଙ୍କୁ ନେଇ ଗଠିତ ଏକ ଟିମ ଦାମନଯୋଡ଼ି ଥାନା ମାଥାଲପୁଟ ଓସିସି କଲୋନୀରେ ଚଢ଼ଉ କରି ଭାସ୍କର ଚୌଧୁରୀଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୮ ଲିଟର ଦେଶୀ ମଦ ଜବତ କରିଥିଲେ।

# ନାରୀ ନିର୍ଯାତନା ବିରୋଧରେ ସଚେତନତା ଶୋଭାଯାତ୍ରା



ଜୟପୁର, ୧୧।୧୨(ସମିସ) : ଜୟପୁର ସହରରେ ମାନବାଧିକାର ଦିବସ ପାଳନ ଅବସରରେ ନାରୀ ନିର୍ଯାତନା ଏକ ସାମାଜିକ ସମସ୍ୟା ଏବଂ ମହିଳା ଓ ଶିଶୁ କନ୍ୟାଙ୍କ ବିରୋଧରେ ଅପରାଧକୁ ଶୂନ୍ୟ କରି ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରଚେଷ୍ଟା ଚାଲିଛି। ଏଥିନେଇ ସମସ୍ତ ସାଧାରଣ ଜନତାଙ୍କୁ ସଚେତନତା ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ ଇନର ହ୍ୱିଲ୍ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିଲା। କ୍ଲବର ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ପ୍ରିୟା ଏମ୍ବ୍ରୋସ୍ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋଭାଯାତ୍ରାକୁ ସଭାପତି ପ୍ରଣତୀ ଆଚାର୍ଯ୍ୟ ପରାଚାଳନା କରିଥିଲେ। ଏଥିରେ ନାରାୟଣୀ ବିଦ୍ୟାଳୟ ଓ ପବ୍ଲିକ ସ୍କୁଲ, ଜୟପୁରର ଶତାଧିକ ଛାତ୍ରୀ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷୟତ୍ରୀ ବି. ସୁଜାତା, ସୁହାନି, ସୁପ୍ରିୟା ବେନିଆ, ଏଣ୍ଡ୍ରିଆ କବ୍ ,ବିନୋଦିନୀ ଦାସ, ମଧୁସ୍ମିତା ପଟ୍ଟନାୟକ , ସ୍ମିତା ପାଢ଼ୀ ଓ କ୍ଲବର ସଦସ୍ୟା ସସ୍ମିତା ସିଂହ, ଲଳିତା ଗୁପ୍ତା ଏବଂ ପୁନମ ଗ୍ରୋଭର୍। ସୂର୍ଯ୍ୟ ମହଲ ଠାରୁ ଶୁଭାରମ୍ଭ ହୋଇ ନାରୀ ଓ ଶିଶୁକନ୍ୟାଙ୍କ ସୁରକ୍ଷା, ବାଳିକା ଶିକ୍ଷା ନେଇ ଛାତ୍ରୀ ମାନେ ସ୍ଲୋଗାନ ଦେଇ ଜୟପୁର ସହରର ମୁଖ୍ୟ ରାସ୍ତା ପରିକ୍ରମା କରିଥିଲେ।

● ଜାତୀୟ କିକ୍‌ବକ୍ସିଂରେ ସ୍ୱର୍ଣ୍ଣ ପଦକ

# ରାଜ୍ୟ ପାଇଁ ଗୌରବ ଆଣିଲେ କୋଟପାଡ଼ର ସାଇରାଜ



କୋଟପାଡ଼, ୧୧।୧୨ (ସମିସ): ଭୁବନେଶ୍ୱର ଠାରେ ଚାରି ଦିନ ଧରି ଜାତୀୟ କିକ୍ ବକ୍ସିଂ ପାଇଁ ପ୍ରତିଯୋଗିତା ହୋଇଥିଲା। ଡିସେମ୍ବର ୪ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥବା ପ୍ରତିଯୋଗିତାରେ ଓଡିଶା ସମେତ ୧୬ଟି ରାଜ୍ୟ ଯଥା କେରଳ, ତାମିଲନାଡୁ, ବିହାର, ଉତ୍ତର ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ଛତିଶଗଡ, ମଧ ପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ପଶ୍ଚିମ ବଙ୍ଗ, ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ ଭଳି ରାଜ୍ୟରୁ ମୋଟ ୬୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ୭୫ କେଜି ଲୋ କିକ୍ ବକ୍‌ସିଂରେ କୋଟପାଡ଼ର ସାଇରଜ ପଟ୍ଟନାୟକ କେରଳକୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ତାଙ୍କରି ଏହି ସଫଳତା ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଦେଇଛି । ସାଇରଜ ପଟନାୟକ ବିଜ୍ଞାନ ଶିକ୍ଷକ ବିଜୟାନନ୍ଦ ପଟନାୟକଙ୍କ ସୁପୁତ୍ର। ତାଙ୍କରି ଏହି ସଫଳତା ପାଇଁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। କୋଟପାଡ଼ ବିଧାୟକ ରୁପୁ ଭତ୍ରା, ପୂର୍ବ ତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବ ତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ଏନ ଏ ସି ଅଧ୍ୟକ୍ଷ ଶଙ୍କର ରାଓ, ବ୍ଲକ ଅଧ୍ୟକ୍ଷା କମଳା ଭତ୍ରା, ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ପ୍ରେସ୍ କ୍ଲବ୍ ସଭାପତି ପଙ୍କଜ କୁମାର ପାତ୍ର, ପ୍ରଦୀପ ବକ୍ସି, ଗୋପ ବନ୍ଧୁ ପାଠାଗାର ସଭାପତି ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏଭଳି ସଫଳତା ପାଇଁ ଚଳିତ ବର୍ଷର ପରବ ସମ୍ମାନ ଦେବାପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ପରବ କମିଟି ନିକଟରେ ଅନୁରୋଧ କରାଯାଇଛି।

# ୧୧ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଶୁଭଦେଲେ ଗଣଶିକ୍ଷା ମନ୍ତ୍ରୀ



ଉମରକୋଟ,୧୧।୧୨ (ସମିସ): ଉମରକୋଟ ସହରର ବିକାଶ ପାଇଁ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୧୧ କୋଟି ଟଙ୍କାରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପ ବିଭିନ୍ନ ୱାର୍ଡରେ ଭୂମି ପୂଜା କରି ଶିଳାନ୍ୟାସ କରିଛନ୍ତି। ଉମରକୋଟ ସହର ଗୁଲିପାଟଣା ସାହି ଠାରେ ଥିବା ବାବା ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ଏକ କଲ୍ୟାଣ ମଣ୍ଡପ, ଗୁଲିପାଟଣା ପ୍ରାଇମେରୀ ସ୍କୁଲ ଠାରେ ୫୦ ଲକ୍ଷ ବ୍ୟୟରେ ଡିଜିଟାଲ ଲାଇବ୍ରେରୀ, ଏମଇ ସ୍କୁଲ ଠାରେ ୫ କୋଟି ବ୍ୟୟରେ ଅଡିଟୋରିୟମ, ଯୁଭି ୩ ନମ୍ବର ଡଙ୍ଗରୀଗୁଡା ଠାରେ ନାଟମଣ୍ଡପ ପାଇଁ ୧୦ ଲକ୍ଷ ଟଙ୍କା ,ଡିଏନକେ ସ୍ଥିତ ରାଧାକୃଷ୍ଣ ମନ୍ଦିର ପାଇଁ ୨୦ ଲକ୍ଷ ଏବଂ ଶିକ୍ଷା ମନ୍ତ୍ରୀଙ୍କ ଡ୍ରିମ ପୋଜେକ୍ଟ ଡାଙ୍ଗରୀଗୁଡା ପାହାଡ଼ ଉପରେ ଟାୱାର ନିର୍ମାଣ ପାଇଁ ୫ କୋଟି ୬୧ ଲକ୍ଷ ଟଙ୍କାର ପ୍ରକଳ୍ପର ଭୂମି ପୂଜନ କରାଯାଇଛି। ସହରର ସୌନ୍ଦର୍ଯ୍ୟକରଣସହଅନେକଦିନରୁଲୋକଙ୍କ ଦାବି ରହିଥିଲା। ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯିବା ଫଳରେ ଏହା ଲୋକଙ୍କ କାମରେ ଆସିବ। ପୌର ପରିଷଦ ମଧ ଟିକସ ପାଇ ପାରିବ ବୋଲି କହିବା ସହ ସହରାଞ୍ଚଳରେ ଲୋକଙ୍କ ସୁବିଧା ପାଇଁ କଲ୍ୟାଣ ମଣ୍ଡପ ଏବଂ ପିଲାଙ୍କ ସୁବିଧା ପାଇଁ ଡିଜିଟାଲ ଲାଇବ୍ରେରୀ ଓ ମନୋରଞ୍ଜନ ପାଇଁ ଡାଙ୍ଗରୀଗୁଡା ପାହାଡ଼କୁ ସୌନ୍ଦର୍ଯ୍ୟକରଣ ପାଇଁ ଅନେକ ଚେଷ୍ଟା କରାଯାଉଛି। ସେହିପରି ଅଡିଟୋରିୟମ ମଧ ଲୋକଙ୍କ କାମରେ ଆସିବ ବୋଲି କହିଛନ୍ତି ଗଣ ଶିକ୍ଷା ମନ୍ତ୍ରୀ। ସେହିଭଳି ଜଗନ୍ନାଥ ମନ୍ଦିର ଠାରେ ମଧ ଏକ କଲ୍ୟାଣ ମଣ୍ଡପ ପାଇଁ ୧୫ ଲକ୍ଷ ଓ ମଙ୍ଗଳା ମନ୍ଦିରର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଯାଇଛି। ଆଗାମୀ କିଛି ଦିନ ମଧ୍ୟରେ ମଧ ଭୂମିପୂଜା କରାଯିବ ବୋଲି ସୂଚନା ମିଳିଛି। ବାବା ବୈଦ୍ୟନାଥ ମନ୍ଦିର ପରିସରରେ କଲ୍ୟାଣମଣ୍ଡପ ଭୂମିପୂଜା ପରେ ଏକ ସଭା କରାଯାଇଥିଲା ସେଠାରେ ମନ୍ଦିର କମିଟି ସଦସ୍ୟ ଙ୍କ ସହ ମନ୍ଦିର କମିଟି ସଭାପତି ଜୟଦେବ ପରିଡା ଓ କୋଷାଧକ୍ଷ ନିରଞ୍ଜନ ସ୍ୱାଇଁ ଉପସ୍ଥିତ ରହିଥିଲେ। ଏହି ମାରାଥନ କାର୍ଯ୍ୟକ୍ରମ ସମୟରେ ମନ୍ତ୍ରୀଙ୍କ ସହ ପୌର ଅଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବିଭିନ୍ନ ୱାର୍ଡର କାଉନଶୀଲର, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମ୍‌ପିଙ୍କ ପ୍ରତିନିଧି ରାମ ନାୟକ, ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ମ୍ୟୁନିସିପାଲିଟି ଇଞ୍ଜିନିୟର ଅଶ୍ୱିନୀ ପଟନାୟକ, କନିଷ୍ଠ ଯନ୍ତ୍ରୀ ତନ୍ମୟ ପଟନାୟକଙ୍କ ସହ ଶତାଧିକ ବିଜେପି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ -ପିକ୍‌ଅପ୍ ଭ୍ୟାନ୍ ଧକ୍କା

ରାୟଗଡା, ୧୧।୧୨(ସମିସ): ରାୟଗଡ଼ା ସହରର ଶ୍ରୀଜଗନ୍ନାଥ ମନ୍ଦିର ଓ ମା' ମଝିଘରିଆଣି ମନ୍ଦିର ମୁଖ୍ୟ ରାସ୍ତା ମଧ୍ୟରେ ଥିବା ଏକ ବେକେରୀ ସମ୍ମୁଖ ଆଜି ଭୋର ସକାଳ ପ୍ରାୟ ସାଢେ ୫ଟା ସମୟରେ ରାୟଗଡ଼ାର କେରଡା ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ଏପି ୨୭ଟି ୬୬୯୯) ଏବଂ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ଭ୍ୟାନ୍ (ଓଡି ୧୮ ଜେ ୮୪୯୩) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଭୋର ସକାଳୁ ଆଜି ରାୟଗଡାରେ ଅଧିକ କୁହୁଡି ହୋଇଥିବା ବେଳେ ଖାଲି ରାସ୍ତା ଥିବାରୁ ଉଭୟ ଗାଡି ଦ୍ରୁତବେଗରେ ଆସୁଥିବାରୁ ଏଭଳି ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି। ଭ୍ୟାନ ଡ୍ରାଇଭର ଆହତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ରାୟଗଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଦୁଇଟି ଗାଡିକୁ ଥାନାରେ ଆଣି ରଖିଛନ୍ତି।

## ଶିକ୍ଷା ସଭା କାର୍ଯ୍ୟକ୍ରମ

କାକିରିଗୁମା,୧୧।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିନରେ ଥିବା କାକିରିଗୁମା କ୍ଲଷ୍ଟର ତରଫରୁ ଖୁଡ଼ି ପଦର ପ୍ରାଥମିକ ବିଦ୍ୟାଳୟ ଠାରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ସମ୍ପୃକ୍ତ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମଟି କାକିରିଗୁମା ସିଆରସିସି ଭେଙ୍କଟେଶ୍ୱର ରାଓଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଧନୁର୍ଦ୍ଧର ବିଶୋଇ ଉପସ୍ଥିତ ଥିଲେ। କ୍ଲଷ୍ଟର ଅଧୀନରେ ଥିବା ୮ ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଅଧାରୁ ପାଠ ଛାଡ଼ିଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ଉଦ୍ୟମ କରାଯାଇଥିଲା। ଏଥିରେ ଅଧାରୁ ପାଠ ଛାଡ଼ିଥିବା ପିଲା ଓ ଅଭିଭାବକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେକୁ ଶିକ୍ଷକ ସଞ୍ଜିବ ବିଶେଇ , ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଇଶାକ ଓଡେକା, ଦିଲିପ୍ ଜେନା, ସାଧବ ଦାମି,ମିତାନି ଶତପଥି, ଆଦି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶ୍ରୀନିବାସ ଆଚାରି ଧନ୍ୟବାଦ ପ୍ରଧାନ କରିଥିଲେ।

ସାତ ମାସ ହେଲା ବିଡ଼ିଓ ପଦବୀ ଖାଲି

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ବୈପାରୀଗୁଡା,୧୧।୧୨(ସମିସ): ବୈପାରିଗୁଡ଼ା ବ୍ଲକରେ ସାତ ମାସ ହେଲା ବିଡିଓ ପଦବୀ ଖାଲି ପଡିଛି। ଏଣୁ ସ୍ଥାୟୀ ବିଡିଓ ନିଯୁକ୍ତି ପାଇଁ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ବୈପାରୀଗୁଡା ଗ୍ରାମବାସୀ। ବୈପାରିଗୁଡା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର କାନ୍ଦଲିଆଙ୍କ ନେତୃତ୍ୱରେ ଆଜି ଭୁବନେଶ୍ୱର ଠାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକଙ୍କ ସହ ଭେଟି ସ୍ଥାୟୀ ବିଡ଼ିଓ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ବଦଳି ନିର୍ଦ୍ଦେଶକୁ ୨ ମାସ ବିତିଲା । ତଥାପି କାର୍ଯ୍ୟ ରେ ଯୋଗ ଦେଉ ନାହାନ୍ତି ଅଫିସର। ଏନେଇ ହନ୍ତସନ୍ତ ହେଉଛନ୍ତି ବୈପାରୀଗୁଡା ବ୍ଲକର ୨୦ଟି ପଞ୍ଚାୟତର ଅଧିବାସୀ। ସୂଚନା ଥାଉକି, ଓଡିଶା ସରକାରର ପଞ୍ଚାୟତିରାଜ ଓ ପାନୀୟ ଜଳବିଭଗ ବିଭାଗ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଚିଠିରେ କୋରାପୁଟ ଡେପୁଟି କଲେକ୍ଟର ସୁବ୍ରତ କୁମାର ସାହୁଙ୍କୁ ବୈପାରୀଗୁଡା ବିଡ଼ିଓ ଭାବେ ବଦଳି କରାଯାଇଛି । କିନ୍ତୁ ବଦଳି ନିର୍ଦ୍ଦେଶକୁ ୨ ମାସ ବିତିଲା। ତଥାପି ଅଫିସର ନିଜର ବର୍ତ୍ତମାନ ସ୍ଥାନରୁ ରିଲିଭ୍ ହୋଇ ନୂଆ ଦାୟିତ୍ୱ ଗ୍ରହଣ କରିନଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାପାଳଙ୍କ ଚିଠି ନମ୍ବର ୩୩୩୦/ ୨୫, ୦୧-୧୧-୨୫ ଅନୁଯାୟୀ ସମ୍ପୃକ୍ତ ଅଧିକରୀ ରିଲିଫ ହୋଇଛନ୍ତି । କିନ୍ତୁ ବୈପାରୀଗୁଡା ବିଡ଼ିଓ ଭାବେ ଯୋଗ ଦେଇନାହାନ୍ତି । ଏହି ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାନଯିବା ଦ୍ୱାରା ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରଶାସନିକ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ବିଡିଓ ଅଭିମନ୍ୟୁ କବି ଶତପଥି ଗତ ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବା ପରେ ଏଠାରେ ସ୍ଥାୟୀ ବିଡ଼ିଓ ନିଯୁକ୍ତି ହୋଇନାହାନ୍ତି। ପରେ ଜୟପୁର ବିଡ଼ିଓ ଶକ୍ତି ମହାପାତ୍ରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କୋରାଯାଇଥିଲା। ବୈପାରୀଗୁଡା ବ୍ଲକ୍ ଅଧୀନରେ କୋଡ଼ିଏ ଗୋଟି ଗ୍ରାମ ପଞ୍ଚାୟତ ରହିଛି ଏବଂ ଜୟପୁର ବ୍ଲକର ୨୨ଟି ପଞ୍ଚାୟତ ରହିଛି ।ମୋଟାମୋଟି ୪୨ ପଞ୍ଚାୟତ ପାଇଁ ଜଣେ ବିଡିଓ ଦାୟିତ୍ୱ ତୁଲାଉଛନ୍ତି । ସେ ଦୁଇ ଦୁଇଟି ଦାୟିତ୍ୱ ତୁଳାଉ ଥିବାରୁ ସେ ସମ୍ପୂର୍ଣ୍ଣ ସମୟ ଦେଇ ପାରୁନାହାନ୍ତି। ଦୂର ଦୁରାନ୍ତରୁ ଜନସାଧାରଣ ଗୋଟିଏ କାମ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସି ଖର୍ଚ୍ଚାନ୍ତ ହେବା ସହ ହଟହଟା ହୋଇ ଫେରୁଛନ୍ତି।

## କବି ବିଚିତ୍ରା ନନ୍ଦ ପଣ୍ଡାଙ୍କୁ ସମାଜସେବା ସମ୍ମାନ



ନନ୍ଦପୁର,୧୧।୧୨(ସମିସ): ନନ୍ଦପୁର ବ୍ଲକ୍‌ର ସୁନାମ ଧନ୍ୟ କବି ବିଚିତ୍ରା ନନ୍ଦ ପଣ୍ଡାଙ୍କୁ ସମାଜସେବୀ କ୍ଷେତ୍ର ରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ଏଥିପାଇଁ ତାଙ୍କ ଜନ୍ମମାଟ କଟକ ଜିଲ୍ଲା ଠାରୁ କର୍ମଭୂମି କୋରାପୁଟ ଜିଲ୍ଲା ପର୍ଯ୍ୟନ୍ତ ଖୁସିର ପରିବେଶ ସୃଷ୍ଟି ହୋଇଛି। ସମ୍ମାନିତ ହୋଇ କୋରାପୁଟ ମାଟିରେ ପହଞ୍ଚିବା ପରେ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି 'ସକାଳ' ପ୍ରତିନିଧି ତ୍ରିନାଥ ଖରା। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅର୍ନ୍ତଗତ ବାଞ୍ଜାଲା ପୁଟ ଗ୍ରାମରେ ଏକ ଛୋଟ ଜଳଖିଆ ଦୋକାନରୁ ପରିବାରର ପେଟ ପାଟଣା ଚଳାଇବା ସହ ସମାଜସେବା ପାଇଁ କାମ କରୁଥିଲେ। ମଦ ନିବାରଣ କେମିତି ହେବ ସେ ନେଇ ଗାଁ ଗାଁ ବୁଲି ଲୋକଙ୍କୁ ବୁଝାଉଥିଲେ। ନିଶା ମୁକ୍ତ ସହ ସାହିତ୍ୟ ଭାଷା ସୁରକ୍ଷା , ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ଗଠନ କରିବା, ଦଶରୁ ଅଧିକ ଗାଁକୁ ନିଶାମୁକ୍ତ କରିଥିଲେ।

## ପୋଡ଼ାଲାଇନ୍ ରାସ୍ତା ମରାମତି ଶୁଭାରମ୍ଭ

କୋରାପୁଟ,୧୧।୧୨(ସମିସ): ୨୬ ନଂ ଜାତୀୟ ରାଜପଥରୁ ପରଜା ସାହି ଛକକୁ ସଂଲଗ୍ନ କରୁଥିବା ପୋଡ଼ା ଲାଇନ୍ ରାସ୍ତାର ମରାମତି କାର୍ଯ୍ୟ ବୁଧବାର ଶୁଭାରମ୍ଭ ହୋଇଛି। ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜୀତ ତ୍ରିପାଠୀ, କାଉନସିଲର ବି ମାଲେଶ୍ୱର ରାଓ, ଗଣେଶ ଜାନି, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରାକେଶ ପଣ୍ଡା ଉପସ୍ଥିତ ରହି ଭୂମି ପୂଜନ କରିଥିଲେ। ଭାଣ୍ଡି ସାହି ଛକରୁ ପରଜା ସାହି ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଦୟନୀୟ ଥିବାରୁ ଏହାର ମରାମତି ଅତ୍ୟନ୍ତ ଆବଶ୍ୟକ ରହିଥିଲା। ଜିଲ୍ଲା ପ୍ରଶାସନ ଏବଂ ପୌର ପରିଷଦ ମିଳିତ ଭାବେ ନିଷ୍ପତି ନେଇ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରିଥିବା ପୌର ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

■ ବିଜ୍ଞାନ ଇଣ୍ଟରନ୍ୟାସନାଲ୍ କଲେଜ ଛାତ୍ରଙ୍କ କୃତିତ୍ୱ

# ଗୌହାଟି ଆଇଆଇଟିରେ ପଢ଼ିବେ ମହେଶ୍ୱର



କୋରାପୁଟ,୧୧।୧୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ କୋରାପୁଟ ସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାସନାଲ କଲେଜରୁ ଯୁକ୍ତ ୨ ବିଜ୍ଞାନରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ମହେଶ୍ୱର ଜେନା ଗୌହାଟି ଆଇଆଇଟିରେ ପଢ଼ିବାକୁ ମନୋନୀତ ହୋଇଛନ୍ତି। ମହେଶ୍ୱର ବିଜ୍ଞାନ ଇଣ୍ଟରନ୍ୟାସନାଲ ମହାବିଦ୍ୟାଳୟରେ ୨୦୨୩-୨୫ ବ୍ୟାଚରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରି ୨୦୨୫ରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ବର୍ତ୍ତମାନ ସେ ଗୌହାଟି ଆଇଆଇଟିରେ ଡାଟା ସାଇନସ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବିଷୟରେ ସ୍ନାତକ ଡିଗ୍ରୀ ପଢ଼ିବେ ବୋଲି ଜଣା ପଡିଛି। ମହେଶ୍ୱରଙ୍କ ଏହି ସଫଳତା ବିଜ୍ଞାନ କଲେଜ ଓ କୋରାପୁଟ ଜିଲ୍ଲା ନିମନ୍ତେ ଗର୍ବ ଓ ଗୌରବର ବିଷୟ ବୋଲି କଲେଜ ପରିଚାଳନା କମିଟି ନିର୍ଦ୍ଦେଶକ ସୁବ୍ରତ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ସଫଳତା ଜିଲ୍ଲାର ଅନ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ଦେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଜିଲ୍ଲାସ୍ତରୀୟ କୃଷିଭିତ୍ତିକ ରଣନୀତି କମିଟି ବୈଠକ

ନବରଙ୍ଗପୁର,୧୧।୧୨(ସମିସ): ସ୍ଥାନୀୟ ମିଶନ ଶକ୍ତି ୨୦୨୫-୨୬ ବର୍ଷ ପାଇଁ ଏକ ଜିଲ୍ଲାସ୍ତରୀୟ କୃଷିଭିତ୍ତିକ ରଣନୀତି କମିଟି ବୈଠକ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧୀରଞ୍ଜନ ବେହେରା କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାରେ କାର୍ଯ୍ୟକାରୀ କୃଷି ଯୋଜନା, ବିଭିନ୍ନ କୃଷି କ୍ରିୟାକଳାପ ଓ ଆସନ୍ତା ରବି ଋତୁ ପାଇଁ ବିବେଚିତ କୌଶଳ ଉପସ୍ଥାପନ କରିଥିଲେ। ଏହାସହିତ ଉଦ୍ୟାନ କୃଷି ନିର୍ଦ୍ଦେଶକ, କୃଷି ବିଜ୍ଞାନ କେନ୍ଦ୍ର ଉମରକୋଟ ମୁଖ୍ୟ ବୈଜ୍ଞାନିକ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ମଧ ନିଜ-ନିଜ ବିଭାଗୀୟ କାର୍ଯ୍ୟସୂଚୀ ଓ ରବି କାଳୀନ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ। ବୈଠକରେ ବିଭିନ୍ନ ଜଳ ସମ୍ପଦ ବିଭାଗର ଅଧିକାରୀମାନେ, କୃଷି ବିଭାଗର ସମସ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ସଭାରେ ରବି ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହେବା ସହ ଜିଲ୍ଲାପାଳ ମହୋଦୟ ପାଣିର ସଠିକ୍ ବ୍ୟବହାର ଓ ଜୀବାଣୁ ସାରର ଯୁକ୍ତି ସଙ୍ଗତ ବ୍ୟବହାର ପାଇଁ ଧାନ ଠାରୁ ଅଣଧାନ ଫସଲକୁ ଅଧିକ ଗୁରୁତ୍ୱ ଦେବା ବିଷୟରେ ଆଲୋଚନା କରିଥିଲେ।

କୁନ୍ଦୁରାରେ ଅନ୍ତ୍ୟୋଦୟ ଆବାସ ମେଳା

# ନିର୍ମାଣରେ ବାଧକ ସାଜିଛନ୍ତି ତହସିଲଦାର!



କୁନ୍ଦୁରା, ୧୧।୧୨(ସମିସ): କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ନେଇ ଅନ୍ତ୍ୟୋଦୟ ଆବାସ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥ ଠଭାବେ ପଞ୍ଚାୟତ ସମିତି ଭାରପ୍ରାପ୍ତ ଅଧକ୍ଷ ତରୁଣୀସେନ ବିଷୋୟୀ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥିଭାବେ ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଏବଂ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ରମାକାନ୍ତ ନାୟକ ଯୋଗ ଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଆବାସ ମେଳା ସମସ୍ତ ସରପଞ୍ଚ, ସମିତି ସଭ୍ୟା ସଭ୍ୟଙ୍କ ସମେତ ଶତାଧିକ ହିତାଧିକାରୀ ମଧ ଯୋଗ ଦେଇଥିଲେ। ଏହି ଆବାସ ମେଳା ଆୟୋଜିତ ହେବାର ମୂଳ ଲକ୍ଷ୍ୟ ହେଲା ହିତାଧିକାରୀଙ୍କୁ ସଚେତନ କରି ସରକାରୀ ଯୋଜନାର ସଫଳ ରୂପାୟନ କରିବା। ଯେଉଁ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ମିଳିଛି ସେମାନେ କିଭଳି ଭାବେ ସରକାରୀ ନିୟମ ଅନୁସାରେ ଅବଧି ପୂର୍ବରୁ କାର୍ଯ୍ୟ ସମାପ୍ତ କରି ପ୍ରୋତ୍ସାହନ ରାଶି ପାଇପାରିବେ ତାକୁ ନେଇ ଏହି ମେଳାରେ ହିତାଧିକାରୀଙ୍କୁ ପ୍ରଶାସନ ବୁଝାଇଥିଲା। ରାଜ୍ୟ ସରକାର ଗରିବ ଲୋକଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରୁଥିବା ବେଳେ ଗ୍ରାମାଞ୍ଚଳରେ ଯୁଗ ଯୁଗ ଧରି ବସବାସ କରୁଥିବା ଲୋକଙ୍କୁ ପଟ୍ଟା ମିଳିପାରୁନି। ବର୍ତ୍ତମାନ ସୁଦ୍ଧା କୁନ୍ଦୁରା ବ୍ଲକ ଅଧିନସ୍ଥ ୧୬ ଟି ଗ୍ରାମପଞ୍ଚାୟତରେ ବିଭିନ୍ନ କାରଣ ନେଇ ୨୦୧୬-୧୭ ମସିହାରୁ ୨୦୨୪-୨୫ ପର୍ଯ୍ୟନ୍ତ ୧୦୪୧ ହିତାଧିକାରୀଙ୍କ ଗୃହ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ଏହାକୁ ନେଇ ବ୍ଲକ୍ ପ୍ରଶାସନ ଯେଉଁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି, ସେମାନଙ୍କୁ ସେମାନଙ୍କ ରହଣି ସ୍ଥଳର ପଟ୍ଟା ପ୍ରଦାନ ନିମନ୍ତେ କୁନ୍ଦୁରା ତହସିଲଦାରଙ୍କୁ ଲିଖିତ ଭାବେ ଦିଆଯାଇଥିବା ପ୍ରଶାସନ ନିକଟରୁ ଜାଣିବାକୁ ମିଳିଛି। କିନ୍ତୁ ତହସିଲଦାର ଗରିବ ହିତାଧିକାରୀଙ୍କ ପଟ୍ଟା ଉଦ୍ଦେଶ୍ୟମୂଳକ ଭାବେ କରୁନଥିବା ଯୋଗୁଁ ବର୍ଷ ବର୍ଷ ଧରି ଅଧପନ୍ତରିଆ ଅବସ୍ଥାରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଗୃହ ପଡିରହିଛି। କିଛି ଦଲାଲ ଗରିବ ଲୋକଙ୍କୁ ପ୍ରଲୋଭନ ଦେଖାଇ ଘର କରିଦେବୁ କହି କାମ ନେଇ ଅନେକ ସ୍ଥାନରେ ଶତାଧିକ ଆବାସ ଗୃହ ଅଧାରେ ଛାଡ଼ି ଦେଇଛନ୍ତି। ତେଣୁ ଦୀର୍ଘ ବର୍ଷ ଧରି ବ୍ଲକ୍ ପ୍ରଶାସନ ନିନ୍ଦିତ ହେଉଛି। କିଛି ବଡବଡିଆ ଅଧିକାରୀଙ୍କ ଲାଗି ଜିଲ୍ଲା ସ୍ତରରେ କୁନ୍ଦୁରା ବ୍ଲକ ୧୪ ନମ୍ବର ସ୍ଥାନରେ ରହିଛି। ଅନ୍ୟ ମାନଙ୍କ ମଧ୍ୟରେ ଜିପିଇଓ ଜଗତସିଂ ମାଝୀ, ପିଇଓ ଶରତ ପଟ୍ଟନାୟକ, ସମସ୍ତ ସରପଞ୍ଚ ସମିତି ସଭ୍ୟା ସଭ୍ୟ, ଅବନୀ ଷଡ଼ଙ୍ଗୀ, ବସନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

ବାର୍ତ୍ତା



ମହୋତ୍ସବ-୨୦୨୫ର ଶୁଭକାମନା

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା,ସଂସ୍କୃତି, ଐତିହ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିଲି ଠାରେ ଆସନ୍ତା ଡିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି।



କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା



ଡ଼ଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା
ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା



ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା

## ନବୋଦୟ ଛାତ୍ରଙ୍କ ମୃତ୍ୟୁ ମାମଲା

# ଉଚ୍ଚସ୍ତରୀୟ କମିଟିର ତଦନ୍ତ

ନୂଆପଡ଼ା, ୧୧।୧୨(ସମିସ)

ନୂଆପଡ଼ା ଜିଲ୍ଲା କୋମନା ଥାନା ତରବୋଡ଼ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଦିନେଶ ଶବରଙ୍କ ମୃତ୍ୟୁ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ଟିମ୍ ବିଦ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ତରବୋଡ଼ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ ବୁଧବାର ବିଦ୍ୟାଳୟରେ ଫୁଟବଲ ଖେଳ ଚାଲିଥିଲା। ଖେଳର ବିରତି ସମୟରେ ୧୦ମ ଶ୍ରେଣୀର ଛାତ୍ର ଦିନେଶ ପାଣି ପିଇବା ପରେ ହଠାତ ତଳେ ପଡ଼ି ଯିବା ସହ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଗାଡି ଯୋଗେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ କୋମନା ବ୍ଲକ ଘୋଟସର ଗାଁରେ ମୃତ ଦିନେଶଙ୍କ ଘର ତାଙ୍କ ବାପା-ମା' ବ୍ରହ୍ମପୁରରେ କୌଣସି କାମରେ ନିୟୋଜିତ ଥିଲେ। ବାପା ମାଆ ଗୁରୁବାର ସକାଳେ ନୂଆପଡ଼ାରେ ପହଞ୍ଚି ନବୋଦୟ ବିଦ୍ୟାଳୟକୁ ଯାଇ ସବିଶେଷ ବିବରଣୀ ସଂଗ୍ରହ କରିଥିଲେ। ଅନ୍ୟପକ୍ଷେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ନେତୃତ୍ୱରେ ଟିମ୍ ଗଠନ କରି ତଦନ୍ତ ପାଇଁ ପଠାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ ଘଟଣାସ୍ଥଳ



ପରିଦର୍ଶନ କରି ସରଜମିନ ତଦନ୍ତ କରିଥିଲେ। ଅନ୍ୟପଟେ ମଧ୍ୟାହ୍ନରେ ତରବୋଡ଼ ଫାଣ୍ଡିରୁ ଏକ ପୁଲିସ ଟିମ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବ୍ୟବଚ୍ଛେଦ ଗୃହ ନିକଟରେ ମୃତଦେହର ତଦନ୍ତ କରିଥିଲେ। ଏହାକୁ ନେଇ ମାମଲା ରୁଜୁ କରି ସବିଶେଷ ତଦନ୍ତ ଚାଲିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ■ ଗାଁରେ ହଟହଟା ହେଲେ ସମ୍ପର୍କୀୟ ଶ୍ୱଶୁର

# ମହିଳାଙ୍କୁ ଅଶାଳୀନ ବ୍ୟବହାର ଅଭିଯୋଗ

**ଭବାନୀପାଟଣା, ୧୧।୧୨(ସମିସ):** ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବାଦିଲି ଗାଁରେ ଏକ ଅଭାବନୀୟ ଘଟଣାକୁ ନେଇ ଗତ ୫ଦିନ ହେବ ପରିସ୍ଥିତି ଗୁରୁତର ଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଜଣେ ବୃଦ୍ଧ ନିଜବସ୍ତିର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗ ଭିନ୍ନ ରୂପ ନେଇଥିଲା। ମହିଳାଙ୍କ ସମ୍ପର୍କୀୟ ଶ୍ୱଶୁର କୁହାଯାଉଥିବା ବୃଦ୍ଧଙ୍କୁ ଅର୍ଦ୍ଧ ଲଣ୍ଡା କରି ଚପଲ ମାଳା ପିନ୍ଧାଇ ଗାଁରେ ବୁଲାଇବା ସାଧାରଣରେ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଦଲି ଗାଁର ୱାର୍ଡ ନଂ-୧୩ ଚଞ୍ଚରାପଡ଼ାରେ ଗତ ୭ ତାରିଖ ସକାଳେ ପ୍ରାୟ ୮ଟାରେ ଜଣେ ମହିଳା ନଳକୂଅକୁ ପାଣି ଆଣିବାକୁ ଆସିଥିଲେ। ସେତେବେଳେ ଜଣେ ବୟସ୍କ ବ୍ୟକ୍ତି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ମହିଳା ପରିବାର ଲୋକଙ୍କୁ ଜଣାଇବା ପରେ ଉତ୍ତ୍ୟକ୍ତ ହୋଇ ବୟସ୍କ ବ୍ୟକ୍ତିଙ୍କୁ ନେଇ ଗାଁରେ ଥିବା ଲକ୍ଷ୍ମୀପୂଜା ମଣ୍ଡପରେ ବୈଠକ ବସିଥିଲା। ଏଥିରେ ୨ ଜଣ ଲୋକ ପ୍ରତିନିଧି ମଧ୍ୟ ସାମିଲ ହୋଇଥିବା ଜଣାପଡ଼ିଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ବୟସ୍କ ବ୍ୟକ୍ତିଙ୍କୁ ୩ ଧାରିଆ (ଗଜନୀ ଷ୍ଟାଇଲରେ) ଲଣ୍ଡା କରି ଚପଲ ମାଳା ବେକରେ ପକାଇ ଲକ୍ଷ୍ମୀପୂଜା ମଣ୍ଡପରୁ ଚଞ୍ଚରାପଡ଼ା ଘରକୁ ଚଲାଇ ଚଲାଇ ଆଣିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ମୋବାଇଲରେ ଭିଡିଓ କଏଦ କରି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକ ଲୋଚନକୁ ଆସିଥିଲା। ମହିଳା ଓ ବୃଦ୍ଧ ଜଣକ ସମ୍ପର୍କୀୟ ପୁତୁରା ବୋହୂ ଓ ଶ୍ୱଶୁର ହୋଇଥିବା ଜଣାପଡ଼ିଛି।ଭବାନୀପାଟଣା ସଦରଥାନାରେ ସମୁଦାୟ ଘଟଣାରେ ଉଭୟଙ୍କ ପକ୍ଷରୁ ପୃଥକ ଥାନାରେ ୨ ଟି ମାମଲା ରୁଜୁ ହୋଇଥିବାବେଳେ ଉଭୟ ପକ୍ଷଙ୍କୁ ପୁଲିସ ନୋଟିସ ଜାରି କରିଥିବା ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ ପ୍ରଧାନ ସୂଚନା ଦେଇଛନ୍ତି।

**ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ**

# ପର୍ଯ୍ୟଟନର ବିକାଶ ପାଇଁ ଦାବିପତ୍ର

**ନୂଆପଡ଼ା, ୧୧।୧୨ (ସମିସ):** ଖଡିଆଳ ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି



ଖଡିଆଳ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଲମ୍ବୋଦର ନିଆଲ। ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ପାଇଁ ବହୁ ସମ୍ଭାବନା ରହିଛି। ଏଗୁଡିକର ବିକାଶ ହେଲେ ସାଧାରଣ ଲୋକଙ୍କ ଜୀବ ଜୀବିକା ମଧ୍ୟ ପ୍ରଭାବିତ ହେବ। ଏଥିପାଇଁ ବୋଡେନ ବ୍ଲକ ପାତଳଗଙ୍ଗାର ବିଭିନ୍ନ ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା, ଉପକାଗଙ୍ଗା ପାଇଁ ୧୦ କୋଟି ଓ ସିନାପାଲି ବ୍ଲକର ଥିପାଖୋଲ ପର୍ଯ୍ୟଟନ ସ୍ଥଳି ପାଇଁ ୬ କୋଟି ୬୨ ଲକ୍ଷ ଟଙ୍କାର ଅନୁଦାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ତାଙ୍କ ସହିତ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଉପସ୍ଥିତ ରହିଥିଲେ। ଏହା ଉପରେ ବିଚାର କରି ଅଞ୍ଚଳରେ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀମତି ପରିଡ଼ା କହିଛନ୍ତି।

# ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି

**ଲାଞ୍ଜିଗଡ଼, ୧୧।୧୨ (ସମିସ):** ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ପୂର୍ବରୁ ପଞ୍ଚାୟତ ଓ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବକୁ ଏଥର ଯାକଜମକ ଓ ଭବ୍ୟ କରିବାକୁ ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ କୁମାର ବଳୀୟାର ସିଂହ ବିବରଣୀ ପାଠ କରିବା ପରେ ବୈଠକ ଆରମ୍ଭ ହୋଇଥିଲା। ଏଥିରେ କାନକୁଟ୍ରୁ ସମିତିସଭ୍ୟ ମନୋହର ହରପାଲ, ପାହାଡ଼ପଦର ସମିତିସଭ୍ୟ ଜଗଦୀଶ ବେନିଆଙ୍କ ସହିତ ବ୍ଲକ ଯୋଗାଣ ଅଧିକାରୀ ଦିଲୀପ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ସିଡିପିଓ ନିରୁପମା ପଟନାୟକ, ଜିପିଡିଓ ଜିତେନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ବିଶ୍ୱନାଥପୁର ପୁଲିସ ପକ୍ଷରୁ ବୁଦ୍ଧିଶ୍ୟାମ ମାଝୀ, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦିବାକର ପ୍ରଧାନ, ବରିଷ୍ଠ ନାଗରିକ ବଳରାମ ବେହେରା, ଅନନ୍ତ ପ୍ରଧାନୀ, ସାମ୍ବାଦିକ କୈଳାସ ସାହୁ, ସୁଶୀଲ ବାଗ, ସନ୍ତୋଷ ତ୍ରୁଳ, ଗୋପାଳଦାସ ମହାନନ୍ଦ, ଏମ. ଚନ୍ଦ୍ରଶେଖର, କ୍ଷମାନିଧି ମହାଖୁଡ଼, ଧର୍ମେନ୍ଦ୍ର ପଣ୍ଡା, ସମାଜସେବୀ ହରିଶଙ୍କର ପାତ୍ର, ଲମ୍ବୋଦର ପ୍ରଧାନ, ଧବଳେଶ୍ୱର ଠେଲା, କିଶୋର ଘଡେଇଙ୍କ ସହିତ ଅନ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଚଳିତ ବର୍ଷ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବକୁ ଦୁଇଦିନ ଧରି ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା।

# ଡୁର୍କେଲ୍ ବ୍ରିଜ ନିର୍ମାଣ ଦାବିରେ ଧାରଣା




**ଭବାନୀପାଟଣା, ୧୧।୧୨(ସମିସ):** ଡୁର୍କେଲ ବ୍ରିଜ ଉପରେ ଯାନବାହାନ ଚଳାଚଳ ବନ୍ଦ କାରଣରୁ ସଦର ବ୍ଲକ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି। ଭବାନୀପାଟଣା-ନୂଆପଡ଼ା ସଂଯୋଗ କରୁଥିବା ରାଜ୍ୟ ରାଜପଥ ୧୬ ର ଡୁର୍କେଲ୍ ବ୍ରିଜ ଗତ ସେପ୍ଟେମ୍ବର ୨୭ ତାରିଖରେ ଫାଟ ଆସିବା ସହିତ ଦବି ଯାଇଥିଲା। ପରେ ଅକ୍ଟୋବର ୫ ତାରିଖରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ରିପୋର୍ଟ ପରେ ବ୍ରିଜ ଉପରୁ ଚାରି ଚକିଆ ଯାନବାହନ ସହ ଭାରି ଯାନ ଗମନାଗମନ ବନ୍ଦ କରାଯାଇଥିଲା। ଯାହା ଦ୍ୱାରା ଭବାନୀପାଟଣା ସଦର ବ୍ଲକର କିଛି ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ତଥା ଜିଲ୍ଲା ସଦର ମହକୁମା ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଲ ବନ୍ଦ ଯୋଗୁଁ ସେମାନେ ଏବେ ୩୦ କିଲୋମିଟର୍ ଦୂର ରାସ୍ତାଦେଇ ବୁଲି କି ଯିବାକୁ ପଡୁଛି।ଏହି ରାସ୍ତା ନୂଆପଡ଼ା ସହିତ ରାୟପୁରକୁ ମଧ୍ୟ ସଂଯୋଗ କରୁଛି। ତେଣୁ ଏହି ରାସ୍ତାରେ ଯାତାୟତ ବନ୍ଦ ହେବା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଡୁର୍କେଲ୍ ବ୍ରିଜ ତୁରନ୍ତ ନିର୍ମାଣ ଦାବି ଓ ଗାଡି ଚଳାଚଳ ପାଇଁ ଗୁରୁବାର ଠାରୁ ଭବାନୀପାଟଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଡୁର୍କେଲ ବ୍ରିଜ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଏହାକୁ ନେଇଁ ବୁଧବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ସେହିପରି ସ୍ଥାନୀୟ ବିଧାୟକ ସାଗର ଚରଣ ଦାସ ଗତ କିଛି ଦିନ ତଳେ ଏହି ବ୍ରିଜ ପରିଦର୍ଶନ କରିବା ସହ ତୁରନ୍ତ ବ୍ରିଜ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି।ତେବେ ବ୍ରିଜ ନିର୍ମାଣ ନ ହେଲା ଯାଏଁ କିମ୍ବା କୌଣସି ସମାଧାନର ବାଟ ପ୍ରଶାସନ ପକ୍ଷରୁ ନ ମିଳିଲା ଯାଏଁ ଏହି ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ଜିଲ୍ଲା ଉପସଭାପତି ଧନୁର୍ଦ୍ଧର ଗହୀର, ଉଛବ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ବ୍ଲକ ସଭାପତି ସୁବାଷ ପ୍ରଧାନ, ବିଧାୟକ ପ୍ରତିନିଧି କୁଞ୍ଜ ବିହାରୀ ସାହୁ, କେଦାର ସାହୁ, ଆଲୋକ ପଟେଲ, କୁନାଲ ଜୁଆଡ଼, ହାତିରାମ ଜୁଆଡ଼, ଗଣେଶ ଛତ୍ରିଆ, ଲବ ମଙ୍ଗରାଜ, କେଶବ ନାଏକ, ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ା ବ୍ଲକ୍‌ରେ 'ଜୁହାର' କାର୍ଯ୍ୟକ୍ରମ

## ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ସଚେତନତା




**ନୂଆପଡ଼ା, ୧୧।୧୨(ସମିସ):** ନୂଆପଡ଼ା ବ୍ଲକ ସାଇପଲା ପଞ୍ଚାୟତରେ ଅଭିନବ କାର୍ଯ୍ୟକ୍ରମ 'ଜୁହାର' ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ହିତାଧୀକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଦୀର୍ଘ ଦିନ ଧରି ନିର୍ମାଣ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ବହୁ ହିତାଧୀକାରୀ ଆବାସ ନିର୍ମାଣ କରୁନାହାନ୍ତି କିମ୍ବା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରୁ ନାହାନ୍ତି। ଫଳରେ ପ୍ରଶାସନ ଉପରେ ଚାପ ସୃଷ୍ଟି ହେବା ସହିତ ନୂତନ କୋଟା ପୂରଣ ପାଇଁ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଜି କ୍ଷମାନିଧି ଭୋଇ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସକ) ଜିଲ୍ଲା ପରିଷଦ, ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ, ୱାର୍ଡ଼ମେମ୍ବର ତୋଷ କୁମାର ସାହୁ, ବିପିସି ଆର୍‌ଏଚ୍ ସଚିନ କୁମାର ପାଢ଼ୀ, ପିଇଓ ପବନ କୁମାର ପଟେଲ, ଜିଆର୍‌ଏସ୍ ନାଗେଶ ସାହୁଙ୍କ ସମ୍ମିଳିତ ଉଦ୍ୟମକ୍ରମେ ଅଭିନବ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଢୋଲ, ନିଶାଣ, ତାସା, ଘଣ୍ଟ ମାଡ ସହିତ ଅଧିକାରୀ ମାନେ ଘରକୁ ଘର ବୁଲି ହାତ ଯୋଡ଼ି ବିନମ୍ର ଭାବରେ ହିତାଧିକାରୀଙ୍କୁ ନିବେଦନ କଲେ ଯେ ଆର୍‌ଏଚ୍ ଯୋଜନାରେ ପ୍ରାପ୍ତ ଆବାସଗୁଡ଼ିକୁ ସେମାନେ ଶୀଘ୍ର ନିର୍ମାଣ କରି ସେମାନଙ୍କ ସ୍ୱପ୍ନର ଘରକୁ ବାସ୍ତବରେ ପରିଣତ କରନ୍ତୁ। ହିତାଧିକାରୀଙ୍କୁ ମାଳା ଅର୍ପଣ କରି ସମ୍ମାନର ସହ ସେମାନଙ୍କୁ ଘର ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାପାଇଁ ପ୍ରେରିତ କରାଗଲା।

# ମା' ସାରଦା ଦେବୀଙ୍କ ଜନ୍ମ ଉତ୍ସବ

**ମ.ରାମପୁର, ୧୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମ ପରିସରରେ ମା'ସାରଦା ଦେବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ପ୍ରାତଃରୁ ପୂଜା ହୋମ ସମାପନ ପରେ ସ୍ୱାମୀ ଅଶୋକାନନ୍ଦଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ପୁରୋହିତ, ମୁଖ୍ୟବକ୍ତା ଭାବେ ସୁଶ୍ରୀ ସରସ୍ୱତୀ ମିଶ୍ର, ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ ଯୋଗ ଦେଇ ମା'ସାରଦା ଦେବୀଙ୍କ ଜୀବନାଦର୍ଶ ଓ ବାଣୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାର ପ୍ରାରମ୍ଭରେ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା। ମଞ୍ଚସୀନ ଅତିଥିଙ୍କ ଦ୍ୱାରା ଆଶ୍ରମର ପ୍ରାଚୀର ପତ୍ରିକା ଶିଖା ଉନ୍ମୋଚିତ ହୋଇଥିଲା। ଉକ୍ତ ସଭାକୁ ଆଶ୍ରମର ବଟ କିଶୋର ପ୍ରଧାନ ସଂଯୋଜନା କରିଥିବା ବେଳେ ଉମାକାନ୍ତ ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମାନବ ଅଧିକାର ଦିବସ ପାଳିତ

**ଭବାନୀପାଟଣା, ୧୧।୧୨ (ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼.ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ଆକାଡେମୀକ ବର୍ଷର ହେମନ୍ତ କୁମାର ମାଝୀ ଯୋଗ ଦେଇଥିଲେ। ଦିବସ ପାଳନର ଉଦ୍ଦେଶ୍ୟ ଓ ସମାଜରେ କିପରି ଲୋକଙ୍କ ଉପରେ ଅତ୍ୟାଚାର ଓ ଆକ୍ରମଣ ଘଟି ଚାଲିଛି ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ଼.ଜେନା ଦିବସ ପାଳନର ଉଦ୍ଦେଶ୍ୟ ତଥା ଲିଙ୍ଗଗତ ଭେଦ, ଜାତିବାଦ, ବର୍ଣ୍ଣ ବୈଷମ୍ୟ କିପରି ସମଗ୍ର ବିଶ୍ୱରେ ଦେଖାଦେଇଥିଲା ଏବଂ ବର୍ତ୍ତମାନ ମଧ୍ୟ ସମାଜରେ ରହିଥିବା କଥା ଆଲୋଚନା କରିଥିଲେ। ଅଧ୍ୟାପିକା ଡ଼.ସୁରେଶ୍ୱରୀ ବାଘ, ସୁଜାତା ସାହୁ, ଅଧ୍ୟାପକ ଡ଼. ଶୁଭମ ତ୍ରିପାଠୀ ଏବଂ ଛାତ୍ରୀ ଝରଣା ନାଏକ ଓ ସୁନିତା ସାହୁ ଦିବସ ସମ୍ପର୍କରେ ସମ୍ୟକ ଆଲୋଚନା କରିଥିଲେ। ଶେଷରେ ଡକ୍ୟୁମେଣ୍ଟାରୀ ଫିଲ୍ମ ଇଣ୍ଡିଆ ଅନଟଚେଡ୍ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଗଣ ଓ କର୍ମଚାରୀ ଯୋଗଦାନ କରିଥିଲେ।

# ଦେବାଶିଷ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ




**କୋକସରା, ୧୧।୧୨(ସମିସ):** କୋକସରା ବ୍ଲକ କାଉଡୋଲା ୟଙ୍ଗ୍ ଷ୍ଟାର୍ ଆସୋସିଏସନ ପକ୍ଷରୁ ଗୁରୁବାର ଦେବାଶିଷ ମେମୋରିଆଲ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସୁରଥ ସରାବୁ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଣେଶ ସତନାମି, ରଜନୀକାନ୍ତ ସରାବୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସିଉନି ଓ ଡୁଡୁକାଠେଙ୍ଗା ମଧ୍ୟରେ ଖେଳ ହୋଇଥିଲା। ସିଉନି ୧୦ ଓଭର୍‌ରେ ୧୩୮ ରନ୍ ସଂଗ୍ରହ କରିଥିବା ବେଳେ ଡୁଡୁକାଠେଙ୍ଗା ୯ ୱିକେଟ ହରାଇ ୧୧୮ ରନ ସଂଗ୍ରହ କରି ପରାଜୟ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ସିର୍ଲିଗୁଡା ବନାମ ରଏନଗୁଡା ମଧ୍ୟରେ ହୋଇଥିଲା। ରଏନଗୁଡା ଦଳ ୬ ଓଭର୍ ରେ ମ୍ୟାଚ୍ ବିଜୟ ହୋଇ ଥିଲେ। ଶୌରଭ ସରାବୁ, ପିଣ୍ଟୁ କୋଟିଆ, ବସନ୍ତ ସରାବୁ, ଜନନ ସତନାମି ଅମ୍ପିୟାର ଭାବେ ରହି ଖେଳ ପରିଚାଳନା କରିଥିଲେ। ସ୍କୋରର ଅନିଲ ନାଏକ ଓ କେଶବ ମାଝୀ ରହିଥିବାବେଳେ ସୌରଭ ଓ ତୋଫାନ ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ। ୟଙ୍ଗ୍ ଷ୍ଟାର୍ ଆସୋସିଏସନର ଆକାଶ ନାଏକ, ଅନନ୍ତ ସରାବୁ, ପିଣ୍ଟୁ ସତନାମି, ବିରେନ୍ଦ୍ର ରଣା, ନିମାଇଁ ସତନାମି, ଚିତ୍ତରଞ୍ଜନ ସରାବୁ, ହରେକୃଷ୍ଣ ସରାବୁ, କରନ ପିଣ୍ଟୁ, ମନୋଜ, ଜଗା, ନୂତନ, ଅଜିତ, କେଶବ, ଆନନ୍ଦ, ହିମାଂଶୁ, ଶୁଭମ, ପ୍ରମୁଖ ସହଯୋଗ କରିଥିଲେ।

ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

ବାର୍ତ୍ତା



ମହୋତ୍ସବ-୨୦୨୫ର ଶୁଭକାମନା

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା,ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିର୍ଲି ଠାରେ ଆସନ୍ତା ଡିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି।



ଡ଼ଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା
ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା



କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା



ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା

## ଜିଲ୍ଲାପାଳଙ୍କ କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା

# ପଞ୍ଚାୟତରେ ହେବ ଆଦର୍ଶ କୃଷି ଗ୍ରାମ

ନୂଆପଡ଼ା, ୧୧।୧୨(ସମିସ)



ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରି ବିଭାଗର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାରେ କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ଜିଲ୍ଲା ପ୍ରଶାସନ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଜିଲ୍ଲାର ସମସ୍ତ ପଞ୍ଚାୟତ ସଦର ମହକୁମା ଗ୍ରାମକୁ ଆଦର୍ଶ କୃଷି ଗ୍ରାମରେ ପରିଣତ କରିବାକୁ ଆଜି ଜିଲ୍ଲାପାଳ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ୧୩୧ପଞ୍ଚାୟତ ସଦର ମହକୁମାଗ୍ରାମକୁ ଆଦର୍ଶ କୃଷି ଗ୍ରାମ ଭାବରେ ଗ୍ରହଣ କରାଯିବ। ଏହି ଗ୍ରାମଗୁଡିକରେ ସମସ୍ତ କୃଷି ଓ ଆନୁଷଙ୍ଗିକ ବିଭାଗ ସମ୍ବନ୍ଧିୟ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଗ୍ରାମଗୁଡିକରେ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। କୃଷି ଏବଂ ସଂଲଗ୍ନ ବିଭାଗକୁ ଆଦର୍ଶ କୃଷି ଗ୍ରାମ ପାଇଁ ଏସଓପି ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦର୍ଶ ଗ୍ରାମ ଗୁଡ଼ିକୁ ଅନୁସରଣ କରି ଅନ୍ୟ ଗ୍ରାମ ଗୁଡ଼ିକ ମଧ୍ୟ ପର୍ଯ୍ୟାୟ କ୍ରମେ ସମୃଦ୍ଧ ହୋଇ ପାରିବେ। ଏହି ଅବସରରେ, କୃଷକ ରେଜିଷ୍ଟ୍ରି, ସିଏମ କିଷାନ, ପିଏମ କିଷାନ ହିତାଧୀକାରୀ ଚୟନ, ଫସଲ କାଟିବା ଇତ୍ୟାଦି ସମସ୍ତ ଯୋଜନାର ସମୀକ୍ଷା କରାଯାଇଛି।ସମୀକ୍ଷା ବୈଠକରେ ଯୁନାନି ଗ୍ରାମର ଜଣେ ସଫଳ ଚାଷୀ ଲୋକନାଥ ଖରସେଲଙ୍କୁ ଜିଲ୍ଲାପାଳ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଖରସେଲ ଧାନ, କପା, ମୁଗ, ବିରି ଇତ୍ୟାଦି ସମନ୍ୱିତ ଚାଷ କରି ନିଜ ଜମିରୁ ବାର୍ଷିକ ୪/୫ ଲକ୍ଷ ଟଙ୍କା ରୋଜଗାର କରି ପାରୁଛନ୍ତି। ସେ ଅନ୍ୟ ଚାଷୀମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମୀକ୍ଷା ବୈଠକରେ ଏଡିଏଓ, ଖରିଆର ସୋମନାଥ ମହାପାତ୍ର, ବିଏଓ, ନୂଆପଡ଼ା, ବୋଡେନ, ଖରିଆର, ସିନାପାଲି ପ୍ରମୁଖ ଏବଂ ଅନ୍ୟ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ। ସମନ୍ୱିତ କୃଷି ମାଧ୍ୟମରେ କୃଷକ ତଥା ପ୍ରବାସୀ ଶ୍ରମିକଙ୍କ ଜୀବନରମାନ ଉନ୍ନତ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

# କଳାହାଣ୍ଡି ଗ୍ରାମସଭା ମହାସଂଘର ପଦଯାତ୍ରା ଓ ଗଣଧାରଣା




**ଭବାନୀପାଟଣା, ୧୧।୧୨(ସମିସ):** କଳାହାଣ୍ଡି ଗ୍ରାମସଭା ମହାସଂଘର ଜିଲ୍ଲାସ୍ତରୀୟ ପଦଯାତ୍ରା ଓ ଗଣଧାରଣା ଗୁରୁବାର ଭବାନୀପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ହୋଇଥିଲା। ପରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜଙ୍ଗଲ ଅଧିକାର ଆଇନ -୨୦୦୬ ପ୍ରାବଧାନକୁ ବିରୋଧାଭାଷୀ ସୃଷ୍ଟି କରୁଥିବା ଓଡ଼ିଶା ଅବକାରୀ ମହୁଲ ନିୟନ୍ତ୍ରଣ ଆଇନ ୧୯୮୧, ଓଡ଼ିଶା କାଠ ଓ ଅନ୍ୟ ଜଙ୍ଗଲଜାତ ଦ୍ରବ୍ୟ ପରିବହନ ଅନୁମତି ନିୟମ ୧୯୮୦, ଓଡ଼ିଶା କେନ୍ଦୁପତ୍ର ବ୍ୟବସାୟ ନିୟନ୍ତ୍ରଣ ଆଇନ ୧୯୬୧ ଆଦି ଗୁଡିକୁ ଓଡ଼ିଶା ସରକାର ତୁରନ୍ତ ସଂଶୋଧନ କରିବାକୁ ଦାବି କରାଯାଇଛି। ସେହିପରି ଜଙ୍ଗଲ ଅଧିକାର ଆଇନ- ୨୦୦୬ ପ୍ରାବଧାନ ଅନୁସାରେ ମହୁଲ, କେନ୍ଦୁପତ୍ର ଓ ବାଉଁଠ ଆଦି ସମସ୍ତ ଲଘୁବନଜାତ ଦ୍ରବ୍ୟକୁ ସଂଗ୍ରହ ଓ ବିକ୍ରୟ କରିବାରେ ଗ୍ରାମସଭାର ରହିଥିବା ଆଇନଗତ କର୍ତ୍ତୃତ୍ୱ, ମାଲିକାନା ଓ ଅଧିକାର ସମ୍ପର୍କରେ ଅବକାରୀ ବିଭାଗ, ପୁଲିସ ବିଭାଗ ଓ ବନ ବିଭାଗର କର୍ମଚାରୀମାନଙ୍କୁ ସଚେତନ କରି ଗ୍ରାମସଭାମାନଙ୍କୁ ସହଯୋଗ, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଞ୍ଚଳରେ ରହିଥିବା ଅମଳ ଯୋଗ୍ୟ ସମସ୍ତ କାଠ ଗ୍ରାମସଭାର ନିଜସ୍ୱ ଗୋଷ୍ଠୀ ଜଙ୍ଗଲ ସମଳର ଅମଳ ନୀତିର ପରିସରଭୁକ୍ତ ରହିଥିବା ବିଷୟରେ ବନ କର୍ମଚାରୀଙ୍କୁ ସଚେତନ କରିବା, ସରକାରଙ୍କ ଦ୍ୱାରା ଚିହ୍ନିତ କଳାହାଣ୍ଡି ଜିଲ୍ଲାରେ ଥିବା ସମସ୍ତ ୧୭୭୧ ସମ୍ଭାବ୍ୟ ଯୋଗ୍ୟ ଗ୍ରାମଗୁଡ଼ିକର ଜଙ୍ଗଲ ଅଧିକାର ଗୁଡ଼ିକୁ ଅତି ଶୀଘ୍ର ଶିରୋନାମା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ପୂରଣ ପାଇଁ ସମ୍ପାଦକ ବ୍ୟାସଦେବ ମାଝୀ ଏବଂ ତିଳମଣି ବେମାଲ ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଗାଁ ଲୋକଙ୍କ ପ୍ରଚେଷ୍ଟାରେ ସବୁଜିମା ସାଲେପାହାଡ଼

ଧର୍ମଗଡ଼, ୧୧।୧୨(ସମିସ)



ଗାଁ ଲୋକଙ୍କ ପ୍ରୟାସ ଓ ଚେଷ୍ଟା ବଳରେ ସାଲେପାହାଡ଼ ସୌନ୍ଦର୍ଯ୍ୟ ପୂର୍ଣ୍ଣ ହୋଇ ଉଠିଛି। ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଛଞ୍ଚାଣବାହେଲି ଗାଁ ଲୋକଙ୍କ ଏକତା ନିଷ୍ଠା ଓ ଉଦ୍ୟମ ଯୋଗୁଁ ଲଣ୍ଡା ପାହାଡ଼ ଏବେ ସବୁଜିମାରେ ପରିପୂର୍ଣ୍ଣ। ଗାଁ ପଶ୍ଚିମଦିଗର ମାତ୍ର ୫ଶହ ମିଟର ଦୂରରେ ଅବସ୍ଥିତ ସାଲେପାହାଡ଼। ଏହାର ଇତିହାସ କହିଲେ ଦିନେ ମୂଲ୍ୟବାନ ସାଲେ ଗଛରେ ଭରପୁର ରହିଥିବା ଯୋଗୁଁ ସାଲେପାହାଡ଼ ନାମରେ ପରିଚୟ ପାଇଥିଲା। ଅନ୍ୟପଟେ ପୂର୍ବରେ ସାହାଜଖୋଲ ଜଙ୍ଗଲର ଏକ ଅଂଶ ବିଶେଷ ଭାବେ ଜଡିତ ରହିଥିବା ଯୋଗୁଁ ସାଲେ ପାହାଡ଼ କୁହାଯାଇଥିବା ଅନେକ ଲୋକ କହନ୍ତି। ଦିନେ ଏହି ପାହାଡ଼ ଘଞ୍ଚ ଜଙ୍ଗଲ ରହିଥିବା ବେଳେ ବନ୍ୟ ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଥିଲା। କ୍ରମଶଃ ସ୍ୱାଧୀନତା ପରେ ପରେ ୧୯୬୦-୬୫ମଧ୍ୟରେ ଲୋକେ ଜଙ୍ଗଲ ରୁ ଗଛ କାଟିନେଇଥିଲେ। ଏପରିକି କାଠ ମାଫିଆ ସକ୍ରିୟହୋଇ ପ୍ରାୟ ୧୯୭୦-୭୫ବେଳ କୁ ପାହାଡ଼ ରୁ ମୂଲ୍ୟବାନ ଗଛକାଟି ନେଇଥିଲେ ଏବଂ ପାହାଡ଼ ସମ୍ପୂର୍ଣ୍ଣ ଭାବେ ଟଙ୍ଗରା ସଦୃଶ୍ୟ ହୋଇପଡ଼ିଥିଲା। ୧୯୮୦-୮୫ମସିହାରେ ଗାଁର ଅନେକ ବୁଦ୍ଧିଜୀବୀଙ୍କ ଭିତରେ ସାଲେପାହାଡ଼କୁ ପୁନଃ ସବୁଜଜିମା କରିବା ଉଦେଶ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ କୃଷ୍ଣଚନ୍ଦ୍ର ଭଇଁସାଲଙ୍କ ନେତୃତ୍ୱରେ ସାଲେପାହାଡ଼ର ସୁରକ୍ଷା ଓ ନବୀକରଣ ପାଇଁ ସଂକଳ୍ପ ନିଆଯାଇଥିଲା। ଏଥିରେ ସିନ୍ଧେଶ୍ୱର ଭଇଁସାଲ, ରାମଚନ୍ଦ୍ର ନାଗ, ଅଭିରାମ ଗୋପାଳ ଓ ଗଣ୍ଡାରାମ ସାହୁ ପ୍ରମୁଖ ଦାୟିତ୍ୱ ନେଇଥିଲେ।ନୂତନ ଭାବେ ବୃକ୍ଷରୋପଣ ସମେତ କଟା ହୋଇଥିବା ଗଛ ମୂଳ ର ଯତ୍ନ ନେଇ ଗାଁ ର ପ୍ରତ୍ୟେକ ମହିଳା ମାନେ ରୀତିମତ ପାଣି ଦେବା ଆରମ୍ଭ କରିଥିଲେ। ଏପରିକି ଗ୍ରାମବାସୀ ପର୍ଯ୍ୟାୟ ପର୍ଯ୍ୟାୟରେ ପାହାଡ଼କୁ ସୁରକ୍ଷା ଦେବା ପାଇଁ ଦଳ ଦଳ ଭାବେ ଜଗୁଆଳି ଦାୟିତ୍ୱ ନେଇଥିଲେ। ଠିକ ୧୯୯୦-୯୨ ମସିହାରେ ସାଲେପାହାଡ଼ ଗଛ ଉଠି ଆକୃତି ଆବରଣ କରିବା ଆରମ୍ଭ ହୋଇଥିଲା ଓ ୨୦୦୦-୨୦୦୨ବେଳକୁ ସମ୍ପୂର୍ଣ୍ଣ ସବୁଜଜିମା ପାଲଟି ଥିଲା। ବର୍ତ୍ତମାନ ସାଲେପାହାଡ଼ର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସାଙ୍ଗକୁ କମିଟି ଗଠନ କରାଯାଇଛି। ସ୍ୱର୍ଗତ କୃଷ୍ଣଚନ୍ଦ୍ର ଭଇଁସାଲଙ୍କ ନିଧନ ପରେ ଗାଁର ଯୁବଗୋଷ୍ଠୀ ଏହାର ଦାୟିତ୍ୱ ନେଇ ସାଲେପାହାଡ଼ର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଉପେନ୍ଦ୍ର ଭଇଁସାଲ, ପଙ୍କଜ ଗୋପାଳ ମହେଶ୍ୱର ଜୁଏଡ଼, ଗୋଲାପ ବାଗ, ହୁକିମ ଚନ୍ଦ୍ର ଭଇଁସାଲ, ପ୍ରଭାକର ଭଇଁସାଲ, ହର ପ୍ରସାଦ ହେର୍ଣ୍ଣା, ଡମ୍ବୁ ପୁଝାରି, ରାମେଶ୍ୱର ଦୁର୍ଗା, ଉପେନ୍ଦ୍ର ନାଗ, ମହେନ୍ଦ୍ର ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ ସାଲେ ପାହାଡ଼ ଦିନକୁ ଦିନ ଘଞ୍ଚ ଜଙ୍ଗଲ ସୃଷ୍ଟି ହେବା ସହ ସୌନ୍ଦର୍ଯ୍ୟ ବଢ଼ିବାରେ ଲାଗିଛି। ଏପରିକି ନାନା ପ୍ରକାର ବନ୍ୟ ଜନ୍ତୁ ବସବାସ କରୁଥିବା ନଜିର ହେଲାଣି।ଡିସେମ୍ବର ବେଳକୁ ଏଠାରେ ଲୋକଙ୍କ ବଣଭୋଜି ଆସର ଜମି ରହୁଥିବା ଦେଖିବାକୁ ମିଳିଛି। ତେବେ ଏହା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅଧୀନରେ ରହିଥିଲେ ହିଁ ତାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ହାତକୁ ନେଇ ନ ଥିବା କ୍ଷୁବ୍ଧ ପ୍ରକାଶ କରନ୍ତି ଗ୍ରାମବାସୀ।

# କେସିଙ୍ଗା ବ୍ଲକ୍‌ର ୧୩ ହଜାର ୮ ଶହ ୭୫ ଓ ଏନ୍‌ଏସିର ୩୦୩ ରାସନକାର୍ଡ

## ଅଧିକାରୀ ଜାଣି ନାହାନ୍ତି ରାସନକାର୍ଡ କଟିବ ନା ରହିବ

**କେସିଙ୍ଗା, ୧୧।୧୨(ସମିସ):** ଓଡ଼ିଶାର ସମୁଦାୟ ୩୦ ଜିଲ୍ଲା ମଧ୍ୟରୁ ସରକାରୀ କାଗଜପତ୍ର ଅନୁଯାୟୀ ଅନୁନ୍ନତ କେବିକେ ଜିଲ୍ଲା ମଧ୍ୟରୁ କଳାହାଣ୍ଡି ଜିଲ୍ଲା ଅନ୍ୟତମ।ଯାହାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ୭୭ ହଜାର। ସେଥିମଧ୍ୟରୁ ୩ ଲକ୍ଷ ୫୫ ହଜାର ୩୩୯ ପରିବାରର ୧୨ ଲକ୍ଷ ୫୯ ହଜାର ୩୮୧ ଜଣଙ୍କୁ ମାନେ ସମୁଦାୟ ଜନସଂଖ୍ୟାର ୮୦ ପ୍ରତିଶତ ଲୋକଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ମାଗଣାରେ ମୁଣ୍ଡ ପ୍ରତି ୫ କେଜି ଚାଉଳ ମିଳିଛି।ସେହିକ୍ରମରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ମଧ ପ୍ରାୟ ୮୫ ପ୍ରତିଶତ ଲୋକ ସରକାରଙ୍କ ମାଗଣା ଚାଉଳ ଯୋଜନାରେ ସାମିଲ ଅଛନ୍ତି। ହେଲେ ନୂତନ ବିଜେପି ସରକାର ଆସିବା ପରେ ରାସନକାଡ ପାଇଁ ଆଉଥରେ କେୱାଇସି ଆରମ୍ଭ କରାଯାଇ କେୱାଇସି କରିନଥିବା ଓ ଅଯୋଗ୍ୟ ବିବେଚିତ ଦର୍ଶାଇ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କ ରସାନ କରିବ ବୋଲି ସରକାର ଘୋଷଣା କରିଛନ୍ତି।ସେହିକ୍ରମରେ କେସିଙ୍ଗା ବ୍ଲକରେ ୯୫ ପ୍ରତିଶତରୁ ଅଧିକ




କାର୍ଡ ଧାରି କେୱାଇସି କରିସାରିଥିବା ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟରୁ ଜଣାପଡ଼ିଛି। କେସିଙ୍ଗା ଯୋଗାଣ ଅଧିକାରୀଙ୍କ କହିବା ଅନୁଯାୟୀ କେସିଙ୍ଗା ବ୍ଲକରେ ସମୁଦାୟ ୨୯ ହଜାର ୯ ଶହ ୮୨ ପରିବାର ପାଖରେ ରାସନକାର୍ଡ ଅଛି ହେଲେ ସେଥିମଧ୍ୟରୁ ପ୍ରାୟ ୪୬ ପ୍ରତିଶତ ରାସନକାର୍ଡ ପରିବାରମାନେ ୧୩ ହଜାର ୮ ଶହ ୭୫ ପରିବାର ସରକାରଙ୍କ ସନ୍ଦେହ ଘେରରେ ରହିଛନ୍ତି। ସେହିପରି କେସିଙ୍ଗା ଏନ୍‌ଏସିର ସମୁଦାୟ ୩ ହଜାର ୫ ଶହ ୭୮ ରାସନକାର୍ଡ ପାଇଥିବା ପରିବାର ମଧ୍ୟରୁ ୩ ଶହ ୩ ପରିବାର ସରକାରଙ୍କ ଅଯୋଗ୍ୟ କାର୍ଡ ଧାରକ ସନ୍ଦେହରେ ଅଛନ୍ତି ବୋଲି ଯୋଗାଣ ଅଧିକାରୀ ପ୍ରକାଶ କରିବା ସହିତ ସନ୍ଦେହର କାରଣ ମଧ କହିଛନ୍ତି। ଅଧିକାରୀଙ୍କ କହିବା ଅନୁସାରେ ସରକାରଙ୍କ ସନ୍ଦେହରେ ଥିବା ପରିବାର ସମସ୍ତେ ପ୍ରଧାନମନ୍ତ୍ରୀ ପିଏମ କିସାନ ମାନ ଧନ ଯୋଜନାରେ ସମସ୍ତେ ଟଙ୍କା ପାଇଥିବାରୁ ସମସ୍ତେ ସନ୍ଦେହ ଘେରରେ ରହିଛନ୍ତି।କେସିଙ୍ଗା ବ୍ଲକରୁ କେତେ ରାସନ କଟିବ ରିପୋର୍ଟ ବର୍ତ୍ତମାନ ପର୍ଯ୍ୟନ୍ତ ଆସିନାହିଁ କିମ୍ବା ପିଏମ କିଷାନ ଯୋଜନାରେ ଟଙ୍କା ପାଉଥିବା ପରିବାରର ରାସନକାର୍ଡ କଟିବ ବୋଲି କୁହାଯାଇ ପାରିବନାହିଁ କାରଣ ସେମିତି କିଛି ସରକାରୀ ଗାଇଡଲାଇନରେ ଉଲେଖ ନାହିଁ ବୋଲି ପ୍ରକାଶ କରିବା ସହ ସେମାନେ କେବଳ ସନ୍ଦେହରେ ଅଛନ୍ତି। କାହାର ରାସନକାର୍ଡ ବର୍ତ୍ତମାନ ପର୍ଯ୍ୟନ୍ତ କଟି ନାହିଁ ବୋଲି ଯୋଗାଣ ଅଧିକାରୀ କହିଛନ୍ତି।

■ ଡାଲଗୁମା ଦୁର୍ଘଟଣା ମୃତ୍ୟୁ ଘଟଣା

# ବାଇକ୍ ଆରୋହୀ ଯୁବକଙ୍କୁ କୋର୍ଟ ଚାଲାଣ





**କୋକସରା, ୧୧।୧୨(ସମିସ):** ଗତ ୩ ତାରିଖ ରାତିରେ ନିଆଁପୁଇଁବା ସମୟରେ ବାଇକ୍ ଧକ୍କା ଦେବାରୁ କୋକସରା ଥାନା ଡାଲଗୁମା ଗ୍ରାମର ଅଶୋକ କୁମାର ଚଣ୍ଡୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସହିତ ଥିବା ନରସିଂ ଚଣ୍ଡି ଗୁରୁତର ଆହତ ହୋଇଥିଲେ। ଏନେଇ କୋକସରା ଥାନାରେ ଗତ ୪ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଦୁର୍ଘଟଣା ଘଟାଇଥିବା ବାଇକ୍ ଓ ଯୁବକଙ୍କୁ ଥାନାକୁ ଅଣାଯାଇ ପଚରାଉଚୁରା ପରେ ଥାନା ବେଲ୍‌ବଣ୍ଡରେ ଛଡାଯାଇଥିଲା। ଏହି ଘଟଣାରେ ଗୁରୁବାର ମୃତକ ଓ ଗୁରୁତର ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟ ମାନେ ଥାନାରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଗିରଫ୍ କରିବା ସହିତ ଗୁରୁତରଙ୍କ ଚିକିତ୍ସା ସହାୟତା ଦେବାକୁ ଦାବି କରି ଥାନା ଆଗରେ ହୋହାଲ୍ଲା କରି ଧାରଣାରେ ବସିଥିଲେ। ଏହାପରେ ପୁଲିସ ସେମାନଙ୍କୁ ଦିର୍ଘ ସମୟଧରି ବୁଝାସୁଝା କରିଥିଲା।ଦୁର୍ଘଟଣା ଘଟାଇଥିବା ଡାଲଗୁମା ଗ୍ରାମର ରାହୁଲ ଧାରୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କୋକସରା ଥାନା ପକ୍ଷରୁ ସୂଚନା ମିଳିଛି।

# ଯୁକ୍ତ ଦୁଇ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**କଲମପୁର, ୧୧।୧୨(ସମିସ):** କଲମପୁର ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଧନ୍ଦା ମୂଳକ ବିଦ୍ୟାଳୟର ବାର୍ଷିକ କ୍ରିଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ବିରଞ୍ଚି ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍?ାବଧାନରେ ଆୟୋଜିତ ଏହି କ୍ରିଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଜଣାଶୁଣା ରାଜନିତିଜ୍ଞ ମହେନ୍ଦ୍ର ନାଥ ସାହୁ ଶୁଭ ଉଦଘାଟନ କରିଥିଲେ, ଏଥିରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶୁଭେନ୍ଦୁ କୁମାର ପଣ୍ଡା, ଶଙ୍କର୍ଷଣ ବେହେରା, ସୁରେନ୍ଦ୍ର କୁମାର ନାଏକ, ଶେଷଦେବ ନାଏକ ଯୋଗଦେଇ ଥିଲେ, ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ, ଏଥିରେ ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଜେଭଲିନ ଥ୍ରୋ, ମନ୍ଥର ଗତି ସାଇକେଲ ଚାଳନା, ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ କ୍ରିକେଟ ପ୍ରତିଯୋଗିତା, ଭଲିବଲ, କବାଡି ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଏହି କ୍ରିଡ଼ା ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଛି, ଶନିବାର ଦିନ ଉଦ୍‌ଯାପିତ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି, ଓଡ଼ିଆ ଅଧ୍ୟାପକ ଡୋଲେଶ୍ୱର ମାଝୀ ଓ ଯୁକ୍ତ ତିନି କଲେଜ କ୍ରୀଡା ଶିକ୍ଷକ ସୁରେନ୍ଦ୍ର ବେହେରା ଖେଳ ପରିଚାଳନା କରୁଥିବା ବେଳେ ବରିଷ୍ଠ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପରାମର୍ଶ ଦାତା ବିଭୁତି ଭୁଷଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ, ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।ଏହି କ୍ରିଡା ଉତ୍ସବ ବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ ଭିତରେ ଅନୁଷ୍ଠିତ କରାଯାଇଛି।ଶେଷରେ ଅଧ୍ୟାପିକା ମଧୁମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ଯନ୍ତ୍ରପାତି ମେଳା ପାଇଁ ପ୍ରସ୍ତୁତି

**ନୂଆପଡ଼ା, ୧୧।୧୨(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୫/୨୬ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମେଳା ଅନୁଷ୍ଠିତ ହେବ।ବୈଠକରେ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ମେଳାର ରୂପରେଖ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ କୃଷି ଯନ୍ତ୍ରପାତି ମେଳାର ସ୍ଥାନ, ତାରିଖ ଏବଂ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା।ମେଳା ଆସନ୍ତା ଜାନୁଆରୀ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୁଲିସ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।ପାଞ୍ଚ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ମେଳାରେ ଜିଲ୍ଲାର ସଫଳ କୃଷକମାନଙ୍କ ସଫଳତାର କାହାଣୀ ଏକ ନାଟକ ମାଧ୍ୟମରେ ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ମେଳାରେ କୃଷି ଓ ଆନୁସଙ୍ଗିକ ବିଭାଗର ୪୦ଟି ଷ୍ଟଲ ସ୍ଥାନ ପାଇବ। ପ୍ରତିଦିନ ବିଭିନ୍ନ ବ୍ଲକରୁ ୨୦୦ରୁ ଉର୍ଦ୍ଧ୍ୱ କୃଷକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ମେଳା ସହିତ ଶ୍ରୀ ଅନ୍ନ ମହୋତ୍ସବ ମଧ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଯାଇଛି।ପ୍ରସ୍ତୁତି ବୈଠକରେ ଲୋକସଭା ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଏଫଏଫଏ ଅଜୟ କୁମାର ମାରାଣ୍ଡି, ଡିଡିଏମ ନାବାର୍ଡ ସୁନାରାମ ମାଝି, ଏଡିଓ ଖଡିଆଳ ସୋମନାଥ ମହାପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ, ଏଇଇ ସନ୍ଦୀପ କୁମାର ଯୋଯୋ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, କୃଷି ଓ ଆନୁସଙ୍ଗିକ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ନାରାୟଣ ପ୍ରସାଦଙ୍କ ପରଲୋକ

**ଜୟପାଟଣା, ୧୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବରିଷ୍ଠ ସାମ୍ବାଦିକ ପ୍ରାଣରଞ୍ଜନ ବେହେରାଙ୍କ ବାପା ନାରାୟଣ ପ୍ରସାଦ ବେହେରାଙ୍କ ବିୟୋଗ ଘଟିଛି। ସ୍ୱର୍ଗତ



ବେହେରା ଜଣେ ଦକ୍ଷ ଖେଳ ପ୍ରଶିକ୍ଷକ ସାଙ୍ଗକୁ ଅନ୍ତ ରାଜ୍ୟ ଫୁଟବଲ ଖେଳର ପରିଚାଳନା କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଅନେକ ଜନହିତକର କାର୍ଯ୍ୟରେ ତାଙ୍କର ଅବଦାନ ରହିଛି। ବହୁଦିନ ଧରି ତାଙ୍କର ଦେହ ଅସୁସ୍ଥତା ଥିଲା। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା।ବୁଧବାର ସକାଳେ ଇହଧାମ ତ୍ୟାଗ କଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ବସନ୍ତ ମଞ୍ଜରୀ ବେହେରା, ପୁଅ, ବୋହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ତିନିପୁଅ ପ୍ରୀୟ ରଞ୍ଜନ, ପ୍ରାଣରଞ୍ଜନ ଓ ଚିତ୍ତରଞ୍ଜନ ବାପାଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପାଦନ କରିଥିବା ବେଳେ ବଡପୁଅ ପ୍ରୀୟ ରଞ୍ଜନ ମୁଖାଗ୍ନି ଦେଇଥିଲେ।

# ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ



**ନୂଆପଡ଼ା, ୧୧।୧୨(ସମିସ):** ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନପକ୍ଷ-୨୦୨୫ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି ଯେ ଆମ ସମାଜରେ ପ୍ରାଚୀନ କାଳରୁ ମହିଳାଙ୍କୁ ଉଚ୍ଚ ସମ୍ମାନ ଦିଆଯାଉଛି ଓ କିନ୍ତୁ ଅବିବାହିତ କନ୍ୟା ମା’ ହେବା ବିଷୟ ଉପରେ ସେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଅବିବାହିତ କନ୍ୟା ମା ହେବା ନାରୀଜାତି ପ୍ରତି ସବୁଠାରୁ ବଡ ହିଂସା ଅଟେ ଓ ସେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ଅବିବାହିତ ମା’ ମାନଙ୍କର ଉଚିତ ଥଇଥାନ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ ଲିଙ୍ଗ ଭିତ୍ତିକ ହିଂସାକୁ ଏକ ହାନିକାରକ କାର୍ଯ୍ୟ ବୋଲି ଅଭିହିତ କରିଥିଲେ। ଏସଡିପିଓ ସ୍ୱାଧୀନ ମିଶ୍ର ନିଜ ବକ୍ତବ୍ୟରେ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ସମସ୍ତ ମେଡ଼ିକାଲ୍ ଅଧିକାରୀ, ନର୍ସିଂ ଅଫିସର ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଲିଙ୍ଗ ଆଧାରରେ କୌଣସି ବ୍ୟକ୍ତି ବିରୁଦ୍ଧରେ କ୍ଷତିକାରକ କାର୍ଯ୍ୟକଳାପକୁ ଲିଙ୍ଗ ଭିତ୍ତିକ ହିଂସା ବୋଲି କୁହାଯାଏ। ଲିଙ୍ଗଭିତ୍ତିକ ହିଂସା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା, ଯାହାର ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରଭାବ ରହିଛି।

## ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

# ସହିଦ ରେଣ୍ଡୋ ମାଝୀ ସ୍ମାରକୀ ପ୍ରଥମ ବକ୍ତୃତାମାଳା

ଭବାନୀପାଟଣା, ୧୧।୧୨(ସମିସ)




କଳାହାଣ୍ଡିର ବରପୁତ୍ର ତଥା ଭାରତୀୟ ସ୍ୱାଧିନତା ସଂଗ୍ରାମରେ ସହିଦ ହୋଇଥିବା ରେଣ୍ଡୋ ମାଝୀଙ୍କ ସ୍ମୃତିରେ ‘ସହିଦ ରେଣ୍ଡୋ ମାଝୀ ସ୍ମାରକୀ ବକ୍ତୃତାମାଳା-୧’ ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଉଦ୍ୟମରେ ଚଳିତ ବର୍ଷ ଡିସେମ୍ବର ୧୦ ତାରିଖରୁ ସ୍ମାରକୀ ବକ୍ତୃତାମାଳାର ଶୁଭାରମ୍ଭ ହୋଇଅଛି। ରେଣ୍ଡୋ ମାଝୀ ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଘଞ୍ଚ ଅରଣ୍ୟ ଉର୍ଲାଦାନୀ ଗଡ଼ର ଏକ କନ୍ଧ ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ। ଆଦିବାସୀମାନେ ପ୍ରକୃତି ଉପାସକ ଓ ଭୂମ୍ୟାଧିକାରୀ। ଇଂରେଜମାନେ ଓଡ଼ିଶାକୁ ଆଗମନ କରିବାପରେ ଓଡ଼ିଶାର ସମସ୍ତ କ୍ଷମତା ନିଜ ହାତକୁ ନେଇଥିଲେ। ଜଳ, ଜମି, ଜଙ୍ଗଲର ସ୍ୱତ୍ତ୍ୱ ଆଦିବାସୀମାନଙ୍କ ହସ୍ତରେ ନ୍ୟସ୍ତ ଥିଲା। କାରଣ ପୂର୍ବ ପୁରୁଷାନୁକ୍ରମେ ସେମାନେ ଏହାରି ଉପରେ ନିଜର ଅଧିକାର ସାବ୍ୟସ୍ତ କରି ଆସୁଥିଲେ। ଇଂରେଜମାନେ ଆସିଲା ପରେ ସେ ସବୁକୁ ନିଜ ହାତକୁ ନେଇଗଲେ। ଫଳରେ ଜଙ୍ଗଲଜାତଦ୍ରବ୍ୟ ସଂଗ୍ରହରେ ନିଜର ଅଧିକାର ହରାଇଲେ। ଏଥିପାଇଁ ସେମାନଙ୍କୁ ଟିକସ ଦେବାକୁ ପଡ଼ିଲା। ଏଥିରେ କ୍ଷୁବ୍ଧ ହୋଇ ଉମରା ରେଣ୍ଡୋ ମାଝୀ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରି ସହିଦ ହୋଇଥିଲେ।ଏହି ସ୍ମୃତିରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିତରେ ଆଦିବାସୀ ସଂସ୍କୃତି, ଇତିହାସ ଓ ଭାରତୀୟ ସ୍ୱାଧିନତା ସଂଗ୍ରାମରେ କଳାହାଣ୍ଡିର ଅବଦାନ ବିଷୟରେ ଅବଗତ ହେବା ପାଇଁ ଉକ୍ତ ସ୍ମାରକୀ ବକ୍ତୃତାମାଳା ଆୟୋଜିତ ହୋଇଥିଲା। ପ୍ରତିବର୍ଷ ଏହି ସ୍ମାରକୀ ବକ୍ତୃତାମାଳା ରେଣ୍ଡୋ ମାଝୀଙ୍କ ସହିଦ ଦିବସରେ ଅନୁଷ୍ଠିତ ହେବ। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରି ନିଜ ଅଭିଭାଷଣରେ ସହିଦ ରେଣ୍ଡୋଙ୍କ ସ୍ମୃତିଚାରଣ କରିଥିଲେ। କୁଳସଚିବ ଡକ୍ଟର ଗୁଣନିଧି ନାଏକ ଉଦ୍‌ଘାଟନୀ ଅଭିଭାଷଣରେ କଳାହାଣ୍ଡିର ବରପୁତ୍ର ସହିଦ ରେଣ୍ଡୋ ମାଝୀଙ୍କ ଆତ୍ମୋତ୍ସର୍ଗ ବିଷୟରେ କହିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଧନଞ୍ଜୟ କୁମାର ସହିଦ ରେଣ୍ଡୋ ମାଝୀ ବକ୍ତୃତାମାଳାର ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିବା ବେଳେ ସହକାରୀ ପ୍ରଫେସର ଚିରଞ୍ଜିବି ଶବର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଅବସରପ୍ରାପ୍ତ ପ୍ରଫେସର ଜଗନ୍ନାଥ ଦାସ ମୁଖ୍ୟଅତିଥି ରୂପେ ଉପସ୍ଥିତ ହୋଇ ‘ଆଦିବାସୀ ବିକାଶ: ମାନବଶାସ୍ତ୍ରୀୟ ପରିପ୍ରେକ୍ଷୀରେ ଏହାର ନୀତି ଓ ସ୍ଥାୟୀତ୍ୱ’ ସମ୍ପର୍କରେ ଆଲୋଚନା କରିଥିଲେ। ଯୁବ ଔପନ୍ୟାସିକ ଡିଲେଶ୍ୱର ରଣା ସମ୍ମାନିତ ଅତିଥିରୂପେ ଯୋଗଦେଇ ‘ରେଣ୍ଡୋ ମାଝୀ: ଭାରତୀୟ ସ୍ୱାଧିନତା ସଂଗ୍ରାମରେ କଳାହାଣ୍ଡିର ସ୍ୱର’ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଆଲୋଚନା ସମାପ୍ତ ହେବାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରି ଅତିଥି ଦୁଇଜଣଙ୍କ ପାଖରୁ ସନ୍ତୋଷଜନକ ଉତ୍ତର ପାଇଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ମଧୁଲିକା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର କୁମୁଦ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥଲେ। ଏହି ବକ୍ତୃତାମାଳାରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କେସିଙ୍ଗା ବୁଢ଼ାରଜା କପ୍ କ୍ରିକେଟ ତୃତୀୟ ଦିନ

# ସେମିଫାଇନାଲରେ କେସିଙ୍ଗା



**କେସିଙ୍ଗା, ୧୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ର ମର୍ଣ୍ଣିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମିନି ଷ୍ଟାଡିୟମରେ ରେ ହେଉଥିବା ଦ୍ୱିତୀୟ ବୁଢ଼ାରଜା ନକ ଆଉଟ୍ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନରେ ତିନୋଟି ମ୍ୟାଚ୍ ହୋଇଥିଲା ଦୁଇଟି ମ୍ୟାଚ୍ ଜିତି କେସିଙ୍ଗା ଦଳ ତୃତୀୟ ଟିମ୍ ଭାବରେ ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିଛି। ତୃତୀୟ ଦିନର ପ୍ରଥମ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବରେ ଆଦିବାସୀ ସଂଘ ସଭାପତି ଶେଷ ଦେବ ମାଝୀ ଯୋଗଦେଇଥିବା ବେଳେ ଦ୍ୱିତୀୟ ଖେଳର ମୁଖ୍ୟଅତିଥି ଭାବରେ କେସିଙ୍ଗା ସହରର ବିଶିଷ୍ଟ ସମାଜସେବୀ ତଥା କେସିଙ୍ଗାସ୍ଥିତ ମାନବ ସେବା ଟ୍ରଷ୍ଟର ପରିଚାଳକ ସଚିନ ଜୈନ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ କ୍ଲବ୍‌ର ସଭାପତି ବିଶ୍ୱରଞ୍ଜନ ମହଲା, ସମ୍ପାଦକ ମନୋଜ କଟା, କୋଷାଧ୍ୟକ୍ଷ ପିଣ୍ଟୁ ମହଲା ଓ କ୍ଲବ୍‌ର ଉପଦେଷ୍ଟା ଶିଲୁ ପରିଡ଼ା, ଶମ୍ଭୁ ବରର୍ତ୍ତି, ବଳରାମ ସୁନା, ପ୍ରମୋଦ କଟା, ଗଦାଧର ସିଂଦେଓ ଏବଂ ମକରଧ୍ୱଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଇସ୍ପାତ ନାଟ୍ୟ ମହୋତ୍ସବର ଦଶମ ସନ୍ଧ୍ୟା

# ନାଟକ 'ସୂର୍ଯ୍ୟୋଦୟ ପୂର୍ବେ' ମଞ୍ଚସ୍ଥ






**ରାଉରକେଲା, ୧୧।୧୨(ସମିସ)**

ଆର୍‌ଏସ୍‌ପି ଆନୁକୂଲ୍ୟରେ 'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଦଶମ ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ନାଟ୍ୟାନୁଷ୍ଠାନ ପ୍ରୟାସ ତରଫରୁ ନାଟକ 'ସୂର୍ଯ୍ୟୋଦୟ ପୂର୍ବେ' ମଞ୍ଚସ୍ଥ ହୋଇଯାଇଛି। ନାଟକର କାହାଣୀ ହେଉଛି ଫକୀର ମୋହନଙ୍କ 'ଡାକ ମୁନସୀ'ର ଚରିତ୍ର ଗୋପାଳ ଭଳି ଚରିତ୍ର ଯୁଗେଯୁଗେ ଆମ ସମାଜରେ ଦେଖା ଦିଅନ୍ତି ଓ ମନେ ପକାଇ ଦିଅନ୍ତି ଡାକ ମୁନସୀର ଚରିତ୍ରମାନଙ୍କୁ। ତେବେ ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ନାଟକ 'ସୁର୍ଯ୍ୟୋଦୟ ପୂର୍ବେ' ସମସ୍ୟା ଓ ସମାଧାନ ଉଭୟକୁ ଉପସ୍ଥାପନା କରାଯାଇଛି। ଗୋପାଳର ଭିନ୍ନ ରୂପରେ ଶାନ୍ତନୁ ପରିଲକ୍ଷିତ ହୋଇଥିଲା। ସନ୍ତାନ ଦ୍ୱାରା ପ୍ରତାଡ଼ିତ ପିତାମାତାଙ୍କ ଜୀବନର ଏହି ଘୋର ଅନ୍ଧକାର ରାତିର ସୁର୍ଯ୍ୟୋଦୟ କେମିତି ହୋଇଛି, ତାକୁ ନେଇ ଗତିଶୀଳ ହୋଇଛି ନାଟକ। ନାଟ୍ୟକାର ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ରଚିତ, ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଏହି ନାଟକ 'ସୂର୍ଯ୍ୟୋଦୟ ପୂର୍ବେ' ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସୁଶାନ୍ତ ଦଳାଇ ଓ ଦୀନେଶ ନନ୍ଦ। ମଞ୍ଚ ସଜ୍ଜାରେ ରମେଶ ସାହୁ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ଜୟନ୍ତ ମହାପାତ୍ର, ଶୁଭେନ୍ଦୁ ସାମଲ, ରାଜେଶ ରାୟ, ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ନିବେଦିତା ଜେନା, ସନ୍ତୋଷିନୀ ବାରିକ, ଗଙ୍ଗାଧର ରାଉତ, ଅଭିଳାଷ ସାହୁ, ବିଶ୍ୱଜିତ ଦାଶ, ରାମଚନ୍ଦ୍ର ଗୌଡ଼, ଅମିଶା ମିଶ୍ର, ଲକ୍ଷ୍ମୀ ନାରାୟଣ ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଗଙ୍ଗା ଜେନା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ଆରଏସପିର ପ୍ରାକ୍ତନ ଇଡି ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲାବେଳେ ଉଦ୍‌ଘାଟକ ଭାବେ ନଳିନୀପ୍ରଭା ପଟ୍ଟନାୟକ ଓ ଚିନ୍ମୟ ବିଦ୍ୟାଳୟର ଅଧକ୍ଷା ଶର୍ମିଷ୍ଠା କବି ଶତପଥୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ଧିରେନ ସେନାପତି ଯୋଗ ଦେଇଥିଲେ। ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଝିଲିମା ମହାନ୍ତି ସଂଯୋଜନା କରିଥିଲେ। ଏକତ୍ର ପକ୍ଷରୁ ଡା. କୃପାସିନ୍ଧୁ ନାୟକ, ରାଜୀବ ପାଣି, ଡ. ସମର ମୁଦାଲି, ପ୍ର. ପ୍ରଭାତ କୁମାର ମଲ୍ଲିକ, ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନାରେ ପ୍ରଳୟ ଶତପଥୀ, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଅକ୍ଷୟ ଧଳ, ନିରୁପମା ପତି, ଆଲୋକ ବୋଷ, ଡ. ସୁମନ ଦତ୍ତ, ପ୍ରବୀର ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୟାସ ଅନୁଷ୍ଠାନର ଗବେଷଣା ଧର୍ମୀ ନାଟ୍ୟ ପତ୍ରିକା 'ପୂର୍ବରଙ୍ଗ'ର ଲୋକନାଟକ ବିଶେଷଙ୍କୁ ଅତିଥିମାନେ ଲୋକାର୍ପଣ କରିଥିଲେ।

## ଡକାୟତି ଉଦ୍ୟମ ପଣ୍ଡ

# ୫ ଗିରଫ; ମାରଣାସ୍ତ୍ର ଜବତ



**ରାଉରକେଲା, ୧୧।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ପୁଲିସ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିବା ସହ ଏହି ଘଟଣାରେ ୫ ଜଣ ଡକାୟତଙ୍କୁ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ ସହ ମାରଣାସ୍ତ୍ର ଜବତ କରାଯାଇଛି। ସୂଚନା ମୁତାବକ ରାଜଗାଙ୍ଗପୁର ଥାନା ଅଧୀନ ଲିପଲୋଇ ନିକଟ ଅସ୍ଥାୟୀ ବିସର୍ଜନ ପୋଖରୀ ନିକଟରେ କିଛି ଦୁର୍ବୃତ୍ତ ଗତ ବିଳମ୍ବିତ ରାତିରେ ବଡ଼ଧରଣର ଡକାୟତି ଯୋଜନା କରୁଥିବାନେଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲେ। ଘଟଣା ସ୍ଥଳରୁ ୫ ଜଣ ଡକାୟତଙ୍କୁ ପୁଲିସ କାବୁ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଛୁରି, ଲୁହା ଛଡ଼, ଲଙ୍କା ଗୁଣ୍ଡ ପ୍ୟାକେଟ୍, ଡିଆସିଲି, ମାସ୍କ, ମୋବାଇଲ ଫୋନ ଆଦି ଜବତ କରାଯାଇଛି। ଗିରଫ ଡକାୟତମାନେ ରାଜଗାଙ୍ଗପୁରସ୍ଥିତ ସଜ୍ଜନ ପେଟ୍ରୋଲ ପମ୍ପରେ ଡକାୟିତି କରିବା ପାଇଁ ଏକତ୍ରିତ ହୋଇଥିବା କଥା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଆଜି ରାଜଗାଙ୍ଗପୁର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ବିଭୁତିଭୂଷଣ ଭୋଇ, ଆଇଆଇସି ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ସମସ୍ତ ଗିରଫ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଲାଗି ମକ୍‌ଡ୍ରିଲ୍

**ରାଉରକେଲା, ୧୧।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପ୍ରୋପେନ ପ୍ଲାଣ୍ଟ-୨ରେ ଅଗ୍ନିସୁରକ୍ଷା ଓ ଗ୍ୟାସ୍ ଲିକେଜ ଜନିତ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ମକଡ୍ରିଲ୍ ଆୟୋଜିତ ହୋଇଥିଲା। ଭେପୋରାଇଜର-୨ର ଇନଲେଟ ଭଲ୍ଭରେ ଗ୍ୟାସ ଲିକେଜ ଓ ତତ୍‌ଜନିତ ଅଗ୍ନିକାଣ୍ଡ ତଥା ଆହତଙ୍କ ଉଦ୍ଧାର ଯଥା କମ୍ବାଟ ଦଳ, ଉଦ୍ଧାରକାରୀ ଦଳ ଏବଂ ସହାୟକ ଦଳରେ ବିଭକ୍ତ କରାଯାଇଥିଲା। ଏହି ମକ୍‌ଡ୍ରିଲରେ ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଏଜିଏମ୍ ପ୍ରଣବ ପାଣିଗ୍ରାହୀ ଓ ସିନିୟର ମ୍ୟାନେଜର କେ.ମହାନ୍ତି କମ୍ବାଟ ଦଳର ନେତୃତ୍ୱ ନେଇଥିବା ବେଳେ ବିଭାଗର ଡିଜିଏମ ସି.ପି ବାସ୍କେ ଓ ଏଜିଏମ୍ ଏସ୍‌କେ ଦାସ ଉଦ୍ଧାରକାରୀ ଦଳର ନେତୃତ୍ୱ ନେଇଥିଲେ। ସେହିଭଳି ବିଭାଗର ଏଜିଏମ ଏସ୍‌କେ ପାଣିଗ୍ରାହୀ




କାର୍ଯ୍ୟର ଏକ କାଳ୍ପନିକ ଦୃଶ୍ୟକୁ ଆଧାର କରି ଏହି ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ବୈଧାନିକ ଆବଶ୍ୟକତାର ଅଂଶ ସ୍ୱରୂପ, ଆର୍‌ଏସ୍‌ପିର ଅନସାଇଟ୍ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରଭାବ ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ପ୍ରସ୍ତୁତି ମୂଲ୍ୟାଙ୍କନ ପାଇଁ ଏହି ଅଭ୍ୟାସ ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନରେ ଏହି ମକ୍‌ଡ୍ରିଲ୍ ଆରମ୍ଭ ହୋଇଥିଲା ଯାହା ସାଇଟ୍ ଇନ୍ସିଡେଣ୍ଟ ନିୟନ୍ତ୍ରକ, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ୍ ରୋଶନ ଖାଲକୋଙ୍କ ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣାଧୀନ ଘୋଷଣା ସହ ସମ୍ପନ୍ନ ହୋଇଥିଲା। ଏହି ମକଡ୍ରିଲରେ ସମଗ୍ର ଦଳକୁ ସମୁଦାୟ ତିନୋଟି ଦଳ ଓ ଏଜିଏମ୍ ପୁଷ୍ପାଞ୍ଜଳି ନାୟକ ସହାୟକ ଦଳର ନେତୃତ୍ୱ ନେଇଥିଲେ। ଏମ୍. ସୋଙ୍କୁସାରେ ଅଗ୍ନିଶମ ସେବା ବିଭାଗ ସହ ଏହି ଅଭ୍ୟାସରେ ସହଯୋଗ କରିଥିଲେ। ମାତ୍ର ୧୩ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ ଅଭ୍ୟାସ ସମାପ୍ତ ହୋଇଥିଲା। ଏହି ମକ୍‌ଡ୍ରିଲ୍‌ରେ ସୁରକ୍ଷା, ଅଗ୍ନିଶମ ସେବା, ଓଏଚ୍‌ଏସ୍‌ସି, ସିଆଇଏସ୍‌ଏଫ ଏବଂ ଅକ୍ସିଜେନ ପ୍ଲାଣ୍ଟ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ୍ ଇନଚାର୍ଜ ଏସ୍‌ଏସ୍ ସାଇନିଙ୍କ ମାର୍ଗଦର୍ଶନରେ ପୁଷ୍ପାଞ୍ଜଳି ନାୟକଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

## ଜୟ ଦୟାଲ ଡାଲମିଆଙ୍କ ଜନ୍ମ ବାର୍ଷିକୀ

# ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ 'ସେବା ଦିବସ' ପାଳିତ




**ରାଉରକେଲା, ୧୧।୧୨(ସମିସ):** ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଜୟଦୟାଲ ଡାଲମିଆଙ୍କ ୧୨୧ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ଭାରତରେ ବ୍ୟବସାୟ ପରିଚାଳନା ଅଞ୍ଚଳରେ ଗ୍ରୁପ୍‌ର ଉତ୍ପାଦନକାରୀ ୟୁନିଟ, ଆଞ୍ଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ 'ସେବା ଦିବସ' ପାଳନ କରାଯାଇଥିଲା। ଏହି ଅବସରରେ ଗ୍ରୁପ୍ ପ୍ରତିଷ୍ଠାତାଙ୍କର କରୁଣା, ବିନମ୍ର ଭାବ, ସଚ୍ଚୋଟତା ଏବଂ ସମାଜ ପ୍ରତି ସେବାର ସ୍ଥାୟୀ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ କରିଥିଲା। ଚଳିତବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା, ଯାହା ତାଙ୍କର ଦାୟିତ୍ୱ ସମ୍ପନ୍ନ ଅଭିବୃଦ୍ଧି ଏବଂ ପରିବେଶଗତ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲା। ଏଥିସହିତ ସେମାନେ 'ଅନ୍ନ ଦାନ'ର ଅଂଶଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡ଼ିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃବିକାଶମୂଳକ କାର୍ଯ୍ୟ କରିଥିଲେ। ସେହିପରି ଏହି 'ସେବା ଦିବସ' ପାଳନର ଅଂଶଭାବରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁରରେ ମଧ୍ୟ ଆୟୋଜିତ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ୨୦୦୦ରୁ ଅଧିକ ଜନସାଧାରଣ ଉପକୃତ ହୋଇଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ୧୧୦୬ ଚାରାରୋପଣ ଏବଂ ସୋଲାର ଆଣ୍ଡ ଇଲେକ୍ଟ୍ରିକାଲ ଲାବ୍ ଉଦ୍‌ଘାଟନ କରାଯାଇଥିଲା। ଗୋଷ୍ଠୀ ବିକାଶ ପ୍ରୟାସକୁ ସମର୍ଥନ କରିବା ନିମନ୍ତେ ୨୩ ଗ୍ରାମ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ଏବଂ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨୫୦୦ରୁ ଅଧିକ ଲୋକଶକ୍ତି (ଏକ୍ସିକ୍ୟୁଟିଭ, କର୍ମଚାରୀ, ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ସମେତ) ମଧ୍ୟ ଏହି କାର୍ଯ୍ୟକ୍ରମଗୁଡିକରେ ଅଂଶଗ୍ରହଣ କରିଥିଲେ। ସେହିପରି ଦକ୍ଷତା ବିକାଶ ଏବଂ ଗୋଷ୍ଠୀଗତ ପ୍ରଭାବରେ ଉତ୍କର୍ଷ ହାସଲ କରିଥିବା ୧୦ ଜଣ ଦୀକ୍ଷା ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ୧୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ରାଜଗାଙ୍ଗପୁର ଡିସିବିଏଲ୍ ଏବଂ ୟୁନିଟ ହେଡ, ନିର୍ବାହୀ ନିର୍ଦ୍ଦେଶକ ଚେତନ ଶ୍ରୀବାସ୍ତବ କହିଛନ୍ତି ଡାଲମିଆ ଭାରତରେ ସେବା ଦିବସ କେବଳ ଆମର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ ନୁହେଁ, ଏହା ତାଙ୍କର ଆଦର୍ଶଗୁଡିକର ଏକ ଜୀବନ୍ତ ପରିପ୍ରକାଶ। ଏହି ସପ୍ତାହରେ ହାତକୁ ନିଆଯାଇଥିବା ପ୍ରତ୍ୟେକ ପ୍ରୟାସ ଦାୟିତ୍ୱସମ୍ପନ୍ନ ସହିତ ନିର୍ମାଣକରିବା, ଗଭୀର ଭାବରେ ଯତ୍ନ ନେବା ଏବଂ ଆମକୁ ବଜାୟ ରଖିଥିବା ଜନସମୁଦାୟ ଓ ପରିବେଶ ବ୍ୟବସ୍ଥା ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବା ନିମନ୍ତେ ଉଦ୍ଦିଷ୍ଟ।

# ଆଇଜିଏଚ୍ ଦ୍ୱାରା କାନ୍ଧ ପ୍ରତ୍ୟାରୋପଣ ଅସ୍ତ୍ରୋପଚାର

**ରାଉରକେଲା, ୧୧।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ) ପ୍ରଥମଥର ପାଇଁ କାନ୍ଧ ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରି ଏହାର ଉନ୍ନତ ତଥା ସଫଳ ଚିକିତ୍ସା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ପଡ଼ିଯାଇ ବାମକାନ୍ଧ ଭାଙ୍ଗି ଯାଇଥିବା ଜଣେ ୭୩ ବର୍ଷୀୟା ମହିଳାଙ୍କ ଏହି ଅସ୍ତ୍ରୋପଚାର ସମ୍ପନ୍ନ କରାଯାଇଥିଲା। ରୋଗୀଙ୍କୁ ପ୍ରବଳ ଯନ୍ତ୍ରଣା ହେଉଥିଲା। ଶଲ୍ୟଚିକିତ୍ସା, ଯାହା କ୍ଷତିଗ୍ରସ୍ତ ହ୍ୟୁମେରାଲ୍ ହେଡ (କାନ୍ଧ ସନ୍ଧିର 'ବଲ')କୁ ଏକ କୃତ୍ରିମ ଅଙ୍ଗ ଉପକରଣ ସହିତ ବଦଳା ଯାଇଥାଏ। ଏହି ଅସ୍ତ୍ରୋପଚାରଟି ଅତିରିକ୍ତ ସିଏମ୍‌ଓ ତଥା ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡ. ଏସ୍.କେ ତିୱାରୀ, ପରାମର୍ଶଦାତା, ଡ. ଶେଷକାନ୍ତ ରାଉତ, ଡିଏନବି ଡ. ନମନ, ଏବଂ ଡ. ପ୍ରଶାନ୍ତଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଏହି ଅସ୍ତ୍ରୋପଚାରରେ ଆନେସ୍ଥେସିଆ ବିଭାଗର ଅତିରିକ୍ତ ସିଏମଓ ଡ. ବି.କେ ନାୟକ ଏବଂ ଅତିରିକ୍ତ



ଏକ ବିସ୍ତୃତ କ୍ଲିନିକାଲ୍ ମୂଲ୍ୟାଙ୍କନରୁ ତାଙ୍କର ହ୍ୟୁମେରାଲ୍ ହେଡରେ ଏକ ଗଭୀର ଫ୍ରାକ୍‌ଚର ଥିବା ଜଣାଯାଇଥିଲା ଏବଂ ସେ ଅଷ୍ଟିଓପୋରୋସିସ୍ ପୀଡ଼ିତା ଥିଲେ। ଏହି ଫ୍ରାକ୍‌ଚରଟି ଅତ୍ୟନ୍ତ ଜଟିଳ ଥିଲା ଏବଂ ତାଙ୍କର ହ୍ୟୁମେରାଲ୍ ହେଡ୍ ଭାଙ୍ଗି ବହୁ ଖଣ୍ଡରେ ବିଖଣ୍ଡିତ ହୋଇଥିଲା, ଯାହାଫଳରେ ପାରମ୍ପରିକ ଅସ୍ଥି ସଂଯୋଗୀକରଣ ସମ୍ଭବ ନ ଥିଲା। ସତର୍କତାର ସହିତ ମୂଲ୍ୟାଙ୍କନ ପରେ, ଅର୍ଥୋପେଡ଼ିକ୍ ଡାକ୍ତରୀ ଦଳ ସୋଲ୍ଡର ହେମିଆର୍ଥ୍ରୋପ୍ଲାଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଏକ ଏପରି ସିଏମଓ ଆନେସ୍ଥେସିଆ ତଥା ଆଇସିୟୁ ଇନ୍‌ଚାର୍ଜ ଡ. ସଞ୍ଜୁକ୍ତା ପାଣିଗ୍ରାହୀ ସହାୟତା କରିଥିଲେ। ଅପରେସନ ପରବର୍ତ୍ତୀ ଯତ୍ନ ଅତି ସତର୍କତାର ସହିତ ଯୋଗାଇ ଦିଆଯାଇଥିଲା ଏବଂ ରୋଗୀଙ୍କ ଅବସ୍ଥାରେ ନିରନ୍ତର ଉନ୍ନତି ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, କାନ୍ଧ ହେମିଆର୍ଥ୍ରୋପ୍ଲାଷ୍ଟି ସାଧାରଣତଃ ଅସ୍ଥିଶଲ୍ୟ, ରିଉମାଟଏଡ୍ ଆର୍ଥ୍ରାଇଟିସ୍, ଆଭାସ୍କୁଲାର୍ ନେକ୍ରୋସିସ୍ କିମ୍ବା ଜଟିଳ ଫ୍ରାକ୍‌ଚର ଭଳି ପରିସ୍ଥିତି ଯୋଗୁଁ ଗଣ୍ଠି କ୍ଷତି ହେଲେ ଏହି ଅସ୍ତ୍ରୋପଚାର କରା ଯାଇଥାଏ।

# ମଶାଣିରୁ ଶବ ଉଦ୍ଧାର କଲା ପୁଲିସ

**ରାଉରକେଲା, ୧୧।୧୨(ସମିସ):** ବନ୍ଧମୁଣ୍ଡା ଥାନା ଅଧୀନ ସେକ୍ଟର ଡି. ସ୍ଥିତ ମଶାଣିରୁ ଜଣେ ଯୁବକଙ୍କ ଶବକୁ ପୁଲିସ ଉଦ୍ଧାର କରିଛି। ମୃତକ ସେକ୍ଟର ସି. ଅଞ୍ଚଳର ନରେନ୍ଦ୍ର ପ୍ରସାଦ ବୋଲି ଜଣାପଡ଼ିଛି। ଗୁରୁବାର ସକାଳେ ଶବ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି। ଅପରପକ୍ଷେ ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି।

# ବେଆଇନ ପାର୍କିଂ ନେଇ ଜରିମାନା

**ରାଉରକେଲା, ୧୧।୧୨(ସମିସ):** ବାସନ୍ତୀ କଲୋନୀ ରାସ୍ତାରେ ବେଆଇନ ପାର୍କିଂ ନେଇ ଆର୍‌ଏମ୍‌ସି ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ଏହାସହ ଦୋକାନୀମାନଙ୍କୁ ତାଗିଦ୍ କରାଯାଇଛି। ସୂଚନା ମୁତାବକ, ସ୍ଥାନୀୟ ଭେଣ୍ଡିଂଜୋନଠାରେ ବିଭିନ୍ନ ଦୋକାନ ରହିଛି। ହେଲେ ସେଥିରୁ ଫାଷ୍ଟଫୁଡ୍ ଦୋକାନ ଗୁଡ଼ିକ ଅନ୍ୟତମ। ସନ୍ଧ୍ୟା ହେବା ମାତ୍ରକେ ଗ୍ରାହକଙ୍କ ଭିଡ଼ ଲାଗି ଥାଏ। ଯିଏ ଯେଉଁଠି ପାରିଲା ଗାଡ଼ି ଛିଡ଼ା କଲା। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଲୋକେ ଯାତାୟତରେ ବାଧା ଉପୁଜି ଥାଏ। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଥିବା ଜଣାପଡ଼ିଛି।

# ବରିଷ୍ଠ ସାମ୍ବାଦିକଙ୍କ ପରଲୋକ



**ରାଉରକେଲା/ବଣାଇଁ, ୧୧।୧୨ (ସମିସ) :** ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକର ବରିଷ୍ଠ ସାମ୍ବାଦିକ ଗୌତମ ବାରିକ(୫୬)ଙ୍କର ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ପରଲୋକ ଘଟିଛି। ସେ ଲହୁଣୀପଡ଼ା ବିଜେଡି ପୂର୍ବତନ ବ୍ଲକ ସଭାପତିଭାବେ କାର୍ଯ୍ୟ କରିବା ସହ ଏକାଧାରରେ ଜଣେ ସାମ୍ବାଦିକ, ସୁ-ସାହିତ୍ୟିକ, ସମାଜସେବୀ ଭାବେ ଲୋକପ୍ରିୟତା ହାସଲ କରିଥିଲେ। ବର୍ତ୍ତମାନ ରାଉରକେଲା ଜିଲ୍ଲା ବିଜୁ ଜନତା ଦଳ ସମ୍ପାଦକ ଭାବେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ, ମା, ଝିଅ, ପୁଅ, ଭାଇ ଓ ଭଉଣୀ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ତାଙ୍କର ମୃତଶରୀର ତାଙ୍କ ଗ୍ରାମ ଅର୍କେଇକଳା ଗ୍ରାମରେ ପହଞ୍ଚିବାପରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ରାଉରକେଲା ଜିଲ୍ଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାମ୍ବାଦିକ, ଆତ୍ମୀୟସ୍ୱଜନ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଅର୍କେଇକଳା ଗ୍ରାମରେ ଥିବା ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଭାଇଙ୍କ ପୁତ୍ର ଶୁଦ୍ଧଶଦ୍ଧ ବାରିକ ମୁଖାଗ୍ନି ଦେଇଥିଲେ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକାଙ୍କ ରାଉରକେଲା ଗସ୍ତ



**ରାଉରକେଲା, ୧୧।୧୨(ସମିସ) :** ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳର ଉପ ନିର୍ଦ୍ଦେଶିକା କଲ୍ୟାଣୀ ଦାଶ ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ପ୍ରଥମ ଦିବସରେ ରାଉରକେଲା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଶ୍ରୀମତୀ ଦାଶଙ୍କୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀମତୀ ଦାଶ ରାଉରକେଲା କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟାର, ଫାଇଲ ପତ୍ର ଆଦି ଦେଖିଥିଲେ ଓ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହା ବ୍ୟତୀତ ବଣାଇଁ ସ୍ଥିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ମଧ୍ୟ ସେ ସମୀକ୍ଷା କରିଥିଲେ। ଶ୍ରୀମତୀ ଦାଶଙ୍କୁ ବଣାଇଁ ଓ ରାଉରକେଲା କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବଗତ କରାଇ ଥିଲେ। ଏହା ବ୍ୟତୀତ ସେ ମହାନଗର ଗ୍ରନ୍ଥାଳୟରେ ପରିଚାଳିତ ସୂଚନା କେନ୍ଦ୍ର ତଥା ପାଠାଗାର ପରିଚାଳନା ଓ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ବଣାଇଁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ବିନିତା କର, ବଦ୍ରିନାଥ ରାଉତ, ପ୍ରଦୀପ ମଲ୍ଲିକ, ସୀତା ପ୍ରଧାନ ଓ ଏଡୱିନ ତିର୍କୀ ଉପସ୍ଥିତ ଥିଲେ।

## ଭାରୀଯାନ ତାଲିମ ଓ ଗବେଷଣା ପ୍ରତିଷ୍ଠାନରେ ନିଯୁକ୍ତି ମେଳା

# ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରୟାସ

**ବଣାଇଁ, ୧୧।୧୨(ସମିସ)**



ବଣାଇଁ ବ୍ଲକ ଅଧୀନ ଝିର୍ଡାପାଲି ଠାରେ ଅବସ୍ଥିତ ଥିବା ଓଡ଼ିଶା ସରକାରଙ୍କ ଦ୍ୱିତୀୟ ଭାରୀ ମୋଟର ଯାନ ତାଲିମ ଓ ଗବେଷଣା ପ୍ରତିଷ୍ଠାନରେ ନିଯୁକ୍ତି ମେଳା ଶିବିର ଆୟୋଜନ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ଦେବାଶିଷ ମହାନ୍ତିଙ୍କର ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭା ଭଞ୍ଜନ ସାମନ୍ତ ସିଂହାର ଯୋଗଦେଇ ନିଯୁକ୍ତି ମେଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର ଉପାଧକ୍ଷ ବିଦେଶୀ ବେହେରା ସ୍ୱାଗତ କରିଥିଲେ। ଏଥିରେ ଓଡ଼ିଶାର ଭୁବନେଶ୍ୱର, ଝାରସୁଗୁଡ଼ା, ଅନୁଗୁଳ, ସମ୍ବଲପୁର, ରାଉରକେଲା ଭଳି ବିଭିନ୍ନ ସହରରୁ ୨୦ରୁ ଉର୍ଦ୍ଧ୍ୱ ଅନେକ ନାମିଦାମୀ କମ୍ପାନୀ ସହ ସ୍ଥାନୀୟ ଶିକ୍ଷାନୁଷ୍ଠାନ, ବ୍ୟବସାୟୀକ ପ୍ରତିଷ୍ଠାନ, ଟ୍ରାଭେଲ ଏଜେନ୍ସିର ପ୍ରତିନିଧି ସାମିଲ ହୋଇଥିଲେ। ଏହି ପ୍ରତିଷ୍ଠାନ ଅନେକ ଯୁବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧିକରି ବର୍ତ୍ତମାନ ସୁଦ୍ଧା ୮୨୬ ଜଣ ଯୁବକଙ୍କୁ ନିଯୁକ୍ତି ମେଳା ମାଧ୍ୟମରେ ବିଭିନ୍ନ ସଂସ୍ଥାରେ ନିୟୋଜନ କରି ଆତ୍ମନିର୍ଭରଶୀଳ କରି ପାରିଛି। ଏହି ନିଯୁକ୍ତି ମେଳାରେ ୧୦୦ ଉର୍ଦ୍ଧ୍ୱ ଯୁବକ ବିଭିନ୍ନ ସଂସ୍ଥା ଦ୍ୱାରା ଚୟନ ହୋଇଥିବାବେଳେ ଆଗାମୀ ଦିନରେ ମଧ୍ୟ ଅଧିକରୁ ଅଧିକ ଯୁବକଙ୍କୁ ପ୍ରଶିକ୍ଷଣ ପରେ ସେମାନଙ୍କ ଯୋଗ୍ୟତାର ବାସ୍ତବ ମୂଲ୍ୟାଙ୍କନ କରି ସେମାନଙ୍କୁ ସ୍ୱାବଲମ୍ବୀ କରି ତାଙ୍କ ଜୀବନ ଧାରଣକୁ ସୁଗମ କରାଯିବ ବୋଲି ପ୍ରତିଷ୍ଠାନର ଅଧକ୍ଷ ପ୍ରକାଶ କରିଛନ୍ତି। ଦିବ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


**WALK-IN INTERVIEW**

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided

# ଚାଷକାର୍ଯ୍ୟକୁ କୃଷି ଶିଳ୍ପ ଭାବେ ଦେଖିବାକୁ ପଡ଼ିବ

ଝାରସୁଗୁଡ଼ା,୧୧।୧୨(ସମିସ)



କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମନମୋହନ ବିଦ୍ୟାଳୟ ଖେଳ ପଡିଆଠାରେ ଡିସେମ୍ବର ୭ରୁ ଆରମ୍ଭ ହୋଇଥିବା ୫ ଦିନିଆ ମେଳାରେ ଚାଷ କାର୍ଯ୍ୟକୁ ଲାଭଜନକ କରିବା ପାଇଁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ମୁଖ୍ୟ ସମୀରରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଉପ ଜିଲ୍ଲାପାଳ ଶ୍ରୀ ପଣ୍ଡା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଜମିର ପରିମାଣ ସୀମିତ କିନ୍ତୁ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଚାଷ କାର୍ଯ୍ୟକୁ 'କୃଷି ଶିଳ୍ପ' ଭାବେ ଦେଖିବାକୁ ପଡିବ ବୋଲି ସେ କହିଥିଲେ। କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି ବଜାର ସଂଯୋଗୀକରଣ ମାଧ୍ୟମରେ ଚାଷୀ ନିଜ ଆୟକୁ ବହୁଗୁଣିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀ ଦାସ ଯୁବ ଚାଷୀଙ୍କୁ କୃଷି କ୍ଷେତ୍ରରେ ଆଗେଇ ଆସିବା ପାଇଁ ଅନୁରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ, ପାଞ୍ଚ ଦିନିଆ ମେଳାରେ ବିଭିନ୍ନ ବିଭାଗର ୧୫ଟି ଷ୍ଟଲ୍ ଏବଂ ବିଭିନ୍ନ ଜିଲ୍ଲାରୁ ୩୫ଟି କୃଷିଯନ୍ତ୍ରପାତି ପ୍ରଦର୍ଶନୀ ଷ୍ଟଲ୍ ଲାଗିଥିଲା। ଜିଲ୍ଲାର ଚାଷୀ ଏହି ମେଳା ମାଧ୍ୟମରେ ବିଭିନ୍ନ କୃଷି ଉପକରଣ ରିହାତି ଦରରେ କିଣିବାର ସୁଯୋଗ ପାଇଥିଲେ। କୃଷି ଏବଂ ଆନୁଷଙ୍ଗିକ ବିଭାଗ ତଥା ପଶୁପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ପ୍ରତ୍ୟେକ ବ୍ଲକ୍‌ର ଜଣେ ଲେଖାଏଁ ଚାଷୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ସାଂସଦଙ୍କ ପ୍ରତିନିଧି ଅନିଲ ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦୟାସାଗର ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରି ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ବ୍ଲକ୍ କୃଷି ଅଧିକାରୀ ଅମ୍ରିତ ଲୁଗୁନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

● ମୋବାଇଲ ଦୋକାନରୁ ଚୋରି

## ସୁଧାର ଗୃହକୁ ଗଲେ ୫ ନାବାଳକ ଅଭିଯୁକ୍ତ

ଦେବଗଡ଼,୧୧।୧୨(ସମିସ): ତିଲେଇବଣି ବ୍ଲକ୍ ସଦର ମହକୁମାରେ ସ୍ଥିତ ପ୍ରଭାଶୁଣି ଗାଁର ସୁଶୀଳ ସାହୁଙ୍କ ମୋବାଇଲ ଦୋକାନରୁ ଗତ ସେପ୍ଟେମ୍ବର ୧୫ ତାରିଖ ରାତିରେ ହୋଇଥିବା ଚୋରି ଘଟଣାରେ ଚୋରଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି।

ଧରା ପଡିଥିବା ୫ ଜଣ ନାବାଳକ ୧୩ରୁ ୧୬ ବର୍ଷ ବୟସର ହୋଇଥିବା ଜଣାପଡିଛି। ଚୋରି ହୋଇଥିବା ୬ଟି ମୋବାଇଲ, ୨ଟି ଇୟରଫୋନ ଏବଂ ଗୋଟିଏ ଚାର୍ଜର ଉଦ୍ଧାର କରିବା ସହ ଏ ଘଟଣାରେ ଦେବଗଡ଼ ଥାନା ପୁଲିସ ୪ ଜଣଙ୍କୁ ଧରି କିଶୋର ନ୍ୟାୟ ପରିଷଦରେ ଉପସ୍ଥାପନ କରିବା ସହ ରାଉରକେଲା ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦେଇଛି। ଗତ ୧୫ ତାରିଖ ରାତିରେ ସୁଶୀଳଙ୍କ ମୋବାଇଲ ଦୋକାନର ଆଜବେଷ୍ଟସ ଖୋଲାଯାଇ ୬ଟି ମୋବାଇଲ, ୨ଟି ଇୟରଫୋନ ଏବଂ ଗୋଟିଏ ଚାର୍ଜର ଚୋରି ହୋଇଥିଲା। ଏନେଇ ଦୋକାନୀ ସୁଶୀଳ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଘଟଣାରେ ୪ ଜଣ ନାବାଳକ ସମ୍ପୃକ୍ତ ଥିବା ଏବଂ ଚୋରି ସାମଗ୍ରୀକୁ ଅନ୍ୟ ଜଣେ କ୍ରୟ କରିଥିବା ଜଣାପଡିଥିଲା। ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ଏଥିରେ ସେମାନେ ଦୋଷ ସ୍ୱୀକାର କରିଥିଲେ।

## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଦେବଗଡ଼,୧୧।୧୨(ସମିସ): ଦେବଗଡ଼ ଥାନା ଅଧୀନ ତିଲେଇମାଳ ଗାଁରେ ଗୁରୁବାର ଏକ ଦମ୍ପତି ମଧ୍ୟରେ ପାରିବାରିକ କଳହ କାରଣରୁ ସ୍ତ୍ରୀ ଜଣକ ବେକରେ ଶାଢ଼ୀ ବାନ୍ଧି ଗଛରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡିଛି। ତିଲେଇମାଳ ଗାଁର ରାମରାଇ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ସୁମିତ୍ରା ମୁଣ୍ଡା ମଧ୍ୟରେ କୌଣସି କାରଣରୁ ଗତ କିଛିଦିନ ଧରି ବିବାଦ ଲାଗି ରହିଥିଲା। ଗତକାଲି ରାତ୍ରିରେ ମଧ୍ୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କଥାକୁ କେନ୍ଦ୍ରକରି ବିବାଦ ହୋଇଥିଲା। ଫଳରେ ସୁମିତ୍ରା ଘର ପାଖ ଏକ ଗଛ ଡାଳରେ ବେକରେ ଶାଢ଼ୀ ବାନ୍ଧି ଝୁଲି ପଡିଥିଲେ। ଏ ସମ୍ପର୍କରେ ଦେବଗଡ଼ ଥାନା ପୁଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମାନସିକ ଅନଗ୍ରସର ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ଦେବଗଡ଼,୧୧।୧୨(ସମିସ): ଲଇମୁରା ଥାନାଞ୍ଚଳରେ ଜଣେ ମାନସିକ ଅନଗ୍ରସର ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଗୁରୁବାର ଜଣେ ୪୩ ବର୍ଷର ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଲଇମୁରା ଥାନାଞ୍ଚଳରେ ଜଣେ ୧୪ ବର୍ଷର ମାନସିକ ଅନଗ୍ରସର ନାବାଳିକା ଅନ୍ୟ ଜଣେ ନାବାଳିକାଙ୍କ ସହିତ ଗାଁ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଧୋଇବାକୁ ଆସିଥିବା ସାହାଜବାହାଲ ଗାଁର ଗାଁର ଅଭିରାମ ବୁଡ (୪୩) ମାନସିକ ଅନଗ୍ରସର ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକି ନେଇଥିଲା। ସାଙ୍ଗରେ ଥିବା ଅନ୍ୟ ନାବାଳିକା ଜଣକ ଏହାଦେଖି ପାଖରେ ଥିବା ନିଜ ଘରକୁ ଦୌଡି ପଳାଇବା ସହ ଘର ଲୋକଙ୍କୁ ସବୁକଥା ଜଣାଇଥିଲେ। ଖବର ପାଇ ପରିବାରର ଜଣେ ମହିଳା ଘଟଣାସ୍ଥଳକୁ ଆସି ଦୁଷ୍କର୍ମକାରୀ ଅଭିରାମ କବଳରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ତେବେ ଅଭିରାମ ସେଠାରୁ ଦୌଡି ଫେରାର ହୋଇ ଯାଇଥିଲା। ଏନେଇ ପୀଡିତାଙ୍କ ମା' ଗତ ୬ ତାରିଖ ଲଇମୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ଅଭିରାମ ବିରୁଦ୍ଧରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସେହିଦିନ ଠାରୁ ଅଭିରାମ ଫେରାର ଥିବାବେଳେ ପୁଲିସ ତାକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲା। ଗତକାଲି ତାକୁ ଗିରଫ କରିବା ସହ ଆଜି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିଲା। ମାତ୍ର ଜାମିନ ଆବେଦନ ଖାରଜ ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ସ୍ମାର୍ଟ ମଡେଲ ମଣ୍ଡି ପାଇଁ ସ୍ଥାନ ଚୟନ ବୈଠକ

ଝାରସୁଗୁଡ଼ା,୧୧।୧୨(ସମିସ): ଜିଲ୍ଲାରେ କୃଷିଜାତ ଦ୍ରବ୍ୟର ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ସ୍ମାର୍ଟ ମଡେଲ ମଣ୍ଡି' ଭାବେ ବିକଶିତ କରିବାକୁ ୫ଟି ସ୍ଥାନ ଚୟନ ଏବଂ ଚୂଡାନ୍ତ କରିବାକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ପ୍ରସ୍ତାବିତ ମଣ୍ଡିଗୁଡିକର ଭିତ୍ତିଭୂମି ଆବଶ୍ୟକତା, କାର୍ଯ୍ୟକ୍ଷମତା, ଚାଷୀଙ୍କ ପାଇଁ ସୁଗମତା ଏବଂ ଦୀର୍ଘମିଆଦି ସ୍ଥାୟୀତ୍ୱ ଉପରେ ବୈଠକରେ ବିଶେଷ ଆଲୋଚନା କରାଯାଇଥିଲା। ସ୍ମାର୍ଟ ମଡେଲ ମଣ୍ଡିଗୁଡିକ ଜିଲ୍ଲାର କୃଷିଜାତ ସାମଗ୍ରୀର ବିକ୍ରି ପାଇଁ ଅତ୍ୟାଧୁନିକ ସୁବିଧା ଯୋଗାଇବାର ଲକ୍ଷ୍ୟ ରଖିଛି। ବୈଠକରେ ଡେପୁଟି ରେଜିଷ୍ଟ୍ରାର୍ ଅଫ୍ କୋଅପରେଟିଭ୍ ସୋସାଇଟିଜ୍ ଏବଂ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍ ଅଫ୍ କୋଅପରେଟିଭ୍ ସୋସାଇଟିର ସମବାୟ ଅଧିକାରୀ ଉପସ୍ଥିତ ଥିଲେ। କୃଷି ବଜାରୀକରଣ ଏବଂ ଫସଲ ବିକାଶ ନିୟନ୍ତ୍ରିତ ବଜାର କମିଟି ସଚିବ ଏବଂ ଆସିଷ୍ଟାଣ୍ଟ ଡାଇରେକ୍ଟର ଅଫ୍ ହର୍ଟିକଲଚର୍, କୃଷି ଯୋଜନା ଅଧିକାରୀ ଏବଂ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତିର ଡେପୁଟି କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ଗ୍ରାମ୍ୟ ପର୍ଯ୍ୟଟନ ଓ ଭିତ୍ତିଭୂମି ବିକାଶ ବୈଠକ

ଝାରସୁଗୁଡ଼ା,୧୧।୧୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ପର୍ଯ୍ୟଟନ ଓ ଗ୍ରାମ୍ୟ ଭିତ୍ତିଭୂମି ପ୍ରକଳ୍ପର ବିକାଶ ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ପଞ୍ଚାୟତରେ ଆଦର୍ଶ ଗ୍ରାମ୍ୟ ଭିତ୍ତିଭୂମିର ପ୍ରତିଷ୍ଠା କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଚୟନ କରାଯାଇଥିବା ପର୍ଯ୍ୟଟନ ସ୍ଥଳଗୁଡିକ ପାଇଁ ଏକ ବ୍ୟାପକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଝାରସୁଗୁଡ଼ା ଜିଲ୍ଲାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ଉନ୍ନତ ସୁବିଧା ଯୋଗାଇବା ପାଇଁ ମଡେଲ ଅଙ୍ଗନବାଡି କେନ୍ଦ୍ର, ମଡେଲ ଖେଳପଡିଆ, ମଡେଲ ଗ୍ରାମୀଣ ହାଟ ଏବଂ ମଡେଲ ଶ୍ମଶାନ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍

ଦେବଗଡ଼,୧୧।୧୨(ସମିସ): ଦେବଗଡ଼ ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଜଜ୍ ଗୁରୁବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ସାମା ଓରଫ ସୋମା ମୁଣ୍ଡାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ମେ ୮ ତାରିଖରେ ରିଆମାଳ ଥାନା ଅଞ୍ଚଳରେ ଜଣେ ୧୧ ବର୍ଷୀୟା ନାବାଳିକା ଜଘନ୍ୟ ଓ ଅମାନୁଷିକ ଦୁଷ୍କର୍ମର ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ରିଆମାଳ ଥାନାରେ ମାମଲା ରୁଜୁ ହୋଇଥିଲା। ସବ୍ ଇନ୍ସପେକ୍ଟର ଚିନ୍ମୟୀ ସାହୁ ମାମଲାର ତଦନ୍ତ କରିଥିଲେ। ପୁଲିସ ଅଭିଯୋଗ ଫର୍ଦ୍ଦ ପକ୍ସୋ କୋର୍ଟରେ ଦାଖଲ କରିଥିଲା। ଏହାସହିତ ଅଭିଯୁକ୍ତ ସୋମା ମୁଣ୍ଡାକୁ ଗିରଫ କରିଥିଲା। ଆଜି ଉଭୟ ଓକିଲଙ୍କ ଜବାବ ସୁଆଲ ଏବଂ ୧୬ ଜଣ ସାକ୍ଷ୍ୟ ପ୍ରମାଣ ସହ ୬୩ଟି ଦସ୍ତାବିଜ ଓ ପ୍ରମାଣକୁ ଆଧାର କରି ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଜଜ୍ ଅଭିଯୁକ୍ତ ସୋମାକୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

# ମାସିକ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା



ଦେବଗଡ଼,୧୧।୧୨(ସମିସ): ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ମାସିକ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ନଭେମ୍ବର ମାସରେ ଧାର୍ଯ୍ୟ ଥିବା ଭୂରାଜସ୍ୱ, ରୟାଲିଟି, ଜଳକର, ବସୁନ୍ଧରା, ସ୍କୁଲ କଲେଜ ପଟ୍ଟା ଓ ଅନ୍ୟାନ୍ୟ ରାଜସ୍ୱ ଆଦାୟ ନେଇ ଜିଲ୍ଲାର ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କ ସହ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ତହସିଲଦାର କର୍ଣ୍ଣ ମଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ସମସ୍ତ ତହସିଲଦାର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ

### ରାଜସ୍ୱ ଆଦାୟ ଓ ବେଆଇନ ଖଣିଜ ପରିବହନ ରୋକିବାକୁ ନିର୍ଦ୍ଦେଶ

ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବିଭିନ୍ନ ବିଭାଗର ଅଧିକାରୀ ତଥା ରାଜସ୍ୱ ଅଧିକାରୀ ମାନଙ୍କୁ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ବିଶେଷ ଭାବେ ଝାରସୁଗୁଡ଼ା ଖଣି ଅଧିକାରୀଙ୍କୁ ବେଆଇନ କ୍ଷୁଦ୍ର ଖଣିଜ ଦ୍ରବ୍ୟ ପରିବହନକୁ ଯାଞ୍ଚ କରିବା ଏବଂ ସରକାରୀ ଗାଇଡଲାଇନ ଅନୁଯାୟୀ ବେଆଇନ ପରିବହନକାରୀଙ୍କ ଉପରେ ଜରିମାନା ଲଗାଇବା ପାଇଁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ, ସମସ୍ତ ତହସିଲଦାରମାନଙ୍କୁ ଓଡ଼ିଶା ଭୂସଂସ୍କାର ଅଧିନିୟମ ଅନୁଯାୟୀ ଜମି ମାମଲା ଚିହ୍ନଟ କରିବା ଏବଂ ମାମଲା ରୁଜୁ କରିବା ପାଇଁ ମଧ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

● ସାଇବର ଠକେଇ

## ବ୍ୟାଙ୍କ ଆକାଉଣ୍ଟରୁ କଟିଗଲା ୧୧.୫ ଲକ୍ଷ

ଦେବଗଡ଼,୧୧।୧୨(ସମିସ): ଦେବଗଡ଼ ଥାନା ଅଧୀନ ବଳମ ଗାଁର ଜଣେ ଯୁବକ ସାଇବର ଅପରାଧର ଶିକାର ହୋଇଛନ୍ତି। ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୧ ଲକ୍ଷ ୫୦ ହଜାର ଟଙ୍କା କଟି ଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଦେବଗଡ଼ ଥାନା ବଳମ ଗାଁର ଜନ୍ମାଜୟ ବେହେରା (୩୫)ଙ୍କ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟରୁ ଉକ୍ତ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ଜନ୍ମାଜୟଙ୍କ ମୋବାଇଲକୁ ୩ଟି ମେସେଜ ଆସିଥିଲା। ସେଥିରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଲେଖାଏଁ ୨ ଥର ଏବଂ ୫୦ ହଜାର ଟଙ୍କା ଲେଖାଏଁ ୩ ଥର କଟିଥିବା ସେ ଜାଣିବାକୁ ପାଇଥିଲେ। ମେସେଜ ଦେଖି ଜନ୍ମାଜୟ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ଆସି ଶାଖା ପରିଚାଳକଙ୍କ ସହିତ କଥାହେବା ପରେ ସାଇବର ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଜନ୍ମାଜୟ ଦେବଗଡ଼ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଜନ୍ମାଜୟ କୌଣସି ଲିଙ୍କ ଖୋଲି ନଥିବା ଏବଂ କାହାକୁ ଓଟିପି କିମ୍ବା ପିନ୍ ସେୟାର କରି ନଥିବା ପୁଲିସକୁ କହିଛନ୍ତି। ଏହାସତ୍ତ୍ୱେ କିଭଳି ଏବଂ କେଉଁ ପରିସ୍ଥିତିରେ ସେ ସାଇବର ଠକାମିର ଶିକାର ହେଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ପ୍ରଧାନପାଟ ପର୍ଯ୍ୟଟନସ୍ଥଳ ବନ ସୁରକ୍ଷା ସମିତିକୁ ହସ୍ତାନ୍ତର

ନବକଳେବର ପାଇଁ ସଜବାଜ

ଦେବଗଡ଼,୧୧।୧୨(ସମିସ): ଦେବଗଡ଼ ଜିଲ୍ଲା ମୁଖ୍ୟାଳୟରେ ରହିଥିବା ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ପରିବେଶ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭାଗ ପକ୍ଷରୁ ବ୍ରଜମୋହନପୁର ବନ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯାଇଛି। ଦେବଗଡ଼ ବନଖଣ୍ଡ ପକ୍ଷରୁ ପ୍ରଧାନପାଟ ମଧ୍ୟରେ ଆୟୋଜିତ ହସ୍ତାନ୍ତର କାର୍ଯ୍ୟକ୍ରମ ଅବସରରେ ବନଖଣ୍ଡ ଅଧିକାରୀ ରଶ୍ମି ଜୀଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଅବୈତନିକ ୱାଇଲ୍ଡ ଲାଇଫ ୱାର୍ଡେନ ଲଳିତ ମୋହନ ସାହୁ ଯୋଗ ଦେଇଥିଲେ।

ଦୀର୍ଘ ବର୍ଷ ଧରି ପ୍ରଧାନପାଟକୁ ଦେଖି ଆସୁଥିବା ପର୍ଯ୍ୟଟକ ଆଗାମୀ ଦିନରେ ଏହାର ନୂତନ ରୂପ ଦେଖିବେ ବୋଲି ମଞ୍ଚାସୀନ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ବନ ବିଭାଗ ପକ୍ଷରୁ ପ୍ରଧାନପାଟ ପ୍ରବେଶ ପଥରେ ନିର୍ମିତ ଏକ ଅସ୍ଥାୟୀ ତୋରଣ ସହ ଅସ୍ଥାୟୀ ଟିକଟ କାଉଣ୍ଟରକୁ ଅତିଥି ମାନଙ୍କ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣି ପରିଚାଳନା କରିଥିବା ବେଳେ ବନ ସୁରକ୍ଷା ସମିତିର ସଦସ୍ୟ, ପର୍ଯ୍ୟଟକ ଓ ବନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ

ଦେବଗଡ଼,୧୧।୧୨(ସମିସ): ତିଳେଇବଣି ବ୍ଲକ୍ ଗାଙ୍ଗନଣ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ପ୍ରଧାନଶିକ୍ଷକ ଟିକେଶ୍ୱର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡଛାପଲ ସରପଞ୍ଚ ସୁନିତା ଅମାନ୍ତ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ଦେହୁରୀ, ଉପଦେଷ୍ଟା ଅଖିଳ ସାହୁ, ସମାଜସେବୀ କିଶୋର ଦେହୁରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ କିରଣ ଟପ୍ପୋଙ୍କ ତତ୍ତ୍ୱାବଧାନରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଅପରାହ୍ଣରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ହରେନ ପ୍ରଧାନ, ଅମିତ ସାହୁ, ବାସନ୍ତୀ ତିର୍କୀ, ସନ୍ତୋଷ ପ୍ରଧାନ, ମନୀଷା ଦେହୁରୀ, ଚଞ୍ଚଳା ବେହେରା, ଅଭିମନ୍ୟୁ ସାହୁ, ଶରତ ବାରିକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଉପକାରାଗାରର ପ୍ରତିଷ୍ଠା ଓ ବିଶ୍ୱ ମାନବାଧିକାର ଦିବସ

ଦେବଗଡ଼,୧୧।୧୨(ସମିସ): ଦେବଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାର କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାରରେ ଗୁରୁବାର ବିଶ୍ୱ ମାନବାଧିକାର ଦିବସ ଓ କାରାଗାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।

ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର, ଦେବଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରୁଦ୍ର ପ୍ରକାଶ ନାୟକ ଓ ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାରର ଅଧିକ୍ଷୀକା ସସ୍ମିତା ଅଞ୍ଜନ ଲାକ୍ରା ମଞ୍ଚାସୀନ ଥିଲେ। କାରାଗାରର ଅନ୍ତେବାସୀ ମାନଙ୍କୁ ସେମାନଙ୍କର ଅଧିକାର ସମ୍ପର୍କରେ ଅବଗତ କରାଇବା ସହ କାରାଗାରରୁ ମୁକୁଳିବା ପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। କାରାଗାର ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନ୍ତେବାସୀ ମାନଙ୍କ ବିଭିନ୍ନ ଖେଳ ଓ ପ୍ରତିଯୋଗିତା ହୋଇଥିଲା। ଶେଷପେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଓଡ଼ିଶା ସ୍କୁଲ ସବ୍‌ଜୁନିୟର ହକି ଦଳରେ ଝାରସୁଗୁଡ଼ା ଖେଳାଳି



ଝାରସୁଗୁଡ଼ା,୧୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ମାତ୍ର ୪ ବର୍ଷ ମଧ୍ୟରେ ହକି ଖେଳରେ ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିପାରିଛି। ହଂ.କଟାପାଲି ସ୍ଥିତ ରତ୍ନାକର ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀର ବାଳକ ସାହିଦ ନାଏକ ଓଡ଼ିଶା ସ୍କୁଲ ସବଜୁନିୟର ହକି ଦଳରେ ଷ୍ଟ୍ରାଇକର ଭାବେ ମନୋନୀତ ହୋଇଛନ୍ତି। ଚଳିତ ଡିସେମ୍ବର ୧୯ ତାରିଖରେ ମଧ୍ୟ ପ୍ରଦେଶର ଟିକାମଗଡ଼ ଅଭିମୁଖେ ୬୯ତମ ଜାତୀୟ ସ୍କୁଲ ଗେମ୍ସ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ହକି ଦଳ ସହିତ ଯାତ୍ରା କରୁଛନ୍ତି। ଏହି ଚିଠି ମିଳିବା ପରେ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ହକି ଆସୋସିଏସନର ସଭାପତି କୁନାଲ ମୋତିରାମ ଚହ୍ୱାନ, ସମ୍ପାଦକ ବ୍ରଜବନ୍ଧୁ ଭୋଇ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ପ୍ରମୁଖ ସାହିଦ ନାଏକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ମଧ୍ୟ ତାଙ୍କୁ ଶୁଭେଚ୍ଛା ଦେଇଛନ୍ତି।

୨୦୨୩ ମସିହାରେ ନବୋଦୟ ବିଦ୍ୟାଳୟର ଛାତ୍ରୀ ରାଜେଶ୍ୱରୀ ନାଏକ ଓ ତ୍ରିଷ୍ଣା ତାଉଡ଼ିଆ ଜାତୀୟ ସ୍କୁଲ ବାଳିକା ହକି ଦଳରେ ସ୍ଥାନ ପାଇଥିଲେ, ୨୦୨୪ ମସିହାରେ ଆଇସିଏସ୍‌ଇ ଜାତୀୟ ସ୍କୁଲ ଦଳରେ ସେଣ୍ଟମେରି ସ୍କୁଲର ଅମନ୍ତ ମହାନ୍ତ, ରାହୁଲ ତିର୍କୀ ଓ ପ୍ରବୀଣ ଶୁକ୍ଲା ସ୍ଥାନ ପାଇଥିଲେ। ଜିଲ୍ଲାରେ ଚାଲୁଥିବା ଟର୍ଫ କାର୍ଯ୍ୟ ଜାନୁଆରୀ ଶେଷ ଶୁଦ୍ଧା ଶେଷ ହେବ। ଫଳରେ ଆଗାମୀ ଦିନରେ ଅଧିକ ପିଲା ସ୍କୁଲ ଏବଂ ଜାତୀୟ ଦଳରେ ସ୍ଥାନ ପାଇ ପାରିବେ। ହକି ଆସୋସିଏସନ ତରଫରୁ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସାହାଯ୍ୟରେ ୧୦ଟି ସ୍କୁଲକୁ ହକି ଷ୍ଟିକ, ଗୋଲକିପର କିଟ, ଜୋତା ଓ ଜର୍ସି ଯୋଗାଇ ଦିଆଯାଉଛି। ହକି ଆସୋସିଏସନ ତରଫରୁ ବର୍ତ୍ତମାନ ସୁଦ୍ଧା ୧୫ଟି ସ୍କୁଲକୁ ହକି ସରଞ୍ଜାମ ଦିଆଯାଇଛି। ଜିଲ୍ଲାରେ ୪୫ଟି ସ୍କୁଲରେ ହକି ଖେଳର ଚାହିଦା ବୃଦ୍ଧି ପାଇବା ସହିତ ଜିଲ୍ଲାରେ ୮୦୦ ବାଳକ, ବାଳିକା ହକି ଖେଳୁଛନ୍ତି।

# ୨୧ତମ ଜାତୀୟ ନାଟକ ଓ ନୃତ୍ୟ ଉତ୍ସବ

ଦେବଗଡ଼,୧୧।୧୨(ସମିସ)



ରାଜ୍ୟର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ୨୧ ତମ ସର୍ବ ଭାରତୀୟ ନାଟକ ଓ ନୃତ୍ୟ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'ଭାଗ' ମଞ୍ଚସ୍ଥ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାରମ୍ଭିକ ସଭାରେ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଓ ଜିଲ୍ଲା ସଂସ୍କୃତି ପରିଷଦ ସଂଯୋଜକ ଆଇନଜୀବୀ ଦିଲ୍ଲୀପ ଗୁରୁ ମଞ୍ଚାସୀନ ଥିଲେ। ଅତିଥି ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜନ୍ମଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ନାଟକ ମହୋତ୍ସବକୁ ଅନୁଷ୍ଠାନର ପୂର୍ବତନ କଳାକାର ସ୍ୱର୍ଗତ ମଙ୍ଗଳ ମହାଙ୍କୁରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜନ କରାଯାଉଛି। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁର ନନ୍ଦପଡାର ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ପକ୍ଷରୁ ସନ୍ତୋଷ ମିଶ୍ରଙ୍କ ରଚିତ ଓ ଦିଲ୍ଲୀପ ଦେବଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଭାଗ' ମଞ୍ଚସ୍ଥ ହୋଇଥିଲା। ପରିବାରର ସଦସ୍ୟ ମାନେ ନିଜ ନିଜ ଭିତରେ ସ୍ନେହ, ଶ୍ରଦ୍ଧା, ପ୍ରେମର ଦାୟିତ୍ୱ ବହନ ପୂର୍ବକ ସଦଭାବନାର ଛାତ ତଳେ ଏକଜୁଟ ହୋଇ ନ ରହିଛନ୍ତି, ସେତେବେଳ ଯାଏ ତାକୁ ଆମେ 'ଘର'ର ଆଖ୍ୟା ଦେଇ ପାରିବା ନାହିଁ। ଯୁଗ ବଦଳିବା ସହ 'ଘର'ର ସଂଜ୍ଞା ମଧ୍ୟ ବଦଳିଛି। ଯୌଥ ପରିବାର ଲୋପ ପାଇଲାଣି। ବାପ-ପୁଅ, ଭାଇ-ଭାଇ, ଶାଶୁ-ବୋହୂ ମଧ୍ୟରେ ସମ୍ପର୍କ କ୍ରମଶଃ ଲିଭିବାକୁ ବସିଲାଣି। ବୁଢ଼ା

### ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'ଭାଗ' ପ୍ରଦର୍ଶିତ

ବାପା-ମା'ଙ୍କୁ ସାଙ୍ଗରେ ରଖିବା ପାଇଁ ସନ୍ତାନ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ନିଜର ସ୍ୱାର୍ଥ ପାଇଁ ସେମାନଙ୍କୁ ବୃଦ୍ଧାଶ୍ରମକୁ ପଠାଇବାକୁ ମଧ୍ୟ ପଛାଉନାହାନ୍ତି। ପୈତୃକ ସମ୍ପତ୍ତି ପାଇବା ଆଶାରେ ଅଦାଲତର ଆଶ୍ରୟ ନେଉଛନ୍ତି। ଯେଉଁ 'ଘର' ଦିନେ ସ୍ୱର୍ଗ ଥିଲା, ଆଜି ତାହା ନର୍କଗାମୀ।

ନାଟକ 'ଭାଗ'ରେ ମଧ୍ୟ ଦୁଇ ଭାଇ ଅଦାଲତରେ ଆଶ୍ରୟ ନେଇଛନ୍ତି। କିନ୍ତୁ ଭିନ୍ନ ଏକ କାରଣରୁ। ୭୨ ବର୍ଷୀୟ ସ୍ତ୍ରୀକୁ ହରାଇ ଏକୁଟିଆ ଥିବା ପରିବା ବିକାଳି ବଡ଼ଭାଇ ଓ ୬୧ ବର୍ଷୀୟ ଚାକିରିରୁ ଅବସର ନେଇଥିବା ସାନଭାଇ ମଧ୍ୟରେ କଳି। ୯୦ ବର୍ଷର ବିଧବା ବୁଢ଼ୀ ମା'କୁ ନିଜ ପାଖରେ ରଖି ତାର ସେବା ଯତ୍ନ କରିବାକୁ ଦୁଇ ଭାଇଙ୍କ ଭିତରେ ଟଣାଓଟରା। ମା'ର ସେବା କରିବାର 'ଭାଗ' ପାଇବାକୁ ଦୁଇ ଭାଇ ଅଦାଲତର ଆଶ୍ରୟ ନେଇଛନ୍ତି। ସମ୍ବଲପୁରୀ ନାଟକ 'ଭାଗ' ଏକ ସକାରାତ୍ମକ ଚିନ୍ତାଧାରା ତଥା ଉଦ୍ଦେଶ୍ୟକୁ ନେଇ ଭାଇ ଭାଇ ଭିତରେ କଳିକୁ ଦର୍ଶାଇଛି। ସେମାନଙ୍କ ନିଜ ନିଜ ଭିତରେ ଅନାବିଳ ସ୍ନେହ ଭାବ ତଥା ନିଜ ମା' ପ୍ରତି ସେବା ମନୋଭାବକୁ ନାଟକଟି ଋଦ୍ଧିମନ୍ତ କରିଛି।

ସକାଳ THE SAKALA



# ଟୋକନ୍ ସମସ୍ୟାକୁ ନେଇ ଆଜି ରାସ୍ତାରୋକ କରିବ ଚାଷୀ

**ସମ୍ବଲପୁର, ୧୧।୧୨ (ସମିସ)**

ଗତ ନଭେମ୍ବର ୨୮ ତାରିଖରୁ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିଥିବାବେଳେ ଏପର୍ଯ୍ୟନ୍ତ ଧାନକିଣା ବ୍ୟବସ୍ଥିତ ହୋଇପାରିନାହିଁ। ଚାଷୀଙ୍କ ଅର୍ଥନୈତିକ ଅବରୋଧ ପରେ ମିଲର୍ ଧାନ ନେଇଥିବାବେଳେ ଏବେ ଚାଷୀଙ୍କ ଟୋକନ୍ ସମସ୍ୟା ସୃଷ୍ଟି ହୋଇଛି। ଆଜି ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ। ଜିଲ୍ଲାର ପ୍ରାୟ ୧୧ ହଜାର ଚାଷୀ ଟୋକନକୁ ଅପେକ୍ଷା କରିଛନ୍ତି। ପୁଣି ପୂର୍ବବର୍ଷ ମାନଙ୍କରେ ଚାଷୀ ମାନଙ୍କ ସମସ୍ତ ଟୋକନ ଭିନ୍ନ ଭିନ୍ନ ତାରିଖରେ ଏକକାଳୀନ ଆସୁଥିବାବେଳେ ଚଳିତବର୍ଷ କେବଳ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଗୋଟିଏ ଟୋକନ ଆସିଛି। ଚାଷୀ ଧାନ ବିକ୍ରୟ କରି ବଳକା ଧାନ ରଖି ଜଗିବସିଛି। ଟୋକନ ସମସ୍ୟା ଉତ୍କଟ ହେଲାଣି। ଏହାକୁ ନେଇ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଆସନ୍ତାକାଲି ଶୁକ୍ରବାର ଚାଷୀମାନେ ରେମେଡ, ସିନ୍ଦୂରପଙ୍କ ଓ ଧମାଠାରେ ରାସ୍ତାରୋକ କରିବେ ବୋଲି ଜଣାପଡ଼ିଛି। ଚାଷୀ ଧାରଉର୍ଦ୍ଧାର କରି କଠିନ ପରିଶ୍ରମ କରି ଧାନ ଉତ୍ପାଦନ କରୁଥିବାବେଳେ ପୁଣି ତାହାକୁ ବିକ୍ରୟ କରିବା ପାଇଁ ଲଢ଼େଇ କରିବାକୁ ପଡୁଛି। ଏବେ ପର୍ଯ୍ୟନ୍ତ ଖରିଫ୍ ଧାନ ବିକ୍ରୟ ସରିନାହିଁ, ରବି ଧାନ ଚାଷର ସମୟ ଆରମ୍ଭ ହୋଇଗଲାଣି।

ସମ୍ବଲପୁର ଜିଲ୍ଲାରେ ଅକ୍ଟୋବର ମାସରୁ ଖରିଫ୍ ଧାନ ଅମଳ ଆରମ୍ଭ କରିଛି। ଧାନବିକ୍ରୟ ପାଇଁ ପଞ୍ଜିକରଣ ସମୟରେ ନଭେମ୍ବର ୧ ତାରିଖ ଉଲ୍ଲେଖ କରିଥିଲା। କିନ୍ତୁ ସରକାର ନୂଆପଡ଼ା ଉପନିର୍ବାଚନ ଆଳ ଦେଖାଇ ଜିଲ୍ଲା ଧାନ ସଂଗ୍ରହ ସମିତି (ଡିଏଲପିସି) ବୈଠକକୁ ନଭେମ୍ବର ୧୭ ତାରିଖ କରିଥିଲେ। ସେଥିରେ ମଧ୍ୟ ଚାଷୀ ଶୀଘ୍ର ନଭେମ୍ବର ୨୦ରୁ ମଣ୍ଡି ଖୋଲିବା ପାଇଁ କହିଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୮ ତାରିଖ ଧାର୍ଯ୍ୟ କରାଗଲା। ୨୭ ତାରିଖ ବିଳମ୍ବିତ



ରାତିରେ କିଛି ଚାଷୀଙ୍କ ଟୋକନ ଆସିଲା। କିନ୍ତୁ ଧାନକିଣା ଆରମ୍ଭ ହୋଇ ପାରିଲାନାହିଁ। ମିଲର୍‌ମାନେ ଧାନ ନେବେନାହିଁ ବୋଲି ଜିଦ୍ ଧରିଲେ। ଏହାପରେ ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କ ତୁମ୍ବେସିଂହାଠାରେ ଚାଷୀମାନେ ପ୍ରାୟ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଅର୍ଥନୈତିକ ଅବରୋଧ କଲେ। ଫଳରେ ସରକାରଙ୍କ ନିଦ ଭାଙ୍ଗିଲା। ତୁରନ୍ତ ରାତାରାତି ମିଲର୍ ଓ ଯୋଗାଣ ବିଭାଗ ମଧ୍ୟରେ ରେଜିଷ୍ଟ୍ରେସନ କରାଗଲା। ସମ୍ବଲପୁର ଜିଲ୍ଲାରେ ଧାନକିଣା ଆରମ୍ଭ ହେଲା। ସେଥିରେ ବି ମିଲର୍‌ମାନେ ମନଇଚ୍ଛା କଟ୍‌ନିଛଟ୍‌ନି କରୁଥିବା ଅଭିଯୋଗ ହେଉଛି। ଗତଦିନରେ ଜିଲ୍ଲାର ଚାଉଁରପୁର ଓ ସେନ୍‌ହାପାଲି ମଣ୍ଡିରେ ଚାଷୀମାନେ କଟ୍‌ନିକୁ ବିରୋଧ କରି ତିନିଦିନ ପର୍ଯ୍ୟନ୍ତ ଧାନଗାଡ଼ି ଛାଡ଼ିନଥିଲେ। ଅନ୍ୟପକ୍ଷରେ ଚାଷୀଙ୍କ ଟୋକନ ଇସ୍ୟୁ କରିବାରେ ଅହେତୁକ ବିଳମ୍ବ କରାଯାଉଛି। ଧାନ ଗଚ୍ଛିତ ରଖିବା ଏବଂ କୃଷିଶ୍ରମିକ ମାନଙ୍କୁ ଦେବାକୁ ଥିବା ଅର୍ଥ ଭଳି ସମସ୍ୟାକୁ ନେଇ ଚାଷୀ କମ୍‌ଦରରେ ବିକ୍ରୟ କରିବାକୁ ବାଧ୍ୟ ହେଉଛି। ସରକାର ଚାଷୀକୁ ଧାନର ସବ୍‌ସିଡିରୁ ବଞ୍ଚିତ କରିବା ଏବଂ ଅଭାବୀ ବିକ୍ରି କରିବାକୁ ବାଧ୍ୟ କରୁଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। ଟୋକନ୍ ସମସ୍ୟାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଚାଷୀ ଏବେ ଆନ୍ଦୋଳନମୁହାଁ ହୋଇଛି। ଆସନ୍ତାକାଲି ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତାରୋକ କରିବାକୁ ସଜବାଜ ହେଉଛନ୍ତି।

## ୧୧ ହଜାର ଚାଷୀଙ୍କୁ ମିଳିନି ଟୋକନ

## ପ୍ରଥମ ପର୍ଯ୍ୟାୟ ଧାନ ବିକି ବସିରହିଛନ୍ତି ୪୦ହଜାର ଚାଷୀ

## ରବି ଚାଷ ବନ୍ଦ କରିବାକୁ ଷଡ଼ଯନ୍ତ୍ର!

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ସରକାର ନିଜେ ଏଭଳି ସ୍ଥିତି ସୃଷ୍ଟି କରିଛନ୍ତି। ଟୋକନ ସମସ୍ୟା ମାନବକୃତ। ଜୁଲାଇରେ ରେଜିଷ୍ଟ୍ରେସନ ସମୟରେ ନଭେମ୍ବରର ଦୁଇଟି ସ୍ଲଟ ଦିଆଗଲା। ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଟୋକନ ଦେଲେ କେମିତି ହେବ? ହୀରାକୁଦ କମାଣ୍ଡ ଏରିଆରେ ଚାଷୀ ରବି ଧାନର ପହ୍ଲାକୁ ଡିସେମ୍ବରରେ ପକାଇ ଜାନୁଆରୀରେ ରୁଆ ହୋଇଥାଏ। ଛତିଶଗଡ଼ ଭଳିଆ ରବି ଧାନ ଚାଷ ବନ୍ଦ କରିବାକୁ ଏକ ଷଡ଼ଯନ୍ତ୍ର ଭଳିଆ ଲାଗୁଛି। ଟୋକନ ବିଳମ୍ବ କଲେ ଚାଷୀ ଧାନ ବିକ୍ରୟ କରିନପାରିଲେ ପରବର୍ତ୍ତୀ ଚାଷ କେମିତି କରିବ। ଏବେ ଟୋକନ ମିଳିବ ନା' ନାହିଁ ସେନେଇ ଆଶଙ୍କା କଲାଣି ଚାଷୀ। ଆସନ୍ତାକାଲି ସମ୍ବଲପୁରର ତିନୋଟି ସ୍ଥାନ ସମେତ ରେଢ଼ାଖୋଲ ଓ କୁଚିଣ୍ଡାରେ ମଧ୍ୟ ଚାଷୀମାନେ ରାସ୍ତାରୋକ କରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି ଯେ, ଟୋକନ ସମସ୍ୟାର ସମାଧାନ ହୋଇନାହିଁ। ଜିଲ୍ଲାର ୫୩ ହଜାର ଚାଷୀଙ୍କ ଟୋକନ ଆସିଥିବାବେଳେ ବଳକା ୧୧ ହଜାର ଚାଷୀଙ୍କ ଟୋକନ ଆସିନାହିଁ। ପୁଣି ସେହି ୫୩ ହଜାରରୁ ୪୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପ୍ରଥମ ପର୍ଯ୍ୟାୟ ଧାନ ବିକି ବସି ରହିଛନ୍ତି। ସେମାନଙ୍କ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଟୋକନ ଯାହା ଏକାସଙ୍ଗରେ ଆସିବା କଥା ତାହା ଆସିନାହିଁ। ସରକାର ଜାଣିଶୁଣି ଏଭଳି ବିଳମ୍ବ କରୁଛନ୍ତି। ବଳକା ଚାଷୀଙ୍କ ଟୋକନ ସହ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଟୋକନ ନଆସିଲେ ଆସନ୍ତାକାଲି ଶୁକ୍ରବାର ଚାଷୀମାନେ ଧମା, ସିନ୍ଦୂରପଙ୍କ ଓ ରେମେଡଠାରେ ରାସ୍ତାରୋକ କରିବେ। ଏହି ଆନ୍ଦୋଳନ ସାରା ଜିଲ୍ଲାକୁ ମଧ୍ୟ ବ୍ୟାପିବ ବୋଲି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି। ସରକାର ଚାଷୀଙ୍କ ସହ ଖେଳ ଖେଳୁଛନ୍ତି। ବର୍ଷତମାମ କଷ୍ଟକରି ଧାନ ଉତ୍ପାଦନ କରିଥିବାବେଳେ ତାହାକୁ ବିକ୍ରୟ କରିବା ସମୟରେ ମିଲର୍ ରେଜିଷ୍ଟ୍ରେସନଠାରୁ ଆରମ୍ଭ କରି ଟୋକନ ଓ କଟ୍‌ନିଛଟ୍‌ନି ଭଳି ସମସ୍ୟା ସୃଷ୍ଟି କରାଯାଉଥିବା ସେ କହିଛନ୍ତି।

### ପ୍ରଶାସନ କହୁଛି ସୁରୁଖୁରୁରେ ଚାଲିଛି

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଜିଲ୍ଲାରେ ୬୫ ହଜାର ଚାଷୀ ପଞ୍ଜିକୃତ ହୋଇଛନ୍ତି, ସେଥିରୁ ପ୍ରାୟ ୧ ହଜାର ଚାଷୀଙ୍କ ଆକାଉଣ୍ଟ ଯାଞ୍ଚ ବାକି ରହିଛି। ଏବେ ପର୍ଯ୍ୟନ୍ତ ୫୩ ହଜାର ଟୋକନ ଆସିଲାଣି, ବାକି ୧୧ ହଜାର ଟୋକନ ଆଜି ରାତିସୁଦ୍ଧା ଆସିଯିବ। ପ୍ରାୟ ସମସ୍ତ ଚାଷୀ ଟୋକନ ପାଇଯିବେ। କଟ୍‌ନିଛଟ୍‌ନିକୁ ନେଇ ଅଭିଯୋଗ ଆସିଲେ ଉକ୍ତ ମଣ୍ଡିକୁ ଆଧାରକରି ଯାଞ୍ଚସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଚାଷୀମାନେ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପାଇଯାଉଛନ୍ତି। ସର୍ବୋପରି ସମ୍ବଲପୁର ଜିଲ୍ଲାରେ ସବୁ ମଣ୍ଡିରେ ସୁରୁଖୁରୁରେ ଧାନକିଣା ଚାଲିଛି, ଯେଉଁଠି ଅଭିଯୋଗ ଆସୁଛି ନୋଡାଲ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ନେଉଛନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସୂଚନା ଦେଇଛନ୍ତି।

ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ୨୮ ଲକ୍ଷ ୨ ହଜାର କ୍ୱିଣ୍ଟାଲ ଟାର୍ଗେଟ ଆସିଥିଲା, ତନ୍ମଧ୍ୟରୁ ୮୪୮୫ ଜଣ ଚାଷୀଙ୍କଠାରୁ ୪, ୦୭, ୪୧୬ କ୍ୱିଣ୍ଟାଲ ଆଜିପର୍ଯ୍ୟନ୍ତ କିଣାଯାଇଛି। ପ୍ରଥମ ପର୍ଯ୍ୟାୟ ୪୯, ୩୩୩ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୪୫୩୮ଟି ଟୋକନ ସହ ମୋଟ ୫୩, ୮୭୧ ଟୋକନ ଇସ୍ୟୁ ହୋଇଛି। ଧାନ କିଣାବିକା ଠିକ୍ ଭାବେ ଚାଲିଛି। ପର୍ଯ୍ୟାୟକ୍ରମେ ଟୋକନ ଆସିଯିବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

# ଡିପିଏସ୍‌ରେ ସାର୍କ ଟ୍ୟାଙ୍କ ପ୍ରଦର୍ଶନୀ



**ସମ୍ବଲପୁର, ୧୧।୧୨(ସମିସ):** ଶାସନସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ)ରେ ନବସୃଜନ ଏବଂ ଉଦ୍ୟୋଗୀତାକୁ ନେଇ ଗତ ୨ ତାରିଖରେ ବାଣିଜ୍ୟ ବିଭାଗ ପକ୍ଷରୁ ସାର୍କ ଟ୍ୟାଙ୍କ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସାର୍କ୍‌ସ ଭାବେ ରୁଚି ଜାଲାନ, ଓଡିଶୀ ମୋଟର୍ସର ଉଦ୍ୟୋଗୀ ଏବଂ ନିର୍ଦ୍ଦେଶକ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳିକା ଅଭିପ୍ସା ପତି, ସିଏ ମନୀଷ ଶାହା, ସିଏ ନବୀନ କୁମାର ତିୱାରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ। ସର୍ବୋତ୍ତମ ବ୍ୟବସାୟ ଆଇଡିଆ: କେୟାର କଲ୍, ସର୍ବୋତ୍ତମ ଉପସ୍ଥାପନା: ଡିଗନିଟି କ୍ଲିନ, ମୋଷ୍ଟ ଇନୋଭେଟିପ ପ୍ରଡକ୍ଟ ଲାଗି ଭିଜନ ଏକ୍ସକୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ନିର୍ଦ୍ଦେଶକ ଗାବିନ୍ଦ ମୁଦୁଲିଆ ସମସ୍ତ ଅଂଶଗ୍ରହଣକାରୀ ଏବଂ ବାଣିଜ୍ୟ ବିଭାଗ ଶିକ୍ଷକଙ୍କ ଉତ୍ସର୍ଗୀକୃତତାକୁ ପ୍ରଶଂସା କରିଥିଲେ। ଅଧକ୍ଷା ସୁଜାତା ଲେଙ୍କା କାର୍ଯ୍ୟକ୍ରମ ଲାଗି ବିଦ୍ୟାର୍ଥୀଙ୍କ ପ୍ରତି ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରୁଥିବା ପ୍ରଶଂସା କରିଥିଲେ। ସୀମା ସିଂ, ବାଣିଜ୍ୟ ବିଭାଗ ମୁଖ୍ୟ ଆୟୁଷ ପ୍ରଧାନଙ୍କୁ ସଫଳତାର ଶ୍ରେୟ ଦିଆଯାଇଛି।

# ଖୁଲିଆ ସେବାଶ୍ରମର ବାର୍ଷିକ କ୍ରୀଡ଼ା



**ସମ୍ବଲପୁର, ୧୧।୧୨(ସମିସ):** ଖୁଲିଆ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଭାରତ ଗୌରବ ଦାଶଙ୍କ ତତ୍ତ୍ୱାବଧାନରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ତବଲା ସରପଞ୍ଚ କହ୍ନେଇ ବିନେତ୍ ମୁଖ୍ୟ ଅତିଥି, ସେବାଶ୍ରମର ପ୍ରଧାନ ଶିକ୍ଷକ ଜନ ରଞ୍ଜନ ବଡ଼ପଣ୍ଡା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଡାବିତ୍ ସୁଜାତା ଓରାମ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ରଞ୍ଜନ ଭୋଇ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ସମସ୍ତ ଖେଳ ଗୁଡ଼ିକ ପରିଚାଳନା କରିଥିଲେ।




# ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ପ୍ରତି ଅବହେଳା କରୁଛନ୍ତି: ରୋହିତ

**ସମ୍ବଲପୁର, ୧୧।୧୨ (ସମିସ):** ସମ୍ବଲପୁର ଆରଡିସି କାର୍ଯ୍ୟାଳୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଭାବେ ସ୍ଥାୟୀ କେହି ନାହାନ୍ତି। ଯିଏ ଅଛନ୍ତି ତାଙ୍କୁ ଅତିରିକ୍ତ ଦୁଇଟି ବିଭାଗର ଦାୟିତ୍ୱ ଦିଆଯାଇଛି। ତେଣୁ ଅଧିକାଂଶ ସମୟରେ ସେ ଭୁବନେଶ୍ୱରରେ ରହିଥାନ୍ତି। ଯାହାଫଳରେ ସାଧାରଣ ଲୋକଙ୍କ ଓ ପ୍ରଶାସନିକ ସ୍ତରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ସୃଷ୍ଟି ହେଉଛି। ରାଜ୍ୟ ସରକାର ସବୁବେଳେ ପଶ୍ଚିମ ଓଡ଼ିଶା ପ୍ରତି ଅବହେଳ କରୁଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ରାଜସ୍ୱ କମିଶନରଙ୍କ ଅଫିସ୍‌ରେ ସେକ୍ରେଟାରୀ ପଦବୀ ଛଅ ମାସ ହେଲା ଖାଲି ପଡ଼ିଛି। ଅସ୍ଥାୟୀ ସେକ୍ରେଟାରୀ ଭାବେ ଆଉ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସରକାର ନିୟମିତ ରାଜସ୍ୱ କମିଶନର ଓ ତାଙ୍କ ଅଧିନରେ ଥିବା ସେକ୍ରେଟାରୀ ପଦବୀ ନିୟମିତ ନିଯୁକ୍ତି ଯଦି ନ କରିବେ ଜନମାନସରେ ଆହୁରି ଅସନ୍ତୋଷ ବଢ଼ିଚାଲିବ ଓ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇଯିବ। ଏଥିପ୍ରତି ସରକାର ଧାନ ଦେବେ ବୋଲି ସାଧାରଣ ଲୋକ ତଥା ସମ୍ବଲପୁର ବାସୀନ୍ଦା ରାଜସ୍ୱ ମନ୍ତ୍ରୀଙ୍କୁ ଦାବି କରୁଛନ୍ତି। ସମ୍ବଲପୁର ଆର୍‌ଡିସିଙ୍କ ଅଧିନରେ ବିଭିନ୍ନ ଜିଲ୍ଲାକୁ ନେଇ ଅତିରିକ୍ତ ଆୟୁକ୍ତ କୋର୍ଟ କାର୍ଯ୍ୟକାରୀ କରୁଛି। ଅବିଭକ୍ତ ସମ୍ବଲପୁର ଜିଲ୍ଲା ଥିବା ସମୟରେ ୧୦ଟି ଜିଲ୍ଲାକୁ ନେଇ ଗୋଟିଏ କୋର୍ଟ କାର୍ଯ୍ୟକାରୀ ହେଉଥିଲା, ପରେ ପୂର୍ବ ସରକାର ସମୟରେ ମହତ ଉଦ୍ଦେଶ୍ୟ ନେଇ (ଦ୍ୱାର ପାହାଚରେ ନ୍ୟାୟ)କୁ ଆଖି ଆଗରେ ରଖି ବିଭିନ୍ନ ଜିଲ୍ଲାକୁ ନେଇ ୧୦ଟି ଅତିରିକ୍ତ ଆୟୁକ୍ତ କୋର୍ଟ କାର୍ଯ୍ୟକାରୀ ହେଲା। ସେଥିମଧ୍ୟରୁ (ଝାରସୁଗୁଡ଼ା ଓ ଦେବଗଡ଼) ଜିଲ୍ଲାକୁ ମିଶାଇ ଗୋଟିଏ ଅତିରିକ୍ତ ଆୟୁକ୍ତ ଚକବନ୍ଦୀ ଓ ବନ୍ଦୋବସ୍ତ କୋର୍ଟ କାର୍ଯ୍ୟକାରୀ ୨୦୨୩ ମସିହାରୁ ସମ୍ବଲପୁର ହେଡକ୍ୱାର୍ଟର କରାଯାଇ ଆର୍‌ଡିସିଙ୍କ କାର୍ଯ୍ୟାଳୟଙ୍କ ପରିସରରେ କାର୍ଯ୍ୟକାରୀ ହୋଇଥିଲା। ସେହିଦିନଠାରୁ ଏହି କୋର୍ଟଟି ସରକାରଙ୍କ ସହଯୋଗରେ ସୁରୁଖୁରୁରେ ପରିଚାଳିତ ହେଉଥିଲା। କିନ୍ତୁ ହଠାତ୍ ସରକାର ପରିବର୍ତ୍ତନ କରି ନୂତନ ନିୟମ କଲେ ଯେ, ଯେଉଁ କେଶ୍ ଅତିରିକ୍ତ ଆୟୁକ୍ତ ଫଇସଲା କରୁଥିଲେ ତାହା ଜିଲ୍ଲାପାଳ ଝାରସୁଗୁଡ଼ାଙ୍କୁ ଫଇସଲା କରିବା ପାଇଁ ଆଦେଶ କଲେ।ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟକ୍ଷମ ହୋଇପାରୁନାହିଁ, ସରକାର ଯଥା ଶୀଘ୍ର ଏଥିପ୍ରତି ବିଶେଷ ଦୃଷ୍ଟିଦେଇ କୋର୍ଟ କାର୍ଯ୍ୟ କାର୍ଯ୍ୟକ୍ଷମ କରାଗଲେ ଜନସାଧାରଣ ଉପକୃତ ହୁଅନ୍ତେ। ଏହା ସହ ଯଦି ଦେଖିବା ବର୍ତ୍ତମାନ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସ୍ଥାୟୀ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି, ସରକାର କୁ ଆସିବାର ଦେଢ଼ ବର୍ଷରୁ ଅଧିକ ହେବାକୁ ବସିଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ନିଯୁକ୍ତ ନ ହେବା ସରକାରଙ୍କ ଅପାରଗତାକୁ ସ୍ପଷ୍ଟ କରୁଛି। ସମ୍ବଲପୁର ବୃହତ୍ ବନ୍ଦୋବସ୍ତ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ବନ୍ଦୋବସ୍ତ ଅଧିକାରୀ ପଦବୀ ଖାଲି ପଡ଼ିଛି। ଏହି ବିଷୟ ପ୍ରତି ମଧ୍ୟ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଇଂ ପୂଜାରୀ କହିଛନ୍ତି।

## ଚାଷୀଙ୍କ ସମସ୍ୟା ଶୁଣିଲେନି ସରକାର

# ରାସ୍ତାକୁ ଓହ୍ଲାଇବେ ରେଢାଖୋଲ ଉପଖଣ୍ଡଚାଷୀ

**ରେଢାଖୋଲ, ୧୨।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ସନ୍ଥ ଭୀମଭୋଇ କୃଷକ ସଂଘ ନେତୃତ୍ୱରେ ଉପଖଣ୍ଡର ବିଭିନ୍ନ ଚାଷୀ ସଂଗଠନର ଚାଷୀ ସୋମବାର ଦିନ ରାଜ ରାସ୍ତାକୁ ଆସି ଅର୍ଥନୈତିକ ଅବରୋଧ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆହ୍ୱାନ କ୍ରମେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଉପଖଣ୍ଡମାନଙ୍କରେ ଜାତୀୟ ରାଜପଥ ଅବରୋଧ କରିବା ପାଇଁ କୃଷକ ସଂଗଠନ ମାନେ ପ୍ରସ୍ତୁତି କରିଛନ୍ତି। ପୁର୍ବରୁ ଚାଷୀ ଙ୍କ ବିଭିନ୍ନ ସମସ୍ୟା ନେଇ ସରକାର ଦାବି ଜଣାଇଥିଲେ। ଆଜି ସୁଧା ସରକାର କୌଣସି ସମସ୍ୟା ସମାଧାନ କରିବା ପାଇଁ କର୍ଣ୍ଣପାତ କରୁ ନାହାନ୍ତି। ତେଣୁ ଚେତାବନୀ ଅନୁଯାୟୀ ଜାତୀୟ ରାଜପଥ ଅବରୋଧ କରିବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି ଭୀମଭୋଇ କୃଷକ ସଂଘ ପକ୍ଷରୁ ସୂଚନା ଦେଇଛନ୍ତି।

# ୧୬ ଦିନିଆ ମହିଳା ହିଂସା ଅଭିଯାନ ଉଦ୍‌ଯାପିତ

**ସମ୍ବଲପୁର, ୧୧।୧୨ (ସମିସ) :** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ପ୍ରେକ୍ଷାଳୟରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ସଖୀ ସହଯୋଗରେ ୧୬ ଦିନିଆ ମହିଳା ହିଂସା ଅଭିଯାନର ଉଦଯାପନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଖୀର ଆଡମିନିଷ୍ଟ୍ରେଟର୍ ମୌସୁମୀ ଡୋରା ସ୍ୱାଗତ ଭାଷଣ ଦେଇଥିବାବେଳେ ଏଡ୍.ଏଟ୍.ଆକ୍ସନ ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ ଓ ୧୬ ଦିନରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ଅତିଥି ଭାବରେ ଯୋଗଦେଇ ମହିଳା ମାନଙ୍କ ଉପରେ ହେଉଥିବା ହିଂସା ଉପରେ ମତାମତ ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ମହିଳା ଓ ଶିଶୁ ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା ମହିଳା ମାନଙ୍କ ଉପରେ ହେଉଥିବା ହିଂସାକୁ ଦୂର କରିବା ପାଇଁ ସାମୂହିକ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଆଶା ମ୍ୟାନେଜର ସସ୍ମିତା ପଣ୍ଡା ମହିଳା ମାନେ ନିଜେ ନିଜ ପ୍ରତି ହେଉଥିବା ହିଂସାର ପ୍ରତିରୋଧ କରିବା ପାଇଁ ମତବ୍ୟକ୍ତ କରିଥିଲେ। କିଶୋର ନ୍ୟାୟ ପରିଷଦ ସଭ୍ୟା ବାଣୀ ମହାପାତ୍ର ମହିଳା ମାନଙ୍କର ଉପରେ ହେଉଥିବା ବିଭିନ୍ନ ହିଂସା ବିଷୟରେ ଆଲୋଚନା କରିଥିଲେ। ଶ୍ରୀ ସୁବଳ ଗଡ଼ତିଆ, ସଭ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଭ୍ୟ ସୁବଳ ଗଡ଼ତିଆ ମହିଳା ମାନଙ୍କ ପାଇଁ ଥିବା ଆଇନ ବାବଦରେ ସୂଚନା ପ୍ରଦାନ କରିଥିଲେ। ଜ୍ୟୋତି



ପ୍ରଧାନ ସଖୀ କାଉନସିଲର ଜ୍ୟୋତି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପାରା ଲିଗାଲ କର୍ମୀ ଗାର୍ଗୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, କିଶୋର ବାଳକ ବାଳିକା, ପାରାଲିଗାଲ କର୍ମୀମାନେ ଯୋଗ ଦେଇଥିଲେ।

## କେନ୍ଦୁପତ୍ର ଫଡ଼ି ଉଚ୍ଛେଦରେ କ୍ଷତିଗ୍ରସ୍ତ ହେବେ ୨୦ ହଜାର ତୋଳାଳି ଓ ଶ୍ରମିକ

# ପ୍ରସ୍ତାବର ସମୀକ୍ଷା ଦାବିକଲା କେନ୍ଦୁପତ୍ର କର୍ମଚାରୀ ସଂଘ

**ସମ୍ବଲପୁର, ୧୧।୧୨ (ସମିସ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, କେନ୍ଦୁପତ୍ର ସଂସ୍ଥାର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ୧୫ କ୍ୱିଣ୍ଟାଲରୁ କମ୍ କେନ୍ଦୁପତ୍ର ସଂଗ୍ରହ ହେଉଥିବା ଫଡ଼ି (ସଂଗ୍ରହ କେନ୍ଦ୍ର) ଗୁଡିକୁ ଚିହ୍ନିତ କରି ଅନ୍ୟ ଫଡ଼ି ମାନଙ୍କରେ ମିଶ୍ରଣ କରିବାକୁ ପଦକ୍ଷେପ ନେବାକୁ ମେମୋ ନଂ - ୫୨୪୫, ତା ୨୮/୧୧/୨୦୨୫ ମସିହାରେ ସମସ୍ତ ଡିଏଫ୍‌ଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ବାସ୍ତବିକ ଅର୍ଥ ହେଉଛି ୧୫ କ୍ୱିଣ୍ଟାଲରୁ କମ୍ ସଂଗ୍ରହ ହେଉଥିବା କେନ୍ଦୁପତ୍ର ଫଡ଼ି ମାନଙ୍କର ତୋଳାଳୀମାନେ ଅନ୍ୟ ଏକ ଫଡ଼ିରେ ସେମାନଙ୍କର ସଂଗ୍ରହ କରିଥିବା କେନ୍ଦୁପତ୍ରକୁ ନେଇ ଦାଖଲ ଦେବେ। ସାଧାରଣତଃ ଅନ୍ୟ ଫଡ଼ି ଗୁଡିକ ୩/୪ କିମି ଦୂରରେ ଥାଏ। ତେଣୁ ତୋଳାଳୀମାନେ ଏତେଦୂରକୁ କେନ୍ଦୁପତ୍ର ବୋହି ନେବା ସମ୍ଭବପର ହେବନାହିଁ। ବାସ୍ତବିକ୍ ଅର୍ଥରେ ୧୫ କ୍ୱିଣ୍ଟାଲରୁ କମ୍ ସଂଗୃହୀତ ଫଡ଼ି ଗୁଡ଼ିକର ଉଚ୍ଛେଦ ହେବ। ଏହା ଫଳରେ ରାଜ୍ୟରେ ୨୪୦-୨୫୦ ଫଡ଼ି କେନ୍ଦୁପତ୍ର ସଂଗ୍ରହ କେନ୍ଦ୍ରର ଉଚ୍ଛେଦ ହେବାକୁ ଯାଉଛି। ଏଥିଯୋଗୁଁ ପ୍ରାୟ ୨୦ ହଜାର କେନ୍ଦୁପତ୍ର ତୋଳାଳୀ ସମେତ ଆନୁସଙ୍ଗିକ ଶ୍ରମିକ ଯଥା - ଗୋଛା କଟାଳି, ଫଡ଼ି ଶ୍ରମିକ, ବନ୍ଧେଇ ଶ୍ରମିକ ଏବଂ ଫଡ଼ି ଘର ମରାମତି ପ୍ରଭୃତି କାର୍ଯ୍ୟରେ ନିୟୋଜିତ ପ୍ରାୟ ଶ୍ରମିକମାନେ ସାମୟିକ ଭାବରେ ବେକାର ହେବେ ଓ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ କ୍ଷତିଗ୍ରସ୍ତ ହେବେ। ଏମାନଙ୍କ ମଧ୍ୟରେ ମୁଖ୍ୟତଃ ମହିଳା ଏବଂ ଆଦିବାସୀ ଓ ପଛୁଆ ଶ୍ରେଣୀର ସଂଖ୍ୟା ଅଧିକ ଅଟେ। ଏଥିରେ ତୋଳାଳୀ ତଥା ଶ୍ରମିକମାନେ କ୍ଷତିଗ୍ରସ୍ତ ହେବାସହ ରାଜ୍ୟର ସାମଗ୍ରିକ ଭାବରେ କେନ୍ଦୁପତ୍ର ସଂଗ୍ରହର ଲକ୍ଷ୍ୟ ପୂରଣରେ ମଧ୍ୟ ଏହାର ପ୍ରଭାବ ପଡ଼ିବ। ଆହୁରି ମଧ୍ୟ ଫଡ଼ି ଉଚ୍ଛେଦ ହେଲେ ପରୋକ୍ଷ ଭାବରେ ବ୍ୟବସାୟୀ ଓ ବିଡି କମ୍ପାନୀ ମାନେ ଲାଭବାନ ହେବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଆହୁରି ମଧ୍ୟ କେତେକ ଡିଭିଜନ ଓ ରେଞ୍ଜ ସ୍ତରରେ ଥିବା ଅନେକ ଫଡ଼ି ୧୦ ରୁ ୧୪ କ୍ୱିଣ୍ଟାଲ ସଂଗୃହୀତ ହେଉଥିବା ଫଡ଼ି ଗୁଡ଼ିକ ବ୍ୟବସାୟିକ ଦୃଷ୍ଟିକୋଣରୁ ବିଶେଷ କ୍ଷତି ହେଉ ନଥିବାର ପରିଲକ୍ଷିତ ହୁଏ। ଏପରିକି ୧୨ - ୧୪ କ୍ୱିଣ୍ଟାଲ ସଂଗୃହୀତ ହେଉଥିବା ଫଡ଼ି ଗୁଡିକରୁ ଲାଭ ହେଉଥିବା ଦେଖାଯାଏ। ସାମଗ୍ରିକ ଭାବରେ ଅନୁଧ୍ୟାନ କଲେ ୧୦ ରୁ ୧୪ କ୍ୱିଣ୍ଟାଲ ସଂଗୃହୀତ ହେଉଥିବା ଫଡ଼ି ସାମାନ୍ୟ ଲାଭ କିମ୍ବା କ୍ଷତିରେ ଚାଲୁଥିବାର ଅନୁଧ୍ୟାନରୁ ଜଣାପଡେ। ଏଣୁ ୧୫ କ୍ୱିଣ୍ଟାଲରୁ କମ୍ ସଂଗ୍ରହ ଫଡ଼ି ଗୁଡିକୁ ଅନ୍ଧାଧୁନ ଭାବରେ ଉଚ୍ଛେଦ ହେଲେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହେବ। ପୂର୍ବରୁ ୨୦୨୦ ମସିହାରେ ଏପରି ଏକ ପଦକ୍ଷେପ ପିସିସିଏଫ୍ ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ସମୟରେ ସରକାର ଏହି ପଦକ୍ଷେପକୁ ବିଭିନ୍ନ କାରଣରୁ ଏବଂ ପ୍ରବଳ ବିରୋଧ ହେବାରୁ ବାତିଲ କରିଥିଲେ। ଏକା ସାଙ୍ଗରେ ଶହ ଶହ ଫଡ଼ି ଉଚ୍ଛେଦ ବିଜ୍ଞତାର ପରିଚୟ ହେବନାହିଁ। କେନ୍ଦୁପତ୍ର ସଂସ୍ଥାର ଆର୍ଥିକ ଅବସ୍ଥାର ସୁଧାରିବା ପାଇଁ ପ୍ରଥମତଃ ଅତି ମାତ୍ରାରେ କ୍ଷତି ହେଉଥିବା ୫/୬ କ୍ୱିଣ୍ଟାଲରୁ କମ୍ ସଂଗୃହୀତ ହେଉଥିବା ଫଡ଼ି ମାନଙ୍କୁ ଉଚ୍ଛେଦ କରାଯାଇପାରେ। କାରଣ ଫଡ଼ି ଉଚ୍ଛେଦ ଖର୍ଚ୍ଚକାଟର ଏକମାତ୍ର ବିକଳ୍ପ ନୁହେଁ। ଏଥିପାଇଁ ଅନ୍ୟାନ୍ୟ ବିକଳ୍ପ ବ୍ୟବସ୍ଥା ମଧ୍ୟ ଅନୁଧ୍ୟାନ କରାଯାଉ। କେନ୍ଦୁପତ୍ର ସଂସ୍ଥାର ସୁରକ୍ଷା - ତୋଳାଳୀ ଓ ଶ୍ରମିକ ମାନଙ୍କ କର୍ମ ନିଯୁକ୍ତି, ସାମାଜିକ ନିରାପତ୍ତାକୁ ଦୃଷ୍ଟିରେ ରଖି ୧୫ କ୍ୱିଣ୍ଟାଲ ମାନଦଣ୍ଡର ଅତି ଅଧିକ ପରିମାଣରେ ହେଉଥିବା କାରଣରୁ ଏହାର ସମୀକ୍ଷା କରାଯାଉ ଏବଂ ଅଧିକ ସଂଖ୍ୟକ ଫଡି ଉଚ୍ଛେଦ ପାଇଁ ପଦକ୍ଷେପ ନନେବାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସଭାପତି ଶ୍ରୀ ମହାନ୍ତି ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର ସଂସ୍ଥା) ଓ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ରେଳ ଉପଭୋକ୍ତା ସଂଘର ପ୍ଲାଷ୍ଟିକ ମୁକ୍ତ ବଣଭୋଜି

**ବରଗଡ଼, ୧୧।୧୨ (ସମିସ):** ଭେଡେନ ରୋଡ ନିକଟସ୍ଥ ଗ୍ରିଣ୍ଡୋଲା ଶିବମନ୍ଦିର ପ୍ରାଙ୍ଗଣରେ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘ ପକ୍ଷରୁ ଗୁରୁବାର ପ୍ଲାଷ୍ଟିକ ମୁକ୍ତ ବାର୍ଷିକ ପାରିବାରିକ ବନ୍ଧୁମିଳନ ଓ



ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୌଣସି ପ୍ଲାଷ୍ଟିକ ବ୍ୟବହାର କରା ନଯାଇ କେବଳ ପ୍ରାକୃତିକ ଦ୍ରବ୍ୟକୁ ବ୍ୟବହାର କରି ବଣଭୋଜି ହୋଇଥିଲା। ପରିବେଶ ସୁରକ୍ଷା ଦିଗରେ ବାଧକ ସାଜିଥିବା ପ୍ଲାଷ୍ଟିକ ଗ୍ଲାସ୍, କପ୍, ଖଲିଦନା ତଥା ଅନ୍ୟାନ୍ୟ ବସ୍ତୁର ବିକଳ୍ପ ଖୋଜି ବ୍ୟବହାର କରାଯାଇଥିଲା। ମାଟି କପ୍ ଓ ଗ୍ଲାସ୍ ତଥା ଦେଶୀ ଖଲି ପତ୍ର ବ୍ୟବହାର କରି ଏବଂ ଖାଇ ସାରିବା ପରେ ସମସ୍ତ ଅଳିଆକୁ ଏପଟେ ସେପଟେ ନ ଫିଙ୍ଗି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଯାଇଥିଲା। ଏହା ସମାଜକୁ ଏକ ପରିବେଶ ସଚେତନତା ବାର୍ତ୍ତା ଦେବ ବୋଲି ବିଶ୍ୱାସ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ପ୍ରଥମେ ସାଧାରଣ ସଭା ହୋଇଥିଲା। ଲୋକପ୍ରିୟ ଅଭିନେତା ଧର୍ମେନ୍ଦ୍ରଙ୍କ ଦେହାନ୍ତ ହୋଇଥିବାରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘ ପକ୍ଷରୁ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଭୁବନେଶ୍ୱର ପାଇଁ ଏକ ସକାଳୁଆ ଇଣ୍ଟରସିଟି ଚଳାଇବା ନେଇ ଦାବି ହୋଇଥିଲା। ଉକ୍ତ ଦାବିକୁ ସାଂସଦ ସଂସଦରେ ଉପସ୍ଥାପନ କରିଥିବାରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିବାକୁ ସ୍ଥିର କରାଯାଇଥିଲା। ତେବେ ଏହା ସତ୍ତ୍ୱେ ଯଦି ଦାବି ପୂରଣ ନ ହୁଏ, ରେଳରୋକୋ ହିଁ ଶେଷ ଅସ୍ତ୍ରରୂପେ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଆଜିର ପାରିବାରିକ ବନ୍ଧୁମିଳନରେ ସଂଘର ସଦସ୍ୟ ଓ ତାଙ୍କ ପରିବାରର ସଦସ୍ୟଙ୍କୁ ନେଇ ବିଭିନ୍ନ ପ୍ରକାରର କୌତୁକ କ୍ରୀଡା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ ଦେବତା, କୃଷ୍ଣ ଚନ୍ଦ୍ର ପଣ୍ଡା, କମଳ ଯୋଶୀ, କିଶୋର ରଥ, ଅଚ୍ୟୁତାନନ୍ଦ ବାରିକ, ମଳୟ ମହାନ୍ତି, ଗୋପାଳ ଚନ୍ଦ୍ର ଦାଶ, ନିର୍ମଳ କିଶୋର କର, ଗୋବିନ୍ଦ ଦାଶ, ଅଭୟ ଭୋଇ, ସାମ୍ବାଦିକ ତୁଳସୀ ଚରଣ ଦାଶ, ସତ୍ୟ ନାରାୟଣ ପଣ୍ଡା, ଦେବୀ ପଟ୍ଟନାୟକ, ଉଦ୍ଧବ ଚରଣ ବେହେରା, ସିଏମ ରାଓ, ମନୋରଞ୍ଜନ ପୂଜାରୀ, ସଞ୍ଜୟ ମେହେର, ହରେକୃଷ୍ଣ ସାହୁ, ଦୀପକ ରେଖାନୀ, ପ୍ରଫୁଲ୍ଲ ନନ୍ଦ, ଅନିଲ ଅଗ୍ରୱାଲ, ପ୍ରତାପ ନାୟକ ପ୍ରମୁଖ ତଥା ତାଙ୍କ ପରିବାର ଯୋଗ ଦେଇଥିଲେ।

# ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

**ପାଇକମାଳ, ୧୧।୧୨(ସମିସ)**

ପାଇକମାଳ ବ୍ଲକ ଜାମସେଠ ନୂତନ ଷ୍ଟେଟ ବ୍ୟାଙ୍କ ନିକଟରେ ଆରଡି ରାସ୍ତା 'ଖାଲଖମା ପୂର୍ଣ୍ଣ ରାସ୍ତା' ପ୍ରସଙ୍ଗ ନେଇ ଦୈନିକ ଖବରକାଗଜ

**ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କଲେ ଦୀପା ବାରିକ**

'ସକାଳ'ରେ ଡିସେମ୍ବର ୬ ତାରିଖ ପ୍ରକାଶ ପାଇଥିଲା। ଏନେଇ ପାଇକମାଳ ଅଞ୍ଚଳର ଜଣାଶୁଣା ଟ୍ୱିଟର ଗାଲର୍ ଦୀପା ବାରିକ ସିଏମଓ ଓଡ଼ିଶା, ବରଗଡ଼ ଜିଲ୍ଲାପାଳ ଓ ଆରଡି ଓଡ଼ିଶାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଆରଡି ରାସ୍ତା ୧୦ କିମି ପର୍ଯ୍ୟନ୍ତ ଯାହା ଖରାପ ହୋଇଛି ତାହା ମରାମତି କରାଯିବ ବୋଲି ଜଣାଯାଇଛି। ଏନେଇ ବିଭାଗୀୟ ଅଧିକାରୀ ଏସଡିଓ କ୍ଷିରୋଦ ମେହେର ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ମଧ୍ୟ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବାରୁ ଟ୍ୱିଟର ଗାଲର୍ ଦୀପା ବାରିକ ଓ ପାଇକମାଳ ସକାଳ ପ୍ରତିନିଧି ଗିରିଶ ଚନ୍ଦ୍ର ମାଝୀ ତଥା ଜିଲ୍ଲା ପ୍ରତିନିଧି ସରୋଜ ଷଡଙ୍ଗୀଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

ସକାଳ ପ୍ରଭାବ




# ସାଇବର ଠକେଇ ସଚେତନତା କର୍ମଶାଳା

**ରେଢ଼ାଖୋଲ, ୧୧।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଗୁରୁବାର ଦିନ 'ବେଟି ବଚାଓ ବେଟି ପଢ଼ାଓ'ଯୋଜନା ତରଫରୁ ରେଢ଼ାଖୋଲ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ'ଅନ ଲାଇନ ନିରାପତ୍ତା ଓ ସାଇବର ଠକେଇ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଆରତୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୋଷ୍ଠୀ ସହାୟିକା (ସିଆରପି), ଅଙ୍ଗନବାଡ଼ି କର୍ମୀ, ଶିକ୍ଷୟତ୍ରୀ, କଲେଜ ଛାତ୍ରଛାତ୍ରୀ ସମେତ ବିଭିନ୍ନ ମହଲରୁ ଶତାଧିକ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବରେ ସହକାରୀ ଜିଲ୍ଲାପାଳ ତୃପ୍ତିମୟୀ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଭୀମଭୋଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ,



ଇଂରାଜୀ ବିଭାଗ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠାରୁ, କାର୍ଯ୍ୟକ୍ରମ ଅଧିକାରୀ ଅନିତା ଏକ୍କା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସାଇବର ସୁରକ୍ଷା, ଅନ ଲାଇନ ଠକେଇ ପାଇଁ ଆଇନର ସହାୟତା ଉପରେ ଆଲୋକପାତ କରିଥିଲେ। ଶେଷରେ ତିନି ଜଣ କିଶୋରୀ ବାଳିକାଙ୍କୁ ସାଇବର ସଚେତନତାରେ ସେମାନଙ୍କ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଶେଷରେ ପରିଦର୍ଶିକା ରଜନୀ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମାନବାଧିକାର ଦିବସରେ ରାଧେଶ୍ୟାମ ପଣ୍ଡା ସମ୍ବର୍ଦ୍ଧିତ

**ସମ୍ବଲପୁର, ୧୧।୧୨ (ସମିସ) :** ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀରେ ନେସନାଲ ମିଡ଼ିଆ ଫାଉଣ୍ଡେସନ, ନୂଆଦିଲ୍ଲୀ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ସୂଚନା ଓ ପ୍ରସାରଣ ସହନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି, ସାମ୍ବାଦିକ ଅକ୍ଷୟ କୁମାର ସାହୁ, ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ସଂଗଠକ ବଦ୍ରୀ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡଃ ଚନ୍ଦ୍ର ଶେଖର ହୋତା, ସାହିତ୍ୟିକ ଶ୍ୟାମପ୍ରସାଦ ମିଶ୍ର, ସମାଜସେବୀ ଶରତଚନ୍ଦ୍ର ବେହେରା, ମୁଖ୍ୟ ସଂଯୋଜକ ମଧୁସୂଦନ ମିଶ୍ର, ନିର୍ଭୟର ସମ୍ପାଦକ ବିଶ୍ୱଭୂଷଣ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାନବ ଅଧିକାର ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ରାଧେଶ୍ୟାମ ପଣ୍ଡାଙ୍କୁ ଉତ୍କୃଷ୍ଟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ମାନବାଧିକାର ଦିବସ



## ବିକାଶ ଲ' ସ୍କୁଲ

**ବରଗଡ଼, ୧୧।୧୨(ସମିସ):** ବିକାଶ ଲ' ସ୍କୁଲରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ବିକାଶ ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଝୁଟିଆ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଭିନନ୍ଦନ ଝୁଣ୍ଟିଆ ଶପଥ ପାଠ କରାଇଥିଲେ। ଲ' ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ନିଜର ଅଧିକାର ସହିତ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ଶପଥ ନେଇଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଲ' ସ୍କୁଲର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ପାହାଡ଼ଶ୍ରୀଗିଡ଼ା ଡିଗ୍ରୀ କଲେଜ

**ଅତାବିରା:** ଅତାବିରା ବ୍ଲକ ପାହାଡଶ୍ରୀଗିଡା ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଜଗନ୍ନାଥ ପ୍ରଧାନ ସାମ୍ପ୍ରତିକ ସମୟରେ ମାନବିକ ଅଧିକାରର ଉଲ୍ଲଂଘନ ଓ ଏହାର ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ର ନିର୍ମଳ, ଶଙ୍କର, ବାଦଲ, ପ୍ରିତମ, ହେମନ୍ତ, ସାଇ କିରନ୍, ଅଙ୍କିତ୍, ମହେଶ, ରୁଦ୍ର ପ୍ରତାପ, ଛାତ୍ରୀ ଡଲି, ବିନି, ରାକ୍ଷୀ, ଶିବାନୀ, କ୍ଷୀରେଶ୍ୱରୀ, ସଂଯୁକ୍ତା, ସୋନାଲି, ନନ୍ଦିନୀ, ଡେଜି, ତୃପ୍ତି, ଶୁଭଶ୍ରୀ, ଚିକି, ଶ୍ରଦ୍ଧାଞ୍ଜଳି, ମମତା, ସଙ୍ଗୀତା, ଶ୍ରାବଣୀ ମାନବିକ ଅଧିକାର ବିଷୟରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଦିଲୀପ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ହତ୍ରିଆବାହାଲ ଚାମ୍ପିଅନ

**ସମ୍ବଲପୁର, ୧୧।୧୨(ସମିସ):** ମାନେଶ୍ୱର ବ୍ଲକ ଅନ୍ତର୍ଗତ ହୁମା ପଞ୍ଚାୟତର ହୁମା ଫୁଟବଲ ପଡ଼ିଆରେ ଦିନିକିଆ ଦିଲୀପ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ। ହତ୍ରିଆବାହାଲ ଓ ଡାକଡେରା ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ହତ୍ରିଆବାହାଲ ୨/୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ନନ୍ଦକିଶୋର ନାୟକ, ଅଭି ମହାନନ୍ଦ, କିଶୋର ଭୋଇ, ସୁମନ୍ତ ପରିଚାଳନା କରିଥିଲେ। ବିଜେତା ଦଳକୁ ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ମହାପାତ୍ର ଟ୍ରଫି ସହିତ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଉପବିଜେତା ଦଳ ଓ ଅନ୍ୟ ପୁରସ୍କାରକୁ ସ୍ଥାନୀୟ ସରପଞ୍ଚ ଇଲାବତି ପୁଝାରୀ, ପର୍ଶୁରାମ ଭରତ ସାଗର, ସତ୍ୟ ନାରାୟଣ ପୁଝାରୀ, ଦିଲୀପ ପ୍ରଧାନ, ପୂଜିତା ପୁଝାରୀ, ସାୟନ ପୁଝାରୀ ପ୍ରଦାନ କରିଥିଲେ। ଶୁଭମ୍ ପୁଝାରୀ, ଅନିଲ ସେଠ୍, କମଳାକାନ୍ତ ବେହେରା, ପ୍ରହଲ୍ଲାଦ ଡନସେନା, ଅଙ୍କିତ ଭୋଇ, ବୃଷଭ ବଗର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ପ୍ରେସ୍ କ୍ଲବ୍ ପକ୍ଷରୁ ସାମ୍ବାଦିକଙ୍କ ବିୟୋଗରେ ଶୋକସଭା



**ବରଗଡ଼, ୧୧।୧୨(ସମିସ):** ସାମ୍ବାଦିକ ରମାକାନ୍ତ ମହନନ୍ଦଙ୍କ ସଡକ ଦୁର୍ଘଟଣାରେ ପରଲୋକ ହୋଇଛି। ସୋମବାର ନାକଟିଦେଉଳକୁ ଖବର ପ୍ରସାରଣ କରିବାକୁ ବାଇକରେ ଯିବା ବେଳେ ସଡକ ଦୁର୍ଘଟଣାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟରେ ସାମ୍ବାଦିକତା ଜଗତରେ ଶୋକର ଛାୟା ଖେଳି ଯାଇଥିବା ବେଳେ ତାଙ୍କର ଆମର ଆତ୍ମାର ସଦ୍‌ଗତି ପାଇଁ ଜିଲ୍ଲା ପ୍ରେସ କ୍ଲବ୍ ପକ୍ଷରୁ ଶୋକସଭାର ଆୟୋଜନ କରାଯାଇଥିଲା। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାଥନା କରାଯାଇଥିଲା। ସଭାପତି ସତ୍ୟଜିତ ଦାଶ, ସମ୍ପାଦକ ଶେଖ୍ ନଜିମୁଦ୍ଦିନ, ଶ୍ରୀକାନ୍ତ ମଟାରୀ, ବାଲାଜୀ ବିଭୁରଞ୍ଜନ ତରାସିୟା, ଏମଡି ସଲିମ୍, ତ୍ରିବିକ୍ରମ ତ୍ରିପାଠୀ, ବଳରାମ ତ୍ରିପାଠୀ, ବିଜୟ ମିଶ୍ର, ମଣ୍ଟ ସାହୁ, ବିଘ୍ନରାଜ ମିଶ୍ର, ଦୟା ସାଗର ପାଇକ ପ୍ରମୁଖ ଉପସ୍ଥିତ ଥିଲେ।

**ସମ୍ବଲପୁର ଲୋକ ମହୋତ୍ସବ**

# ତାଲିକା ବାହାରିଲାନି, କାହାକୁ ନେଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୧।୧୨(ସମିସ):** ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାଂସ୍କୃତିକ ବିଭାଗ କାହାକୁ ନେଇ ଏହି ପ୍ରସ୍ତୁତି ବୈଠକ କରିଲା ତାହାକୁ ନେଇ ସବୁଠି ପ୍ରଶ୍ନ ଉଠୁଛି। କାରଣ ଆୟୋଜକଙ୍କ ତାଲିକା ଏବେ ପର୍ଯ୍ୟନ୍ତ ବାହାରି ପାରିଲାନି। ଗତ ମଙ୍ଗଳବାର ଲୋକ ମହୋତ୍ସବ ଆୟୋଜକ କମିଟିର ଏକ ତାଲିକା ଜିଲ୍ଲା ପ୍ରଶାସନ ପକ୍ଷରୁ ହ୍ୱାଟସଅପ ଗ୍ରୁପରେ ଜାରି କରାଯାଇଥିଲା। କିନ୍ତୁ ୫ ମିନିଟ ଭିତରେ ଏହି ଲିଷ୍ଟକୁ ଡିଲିଟ କରିଦିଆଯାଇଥିଲା। ତେଣୁ ସମ୍ବଲପୁରବାସୀ ନୂତନ ତାଲିକା ଦେଖିବା ପାଇଁ ଅପେକ୍ଷା କରିଥିଲେ। ଆଜିକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ଜିଲ୍ଲାପ୍ରଶାସନ ଆୟୋଜକଙ୍କ ତାଲିକା

**୫ ମିନିଟ ଭିତରେ ଉଭାନ ଲିଷ୍ଟ ଆଉ ବାହାରିଲାନି**

ପ୍ରକାଶ କରିପାରିଲା ନାହିଁ। କିନ୍ତୁ ଏପଟେ ପ୍ରସ୍ତୁତି ବୈଠକ ଆୟୋଜନ କରିଥିବା ପ୍ରେସରିଲିଜ ଜାରି କରିଛି। ସେପଟେ ପୂର୍ବରୁ ପ୍ରକାଶିତ ତାଲିକାକୁ ନେଇ ମଧ୍ୟ ସମ୍ବଲପୁରବାସୀ, କଳାକାରଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି। ଦୁଇ ବର୍ଷ ହେଲାଣି ଏହି ମହୋତ୍ସବକୁ ଲୋକ ମହୋତ୍ସବ ବଦଳରେ ରାଜନେତାଙ୍କ ଆସର କରିଥିବା ଚର୍ଚ୍ଚା ହେଉଛି। ଗତ ବର୍ଷ ଆୟୋଜକ କମିଟିରେ ଥିବା ସଦସ୍ୟଙ୍କୁ ପୁନଃ ଦାୟିତ୍ୱ ଦିଆଯାଇଛି। ତାଙ୍କ ବଦଳରେ ଅନ୍ୟ କେହି ଯୋଗ୍ୟ ନାହିଁ ବୋଲି ସମ୍ବଲପୁରୀଆ ନାମକ ହ୍ୱାଟସଅପ ଗ୍ରୁପରେ ଚର୍ଚ୍ଚା ହେଉଛି। ଏହି ଗ୍ରୁପରେ ସମ୍ବଲପୁରବାସୀ ସହ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ଅଛନ୍ତି। ଆୟୋଜକ କମିଟି ଚୟନକୁ ନେଇ ଏବେ ମଧ୍ୟ ନାପସନ୍ଦ କରାଯାଉଛି।

# ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶାସନ ହାଇସ୍କୁଲ ବିଜୟୀ

**ସମ୍ବଲପୁର, ୧୧।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ସଡ଼ାସିଂଘା ଖେଳପଡ଼ିଆରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଶାସନ ଏବଂ ତାଲବ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଶାସନ ଉଚ୍ଚ ବିଦ୍ୟାଳୟ ୧-୦ରେ ତାଲବ ଉଚ୍ଚ ବିଦ୍ୟାଳୟକୁ ପରାଜିତ କରିଛି। ଖେଳକୁ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶାନ୍ତା ରଣବିଡ଼ା, ଲକ୍ଷ୍ମଣ କୁମାର ନାଥ ଓ ଜନାର୍ଦ୍ଦନ ରାଉତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଦୁଷ୍ମନ୍ତ ହୋତା ଓ କିଶୋର ଛତର ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରୀତାଞ୍ଜଳି ଶତପଥୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଖେଳରେ କ୍ରୀଡ଼ା ଶିକ୍ଷୟିତ୍ରୀ ସୁସ୍ମିତା ନାୟକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

# ରେଙ୍ଗାଲି ସରପଞ୍ଚ ସମ୍ମାନିତ




**ସମ୍ବଲପୁର, ୧୧।୧୨(ସମିସ):** ଭୁବନେଶ୍ୱର ଠାରେଥିବା ସେଣ୍ଟର ଫର ୟୁଥ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମାନବ ଅଧିକାର ଦିବସ ଅବସରରେ ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗଙ୍କୁ ରାଷ୍ଟ୍ରୀୟ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ମାନବ ଅଧିକାର ସମ୍ପର୍କିତ ଲଢେଇରେ ନିଜ ଜୀବନକୁ ବ୍ରତୀ କରି ଶ୍ରୀ ବାଗ୍ ଦଶନ୍ଧି ଦଶନ୍ଧି ଧରି ଗରିବ ନିଷ୍ପେସିତଙ୍କ ପାଇଁ ସ୍ୱର ପାଲଟିଛନ୍ତି। ଫଳରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ବାଗ୍ ପୂର୍ବରୁ ମଧ୍ୟ ଜିଲ୍ଲା ଆଇନ ପ୍ରାଧିକରଣରେ କାର୍ଯ୍ୟ କରି ଗ୍ରାମାଞ୍ଚଳରେ ଲୋକଙ୍କୁ ଆଇନ ସେବା ଯୋଗାଇବାରେ ସହଯୋଗ କରିଛନ୍ତି। ଏହି ସମ୍ମାନ ଆଗକୁ ତାଙ୍କୁ ସେବା କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

# ସାମୂହିକ ଗୀତାପାଠକୁ ନେଇ ପ୍ରସ୍ତୁତି

**ସମ୍ବଲପୁର, ୧୧।୧୨ (ସମିସ) :** ଦାନିପାଲିସ୍ଥିତ ଚିନ୍ମୟ ମିଶନ ତରଫରୁ ଏବେ ଅମୃତ ମହୋତ୍ସବ ପାଳନ ଅବସରରେ ଆସନ୍ତା ଜାନୁଆରୀ ମାସର ପ୍ରଥମ ସପ୍ତାହରେ ସମ୍ବଲପୁର ପିଏଚଡି ପଡ଼ିଆରେ ୧୦, ୦୦୦ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାମୁହିକ ଗୀତା ପାଠ ଉତ୍ସବ ହେବାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମ୍ବଲପୁରର ସମସ୍ତ ଭଗବତପ୍ରେମୀ ତଥା ବୁଦ୍ଧିଜୀବୀମାନେ ଉପସ୍ଥିତି ଥିଲେ। ଏଥିରେ ସ୍ଥିରୀକୃତ ହେଇଥିବା ଗୀତା ପାଠ ଉତ୍ସବ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଏହାଛଡ଼ା ଧର୍ମଗୁରୁ, ପ୍ରଶାସନିକ ଅଧିକାରୀ, ସମସ୍ତ ମଠ ମନ୍ଦିରର ପୂଜକ, ସ୍କୁଲ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି। ବୈଠକରେ ବିଷ୍ଣୁପ୍ରିୟା ନନ୍ଦ ସରସ୍ୱତୀ, ରଘୁନାଥ ମିଶ୍ର, ଆକାଂକ୍ଷା ପ୍ରସାଦ ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ହେମନ୍ତ ମହାପାତ୍ର, କର୍ତ୍ତିକ ବହିଦାର, ବିଶ୍ୱରଞ୍ଜନ ଜେନା, ଡା. ପ୍ରଭାସ ଦେବତା, ନରେଶ ବର୍ମା, ବିନୟ ସୋନି, ଶଶାଙ୍କ ଶେଖର ସ୍ୱାଇଁ, ବାଲ୍ମୀକି ଦାସ, ଶଶାଙ୍କ ଶେଖର ନାଥ, ନରେନ୍ଦ୍ର ବେହେରା, ସଞ୍ଜୁଲତା ପଣ୍ଡା, ସୁଷମା ଭୋଇ, ରତ୍ନମଞ୍ଜରୀ ଦାଶ, ଆରତୀ ପଣ୍ଡା, ଲିନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର କୃପାସିନ୍ଧୁ ଭୋଇଙ୍କ ପତ୍ନୀ ସୂର୍ଯ୍ୟୀଙ୍କ ପରଲୋକ

**ପାଇକମାଳ, ୧୧।୧୨(ସମିସ):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର କୃପାସିନ୍ଧୁ ଭୋଇଙ୍କ ଧର୍ମପତ୍ନୀ ସୂର୍ଯ୍ୟୀ ଭୋଇ (୭୭)ଙ୍କ ବୁଧବାର ରାଉରକେଲା ଠାରେ ପରଲୋକ ଘଟିଛି। ତାଙ୍କ ମରଶରୀରକୁ ପାଇକମାଳସ୍ଥିତ ବାସଭାବନକୁ ରାତ୍ରରେ ଅଣାଯାଇଥିଲା। ଗୁରୁବାର ହଜାର ହଜାର ଲୋକ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନ ଆସିଥିଲେ। ଶେଷକୃତ୍ୟ ସମ୍ପନ୍ନ ପାଇଁ ପାଇକମାଳ ସ୍ଥିତ ଶ୍ମଶାନକୁ ନିଆ ଯାଇଥିଲା। ତାଙ୍କର ବଡପୁଅ ଡାକ୍ତର ସଞ୍ଜୀବ ଭୋଇ, ସାନପୁଅ ପୂର୍ବତନ ସାଂସଦ ସଞ୍ଜୟ ଭୋଇ, ଝିଅ କଲ୍ୟାଣୀ ଭୋଇ, ବନ୍ଦିନୀ ଭୋଇ, ଜ୍ୱାଇଁ ସୁଶୀଲ ଭୋଇ, ସଚ୍ଚିଦାନନ୍ଦ ଭୋଇ, ନାତିନାତୁଣୀ ଉପସ୍ଥିତ ଥିଲେ। ଏହାସହ ଦିଲ୍ଲୀପ ଅଗ୍ରୱାଲ, ବିନୋଦ କାଲିଆ, ମନୋଜ ତ୍ରିବେଦୀ, ଶରତ ବଡପଣ୍ଡା, ଗୁଣମଣି ସାହୁ, ଯାମିନୀ ପ୍ରଧାନ, ଅଚ୍ୟୁତ ଦାସ, ରସିଆ ଅଗ୍ରୱାଲ, ବଡ ଶତପଥୀ, ସୁରଥ ସାହୁ, ଭବାନୀ ସ୍ୱାଇଁ, ନିମାଇଁ ସ୍ୱାଇଁ, ବିବେକାନନ୍ଦ ପଟ୍ଟନାୟକ, ସନ୍ତୋଷ ଶତପଥୀ ପ୍ରମୁଖ ବ୍ୟକ୍ତିଙ୍କ ଶତାଧିକ ଜନସାଧାରଣ, ବୁଦ୍ଧିଜୀବୀ, ସାମ୍ବାଦିକ ଶବାଧାରରେ ଏକତ୍ରିତ ହୋଇଥିଲେ। ତାଙ୍କର ବଡପୁଅ ଡ.ସଞ୍ଜୀବ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗତକାଲି ପାଇକମାଳ ଯିବା ବେଳେ ବରଗଡ଼ ଠାରେ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ ସମେତ ବହୁ କଂଗ୍ରେସ କର୍ମୀ ଶେଷଦର୍ଶନ କରିଥିଲେ।



**ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି**

**ସହୋଦୟ ଆନ୍ତଃସ୍କୁଲ କବାଡ଼ି ଟୁର୍ଣ୍ଣାମେଣ୍ଟ**

# ଦୟାନନ୍ଦ ଚାମ୍ପିଅନ, ଗୁରୁନାନକ ରନର୍ସଅପ୍







**ସମ୍ବଲପୁର, ୧୧।୧୨ (ସମିସ)**

ଗୁରୁ ନାନକ ପବ୍ଲିକ୍ ସ୍କୁଲ, ସମ୍ବଲପୁର ଦ୍ୱାରା ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ପଶ୍ଚିମ ଓଡ଼ିଶା, ସମ୍ବଲପୁରଙ୍କ ଅଧୀନରେ ଥିବା ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଓ ବଲାଙ୍ଗିର ଜିଲ୍ଲାର ୧୭ଟି ସ୍କୁଲର ସକ୍ରିୟ ଅଂଶଗ୍ରହଣ ସହ ଆନ୍ତଃସ୍କୁଲ କବାଡ଼ି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଦୁଇଦିନିଆ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଏନ୍‌ପିଏସ୍ ସମ୍ପାଦକ ସର୍ଦ୍ଦାର ରଞ୍ଜିତ ସିଂହ ସାଲୁଜା ଏବଂ ବିଶେଷ ଅତିଥି ଭାବେ ଅଣ୍ଡର-୧୮ ଯୁବ ଏସିଆନ୍ ଗେମ୍ସର ସଫଳ ଖେଳାଳି ପ୍ରିୟଙ୍କା ପ୍ରଧାନ ଯୋଗ ଦେଇଥିଲେ। ସମାରୋହରେ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ପଶ୍ଚିମ ଓଡ଼ିଶାର ଜୋନାଲ୍ ସଂଯୋଜକ ସନ୍ତୋଷ କୁମାର ହୋତା, ଦୟାନନ୍ଦ ପବ୍ଲିକ୍ ସ୍କୁଲର ପ୍ରଧାନଶିକ୍ଷକ ଗୌତମ ନାୟକ ପ୍ରମୁଖ ଉପସ୍ଥିତି ରହିଥିଲା। ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଧ୍ୱଜାରୋହଣ ପରେ ଗୁରୁ ନାନକ ପବ୍ଲିକ୍ ସ୍କୁଲ ପ୍ରଧାନଶିକ୍ଷକ ଡଃ ରବୀନ୍ଦ୍ର ନାଥ ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶେଷ ଅତିଥି ମିସ୍ ପ୍ରିୟଙ୍କା ପ୍ରଧାନ ଓ ତାଙ୍କ ପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସଫଳତା ସମ୍ପର୍କରେ ସଂକ୍ଷିପ୍ତ ପରିଚୟ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା।

ମ୍ୟାଚଗୁଡ଼ିକ ଜିଲ୍ଲା କବାଡ଼ି ଅସୋସିଏସନ୍‌ର ଅଧିକାରୀମାନଙ୍କ ନିରୀକ୍ଷଣରେ ସଫଳତାର ସହ ସମ୍ପନ୍ନ ହୋଇଥିଲା। ୧୧ ଡିସେମ୍ବର ୨୦୨୫ରେ ହୋଇଥିବା ରୋମାଞ୍ଚକ ଫାଇନାଲ୍‌ରେ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍, ସମ୍ବଲପୁର ଓ ଦୟାନନ୍ଦ ପବ୍ଲିକ୍ ସ୍କୁଲ୍, ସମ୍ବଲପୁର ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଥିଲା। ଦୟାନନ୍ଦ ପବ୍ଲିକ୍ ସ୍କୁଲ୍ ବିଜେତା ଏବଂ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍ ରନର୍ସ-ଅପ୍ ହୋଇଥିଲେ। ମୁଖ୍ୟ ଅତିଥି ସରଦାର ରଞ୍ଜିତ ସିଂହ ସାଲୁଜା ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଶେଷରେ ସହୋଦୟ ଜୋନାଲ ସଂଯୋଜକ ସନ୍ତୋଷ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ସ୍କୁଲ୍, ଅଧିକାରୀ ତଥା ସମର୍ଥକମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ସେ କୃତଜ୍ଞତା ଜଣାଇଥିଲେ।


**WALK-IN INTERVIEW**

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
**SAI VIDYAPEETH**
At-Phula Alasa, Mula Alasa, Satyabadi, Puri-752014
* No TA/DA provided